କଟକ(ଭାସ୍କର ନ୍ୟୁଜ୍): ବାପ ଘରକୁ ଯାଇଥିବା ନିଜ ସ୍ତ୍ରୀକୁ ମିଛରେ ନିଖୋଜ ଦର୍ଶାଇବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି । ଅଦାଲତଙ୍କ ମୂଲ୍ୟବାନ ସମୟ ଅପଚୟ କରିଥିବା କାରଣରୁ ହାଇକୋର୍ଟ ସଂପୃକ୍ତ ଯୁବକ ଉପରେ ୨୫ ହଜାର ଟଙ୍କାର ଫାଇନ୍ ଲଗାଇଛନ୍ତି । ୩ ସପ୍ତାହ ମଧ୍ୟରେ ଉପରୋକ୍ତ ଅର୍ଥରାଶି ରାଜ୍ୟ ଆଇନସେବା ପ୍ରାଧିକରଣରେ ଦାଖଲ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଯୁବକ ପ୍ରକାଶ କୁମାର ନାହାକଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ ଆବେଦନକାରୀ ଯୁବକ ତାଙ୍କ ପତ୍ନୀ ଗତ ଏପ୍ରିଲ୍ ୨୧ ତାରିଖରୁ ନିଖୋଜ ଥିବା ଦର୍ଶାଇ ଖଣ୍ଡପଡା ଥାନାରେ ଅଭିଯୋଗ କରିଥିଲେ । ଆଜି ଅଦାଲତରେ ମାମଲାର ଶୁଣାଣିବେଳେ ପୋଲିସ୍ ରିପୋର୍ଟ ଆଧାରେ ରାଜ୍ୟ ସରକାର ଦର୍ଶାଇଥିଲେ ଯେ ଆବେଦନକାରୀ ତାଙ୍କ ପତ୍ନୀ ନିଖୋଜ ଥିବା ଦର୍ଶାଇ ଯେଉଁ ଅଭିଯୋଗ କରିଛନ୍ତି ତାହା ମିଛ ଅଟେ ।

### ଓଡ଼ିଶାର ବୟନ ପରମ୍ପରାକୁ ଆଗକୁ ନେଉଛନ୍ତି ଏସ୍ଏସ୍‌ଜି ମହିଳା: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି । ମଙ୍ଗଳବାର ମିଶନ ଶକ୍ତି ଭବନର ଅଡିଟରିୟମ ହଲରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଉପସ୍ଥିତିରେ ବୁଣାକାର ମା ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ରର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିକାଶ କୁମାର,ଉପନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟସ୍ତରରେ ସ୍ୱୀକୃତି ପାଇଛନ୍ତି ।

### ୧ରୁ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ । ଶଙ୍ଖ ଭବନରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ ତାରିଖରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ବ୍ୟୋମକେଶ ରାୟ କହିଥିଲେ, ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ । ସେହିପରି ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ର ଛାତ୍ରୀ ମାନେ ରାଜ୍ୟର ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ । ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ନିକଟରେ ଘଟି ଯାଇଥିବା ଘଟଣାମାନଙ୍କୁ ନେଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜ୍ୟା ଓ ନିନ୍ଦା ସାଉଁଟିଛି । ରାଜ୍ୟରେ ଛାତ୍ରୀ ଓ ନାରୀ ମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଆନ୍ଦୋଳନ ଜାରି ରଖିବ ।




### ୩୧ ଅଗଷ୍ଟ ସୁଦ୍ଧା ୟୁଏଏନ୍ ଜେନେରେଟ୍ କରିବାକୁ ବିଡିଏର ନିବେଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ସମସ୍ତ ଆବଣ୍ଟନ ପ୍ରାପ୍ତକାରୀଙ୍କୁ ୩୧ ଅଗଷ୍ଟ ସୁଦ୍ଧା ଏକ ୟୁନିକ୍ ଆକାଉଣ୍ଟ୍ ନମ୍ବର (ୟୁଏଏନ) ଜେନେରେଟ୍ କରିବାକୁ ନିବେଦନ କରାଯାଇଛି । ଏହି ୟୁଏଏନ୍ ବିଭିନ୍ନ ପୂର୍ବ ଓ ପରବର୍ତ୍ତୀ ଆବଣ୍ଟନ ସେବା ପାଇଁ ବାଧ୍ୟତାମୂଳକ ରହିବ । ସଂପୃକ୍ତ ସେବାଗୁଡ଼ିକ ମଧ୍ୟରେ ସମ୍ପତି ଆବଣ୍ଟନ, ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବା, ଋଣ ପାଇଁ ଆପତିମୁକ୍ତ ପ୍ରମାଣପତ୍ର (ଏନଓସି) ପ୍ରାପ୍ତି, ସମ୍ପତି ହସ୍ତାନ୍ତର ଏବଂ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ ଜମିରେ ପରିବର୍ତ୍ତନ ଭଳି ସେବା ଅନ୍ତର୍ଭୁକ୍ତ ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି । ଆବେଦନକାରୀମାନେ ବିଡିଏର ସରକାରୀ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଡିଏ.ଜିଓଭି.ଇନ୍ ପରିଦର୍ଶନ କରି ନିଜର ୟୁଏଏନ୍ (ୟୁନିକ୍ ଆକାଉଣ୍ଟ୍ ନମ୍ବର) ତିଆରି କରିପାରିବେ । ଏହା ବ୍ୟତୀତ ଯେଉଁମାନେ ସରକାରୀ, ସାର୍ବଜନୀନ ଉଦ୍ୟୋଗ ବା ବିଡିଏ ଜମି ଉପରେ ଜବରଦଖଲ କରିଛନ୍ତି, ସେମାନେ ଫ୍ରିହୋଲ୍ଡ ପରିବର୍ତ୍ତନ ପାଇଁ ଯୋଗ୍ୟ ହେବା ନିମନ୍ତେ ପ୍ରଥମେ ଜବରଦଖଲ କରିଥିବା ସମ୍ପତି ଖାଲି କରି ଏ ବାବଦରେ ଏକ ସତ୍ୟପାଠ ଦାଖଲ କରିବା ଆବଶ୍ୟକ । ଅନ୍ୟଥା, ସେମାନେ ଫ୍ରିହୋଲ୍ଡ ପରିବର୍ତ୍ତନ ପାଇଁ ଅଯୋଗ୍ୟ ହେବେ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି ।

### ଯୌନ ନିର୍ଯାତନା ନିବାରଣ ଆଇନ ସଂପର୍କିତ ସଚେତନତା ଶିବିର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ମଙ୍ଗଳବାର 'କର୍ମ କ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ-୨୦୧୩' ସଂପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ଉଦ୍‌ବୋଧନ ଦେଇ ସଚେତନତା ଶିବିର ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବା ସହ କର୍ମ କ୍ଷେତ୍ରରେ ସଚ୍ଚୋଟତା, ସମ୍ମାନ ଓ ବୃିଗତ ଚିନ୍ତାଧାର ବଜାୟ ରଖିବା ଏବଂ କର୍ମକ୍ଷେତ୍ରକୁ ଏକ ନିରାପଦ ଏବଂ ଯେ କୌଣସି ପ୍ରକାରର ନିର୍ଯାତନାରୁ ମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ପ୍ରତିବଦ୍ଧତା ଦେଖାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଯେକୌଣସି ପ୍ରକାରର ଯୌନ ନିର୍ଯ୍ୟାତନା ସମାନତା ଏବଂ ମାନବିକ ମର୍ଯ୍ୟାଦା ନୀତିର ଅପମାନ ବୋଲି କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ସାହୁ କହିବା ସହ ସତର୍କତା ଏବଂ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ଏବଂ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ହେଉ ବୋଲି କହିଥିଲେ । ଉକ୍ତ ସଚେତନତା ଶିବିରରେ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ପୋଲିସ୍ କମିଶନରେଟର ଆଇ.ଟି ଏବଂ ସୋସିଆଲ ମିଡିଆ ସେଲ୍ ଏସିପି ସୁଚିସ୍ମିତା ଦାସ ପାୱାର ପଏଣ୍ଟ୍ ପ୍ରେଜେଣ୍ଟେସନ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ୍ ସଂପର୍କରେ ବିଶଦଭାବେ ଅବଗତି କରାଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

### ୪ ବୁଣାକାରଙ୍କୁ ପୁରସ୍କୃତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ଅଗଷ୍ଟ ୭ ତାରିଖ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ସମଗ୍ର ଦେଶରୁ ୨୪ ବୁଣାକାର ପୁରସ୍କାର ପାଇବେ । ଓଡ଼ିଶାରୁ ୪ ବୁଣାକାରଙ୍କୁ ମଧ୍ୟ ପୁରସ୍କାର ମିଳିବ । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ । ଯାହା ଗର୍ବର ବିଷୟ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

### ବିଏମ୍‌ସି କମିଶନର ଦାୟିତ୍ୱ ନେଲେ ଚଞ୍ଚଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଇଏଏସ୍ ଅଧିକାରୀ ଚଞ୍ଚଳ ରାଣା ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଏମସି ମେୟର ସୁଲୋଚନା ଦାସ ଓ ଅନ୍ୟ ଅଧିକାରୀ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

### ଗାଡ଼ି ମାଲିକଙ୍କୁ ୧୬ ହଜାର ଫାଇନ୍

କଟକ(ଭାସ୍କର ନ୍ୟୁଜ୍): ଚଳନ୍ତା ବାଇକ୍ ଉପରେ ବିପଦପୂର୍ଣ୍ଣ ଭାବେ ରିଲ୍ସ କରିବା ମହଙ୍ଗା ପଡ଼ିଲା । ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ ହେବା ପରେ ଆକ୍ସନ ନେଲା ପରିବହନ ବିଭାଗ । ଗାଡ଼ି ମାଲିକଙ୍କୁ ୧୬ ହଜାର ଟଙ୍କା ଜୋରିମାନା ଜାରି କରିଛି କଟକ ପରିବହନ ବିଭାଗ । ଜଣେ ବ୍ୟକ୍ତି ଚଳନ୍ତା ବାଇକ ଆଗରେ ତାଙ୍କ ସ୍ତ୍ରୀଙ୍କୁ ବସାଇ ବିପଦପୂର୍ଣ୍ଣ ଭାବରେ ରିଲ୍ସ କରି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ । କଟକ ଆରଟିଓ ପକ୍ଷରୁ ଗାଡ଼ି ମାଲିକ କଟକ ଆଠଗଡ଼ ଅଞ୍ଚଳର ମୋହନ ସାହୁଙ୍କୁ ୧୬ ହଜାର ଟଙ୍କା ଜୋରିମାନା କରିଛି ।

### ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ବିକ୍ଷୋଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡିଶାବାସୀ ଦେଖୁଛନ୍ତି । ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ । ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡିଛି । ନିଜ ଅସଲ ଚିତ୍ର ଧରାପଡିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ । ଏହାର ପ୍ରତିବାଦ କରି ଆଜି ଭୁବନେଶ୍ୱର ଜିଲ୍ଲା ବିଜେପି ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସର ତଥାକଥିତ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର କହିଛନ୍ତି ।ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ସଂପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ରଶ୍ମୀରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ନାରୀ ନିର୍ଯାତନା ନେଇ ବିଜେପିର ଆନ୍ଦୋଳନକୁ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଷ୍କର୍ମ ଏବଂ ନାରୀ ନିର୍ଯାତନାରେ ସାରା ଦେଶରେ ଚାଞ୍ଚଲ୍ୟ କରିଛି ଓଡ଼ିଶା । ଗୋପାଳପୁର, ମାଲକାନଗିରି, ଜଗତସିଂହପୁର ଦୁଷ୍କର୍ମ ରାଜ୍ୟକୁ ଲଜ୍ଜାରେ ପୋତି ଦେଇଛି । ଏବିଭିପିର ସଦସ୍ୟା ସୌମ୍ୟା ଘଟଣା, ବଳଙ୍ଗା ପୋଡ଼ି ଘଟଣା ମର୍ମଭେଦ କରିଛି । କିନ୍ତୁ ଘୋର ଆଶ୍ଚର୍ଯ୍ୟର କଥା ବିଜେପି ମହିଳା ମୋର୍ଚ୍ଚା ଏସବୁ ନିର୍ଯାତନା ଘଟଣାରେ କୁଆଡ଼େ ଲୁଚିକିଥିଲେ । ବର୍ତ୍ତମାନ ନାରୀ ନ୍ୟାୟ ପାଇଁ ରାଜରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଯେଉଁଦଳ ସରକାରରେ ଅଛି ବ୍ୟବସ୍ଥା ଦେଖୁଛି ସେହି ଦଳର ମହିଳା ମୋର୍ଚ୍ଚା ଆଜି ରାଜରାସ୍ତାରେ ପ୍ରଦର୍ଶନ କରୁଛନ୍ତି । ବିଭିନ୍ନ ଟୀକାଟିପ୍ପଣୀ ଦେଉଛନ୍ତି । ବିଜେପି ମହିଳା ମୋର୍ଚ୍ଚାର ଐଶ୍ବର୍ଯ୍ୟା ବିଶ୍ୱାଳଙ୍କ ଟିପ୍ପଣୀ ଯେତିକି ଲଜ୍ଜାଜନକ ସେତିକି ହାସ୍ୟାସ୍ପଦ ମଧ୍ୟ । ବାଇଁଆ ଜେନା ପ୍ରସଙ୍ଗରେ ନିଜ ସରକାରକୁ ଘେରିବା ଛାଡ଼ି କଂଗ୍ରେସକୁ ପ୍ରଶ୍ନ ପଚାରୁଛି । ବାଇଁଆକୁ ନିଜ ଦଳର ଜ୍ୱାଇଁ ପୁଅ କରିଛ । ଅଧିକାଂଶ ନେତାଙ୍କ ସହ ତାର ସମ୍ପର୍କ । ବାଇଁଆ ଗତ ନିର୍ବାଚନରେ କାହା ପାଇଁ ପ୍ରଚାର କରୁଥିଲା ନିଜକୁ ପଚାରି ଦେଖ । ମୁଖପାତ୍ର ମନିଷା ଦାସ ପଟ୍ଟନାୟକ କହିଲେ ଯେ ଆମେ ଆଜି କିଛି ଚୂଡ଼ି ନେଇକି ଆସିଛୁ । କାରଣ ଚୂଡ଼ି ପିନ୍ଧିବା କେତେ ଯେ କଷ୍ଟ ସେମାନେ ହୃଦୟଙ୍ଗମ କରନ୍ତୁ ବୋଲି ଆଣିଛୁ । ମୁଖପାତ୍ର ଜୟଶ୍ରୀ ପାତ୍ର ତାଙ୍କ ବିବୃତିରେ କହିଲେ ଯେ ତୁମ ଦଳ ସରକାରରେ ଅଛି ଏବଂ ତୁମେ ରାଜରାସ୍ତାରେ ଚିତ୍କାର କରୁଛ ଏହା ଆଶ୍ଚର୍ଯ୍ୟକର ନୁହେଁକି ? କେଉଁ ଅଭିଯୁକ୍ତକୁ ଗିରଫ କରାଯିବ ଏବଂ କାହାକୁ ଅନୁକମ୍ପାମୂଳକ ସୁରକ୍ଷା ଦିଆଯିବ ସରକାର ନିଜ ଆତ୍ମିୟସ୍ୱଜନ ବିଚାର କରୁଛନ୍ତି । ଏହା ପ୍ରକୃତରେ ଲୋକଙ୍କ ସରକାର ନା କିଛି ଲୋକଙ୍କ ସରକାର ବୋଲି ପ୍ରଶ୍ନ କରିଛନ୍ତି । ଠିକ ସେମିତି ମୁଖପାତ୍ର ଝୁନା କୁମାରୀ ବିଜେପି କେତେ ନିଚ୍ଚ ଏବଂ ଅସହିଂଶୁ ତା'ର ଉଦାହାରଣ ଦେଖିବାକୁ ମିଳିଲା ବାଣୀବିହାରଠାରେ । ସେଥାରେ ଥିବା ବିଜେପି ପୋଷ୍ଟର ନିଖୁଣ ଥିବାବେଳେ ପାଖରେ ଲଗାଯାଇଥିବା ସୌମ୍ୟାଶ୍ରୀର ଶ୍ରଦ୍ଧାଞ୍ଜଳି ପୋଷ୍ଟର ଚିରାଯିବା ଘଟଣା ଏଥିରୁ ଜଣାପଡୁଛି ନାରୀ ନିର୍ଯାତନା ପାଇଁ ଏମାନେ କେତେ ବ୍ୟଥିତ । ମୁଖପାତ୍ର ମଧୁସ୍ମିତା କହିଲେ ବର୍ତ୍ତମାନ ରାଜ୍ୟର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ଜାଣିଲେଣି । ଶେଷରେ ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ମୁଖପାତ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।





"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର

### କେଉଁଠି ଅତିବୃଷ୍ଟି, କେଉଁଠି ଅନାବୃଷ୍ଟି

# ଉତ୍ତର ଓଡ଼ିଶାରେ ବନ୍ୟା ବିପ୍ଳାତ

ଗତ ଜୁନ୍ ମାସରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ପରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ଠାରୁ ଅଧିକ ପରିମାଣର ବର୍ଷା ରେକର୍ଡ କରାଯାଉଛି। ମାତ୍ର ଏବର୍ଷ ରାଜ୍ୟର ସବୁ ଅଞ୍ଚଳରେ ସମାନ ଅନୁପାତରେ ବର୍ଷା ହେଉନଥିବା ଲକ୍ଷ୍ୟ କରାଯାଉଛି। କେତେକ ଜିଲ୍ଲାରେ ଅତିବୃଷ୍ଟି ଯୋଗୁଁ ବାରମ୍ବାର ବନ୍ୟା ପରିସ୍ଥିତି ଦେଖା ଦେଉଥିବାବେଳେ ଅନ୍ୟ କିଛି ଜିଲ୍ଲାରେ ଏଯାବତ୍ ଆଶାନୁରୂପ ବର୍ଷା ନହେବାରୁ ନିଅଣ୍ଟିଆ ସ୍ଥିତି ଦେଖାଦେଇଛି। ଏହାରି ଭିତରେ ବଙ୍ଗୋପସାଗରରେ ଲାଗଲାଗ ୨/୩ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାରୁ ଉତ୍ତର ଓଡ଼ିଶାରେ ପ୍ରବାହିତ ନଦୀଗୁଡ଼ିକର ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଏକାଧିକବାର ବନ୍ୟା ପ୍ରକୋପ ଦେଖାଯିବା ପ୍ରଶାସନର ଚିନ୍ତା ବଢ଼ାଇଦେଇଛି। ଦୁଇଦିନ ପୂର୍ବେ ଉପରମୁଣ୍ଡରେ ଭୀଷଣ ବର୍ଷା ହେବାରୁ ଉତ୍ତର ଓଡ଼ିଶାର ତିନୋଟି ନଦୀ ସୁବର୍ଣ୍ଣ ରେଖା, ଜଳକା ଓ ବୈତରଣୀରେ ବଡ଼ ବନ୍ୟା ଆସି ୬ଟି ଜିଲ୍ଲାରେ ବ୍ୟାପକ କ୍ଷତି ଘଟାଇଛି। ଗତ ଦେଢ଼ମାସ ମଧ୍ୟରେ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ବନ୍ୟା ହୋଇଥିବା ସ୍ଥଳେ ଜଳକାରେ ଚତୁର୍ଥଥର ଲାଗି ବନ୍ୟାର ସ୍ଥିତି ଦେଖାଦେଇଛି। ଯଦିଓ ତିନି ନଦୀରେ ଏବେ ଜଳ ସ୍ତର ବିପଦ ସଂକେତ ତଳକୁ ଖସି ଆସିଛି ଏବଂ ବନ୍ୟା ସ୍ଥିତିରେ ଉନ୍ନତି ଦେଖାଦେଇଛି, ତଥାପି ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଚାଲିଥିବାର ଖବର ମିଳିଛି। ଯେଉଁ ଛ'ଟି ଜିଲ୍ଲା ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି, ସେଥି ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ଦେବଗଡ଼ ଅନ୍ତର୍ଭୁକ୍ତ। ଏହିସବୁ ଜିଲ୍ଲାର ଅନେକ ବ୍ଲକ୍‌ରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ତଳିଆ ଅଞ୍ଚଳରେ ପାଣି ପଶିଯିବାରୁ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥିବାବେଳେ ଖରିଫ୍ ଚାଷ କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ଲୋକେ ଆଣ୍ଠୁଏ ପାଣିରେ ଯାତାୟତ କରୁଥିବାର ଦେଖାଯାଉଛି। ବିଦ୍ୟାଳୟରେ ବନ୍ୟା ଜଳ ପ୍ରବେଶ କରିବାରୁ ପାଠପଢ଼ା ବନ୍ଦ ରହିଛି। ଚିକିତ୍ସା ନିମନ୍ତେ ରୋଗୀଙ୍କୁ ଖଟିଆ ଓ ଭାରରେ ବୁହାଯାଉଥିବା ଦୃଶ୍ୟ କେତେକ ସ୍ଥାନରେ ନଜରକୁ ଆସିଛି। ଇତିମଧ୍ୟରେ ଅଧିକାଂଶ ସ୍ଥାନରେ ପାଣି ଛାଡ଼ିଥିଲେ ହେଁ ଘରେ ମାଟି ଓ କାଦୁଅ ଜମି ରହିଛି। ବନ୍ୟାଞ୍ଚଳରେ ଶହଶହ ହେକ୍ଟର ଚାଷଜମିରେ ଫସଲ ଉଜୁଡ଼ି ଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାରେ ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ୧୬ ଟି ପଞ୍ଚାୟତର ୪୫ ଟି ଗ୍ରାମ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଏଠାରେ ଏବେ ମଧ୍ୟ ୫ ହଜାର ଲୋକ ଆଶ୍ରୟସ୍ଥଳରେ ରହିଛନ୍ତି ଏବଂ ୧୬ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ଯୋଗାଣର ବ୍ୟବସ୍ଥା ହୋଇଛି। ଭଦ୍ରକର ୪ ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟକୁ ମଙ୍ଗଳବାର ଛୁଟି କରାଯାଇଥିବାବେଳେ ଶହଶହ ହେକ୍ଟର ଚାଷଜମି ଉଜୁଡ଼ିଯାଇଛି। ଜମିରେ ପଡ଼ିଥିବା ଧାନ ତଳି ନଷ୍ଟ ହୋଇଛି ଏବଂ ସେଥିରେ ବାଲିଚରି ଯାଇଛି। ଯାଜପୁର ଓ ଦଶରଥପୁର ବ୍ଲକ୍‌ର ୨୪ ଟି ଗ୍ରାମ ବୈତରଣୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ବାଲେଶ୍ୱର ଜିଲ୍ଲାର ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ତୁରନ୍ତ ବନ୍ୟା କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବାକୁ ରାଜସ୍ୱମନ୍ତ୍ରୀ ନିର୍ଦ୍ଦେଶ ଦେବା ସଂଗେସଂଗେ ରିପୋର୍ଟ ଆସିବାର ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇଦିଆଯିବ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ରାଜ୍ୟରେ ଆଗାମୀ ଦିନରେ ମୌସୁମୀ ପ୍ରବାହ ସକ୍ରିୟ ରହିବା ସଂଗେସଂଗେ ବଙ୍ଗୋପସାଗରରେ ଏକାଧିକ ଲଘୁଚାପ ସୃଷ୍ଟିର ସମ୍ଭାବନା ଥିବାରୁ ପୁନର୍ବାର ବଡ଼ ବନ୍ୟା ଆଶଙ୍କାକୁ ଏଡାଇ ଦେଇହେବନାହିଁ। ତେଣୁ ରାଜ୍ୟ ପ୍ରଶାସନ ଏହାର ମୁକାବିଲା ପାଇଁ ଏବେଠୁ ଜାଗତିଆର ରହିବା ଆବଶ୍ୟକ

# ସଂସ୍କୃତି ଓ ସଭ୍ୟତାର ଅବକ୍ଷୟ ପାଇଁ ଦାୟୀ 'ସଭ୍ୟତା ଓ ତାର ଶୈଳୀ'



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ଆଧୁନିକ ମାନବ ଆଜି ବିବର୍ତ୍ତନବାଦର ଶୀର୍ଷ ସୀମାରେ ଉପନୀତ ହୋଇସାରିଛି। ସେ ସୀମାହୀନ ସଭ୍ୟତାର ବଶବର୍ତ୍ତୀ ହୋଇ ପୁନଃ ପୁନଃ ବୈଜ୍ଞାନିକ ପ୍ରଣାଳୀ ତଥା ପ୍ରଗତି ଆସକ୍ତ ହେଉଛି। ଫଳରେ ସେ ସଭ୍ୟ ବୋଲି ନିଜକୁ ବିଜ୍ଞପିତ କରିବାରୁ 'ଶୈଳୀ' ତାକୁ ଚୁମ୍ବକ ଭଳି ଆକୃଷ୍ଟ କରିବାରେ ଲାଗିଛି। ଏଣୁ ସଭ୍ୟତା ଏବଂ ଶୈଳୀକୁ ବିନ୍ୟାସ କରିବା ମୋଟେ କଷ୍ଟକର କଥା ନୁହେଁ। କିନ୍ତୁ ଏ ଦୁହେଁ ମଣିଷର ଗତି ପଥରେ କେତେଦୂର ଉପାଦେୟ ତାହା ନିତାନ୍ତ ପକ୍ଷେ ପରଖିବା ଉଚିତ। ଆଦିମାନବର କ୍ରମ ବିକାଶ ହିଁ ସଭ୍ୟ ମାନବ। କିନ୍ତୁ ସଭ୍ୟତାର ଆଗମନ ଫଳରେ ଆମେ ପ୍ରକୃତରେ ବର୍ବରତାଠାରୁ ଦୂରରେ ରହିଛେ କି ? ଆଦିମାନବ ପକ୍ଷେ ବର୍ବରତା ଥିଲା ତା'ର ଧର୍ମ। ସେତେବେଳେ ସେ କୌଣସି ସଂପ୍ରଦାୟର ମଣିଷ ବୋଲି ତା'ର ପରିଚୟ ନ ଥିଲା। ସେ ଥିଲା କେବଳ ପଶୁ ଠାରୁ ଉର୍ଦ୍ଧ୍ୱରେ ଥାଇ ଜୀବନ ଧାରଣ କରିପାରୁଥିବା ଏକ ପ୍ରାଣୀ। କ୍ରମେ କ୍ରମେ ସେ ପ୍ରକୃତି ଏବଂ ପରିବେଶ ମଧ୍ୟରୁ ଜ୍ଞାନ ଆହରଣ କରି ବୁଦ୍ଧି କୌଶଳ ବଳରେ ଚାଲିଆସିଲା ସମତଳ ଭୂଇଁକୁ। ଏଠି ସେ ନିଜ ମଣିଷ ଠାରେ ବ୍ୟବଧାନର ଗନ୍ଧ ବାରିପାରିଲା। ଯେଉଁ ମଣିଷ ଜ୍ଞାନ ଓ ବୁଦ୍ଧିରେ ଆଗୁଆ ରହିଲା ସେ ହେଲା ଆଦିମଣିଷ ସମ୍ପ୍ରଦାୟର ମୁଖିଆ ମଣିଷ। ଯାହା ଜଣାଯାଏ, ସଭ୍ୟତାର ବହୁ ପୂର୍ବରୁ ମନୁଷ୍ୟର କ୍ରମ ବିବର୍ତ୍ତନ ଧାରାରେ ଶୈଳୀର ପ୍ରଭାବ ପଡ଼ିସାରିଥିଲା। ମଣିଷ ସମ୍ପ୍ରଦାୟରେ ଯେତେବେଳେ ଚାରି ଜାତି ସୃଷ୍ଟି ହେଲା, ସେତେବେଳେ ସଭ୍ୟତାର ସାଧାରଣ ପରିପ୍ରକାଶ ଘଟିଲା ବୋଲି ଅନୁଭୂତ ହୁଏ। ଆଶ୍ରମ ଜୀବନ କାଳ ମଧ୍ୟରେ କେବଳ ମୁନିଋଷିଙ୍କ ଦିବ୍ୟ ଜୀବନ ଗତି କରୁଥିଲା। ସେ ସବୁ ସଭ୍ୟତାର ସ୍ପର୍ଶ ଆହରଣ କରିନଥିଲା। କିନ୍ତୁ ନିଜସ୍ୱ ଶୈଳୀରେ ବେଶ୍ ପରିପୁଷ୍ଟ ଥିଲା। ଏହି ଶୈଳୀ ସାତ୍ତ୍ୱିକ ଭାବଧାରାରେ ଆପ୍ଲୁତ ହୋଇଥିବାରୁ ମାନବର ଆଚରଣକୁ ଯଥେଷ୍ଟ ପରିମାଣରେ ନିୟନ୍ତ୍ରଣ କରିପାରୁଥିଲା।

ଚାରି ଜାତି ସୃଷ୍ଟି ହେବା ପରେ ପ୍ରତ୍ୟେକ ନିଜ ନିଜର କାର୍ଯ୍ୟ ପନ୍ଥା ବାଣ୍ଟି ନେଲେ। ବ୍ରାହ୍ମଣମାନେ ଅରଣ୍ୟର ଆଶ୍ରମମାନଙ୍କରେ ମୁନି ଋଷିମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଫଳରେ ବିଶେଷ ଜ୍ଞାନ ଅର୍ଜନ କରିପାରିଲେ। ସେମାନେ ବଂଶାନୁକ୍ରମେ ଆପଣା ଜ୍ଞାନ ବାଣ୍ଟିବା ଫଳରେ କର୍ମର ପରିମାର୍ଜନା ଘଟିଲା। ଯେତେବେଳେ ଆମ ଆର୍ଯ୍ୟଭୂଖଣ୍ଡକୁ ରାଜାରାଜୁଡ଼ା ଶାସନ କରି ବସିଲେ ସେତେବେଳେ ଜ୍ଞାନୀ ଆଚାର୍ଯ୍ୟ ପଣ୍ଡିତମାନେ ମୁନିଋଷିଙ୍କ ଶୈଳୀରେ ଆଶ୍ରମ ପ୍ରତିଷ୍ଠା କରି ରାଜା ମହାରାଜାମାନଙ୍କ ଦୃଷ୍ଟିଆକର୍ଷଣ କରିପାରିଲେ। ଜ୍ଞାନ, ବୁଦ୍ଧି ଏବଂ ବିଦ୍ୟା ଏହି ତିନି ଗୁଣରେ ପରିପୁଷ୍ଟ ଆଚାର୍ଯ୍ୟକୁଳ ଦ୍ୱାରା ପ୍ରଶିକ୍ଷଣ ଲାଭ କରି କ୍ଷତ୍ରିୟମାନେ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ହୋଇଥିଲେ। ବୈଶ୍ୟମାନେ ସେମାନଙ୍କ ବୃତ୍ତି ଦ୍ୱାରା ପରିପୃଷ୍ଟ, ହେବାରୁ ତାହା ବଂଶାନୁକ୍ରମେ କୌଳିକ ବୃତ୍ତିରେ ପରିଣତ ହେଲା। ଶୁଦ୍ରମାନେ କେବଳ ଏହି ତିନି ଜାତିର ସେବା କରିବାରେ ଲାଗିଲେ। ଶିକ୍ଷା ସଭ୍ୟତାର ଉନ୍ମେଷ ଘଟାଇଲା। କିନ୍ତୁ ଇଂରେଜ ଶାସନର ଅବସାନ ପର୍ଯ୍ୟନ୍ତ ଦେଶରୁ ଅନେକ କୁପ୍ରଥାର ଉଚ୍ଛେଦ ହୋଇନଥିଲା। ପରଦା ପ୍ରଥାର ଉଚ୍ଛେଦ ଘଟି ନଥିଲା। ନାରୀ ଶିକ୍ଷା ବିଶେଷ କରି ସହଶିକ୍ଷାର ପ୍ରବର୍ତ୍ତନ ହୋଇ ନ ଥିଲା। ସେତେବେଳେ ନାରୀମାନେ ଯେ ସୌନ୍ଦର୍ଯ୍ୟ ସଚେତନ ନଥିଲେ ତାହା ନୁହେଁ। ସେମାନେ ପ୍ରକୃତି ମଧ୍ୟରୁ ଅନେକ ପ୍ରକାର ସୁଷମାର ବାସ୍ନା ଆହରଣ କରି ନିଜକୁ ସଜାଇ ପାରୁଥିଲେ। ଇତିହାସ କହେ ବୌଦ୍ଧ ଭିକ୍ଷୁଣୀମାନେ ସ୍ଖଳନ ପଥକୁ ସ୍ପର୍ଶ ନ କରିବାପାଇଁ ଯେତେ ସଚେଷ୍ଟ ଥିଲେ ସୁଦ୍ଧା ଅଜ୍ଞାତସାରରେ ସେମାନେ ଧନୀ ଶ୍ରେଷ୍ଠୀମାନଙ୍କର ସ୍ପର୍ଶ ଲାଭ କରୁଥିଲେ। ସେମାନଙ୍କର ଅଙ୍ଗସୁଷମା ଏବଂ ଶୈଳୀ ବୌଦ୍ଧ ତରୁଣଗୋଷ୍ଠୀଙ୍କ ଆଖିକୁ ଆକୃଷ୍ଟ ନ କରି ସ୍ଥିର ରହିପାରୁନଥିଲା। ପରବର୍ତ୍ତୀ କାଳରେ ସାମ୍ରାଜ୍ୟର ରାଜା ମହାରାଜାଙ୍କ ଦରବାରରେ ସୁନ୍ଦର ତରୁଣୀମାନେ ନିଜକୁ ନର୍ତ୍ତକୀ ରୂପେ ସଜାଇ ନୃତ୍ୟ ରସରେ ରାଜାଙ୍କ ମନ ମୋହି ପାରୁଥିଲେ। ନୃତ୍ୟ ହେଉଛି ଅଙ୍ଗଭଙ୍ଗୀର ଏକ ତାତ୍ତ୍ୱିକ ଶୈଳୀ। ଏହାକୁ ଆଚାର୍ଯ୍ୟ ପଣ୍ଡିତମାନେ ମଧ୍ୟ ଦେବ ମନ୍ଦିରରେ ଅନୁମୋଦନ କରିଥିଲେ। ଫଳରେ ସୁନ୍ଦରୀ ତରୁଣୀମାନେ ଦେବଦାସୀର ମର୍ଯ୍ୟାଦା ଲାଭ କରିପାରୁଥିଲେ। ଯୁଦ୍ଧ ବିଜୟ ଲାଭ କରିବା ଉଦ୍ଦେଶ୍ୟରେ ତରୁଣୀମାନଙ୍କୁ ବ୍ୟବହାର କରାଯାଉଥିଲା। ପ୍ରଥମ ବିଶ୍ୱଯୁଦ୍ଧ କାଳରେ ପ୍ରଖ୍ୟାତ ବିଷକନ୍ୟା ମାତାହରିଙ୍କୁ ବିଳାସର ସାମଗ୍ରୀ ରୂପେ ବ୍ୟବହାର କରାଯାଇଥିବାର ପ୍ରମାଣ ରହିଛି। ଏହି ଅପରୁପା ତରୁଣୀ ଶତ୍ରୁପକ୍ଷର ବହୁ ପ୍ରଭାବଶାଳୀ ପୁରୁଷଙ୍କର ମୃତ୍ୟୁର କାରଣ ହୋଇଥିଲେ ବୋଲି କୁହାଯାଏ। ତେଣୁ ସୌନ୍ଦର୍ଯ୍ୟ ସହ ଶୈଳୀର ପ୍ରାଧାନ୍ୟକୁ ଏଡେଇ ଦିଆଯାଇ ନ ପାରେ।

ଊନବିଂଶ ଏବଂ ବିଂଶ ଶତାବ୍ଦୀ ବେଳକୁ ସଭ୍ୟତାର ସ୍ପର୍ଶ ଗୋଲକର ଚତୁଃପାର୍ଶ୍ୱକୁ ସ୍ପର୍ଶ କରିସାରିଲାଣି। ସେହି ଅନୁସାରେ ଶୈଳୀର ଅଭିବୃଦ୍ଧି ହାରରେ ମଧ୍ୟ କମ୍ ବୃଦ୍ଧି ଘଟି ନାହିଁ। କିନ୍ତୁ ସ୍ୱାଧୀନତା ପରେ ଦେଶରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସଭ୍ୟତା ଏବଂ ଶୈଳୀର ମାତ୍ରାରେ ଯେଉଁଭଳି ଅଧିକତା ପରିଦୃଷ୍ଟ ହୁଏ ତାହା ଆଦୌ ସ୍ୱାଗତଯୋଗ୍ୟ ନୁହେଁ ବୋଲି କହିହେବ। ଇଂରେଜ ଶାସନ କାଳରେ ଇଂରେଜମାନେ ପାଶ୍ଚାତ୍ୟ ସଭ୍ୟତାର ବୀଜ ଏଠାରେ ବୁଣିଦେଇ ଯିବା ଫଳରେ ଲୋକେ ଆଉ ବେଶୀ ପରମ୍ପରା ଓ ସଂସ୍କୃତକୁ ଭୂଲିପାରିଲେନାହିଁ। ବେଶୀ ତରୁଣୀ ଶିକ୍ଷାର୍ଥୀ ଗୋଷ୍ଠୀ ଚଳଚ୍ଚିତ୍ର ଦେଖି ତାକୁ ଅନୁକରଣ କରି ଅଧାଲଙ୍ଗୁଳୀ ପୋଷାକ ପରିଧାନ କରି ଆପଣା ରୁଚି ସେହି ଅନୁସାରେ ପରିବର୍ତ୍ତନ କରିବାକୁ ଲାଗିଲେ। ଏଠାରେ କହିବାର କଥା ହେଲା ବିଂଶ ଶତାବ୍ଦୀର ମଧ୍ୟଭାଗରେ ସଭ୍ୟତା ଓ ଶୈଳୀର ଭିତ୍ତିଭୂମି ହେଲା ଫେସନ। ପୂର୍ବର ପରିଧାନରେ ଥିବା ଶାଳୀନତାକୁ ଭାଙ୍ଗିରୁଜି ଆଜି ଗଢ଼ି ଉଠିଥିବା ଫେସନ ଯେଉଁ ରୀତିରେ ସୌନ୍ଦର୍ଯ୍ୟପିପାଶୁ ମଣିଷକୁ ପ୍ରଭାବିତ କରିବାରେ ଲାଗିଲା ତା'ର ପରିଣତି ଯେ ସମାଜ ପାଇଁ ହିତକର ନୁହେଁ ଏହା ସେ କଦାପି ଚିନ୍ତା କରିପାରିନଥିଲା। ଶିକ୍ଷାର ଅଗ୍ରଗତି ମଧ୍ୟରେ ସଭ୍ୟତା ତା'ର ସାଥୀ ଶୈଳୀକୁ ସାଙ୍ଗରେ ଧରି ଅନବରତ ଧାଇଁ ଚାଲିଛି। ଗତିପଥରେ ଭଲ ମନ୍ଦ ବିଚାର କରିବାର ଶକ୍ତି ତା'ଠାରେ ନାହିଁ। ସେଥିଲାଗି ଏକବଂଶ ଶତାବ୍ଦୀରେ ମଣିଷ ଆଜି ଉଗ୍ର ସଭ୍ୟତାର ଦଂଶନରେ ଜର୍ଜରିତ ହେବାକୁ ବାଧ୍ୟ। କେବଳ ସମାଜ ମଧ୍ୟରେ ନୁହେଁ, ଆପଣା ପରିବାର ମଧ୍ୟରେ କ୍ଷଣକୁ କ୍ଷଣ ଜନ୍ମ ନେଉଥିବା ନୂଆ ନୂଆ ପିଢ଼ିର ମଣିଷ ଆଜି ସଭ୍ୟତାର ନଗ୍ନ ରୂପରେ ମଜ୍ଜି ମୂହ୍ୟମାନ ହେବାକୁ ଭଲପାଉଛି। ସଭ୍ୟତା ଏବଂ ଶୈଳୀର ଅନବରତ ପରିବର୍ତ୍ତନ ଏବଂ ପ୍ରଭାବ ଆଜିର ଜୀବନଶୈଳୀକୁ ସମ୍ପୂର୍ଣ୍ଣ କବଳିତ କରି ସାରିଲାଣି। ସିନେମା, ଟିଭି, ଯାତ୍ରା, ରଙ୍ଗମଞ୍ଚ ଆଉ ସବୁ ଯେତେ ଯେତେ ନଗ୍ନ କାରିଗରୀ ଫଟୋଚିତ୍ରର ଆକର୍ଷଣ ଯୁବକ ଯୁବତୀମାନଙ୍କୁ ମୋହଗ୍ରସ୍ତ କରି ପକାଉଛି। ସେମାନେ ଆଉ କାହାର ଆକଟରେ ନାହାଁନ୍ତି, ନା ବାପ ମା' ଙ୍କର ନା ଶିକ୍ଷକ ବା ଆଚାର୍ଯ୍ୟ ମାନଙ୍କର ! ଯେତେ ଯେତେ ନୂଆ ଶୈଳୀକୁ ଆପଣେଇବା ଦରକାର ସେମାନେ ତାକୁ ଆପଣେଇ ଚାଲିଛନ୍ତି। ଆଜି ସଂସ୍କୃତି ଏବଂ ପରମ୍ପରାରେ ଯଦି ଅବକ୍ଷୟ ଘଟିଥାଏ, ଏଥିପାଇଁ ଦାୟୀ ହେଉଛି ଏହି ସଭ୍ୟତା ଏବଂ ତା'ର ଶୈଳୀ। ଆଇଟି ଯୁଗରେ ପ୍ରଚୁର ଅର୍ଥ ଉପାର୍ଜନ ଆଶାରେ ଯୁବକ ଯୁବତୀମାନେ ଯେଉଁଭଳି ମନରୁ ଦେହ ଦାହର ସଂଯମତା ଏଡାଇ ସଭ୍ୟତାର ସ୍ରୋତରେ ଭାସି ଚାଲିଛନ୍ତି ସେଥିରୁ ରକ୍ଷା ପାଇବାର ଉପାୟ ଆଉ ଦେଖାଯାଉନି। କେବଳ ଆଧ୍ୟାତ୍ମ ମାର୍ଗ ହିଁ ଏକମାତ୍ର ସୃଜନ ସ୍ଥିତି ସୁଧାରିବାରେ ସକ୍ଷମ ହୋଇପାରେ।

# ଡିଜିଟାଲ ହେବ ଜାତି ଜନଗଣନା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଜନଗଣନା ପାଇଁ ଅଧିସୂଚନା ଜାରି କରାଯାଇଛି। ଏହି ଜନଗଣନା ୨୦୨୧ରେ ହେବାକୁ ଥିଲା କିନ୍ତୁ କରୋନା ମହାମାରୀ କାରଣରୁ ସ୍ଥଗିତ ରହିଥିଲା। କଂଗ୍ରେସ ସମେତ ସବୁ ବିରୋଧୀ ଦଳମାନେ ଜାତିଗତ ଜନଗଣନା ପାଇଁ ଦାବି କରୁଥିଲେ। ପରିଶେଷରେ ମୋଦୀ ସରକାର ମଧ୍ୟ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ନେଲେ। ଫଳତଃ ଜାତିଗତ ଜନଗଣନାକୁ ନେଇ ଯେଉଁ ରାଜନୀତି ଚାଲିଥିଲା ତାହା ସମାପ୍ତ ହୋଇଛି। ସବୁ ବର୍ଗର ପ୍ରମୁଖ ଜାତିମାନଙ୍କ ସହ ଉପଜାତି ବାବଦରେ ଗଣନା ବେଳେ ଜଣାପଡ଼ିବ। ସେତେବେଳେ ଜାତିଗତ ଜନଗଣନା ଠିକ କି ନୁହେଁ ବୋଲି କୁହାଯାଇପାରିବ। ଇ-ବଜାର, ଇ-ଆବେଦନ, ଇ-ରେଳ ଓ ଇ-ନେଣଦେଣ ପରେ ଏବେ ଇ- ଜନଗଣନା ଅର୍ଥାତ୍ ଡିଜିଟାଲ ଗଣତି ହେବ। ଏହି ଗଣନାରେ ଜାତିର ଗଣତି ମଧ୍ୟ ହେବ। ଡିଜିଟାଲ ଜନଗଣନାରେ ଜନ୍ମ ଓ ମୃତ୍ୟୁ ବାବଦରେ ତଥ୍ୟ ମଧ୍ୟ ରହିବ। ଏଣୁ ପ୍ରତି ଜନ୍ମ ପରେ ଡିଜିଟାଲ ଜନଗଣନା ମନକୁ ମନ ହୋଇଯିବ ଏବଂ ମୃତ୍ୟୁ ପରେ ଡିଜିଟାଲ ଡାଟାରୁ ମୃତକଙ୍କ ନାମ ମନକୁ ମନ କଟିଯିବ। ଜନଗଣନା ରେଜିଷ୍ଟରରେ ପିଲା/ଶିଶୁର ଜନ୍ମ, ମାତା/ପିତା, ଜାତି ଏବଂ ଜନ୍ମ ସ୍ଥାନ ସମେତ ୧୬ଟି ଭାଷାରେ ୩୬ଟି ପ୍ରଶ୍ନର ଉତ୍ତର ମଧ୍ୟ ଦରଜ ହୋଇଯିବ। ଶିଶୁ/ପିଲାକୁ ୧୮ ବର୍ଷ ହେଲେ ଭୋଟର ତାଲିକାରେ ତାର ନାମ ପଞ୍ଜୀକୃତ କରିବା ପାଇଁ ମଧ୍ୟ ଡିଜିଟାଲ ମାଧ୍ୟମରେ ନିର୍ବାଚନ କମିଶନଙ୍କ ପାଖକୁ ଚାଲିଯିବ। ଫଳତଃ ତାକୁ ଭୋଟର ପରିଚୟପତ୍ର ମିଳିଯିବ ଏବଂ ଭୋଟର ତାଲିକାରେ ସ୍ୱତଃପୂର୍ତ୍ତ ଭାବେ ତାର ନାମ ଯୋଡ଼ି ହୋଇଯିବ। ଯେତେବେଳେ କୌଣସି ଭୋଟରର ମୃତ୍ୟୁ ହୋଇଯିବ ସେତେବେଳେ ଭୋଟର ତାଲିକାରୁ ତାର ନାମ ମନକୁ ମନ କଟିଯିବ। ଏହିପରି ଜନଗଣନାର ତଥ୍ୟ ବା ଡ଼ାଟା ସବୁବେଳେ ଅପଟୁଡେଟ ରହିବ।

ଏହି ଡିଜିଟାଲ ଜନଗଣନା (ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟାର) ପ୍ରକ୍ରିୟାରେ ପାଖାପାଖି ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଡିଜିଟାଲ ଜନଗଣନା ଦେଶରେ କରାଯିବ ବୋଲି ୨୦୨୧ ମସିହା ଫେବ୍ରୁଆରୀ ମାସ ୧ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ସେତେବେଳେ ମଧ୍ୟ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥମନ୍ତ୍ରୀ ଥିଲେ ଓ ସେ ଡିଜିଟାଲ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ। ଡିଜିଟାଲ ଜନଗଣନାରେ ନାଗରିକମାନେ ସାମିଲ ହେବା ପାଇଁ ଏକ ଉତ୍ତମ ଅନଲାଇନ୍ ସୁବିଧା ପାଇ ପାରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଭାରତୀୟ ନାଗରିକମାନଙ୍କୁ ଅନଲାଇଡ଼୍ ସ୍ୱ-ଗଣନାର ଅଧିକାର ଦେବା ପାଇଁ ପୁର୍ବର ନିୟମରେ ପରିବର୍ତ୍ତନ କରାଯାଇଛି। ଜନଗଣନା (ସଂଶୋଧନ) ୨୦୨୨ ଅନୁସାରେ ପରମ୍ପରାଗତ ପ୍ରକ୍ରିୟାରେ ସରକାରୀ କର୍ମଚାରୀମାନେ ଘରକୁ ଯାଇ ଜନଗଣନା କରିବେ କିନ୍ତୁ ଏବେ ନାଗରିକ ସ୍ୱ-ଗଣନା ମଧ୍ୟମରେ ମଧ୍ୟ ଅନୁସୂଚୀ ପ୍ରାରୁପ (ଜନଗଣନା ଆବେଦନପତ୍ର) ପୂରଣ କରିପାରିବେ। ଏଇଥିପାଇଁ ସଂଶୋଧନ କରାଯାଇ ପୂର୍ବ ନିୟମରେ ଇଲେକ୍ଟ୍ରୋନିକ ଫର୍ମ ଶବ୍ଦ ଯୋଡ଼ାଯାଇଛି। ଏ ସମ୍ପର୍କରେ ସୂଚନା ଏବଂ ପ୍ରାଦ୍ୟୋଗୀକି ଆଇନ୍ ୨୦୦୦ର ଧାରା ୨ର ଉପଧାରା (୧)ର ଖଣ୍ଡ 'ଆର'ରେ କୁହାଯାଇଛି। ଏହି ଆଇନ୍ ଅନୁସାରେ ଗଣମାଧ୍ୟମ, ମ୍ୟାଗ୍ନେଟିକ, କମ୍ପ୍ୟୁଟର ଜନିତ ମାଇକ୍ରୋଚିପ ବା ଏହିଭଳି ଅନ୍ୟ ଉପକରଣରେ ପ୍ରସ୍ତୁତ କରି ପଠାଯିବା ଅଥବା ସଂଗୃହୀତ ହୋଇଥିବା ତଥ୍ୟକୁ ଇଲେକ୍ଟ୍ରୋନିକ ଫର୍ମରେ ଦିଆଯାଇଥିବା ସୂଚନା ବୋଲି ଗ୍ରହଣ କରାଯିବ। ଏପରିକି ନାଗରିକ ଏଣ୍ଡ୍ରଏଡ଼ ମୋବାଇଲ ଫୋନ ମାଧ୍ୟମରେ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଜନଗଣନା ଫର୍ମରେ ପୂରଣ କରିପାରିବେ। ଏହି ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସରକାରୀ କର୍ମଚାରୀ ଘରକୁ ଘର ବୁଲି ଜନଗଣନା କରିବେ। ଗଣନାର ଏହି ବିକେନ୍ଦ୍ରୀକରଣ କାରଣରୁ ପ୍ରତି ୧୦ ବର୍ଷପରେ ଜନଗଣନା ପାଇଁ ଯେଉଁ ପରମ୍ପରା ଥିଲା ତାର ସମାପ୍ତି ଘଟିବ। ଅନ୍ୟପକ୍ଷରେ ପ୍ରତିମାସରେ ଦେଶର ସବୁ ପଞ୍ଚାୟତ ସ୍ତରରୁ ଜନ୍ମ-ମୃତ୍ୟୁ ସମ୍ପର୍କିତ ତଥ୍ୟ ସଠିକ୍ ମିଳିଯିବ।

ଜନଗଣନାର ନିରନ୍ତରତା ଜରୁରୀ। ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି। ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି। ଊନବିଂଶ ଶତାବ୍ଦୀରେ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦୀ ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା। ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତରେ ଘର ଘର ବୁଲି ଜନଗଣନା କରିବା ଏମାନଙ୍କ ପାଇଁ ମଧ୍ୟ କଷ୍ଟକର ହେଉଥିଲା। କିନ୍ତୁ ଏବେ ସ୍ୱ-ଆବେଦନ ପାଇଁ ସରକାରଙ୍କ ଘୋଷଣା ପରେ ଅନେକ ନାଗରିକ ଘରେ ବସି ମଧ୍ୟ ଅନଲାଇନ୍‌ରେ ନିଜର ଏଣ୍ଡ୍ରଏଡ୍ ଫୋନ ମାଧ୍ୟମରେ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ସର୍ବୋପରି ଡିଜିଟାଲ କରାଯାଉଥିବା କାରଣରୁ ଜନସଂଖ୍ୟା ବାବଦରେ ସଠିକ୍ ତଥ୍ୟ ପାଇଁ ଆଉ ୧୦ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅପଡେଟ ସୂଚନା ସବୁବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

# ଜଗଜ୍ଜନନୀ ଶ୍ରୀମତୀ ଷୋଡ଼ଶୀବାଳା ଦେବୀ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡ଼ିକାଲ କଲେଜ କଟକ, ମୋ : ୯୪୩୭୦୫୧୯୫୭

'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୂ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୂ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୂ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟ ରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା - ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାଙ୍କେଡ଼ି ନାହିଁ - ପଚାରିଲେ ଶାଶୂଦେବୀ - 'ବୋହୂମା' କାନର ମାଙ୍କେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ। ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୂଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାଙ୍କେଡ଼ି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି। ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ, ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ, ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି ।



ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା - 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହିୟସୀ କୂଳବଧୁ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା' । ଆଜକୁ ବହୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ ।

# ସେ ବାପା, ନୁହନ୍ତି ଶ୍ୱଶୁର



ଅନୁପମା ଭୂୟାଁ
'ସାଇବିଥି' ୭ଡି/୧୩୫୪
ସେକ୍ଟର-୯, ସିଡିଏ, କଟକ

ନୂଆ କରି ବିବାହ ପରେ ଶାଶୂଘର ଯାଇଥିବା ବୋହୂଟିଏ ପାଇଁ ସେଠାକାର ଚାଲିଚଳଣି, ଆଚାର ବ୍ୟବହାର ସହ ମିଶିବା ପାଇଁ ସମୟ ଲାଗିଥାଏ। ବେଳେ କେତେକ ଭୁଲ ବୁଝାମଣା ପାଇଁ ମଧ୍ୟ ସମ୍ପର୍କ ଖରାପ ହୋଇଥାଏ। ଯାହା ସାରା ଜୀବନ ପାଇଁ ବୋହୂର ଚରିତ୍ରକୁ ଖରାପ ବନାଇଥାଏ। ତେଣୁ ବୋହୂର ଶ୍ୱଶୁରଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଏବଂ କିଛି ଖାସ ମୁହୂର୍ତ୍ତ ବିତାଇବା ନିମନ୍ତେ ଜୁଲାଇ ୩୦ ତାରିଖରେ ପାଳିତ ହୁଏ ଜାତୀୟ ଶ୍ୱଶୁର ଦିବସ। ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଭାବେ ଶ୍ୱଶୁରଙ୍କ ସମ୍ମାନ କରିବା ଆବଶ୍ୟକ। ବାପା ହିସାବରେ ସେ ସବୁବେଳେ ପରିବାରର ମଙ୍ଗଳ କାମନା କରିଥାନ୍ତି। ତେଣୁ ଏହି ଦିବସ ପାଳନ ଅବସରରେ ଶ୍ୱଶୁରଙ୍କୁ ତାଙ୍କ ପ୍ରିୟ ଜିନିଷ ଉପହାର ଭାବେ ଦେଇ ତାଙ୍କ ଠାରୁ ଆଶୀର୍ବାଦ ନିଆଯାଏ। ଆଜିକାଲିର ନୂଆ ପିଢ଼ି ନିଜ ଜୀବନରେ ଏତେ ବ୍ୟସ୍ତ ଯେ ସେମାନଙ୍କ ପାଖରେ ବାପା-ମା ଶାଶୂ-ଶ୍ୱଶୁରଙ୍କ ପାଇଁ ସମୟ ନଥାଏ। ତେଣୁ ଏଭଳି କିଛି ସ୍ୱତନ୍ତ୍ର ଦିବସ ପାଳନ ଅବସରରେ ପରିବାର ସହ କିଛି ମୁହୂର୍ତ୍ତ ବିତାଇବା ପାଇଁ ସେମାନେ ସୁଯୋଗ ପାଇଥାନ୍ତି। ଏହା ପରିବାରର ସଦସ୍ୟଙ୍କ ମଧ୍ୟରେ ଭଲପାଇବା ବଢ଼ାଇବାରେ ସହାୟକ ହୋଇଥାଏ।

ଜୀବନରେ ତେଲଲୁଣର ସମୟ ଆହ୍ୱାନ ଭିତରେ ଅନେକ ଝଡ଼ଝଞ୍ଜାକୁ ଘର ଭିତରର ଅମୂଲ୍ୟ ମଣି 'ଘରମଣି' କୁହାଯାଉଥିବା ବୋହୂମାନଙ୍କ ଜୀବନ ଚିତ୍ର ଆଜିକା ସମୟରେ ବଡ଼ ଆଶ୍ଚର୍ଯ୍ୟକର ଓ ଅନେକ କ୍ଷେତ୍ରରେ ଚକିତ କଲାଭଳି। ଆପଣ ଏ ଦୁନିଆରେ ଏମିତି ଦୃଶ୍ୟମାନ ବୋହୂମାନଙ୍କୁ ଦେଖିବେ ଯେଉଁମାନେ କୁହନ୍ତି, ଢେଙ୍ଗୁରା ପିଟନ୍ତି, ଶ୍ୱଶୁରଙ୍କୁ ସେବା ଭକ୍ତି କରିବାରେ ଆମ ପରି ବୋହୂ ଆଉ ସୃଷ୍ଟିରେ କେହିନାହାଁନ୍ତି। କିନ୍ତୁ ନିଷ୍ଠୁର ନିୟତିର କାଳ ସମ୍ଭବତଃ ଏହାକୁ ଗ୍ରହଣ କରିନଥାଏ। ମିଛ ଅଭିନୟ ଯେ ଭଗବାନଙ୍କ ଦୁନିଆରେ ନିଷ୍ଠୁର ସତ୍ୟ ତାହା ସେହି ଶ୍ୱଶୁରଙ୍କ ଜୀବନରେ ମଧ୍ୟ ଶେଷ ପରିଣତି ହୋଇଗଲା। ଜୀବନର ଶେଷ ମୁହୂର୍ତ୍ତରେ ଶ୍ୱଶୁରଙ୍କୁ ଦେଖିବାର ସୁଯୋଗ, ଭାଗ୍ୟ ସେ ବୋହୂଟିର ନଥିଲା। ଜୀବନରେ ଏପରି ଶ୍ୱଶୁର ପ୍ରେମୀ ମିଛ କାନ୍ଦଣା ଓ ଚମତ୍କାର ଅଭିନୟ କରୁଥିବା ବୋହୂମାନଙ୍କର ଅନେକ ଦୃଷ୍ଟାନ୍ତ ରହିଛି। ଜୀବନରେ ଏମିତି ବୋହୂଙ୍କୁ ପାଇବେ ଯିଏ ଗୋଟିଏ ପଟେ ଶ୍ୱଶୁର ତାଙ୍କ ପାଇଁ ଭଗବାନଙ୍କ ଠାରୁ ଉଚ୍ଚତର ଭାବେ ଗ୍ରହଣ କରନ୍ତି। ଅନ୍ୟପଟେ ଶ୍ୱଶୁରଙ୍କୁ ଅତି ନିଷ୍ଠୁର ଓ ନିର୍ମମ ଆଚରଣ ଓ ଉଚ୍ଚାରଣ ବି ଦେଖାଇପାରନ୍ତି। କେବଳ ସେତିକି ନୁହେଁ ଆଜିକା ସମୟରେ ଭାରତର ନ୍ୟାୟିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଫୁ କିନା ଉଡେଇ 'ଗୁଣୀ'କୁ ବିଶ୍ୱାସ କରୁଥିବା ଆଧ୍ୟାତ୍ମିକ ଭାବଧାରାର ବୋହୂମାନଙ୍କୁ ବି ଆମେ ସମାଜରେ ଦେଖୁଛୁ। ସତରେ କି ଅଦ୍ଭୁତ ରୂପଧାରୀ ଏହି ତଥାକଥିତ ବୋହୂମାନେ ! ! ଠାକୁରଙ୍କୁ କୁଣ୍ଢାଇ ଶ୍ୱଶୁରଙ୍କ ପାଦ ପୂଜା କରି ଦ୍ୱିତୀୟ ଭଗବାନ ଭାବି କେବଳ ସୋସିଆଲ ମିଡ଼ିଆ ଆଉ ଲୋକମାନଙ୍କୁ ଭଲ ପ୍ରଦର୍ଶିତ କରାଯାଇପାରେ। ଅନ୍ୟବର୍ଗର ବୋହୂ ହୁଏତ ସେ ବିଦ୍ୟାର ଅଧିକାରୀ ନହୋଇପାରନ୍ତି କିନ୍ତୁ କଥାରେ ନାହିଁ 'ତୁଣ୍ଡ ବାଇଦ ସହସ୍ର କୋଷ', ସେମାନେ ନିଜର ଶ୍ୱଶୁରଙ୍କ ପ୍ରତି ଅଭିନୟକୁ ସୋସିଆଲ ମିଡ଼ିଆରେ ସେହି ତୁଣ୍ଡ ବାଇଦର ସାହାଯ୍ୟ ନିଅନ୍ତି। ଏହି ଆଲୋଚନା ଭିତରେ ଅନ୍ୟଏକ ବର୍ଗର ବୋହୂକୁ ଦେଖନ୍ତୁ ଯିଏ ହୁଏତ ଶ୍ୱଶୁରଙ୍କ ଉପସ୍ଥିତିରେ ବେଦୀ ବିଧାନର ବିବାହ ନହୋଇପାରିଥାନ୍ତି ଘରର ସେ କିନ୍ତୁ ସେହି ବୋହୂ ଯାହାଙ୍କ ସ୍ୱୟଂ ସାରସ୍ୱତ ସାଧନାର ପବିତ୍ରତା ଓ କଳାଦକ୍ଷତାକୁ ଶ୍ୱଶୁର ଆପ୍ରାଣ ଭଲ ପାଇଛନ୍ତି ଓ ତାହାତାଙ୍କ ଶେଷ ଜୀବନରେ ଅତ୍ୟନ୍ତ ସୌଭାଗ୍ୟମୟ ଭାବେ ପ୍ରାପ୍ତ ହୋଇଛି ଶ୍ୱଶୁରଙ୍କ ଆଶୀର୍ବାଦ। ଶ୍ୱଶୁରଙ୍କ ପ୍ରତି ତାଙ୍କ ଆବେଗ, ଭକ୍ତି ସମର୍ପଣ ହୁଏତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହେଁ କିନ୍ତୁ ସେହି ନିୟତି ଏଠି ନିଷ୍ଠୁର ହୋଇନି, ନିର୍ମମ ହୋଇନି ବରଂ ଆଶୀର୍ବାଦମୟ ହୋଇ ତାଙ୍କୁ 'ଗୋବର ପାଣି' ପକାଇବାର ଗୌରବ ଓ ଅହୋଭାଗ୍ୟ ପ୍ରଦାନ କରିଛି।

ଶ୍ୱଶୁର ହେଉଛନ୍ତି ଘର ଛାଡ଼ିଥିବା ଗୋଟିଏ ଅପରିଚିତ ଝିଅ ପାଇଁ ସ୍ୱୟଂ ବାପା। ଅନେକ ଶ୍ୱଶୁର ରହିଛନ୍ତି ଯେଉଁମାନେ ନିଜ ପୁଅକୁ ସାଥ ଦେଇନାହାନ୍ତି ବରଂ ଧର୍ମରାଜ ଭାବେ, ରକ୍ଷାକର୍ତ୍ତା ଭାବେ, ହିମାଳୟ ପରି ବୋହୂର ସାଥ୍ ଦେଇଛନ୍ତି, ଜୀବନ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଭୟ ବର ପ୍ରଦାନ କରି ଠିକ ନିଜ ବାପର ଧର୍ମ ତୁଲାଇଛନ୍ତି। କାଳେ କାଳେ ଏପରି ଯଶସ୍ୱୀ ଅନେକ ଶ୍ୱଶୁର ଅଛନ୍ତି ସେମାନେ କିନ୍ତୁ ଏହି ତଥାକଥିତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହଁନ୍ତି କିନ୍ତୁ କିଛି ଦୁର୍ଭାଗା ପୁଅ ଥାଆନ୍ତି ଯେଉଁମାନେ ସେହି ଶ୍ୱଶୁର ଯିଏ କି ସେହି ଦୁର୍ଭାଗାଙ୍କ ପିତା ହୋଇଥାନ୍ତି ତାଙ୍କୁ ଭଲ ଭାବେ ସୋସିଆଲ ମିଡ଼ିଆରେ ପ୍ରଚାରିତ କରନ୍ତି ଯେ ସେ ତାଙ୍କ ପିତାଙ୍କର ଜଣେ ଶ୍ରେଷ୍ଠ ପୁତ୍ର ଥିଲେ। ଶ୍ୱଶୁର ଦିବସରେ ଆମ ସମସ୍ତଙ୍କ ଭିତରେ ସେହି ବାପାଙ୍କ ପାଖରେ ମଥାନତ ପ୍ରଣାମ ଜଣାଉଛି। ଆଜକୁ ଆଠମାସରୁ ଉର୍ଦ୍ଧ୍ୱ ହୋଇଯିବ ମୋ ଶ୍ୱଶୁର ଏ ଦେହ, ମାଟି ଛାଡ଼ି ଚାଲିଯାଇଛନ୍ତି କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ମୋ କଣ୍ଠରେ ମୋ ଜୀବନରେ ତାଙ୍କ ପ୍ରିୟତମ ସାଇ ଭଜନ ଗୁଡ଼ିକ ଥିବ ସେ ସଦାକାଳ ମୋ ପାଖରେ ହିଁ ଥିଲେ, ଅଛନ୍ତି ଓ ରହିଥିବେ...।



କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର କଣାସ ବ୍ଲକରେ ପ୍ରବାହିତ ଦୟାନଦୀ ପ୍ରତିବର୍ଷ ବନ୍ୟା ସମୟରେ ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟିକରେ ଯାହାଦ୍ୱାରା କି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ଅଧିକାରୀମାନଙ୍କର ନିଦ ହଜାଇଦିଏ । କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ତାହାର ଶାଖା ନଦୀ ରାଜୁଆ, ମକରା ନଦୀରେ ପ୍ରତି ବର୍ଷ ବନ୍ୟା ସମୟରେ ନଦୀ ବନ୍ଧରେ ଗଳିଆ ସୃଷ୍ଟି ହୋଇ ଘାଇ ହେବାଫଳରେ ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ କଣାସ ବ୍ଲକର ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ବ୍ଲକ ଓ ଜିଲ୍ଲା ପ୍ରଶାସନ ଅଧିକାରୀ କଣାସ ଡାକବଙ୍ଗଳାରେ ଡେରାପକାଇ ରୁହନ୍ତି । ଦୟାନଦୀର ବାମପାଶ୍ୱ ନଦୀବନ୍ଧ ପୁରୀ ଜଳସେଚନ ବିଭାଗ ଅଧିନରେ ଥିବା ବେଳେ ଦୟାନଦୀର ଡାହାଣପାର୍ଶ୍ୱ, ରାଜୁଆନଦୀର ବାମ ଓ ଡାହଣ ପାର୍ଶ୍ୱ, ମକରାନଦୀର ଡାହଣ ଓ ବାମପାର୍ଶ୍ୱ ନଦୀବନ୍ଧ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିନରେ ରହିଛି । ୪ବର୍ଷ ତଳେ ବନ୍ୟା ସମୟରେ ଦୟାନଦୀ ଡାହାଣପାର୍ଶ୍ୱ ଗଡମାଟିଆପଡା ନିକଟରେ ନଦୀ ବନ୍ଧ ଭାଙ୍ଗି ଯିବାରୁ ପାଣ୍ଡିଆକେରା, ଗଡବଡପୁଟ ଗ୍ରାମପଞ୍ଚାୟତର ୨୫ରୁ ଉର୍ଦ୍ଧ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ । ସେହି ଘାଇ ସ୍ଥାନ ମରାମତି କରାଯାଇଥିଲେ ମଧ୍ୟ ନୂତନ ମାଟି ପଡିଥିବାରୁ ବର୍ଷା ଯୋଗୁଁ ନୂତନ ଭାବେ ପଡିଥିବା ମାଟିଗୁଡିକ ଧୋଇଯାଇଥିବାରୁ ପୁନର୍ବାର ବଡବନ୍ୟା ହେଲେ ଘାଇହେବାର ଆଶଙ୍କା ଥିବାରୁ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବନ୍ଧ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟାକଲେ ମଧ୍ୟ ସେମାନେ ଟେଲିଫୋନ୍ ଉଠାଉନାହାନ୍ତି ।



# ତହସିଲ୍‌ଦାର୍‌ଙ୍କୁ ଦୁର୍ବ୍ୟବହାର, ଜଣେ ଅଟକ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଣେ ନାବାଳକଙ୍କୁ ହାତ ବାନ୍ଧି ନେଇ ଯାଉଥିବା ବେଳେ ସେହି ରାସ୍ତାରେ ଯାଉଥିବା ଜଳେଶ୍ୱର ତହସିଲଦାର ଅଟକାଇ ଥିଲେ। ଆଉ ନାବାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ତହସିଲଦାରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଳେଶ୍ୱର ଥାନା ପୋଲିସ ସେହି ନାବାଳକଙ୍କ ସହ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିଛି। ବିବରଣୀରୁ ପ୍ରକାଶ ଯେ ଗତକାଲି ଚମାରଗାଁ ଅଞ୍ଚଳର ଜଣେ ମହିଳା ତାଙ୍କ ନାବାଳକ ନାତିଙ୍କୁ ଧରି ଆମ୍ବଳିଅଠା ସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଏକାଦଶାହ କାମରେ ଯୋଗ ଦେବାକୁ ଆସିଥିଲେ। ତେବେ କାଲି ସଂଧ୍ୟାରେ କୌଣସି କାରଣରୁ ନାବାଳକ ନାତି ଜଣକ ସେଠାରୁ ରାଗି ଚାଲି ଆସିଥିଲେ। ତେବେ ଆମ୍ବଳିଅଠା ଗ୍ରାମର ତାଙ୍କ ସମ୍ପର୍କୀୟମାନେ ସେହି ନାବାଳକଙ୍କୁ ଜଳେଶ୍ୱରରୁ ଧରିବା ସହ ହାତ ବାନ୍ଧି ଘରକୁ ନେଇ ଯାଉଥିବା ବେଳେ ଜିକେ ଉଚ୍ଚର ହସ୍ପିଟାଲ ସମ୍ମୁଖରେ ସେମାନଙ୍କ କିଛି ଲୋକେ ଘେରି ଯାଇ ଛୁଆକୁ କାହିଁକି ବାନ୍ଧି ନେଇ ଯାଉଛ ବୋଲି ପଚାରିଥିଲେ। ଏହି ସମୟରେ ସେହି ରାସ୍ତାରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଗାଡ଼ିରେ ଯାଉଥିବା ବେଳେ ଭିଡ ଦେଖି ଅଟକାଇଥିଲେ। ନାବାଳକଙ୍କୁ ବନ୍ଧା ଯାଇଥିବାରୁ ତହସିଲଦାର ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ଆମ୍ବଳିଅଠା ଗ୍ରାମର ଜୀବନ ପରିଡା ଓ ତାଙ୍କର ଅନ୍ୟ ସମ୍ପର୍କୀୟମାନେ ତହସିଲଦାରଙ୍କୁ ଧକ୍କା ଦେଇ ଠେଲି ଦେଇଥିଲେ। ତହସିଲଦାର ନାବାଳକଙ୍କୁ ଉଦ୍ଧାର କରି ଜଳେଶ୍ୱର ଥାନାରେ ଦେବା ସହ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୩୫୩ ନଂ ମାମଲା ରୁଜୁ କରି ଜୀବନଙ୍କୁ ଥାନାକୁ ଉଠାଇ ଆଣିଛି। ସେହିପରି ନାବାଳକଙ୍କୁ ସିଡବ୍ଲ୍ୟୁସିକୁ ପଠାଯିବ ବୋଲି ଜଣାପଡିଛି।

# ଭୁବନ ଉପ ଡାକଘର କମ୍ପ୍ୟୁଟର ଅଚଳ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଉପ ଡାକଘରେ ଦୀର୍ଘ ମାସାଧିକ କାଳ ହେଲା କମ୍ପ୍ୟୁଟର ଅଚଳ ହୋଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଜନ ସାଧାରଣ ଚିଠି, ପାର୍ଷଲ ଇତ୍ୟାଦି ପଠାଇ ପାରୁନାହାନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ ଚିଠି ମଧ୍ୟ ପଠାଇ ହେଉନି । ଅତି ଜରୁରୀ ଦରକାର ପଡିଲେ ଲୋକଙ୍କୁ ଭୂଷଳ ସବ ସେଣ୍ଟରକୁ ପଠାଇ ଦିଆଯାଉଛି । ସେଠାରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଟିକେଟ ନଥିବାରୁ ଲୋକମାନେ ହିନସ୍ତା ହେଉଛନ୍ତି । ଭୁବନ ଉପ ଡାକଘର ଉପରେ ଦୈନିକ ଶହ ଶହ ଲୋକ ନିର୍ଭର କରୁଥିବା ବେଳେ ମାସାଧିକ କାଳ କମ୍ପ୍ୟୁଟର ଅଚଳ ହୋଇ ଥିବାରୁ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର ବିଭୂତି ଭୂଷଣ ନାୟକଙ୍କୁ ଯୋଗାଯୋଗ କରିବାରୁ କମ୍ପ୍ୟୁଟର ଅଚଳ ଓ ସର୍ଭର ସ୍ଲୋ ରହୁଥିବା ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ଥରକୁ ଥର ସଚଳ କରାଯାଉଛି ଦିନେ ଦୁଇଦିନ ମଧ୍ୟରେ ପୁଣି ଖରାପ ହୋଇଯାଇଛି ବୋଲି କହିଥିଲେ । ଆଗକୁ ରାକ୍ଷୀ ପୂର୍ଣ୍ଣିମା ଅଛି, ଝିଅ, ବୋହୂ ମାନେ ରାକ୍ଷୀ ପଠାଇବାରେ ନିଶ୍ଚିତ ଭାବେ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ଏହା ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଜନ ସାଧାରଣରେ ଦୃଢ଼ ଦାବି ହୋଇଛି ।

# ବୃଦ୍ଧାଙ୍କ ବେକରୁ ଝାମ୍ପି ନେଲେ ୨ ଲକ୍ଷ ଟଙ୍କାର ସୁନା ଚେନ୍

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚୋରଙ୍କ ଆତଙ୍କ ବଢ଼ିଥିବା ବେଳେ ଘର ବାରଣ୍ଡାରେ ବସିଥିବା ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଲୁଟେରା ଚମ୍ପଟ ମାରିଥିବା ସଂପର୍କରେ ବୃଦ୍ଧାଙ୍କ ପୁଅ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଶ୍ରୀମୁଖ ଗ୍ରାମର ରଶ୍ମି ରଂଜନ ବେହେରାଙ୍କ ମାଆ ଗତ ସୋମବାର ନିଜ ଘର ବାରଣ୍ଡାରେ ସଂଧ୍ୟା ସମୟରେ ବସିଥିବା ବେଳେ ଦୁଇ ଲୁଟେରା ଏକ କଳା ପଲସର ବାଇକ୍‌ରେ ଆସି ଘର ଆଗରେ ବାଇକ୍ ରଖି ଜଣେ ବାଇକ୍ ଷ୍ଟାର୍ଟ ରଖିଥିବା ବେଳେ ଆଉ ଜଣେ ଘର ବାରଣ୍ଡାକୁ ଚଢ଼ି ଯାଇ ବୃଦ୍ଧାଙ୍କ ବେକରୁ ସୁନା ଚେନ୍‌କୁ ଝାମ୍ପି ନେଇଇ ଦ୍ରୁତ ବେଗରେ ସେଠାରୁ ପଳାଇଥିଲେ । ବୃଦ୍ଧା ଚିତ୍କାର କରିବାରୁ ଗ୍ରାମ ଲୋକମାନେ ଆସି ଖୋଜ ଖବର କଲେ ମଧ୍ୟ ଲୁଟେରାଙ୍କ ପତା ପାଇ ନଥିଲେ । ସୁନା ଚେନ୍‌ର ମୂଲ୍ୟ ଦୁଇ ଲକ୍ଷ ହେବ ବୋଲି ବୃଦ୍ଧାଙ୍କ ପୁଅ ରଶ୍ମି ରଂଜନ ବେହେରା କହିଛନ୍ତି । ଏ ସଂପର୍କରେ ରଶ୍ମି ରଂଜନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଲୁଟେରାଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି ।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ଦ୍ରୁତ ଗାଡ଼ି ଚାଳନା ଡ଼ାକି ଆଣେ ବିପଦ । ଜଣେ ଯୁବକ ଦ୍ରୁତ ଗାଡ଼ି ଚାଳନା କରି ଜଣେ ସାଇକେଲ ଆରୋହୀକୁ ପଛପଟୁ ଧକ୍କା ଦେବାରୁ ସାଇକେଲ ଆରୋହୀ ଗୁରୁତର ଆହତ ହୋଇ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ବାଇକ୍ ଧକ୍କାରେ ସ୍ଥାନୀୟ ଛେନୁଅଁ ଗୁଡୁସାହି ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ଉକ୍ତ ଗ୍ରାମର ଜଙ୍ଗଲି ବାରିକ ମଧ୍ୟାହ୍ନ ସମୟରେ ନିମାପଡ଼ା ଡ଼େଣୁଅଁ ପଂଚାୟତକୁ ସଂଯୋଗ ହୋଇଥିବା ନାଳବନ୍ଧ ରାସ୍ତାରେ ସାଇକେଲରେ ନିମାପଡ଼ାରୁ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା । ଜଙ୍ଗଲି କେନାଲ ବନ୍ଧ ଭିତରକୁ ଛିଟିକି ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଏ ସଂପର୍କରେ ଜଙ୍ଗଲିଙ୍କ ପତ୍ନୀ ଝୁନୁଲତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟ



ମହାକାଳପଡା(ଭାସ୍କର ନ୍ୟୁଜ): ମହାକାଳପଡା ବ୍ଲକ ପେଟଛେଲା ପଞ୍ଚାୟତର ରାମଚଣ୍ଡୀ ସରକାରୀ ପ୍ରାଥମିକ ବିଦ୍ୟାଳୟ (ଲୁଣିମାଠିଆ)ର ଆରଡି ରୋଡରୁ ବିଦ୍ୟାଳୟ ଅଫିସ ଜାଏ ହେଉଥିବା କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ସରକାରୀ ନିୟମ ମୁତାବକ ଏହି କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ନାମରେ ଥିବାରୁ ସେ ମନମୁଖୀ ଭାବେ ଏଜେନ୍ସୀ ଲଗାଇ ନିମ୍ନମାନର ସିମେଣ୍ଟ, ଗୋଡି, ବାଲିରେ ମାତ୍ର ଏକରୁ ଦୁଇ ଇଞ୍ଚ ଢଳେଇ କାମକରି କେମିତି ବିଲ୍ କରିବେ ସେନେଇ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । ନାଁ ଅଛି ସେ କାର୍ଯ୍ୟର ସୂଚନା ଫଳକ, ନା ଉପସ୍ଥିତି ଅଛନ୍ତି କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ସ୍ୱାଇଁ । ଯାହା ସାଧାରଣରେ ଆହୁରି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଭାଇରାଲ ଭିଡିଓରୁ ଯାହା ଜଣାପଡ଼ିଛି ୬ଟା ମେଷ୍ଟାଲ ଓ ୬ଟା ବାଲିରେ ଗୋଟିଏ ସିମେଣ୍ଟ ଦିଆଯାଉଛି । ନିର୍ମାଣ କାର୍ଯ୍ୟରେ ଅନିୟମିତତା ପାଇଁ ଆମେ ଆଗାମୀ ଦିନରେ ଜିଲ୍ଲା ପାଳଙ୍କୁ ଭେଟି ଅଭିଯୋଗ ଜଣାଇବୁ । ଦରକାର ପଡ଼ିଲେ ଆମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରୋକଷ୍ଟକୁ ଆବେଦନ କରି ପିସିଖୋର ବାବୁଙ୍କୁ ଆମେ ସଠିକ୍ ଜବାବ ଦେବୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଧାମନଗର(ଭାସ୍କର ନ୍ୟୁଜ): ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ବୈତରଣୀ ଓ ଏହାର ଶାଖା ନଦୀ କୋଚିଲାରେ ବନ୍ୟା ଜଳ କମିବାରେ ଲାଗିଚି । ତେବେ ବଡ ବନ୍ୟା ହୋଇଥିଲେ ମଧ୍ୟ ଲୋକଙ୍କ କୌଣସି କ୍ଷତି ହୋଇନାହିଁ କି ବନ୍ଧ ବାଡ କେଉଁଠି ସେମିତି ବି କ୍ଷତି ହୋଇନି । ତେବେ ବନ୍ୟା ଛାଡିବା ପରେ ପଧାନି ପଞ୍ଚାୟତ ରାମରାକୁଳଠାରେ କୋଚିଲା ନଦୀର ବାମପାର୍ଶ୍ୱ ପଠା ୨୦ ଫୁଟ ଧଶି ଯାଇଚି । ଏନେଇ ରାମରାକୁଳ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ବୈତରଣୀ ନଦୀରେ ପାଣି ହେବା କ୍ଷଣକେ କୋଚିଲା ନଦୀ ଫୁଲି ଥାଏ । ଯେଉଁ ସ୍ଥାନରେ ପଠା ଧସିଛି । ସେଠାରେ ୩ରୁ ୪ ଫୁଟ ପଠା ରହିଛି । ସେହି ପଠା ସମ୍ପୂର୍ଣ୍ଣ ନଦୀକୁ ଧସିଯାଇଛି । ଏଣୁ ବନ୍ଧ ପ୍ରତି ବିପଦ ରହିଛି । ଘଟଣା ସଂପର୍କରେ ରବିନାରାୟଣ ଜେନା, ତପନ ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଗ୍ରାମ ଲୋକ ତୁରନ୍ତ ପହଞ୍ଚି ପ୍ରଶାସନକୁ ଖବର ଦେଇଥିଲେ । ପରେ ଘଟଣା ସଂପର୍କରେ ଖବର ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ସରପଞ୍ଚ ତଥା ମନ୍ତ୍ରୀଙ୍କ ଧାମନଗର ପ୍ରତିନିଧି ଅଶୋକ ପୁହାଣ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ ଓ ଏସଡିଓ କିଶୋର ଦାସ ପହଞ୍ଚି ଦେଖିବା ସହ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ନେଇ କହିଥିଲେ । ତେବେ ଆସନ୍ତାକାଲି ଠାରୁ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ପୁହାଣ କହିଛନ୍ତି । ତୁରନ୍ତ ଉକ୍ତ ପଠାରେ ମରାମତି କରାଯିବ ବୋଲି ଏସଡିଓ ଶ୍ରୀ ଦାସ କହିଛନ୍ତି ।

# ରାଜ୍ୟ ମହିଳା ଓ ଶିଶୁ ବିକାଶ ସଚିବଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟ ଗସ୍ତ

ଆସିକା(ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ସଚିବ ଶୋଭା ଶର୍ମା ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଥିଲେ । ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ବାଲଗୋପାଲ ବେହେରା ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଏହି ସ୍ୱାଗତ ବେଳେ ଆସିକା ତହସିଲଦାର ସଂଗୀତା ସେଣ, ଆସିକା ବିଡ଼ିଓ ଲିପିନା ଦାସ, ଆସିକା ସିଡିପିଓ ଇନ୍ଦିରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ପୃଷ୍ଟି ପୁନର୍ବାସ ପରିଦର୍ଶନ କରିବା ସହ କେନ୍ଦ୍ର ରେ ଚିକିତ୍ସାଧୀନ ଅପପୃଷ୍ଟି ଶିଶୁ ଏବଂ ମା'ମାନଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟ ସରକାର ଦେଉଥିବା ମାଗଣାରେ ସମସ୍ତ ପରୀକ୍ଷା, ଚିକିତ୍ସା, ଔଷଧ, ପୁଷ୍ଟିକର ଖାଦ୍ୟ ଓ ସେବା ବିଷୟରେ ପଚାରି ବୁଝିଥିଲେ । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକକିୟ ଡାକ୍ତର ଏବଂ କର୍ମଚାରୀ ସେମାନଙ୍କ ନିମନ୍ତେ ଆବଶ୍ୟକୀୟ ରହିବା କୋଠା, ମେଡିକାଲରେ ଆମ୍ବୁଲାନ୍ସ ନଥିବା, ଏକ୍ସରେ ମେସିନର ଆବଶ୍ୟକତା, କୀଡୀନି ରୋଗୀଙ୍କ ଡ଼ାଇଲେସିସରେ ବିଭିନ୍ନ ସମସ୍ୟା ବହୁଦିନ ଧରି ବନ୍ଦ ରହିଥିବା ଅସ୍ତୋପଚାର କେନ୍ଦ୍ର ସକାଶେ ତୁରନ୍ତ ନିଶ୍ଚେତକ ଡାକ୍ତର ନିଯୁକ୍ତି ସହ ନିକଟରେ ସର୍ଜରୀ ବିଭାଗରେ ଯୋଗ ଦେଇଥିବା ଡାକ୍ତରଙ୍କୁ ବିଭିନ୍ନ ଜରୁରୀ ଅସ୍ତୋପଚାର ସୁବିଧା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ । ଏହି ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲ୍ଲପାଳ ଉମାଶଙ୍କର ବେହେରା, ଗଞ୍ଜାମ ଅତିରିକ୍ତ ଜିଲ୍ଲପାଳ ପ୍ରମୋଦ ପୃଷ୍ଟି,ଏଡିପିଏଚ ଓଏଫଡବ୍ଲୁ ଡାକ୍ତର କାମେଶ୍ୱର ରାଓ, ଡେପୁଟି ମେନେଜର ରିପ୍ରଡ଼ାକ୍ଟିଭ ଚାଇଲଡ ହେଲଥ ପ୍ରଶାନ୍ତ କୁମାର ବରାଳ, ବରିଷ୍ଠ ସହାୟକ ପ୍ରଦୀପ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଟାଷ୍ଟିଲ୍ କଳିଙ୍ଗନଗର ଓ ନୀଳାଚଳ ଇସ୍ପାତ ନିଗମର ଭାରତରତ୍ନ ରତନ ଟାଟାଙ୍କ ଜୟନ୍ତୀ ପାଳିତ



ବ୍ୟାସନଗର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ୍ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଭାରତରତ୍ନ ଜେ.ଆର.ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଯାଜପୁର ଜିଲ୍ଲାର ଡୁବୁରୀ ସ୍ଥିତ କାରଖାନା ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଟିଏସକେ ସେଣ୍ଟରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ ୱର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବହୁ ବରିଷ୍ଠ ଅଧିକାରୀ, ୟୁନିୟନ୍ ପ୍ରତିନିଧି ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଜୟନ୍ତୀ ଉତ୍ସବର ଅଂଶ ଭାବେ ଓଡ଼ିଶା ବ୍ଲଡ୍ ସେଣ୍ଟର, ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ସେଣ୍ଟ୍ରାଲ୍ ରେଡ୍ କ୍ରସ୍ ବ୍ଲଡ୍ ସେଣ୍ଟର, କଟକଙ୍କ ସହଯୋଗରେ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ଟାଟା ଷ୍ଟିଲ କର୍ମଚାରୀ, ଭେଣ୍ଡର୍ ପାର୍ଟନର୍ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସମେତ ୩୧୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହାପୂର୍ବରୁ, ଟାଟା ଷ୍ଟିଲର ୱେଲନେସ୍ କମିଟି ପକ୍ଷରୁ କଳିଙ୍ଗନଗରର ଟାଉନସିପରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଟାଉନସିପରେ ରହୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।ଏହା ବ୍ୟତୀତ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ସହଯୋଗରେ ବିଭିନ୍ନ ବିଭାଗ ଦ୍ୱାରା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯେଉଁଥିରେ ସ୍କୁଲ ପିଲାମାନଙ୍କୁ ଖେଳ ସାମଗ୍ରୀ ଓ ଛତା ବିତରଣ କରାଯିବା ସହିତ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଏବଂ ନିକଟସ୍ଥ ଏକ ଅନାଥାଶ୍ରମ ପରିଦର୍ଶନ କାର୍ଯ୍ୟ ଆଦି ହୋଇଥିଲା । ସମାନ ଭାବେ ଶ୍ରଦ୍ଧାଞ୍ଜଳି ସମାରୋହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ଏନଆଇଏନଏଲ) ଏବଂ ଫେରୋ ଆଲୟ ପ୍ଲାଣ୍ଟ ବ୍ରାହ୍ମଣୀପାଳରେ ମଧ୍ୟ ପାଳନ କରାଯାଇଥିଲା । ଏନଆଇଏନଏଲ କଲୋନୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ ଟାଟାଙ୍କ ଜୀବନୀ ଉପରେ ଆଧାରିତ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହା ବ୍ୟତୀତ, ଜେ.ଆର.ଡି. ଜୟନ୍ତୀ ଉତ୍ସବ ଅବସରରେ ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି, ଭର୍ଚୁଆଲ୍ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଇଣ୍ଟରାକ୍ଟିଭ୍ ସେସନ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନଲାଇନ୍‌ରେ ଆୟୋଜିତ ହୋଇଥିଲା ।

## ରଶ୍ମିରଞ୍ଜନ ଚୌଧୁରୀ କେନ୍ଦ୍ରାପଡା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସଭାପତି

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଶାଖାର ସଭାପତି ଭାବେ ଯୁବ ନେତା ରଶ୍ମିରଞ୍ଜନ ଚୌଧୁରୀ (ଜିତନ)ଙ୍କୁ ଚୟନ କରଯାଇଛି । ପୂର୍ବରୁ ଦୀର୍ଘଦିନ ହେବ ଏହି ପଦରେ ସଫଳ ରୂପକ କାର୍ଯ୍ୟ



କରିଆସୁଥିବା ବେଳେ ପୁନର୍ବାର ନୂତନ ସଂଘ କର୍ମକର୍ତ୍ତା ଚୟନରେ ତାଙ୍କ ନାମ ପ୍ରକାଶ ପାଇଛି । ଗତ ତା ୨୮ରେ ରାଜ୍ୟ ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ କାର୍ଯ୍ୟାଳୟରୁ ପ୍ରକାଶିତ ସୂଚନାରେ ସମସ୍ତ ଜିଲ୍ଲା ଶାଖାଗୁଡିକର ସଭାପତି ନାମ ଘୋଷଣା କରାଯାଇଥିଲା । ସେହିପରି କେନ୍ଦ୍ରାପଡା ଜିଲ୍ଲା ରେ କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ନିର୍ଦ୍ଦେଶକ ଥିବା ଯୁବନେତା ରଶ୍ମିରଞ୍ଜନ ଚୌଧୁରୀ (ଜିତନ)ଙ୍କୁ ନୂତନ ଜିଲ୍ଲା ସଭାପତି ଭାବେ ଚୟନ କରଯାଇଛି । ପୂର୍ବରୁ ସାଂଗଠାନିକ ଦକ୍ଷତା ଥିବା ଜିତନଙ୍କ ପ୍ରତି ପୁନର୍ବାର ଆସ୍ଥା ପ୍ରକଟ କରିଥିବାରୁ ଯୁବନେତା ଜିତନ ପ୍ରଦେଶ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ ଓ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣଙ୍କୁ ଶ୍ରେୟ ସହ କୃତଜ୍ଞତା ଜଣାଇଛନ୍ତି ।

# ନିମାପଡ଼ା ପୀଡ଼ିତାଙ୍କ ହେଲା ସର୍ଜରୀ, ବିଭିନ୍ନ ସଂଗଠନର ଦୀପଦାନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନୂଆଗୋପାଳପୁର ବସ୍ତିର ପୀଡ଼ିତାଙ୍କ ଅବସ୍ଥାରେ ସୁଧାର ଆସୁଥିବା ବେଳେ ଦିଲ୍ଲୀ ଏମ୍‌ସରେ ସର୍ଜରୀ ବିଭାଗରେ ସର୍ଜରୀ କରାଯାଇଛି । ଆମେରିକାରୁ ପୀଡ଼ିତାଙ୍କ ପାଇଁ ୯ ଲକ୍ଷ ଟଙ୍କାର ପ୍ରତିଷେଧକ ମଗା ଯାଇଥିବା ବେଳେ ରାଜ୍ୟ ସଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ଘଟଣା ଉପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ବିଶେଷ ଦୃଷ୍ଟି ରଖିଥିବା ଜଣାପଡ଼ିଛି । ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମସ୍‌ଜିଦ୍ ଓ ମନ୍ଦିରରେ ଦୀପଦାନ ଓ ନମାଜ ପଢ଼ା ଯାଇଛି ।ସଂଧ୍ୟାରେ ଦୀପଦାନ କରି ପୀଡ଼ିତା କିପରି ଶୀଘ୍ର ଆରୋଗ୍ୟ ହେବେ ଜନସାଧାରଣଙ୍କ ପକ୍ଷରୁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନୂଆଗୋପାଳପୁର ବସ୍ତିର ପୀଡ଼ିତା ପୋଡ଼ି ଘଟଣା ଏଗାର ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି । ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଧରାଯାଇ ନଥିବା ଘଟଣାକୁ ନେଇ ଅସନ୍ତୋଷ ସ୍ଥାନୀୟ ଅଂଚଳରେ ବଢ଼ି ଚାଲିଥିବା ବେଳେ କିଏ ଏପରି କାଣ୍ଡ ଭିଆଇଛି କିମ୍ବା କାହା ପ୍ରରୋଚନାରେ ପୀଡ଼ିତା ଆତ୍ମହୂତୀ ଦେବାକୁ ଉଦ୍ୟମ କରିଥିଲେ ତାହା ଏବେ ସନ୍ଦେହ ଘେରରେ ରହିଯାଇଛି । ବିଭିନ୍ନ ସଂଗଠନ ପକ୍ଷରୁ ମନ୍ଦିରରେ ଦୀପ ଦାନ କରାଯାଇଥିବା ବେଳେ ମୁସଲିମ୍ ଭାଇମାନେ ନମାଜ ପାଠ କରି ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରା ଯିବେ ବୋଲି ପୋଲିସ କହୁଥିଲେ ମଧ୍ୟ ଏହା ଘୁଞ୍ଚି ଘୁଞ୍ଚି ଯାଉଛି । ଦିନକୁ ଦିନ ସସ୍‌ପେନ୍ସ ବଢ଼ି ଚାଲିଛି । ମଙ୍ଗଳବାର ପୋଲିସ ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରିଥିବା ଜଣାପଡ଼ିଛି ।

## ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅଣଦେଖା

# ଗୋଷ୍ଠୀ ସାଧନ କର୍ମୀଙ୍କୁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ପ୍ରଦାନ କେବେ ?

ଆସିକା(ଭାସ୍କର ନ୍ୟୁଜ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା ନିମନ୍ତେ ରାଜ୍ୟର ପ୍ରତେକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଗୋଷ୍ଠୀ ସାଧନ କର୍ମୀ ଚୁକ୍ତି ଭିର୍ତିକ ଅସ୍ଥାୟୀ ଭାବରେ ଦୀର୍ଘ ୧୮ ବର୍ଷ ଧରି ଓଡ଼ିଶାର ବିଭିନ୍ନ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଆସୁଛନ୍ତି । ବର୍ତ୍ତମାନ ଓଡ଼ିଶାରେ ମୋଟ ୫୭୨ ଜଣ ଗୋଷ୍ଠୀ ସାଧନ କର୍ମୀ କାର୍ଯ୍ୟରତ ରହିଛନ୍ତି କ୍ଷ ସାରା ଦେଶରେ ଗୋଷ୍ଠୀ ସାଧନ କର୍ମୀମାନେ ଗତ ୨୦୧୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଥିଲେ ସର୍ବୋଚ୍ଚ ନ୍ୟାୟାଳୟ କେସ ନଂ-୧୩୨/୨୦୧୬ର ଶୁଣାଣି କରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା ନିମନ୍ତେ ସମଗ୍ର ଦେଶର ସମସ୍ତ ରାଜ୍ୟ ସରକାରଙ୍କୁ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ପଦବୀକୁ ମଞ୍ଜୁରୀ ପ୍ରଦାନ କରି ନୂତନ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପୂର୍ବରୁ କାର୍ଯ୍ୟରତ ଥିବା ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ଚୁକ୍ତିଭିତ୍ତିକ ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ନିମନ୍ତେ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ କରିଥିଲେ । କିନ୍ତୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଣଦେଖା କରିଥିଲେ । ପୁନର୍ବାର ତା ୦୭.୦୩.୨୦୨୫ ରିଖ ଆଦେଶରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ପ୍ରତି ରାଜ୍ୟ ସେମାନଙ୍କର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ଆନୁପତିକ ପଦବୀ ସଂଖ୍ୟାକୁ ମଞ୍ଜୁରୀ ପ୍ରଦାନ କରି ପ୍ରମୁଖ ୨ ଗୋଟି ଖବରକାଗଜରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିବେ ଓ କାର୍ଯ୍ୟରତ ଥିବା ଚୁକ୍ତି ଭିତ୍ତିକ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ନିମନ୍ତେ ତିନି ଜଣିଆ ସ୍କ୍ରିନିଙ୍ଗ କମିଟି ଗଠନ କରି ସେମାନଙ୍କୁ ନିୟମିତ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ମାତ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଆଦେଶକୁ ସରକାର ଅବମାନନା କରିଚାଲିଛନ୍ତି । ପୁନର୍ବାର ତା ୧୫.୦୭.୨୦୨୫ ରିଖ ଆଦେଶ ଅନୁଯାୟୀ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶର ଅନୁପାଳନର ସତ୍ୟପାଠ ଅଦାଲତରେ ଦାଖଲ କରିବାକୁ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ରାଜ୍ୟ ସରକାର ଅଦାଲତଙ୍କ ଆଦେଶ ଅନୁପାଳନ କରିବାର ସତ୍ୟପାଠ ଦାଖଲ ନ କରିବେ ତେବେ ମୁଖ୍ୟ ଶାସନ ସଚିବ/ଅତିରିକ୍ତ ମୁଖ୍ୟ ସଚିବ/ ପ୍ରମୁଖ ସଚିବ, ଶିକ୍ଷା ସଚିବ ପରବର୍ତ୍ତୀ ଶୁଣାଣି ତାରିଖ ତା ୨୯.୦୮.୨୦୨୫ ରିଖ ଅଦାଲତରେ ପ୍ରତେକ୍ଷ୍ୟ ଭାବରେ ଉପସ୍ଥିତ ରହି କାହିଁକି ସେମାନଙ୍କ ବିରୁଦ୍ଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ସମ୍ବନ୍ଧରେ ନିଜର ପକ୍ଷ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଗୋଷ୍ଠୀ ସାଧନ କର୍ମୀ ସଂଘ ତରଫରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ସମ୍ବନ୍ଧରେ ବାରମ୍ବାର ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ସମଗ୍ର ଶିକ୍ଷା ଓ ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଅସ୍ଥାୟୀ ଭାବରେ କାର୍ଯ୍ୟ କରିଥିବା ଗୋଷ୍ଠୀ ସାଧନ କର୍ମୀଙ୍କୁ ନିୟମିତ କରାଇବା ପାଇଁ ଆଲୋଚନା କରିବା ସହ ନିବେଦନ କରାଯାଇଥିବା ଲକ୍ଷ୍ୟ କରାଯାଇଛି । ବିଭିନ୍ନ ଶିକ୍ଷାବିତ୍ ଓ ଆଦର୍ଶ ନାଗରିକମାନେ ସରକାରଙ୍କ ଏଭଳି ଟାଳଟୁଳ ନୀତିକୁ ଘୋର ନିନ୍ଦା କରିବା ସହ ଯଥାଶୀଘ୍ର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଓ କାର୍ଯ୍ୟରତ ଥିବା ସାଧନ କର୍ମୀଙ୍କୁ ନିୟମିତ କରାଇ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଇବା ଦିଗରେ ସରକାର ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରନ୍ତୁ ବୋଲି ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଉଛି ।

## ପରିବା ଦର ଆକାଶଛୁଆଁ, ୫ ଶହ ଟଙ୍କାରେ ପୁରୁନି ବ୍ୟାଗ

# ପଞ୍ଚାୟତରେ ଶୀତଳ ଭଣ୍ଡାର ନିର୍ମାଣ ଦାବି



ଜଳେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଏକ ମାସ ମଧ୍ୟରେ ୫ ଥର ବନ୍ୟା ଆସିବା ଫଳରେ ହେକ୍ଟର ହେକ୍ଟର ଜମିରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଛି । ପ୍ରତ୍ୟେକ ବର୍ଷ ନଦୀ ପାଖ ଅଞ୍ଚଳରେ ବନ୍ୟା ଆସି ପଟୁ ପଡ଼ିଯିବା ଫଳରେ ଉର୍ବର ମାଟିରେ ପର୍ଯ୍ୟାପ୍ତ ପରିମାଣରେ ପରିବା ଚାଷ ହୋଇଥାଏ । ବନ୍ୟା ପ୍ରଭାବିତ ଅଞ୍ଚଳରୁ ନାନା ପ୍ରକାର ପରିବା ପ୍ରତ୍ୟେକ ଦିନ ଜଳେଶ୍ୱର ପ୍ରତ୍ୟହ ମାର୍କେଟ ସହିତ ବିଭିନ୍ନ ଗ୍ରାମାଞ୍ଚଳର ସାପ୍ତାହିକ ହାଟ ଯଥା-ପଶ୍ଚିମବାର୍ଡ, ବଡ଼ନଗର ଓ ଖୁଲୁଡ଼ା ନୂଆ ହାଟ, କେଶପୁରା, ଡିଙ୍ଗାଶୋଳ, ପାଇକସିଦା, ଖାଲିନା, ନାମ୍ପୋ, ରାଜପୁର ଓ ଶିଖରପୁର ଆଦି ଗ୍ରାମାଞ୍ଚଳ ହାଟରେ ପରିବା ଶସ୍ତା ଦରରେ ବିକ୍ରୀ ହୋଇଥାଏ । ମାତ୍ର ବନ୍ୟାରେ ପରିବା ଚାଷ କ୍ଷତି ହେବା ଯୋଗୁଁ ସମ୍ପୂର୍ଣ୍ଣ ଭାବେ ସିଧା ସଳଖ ପ୍ରଭାବ ପଡ଼ିଛି ପ୍ରତ୍ୟେକଙ୍କ ହାଣ୍ଡି ଶାଳରେ ।ଏବେ ବାଇଗଣ କିଲୋ ପ୍ରତି ୭୦ରୁ ୮୦ ଟଙ୍କା, କଲରା ୮୦, ପୋଟଳ ୬୦, କାକୁଡ଼ି ୫୦, କଞ୍ଚା ଲଙ୍କା କିଲୋ ୩ ଶହ ଟଙ୍କା, ବିଲାତି ୬୦, ଜହ୍ନି ୮୦, କୁନ୍ଦୁରି ୪୦, ଭେଣ୍ଡି ୮୦, କାଙ୍କଡ଼ ୧୫୦ ଟଙ୍କାରେ ବିକ୍ରି ହେଉଛି । ମୋଟାମୋଟି କହିବାକୁ ଗଲେ ପରିବା ଦର ଆକାଶଛୁଆଁ ହୋଇଛି । ପାଞ୍ଚ ଶହ ଟଙ୍କାରେ ମୁଠାଏ ପରିବା ଧରି ଘରକୁ ଫେରୁଛନ୍ତି ଲୋକେ । ଗରଶବ ଲୋକଙ୍କ ପାଇଁ ପରିବା ଖାଇବା ସାତସପନ ପାଲଟି ଯାଇଛି । ଏହାବ୍ୟତିତ ଏହି ଅଞ୍ଚଳରୁ ପରିବା ରାଜ୍ୟର ବିଭିନ୍ନ ସହର ତଥା ରାଜ୍ୟ ବାହାରକୁ ଚାଲାଣ ହୋଇଥାଏ । ଏସବୁ ସ୍ଥାନରେ ମଧ୍ୟ ଏହାର ପ୍ରଭାବ ପଡି ଥିବାର ଦେଖାଦେଇଛି । ପରିବା ବ୍ୟବସାୟମାନେ ପରିବାର ପ୍ରତିପୋଷଣ ପାଇଁ ବାଧ୍ୟ ହୋଇ ବାହାର ରାଜ୍ୟର ଚାଲାଣି ପରିବା ବିକ୍ରି କରୁଛନ୍ତି । ହେଲେ ତାହା ଅଳ୍ପ ଦିନରେ ପଚି ଯାଉ ଥିବାରୁ କ୍ଷତି ସହିବାକୁ ପଡୁଛି ବୋଲି ବ୍ୟବସାୟୀ କହିଛନ୍ତି ।ଯଦି ଜଳେଶ୍ୱର ଅଞ୍ଚଳରେ ଗୋଟିଏ ଦୁଇଟି ଶୀତଳ ଭଣ୍ଡାର ରହିଥାନ୍ତା, ତାହାଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ବୋଲି ଖାଉଟି କହିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ଆପାତତ ଦୁଇଟି ଲେଖାଏଁ ଶୀତଳ ଭଣ୍ଡାରର ଆବଶ୍ୟକତା ଅଛି ବୋଲି କହିଛନ୍ତି । ସରକାର ଯଦି ଏଥିପ୍ରତି ଦୃଷ୍ଟି ଦିଅନ୍ତି ତେବେ ଚାଷୀ, ଖାଉଟି ଓ ଛୋଟ ଛୋଟ ବ୍ୟବସାୟୀ କେବେବି ଏଭଳି ଦୁର୍ଦ୍ଦଶାରେ ପଡ଼ନ୍ତେ ନାହିଁ ।

# କୋରେଇ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କଲେ ବିଧାୟକ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକର କନ୍ତୋର ଗ୍ରାମ ପଞ୍ଚାୟତ, ଅସନଝର, ରଣପୁର, ବରୁଣ୍ଡେଇ, ମୂଳାପାଳ ପରିଦର୍ଶନ କରିଥିଲେ କୋରେଇ ବିଧାୟକ ଆକାଶ ଦାସନାୟକ । ମଙ୍ଗଳବାର ସକାଳ ୧୧ ଟାରେ ପ୍ରଥମେ କନ୍ତୋରରେ ପହଂଚିଥିଲେ । ସେଠାରେ ପଞ୍ଚାୟତର ସରପଞ୍ଚ, ଦଳୀୟ କର୍ମୀ ଓ ବୁଦ୍ଧିଜୀବୀ ମାନଙ୍କ ସହିତ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ପୂର୍ବକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ସମସ୍ୟାଗୁଡିକ କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପଞ୍ଚାୟତର ରାସ୍ତା, ଡ୍ରେନ୍ ବୁଲି ଦେଖିଥିଲେ । ପଞ୍ଚାୟତ ଜେ.ଇ ଏବଂ ଗ୍ରାମ ଉନ୍ନୟନ ବିଭାଗର ଜେଇ ଏସ୍‌ଡିଓ ଉପସ୍ଥିତ ଥିଲେ । ସେଠାରୁ ଯାଇ ୧୨ ଘଟିକା ସମୟରେ ଅସନଝର ପଞ୍ଚାୟତ ପହଞ୍ଚିଥିଲେ । ସେଠାରେ ଅସନଝର ପଞ୍ଚାୟତର ସରପଞ୍ଚ ଦଳୀୟ କର୍ମୀ ଓ ବୁଦ୍ଧିଜୀବୀଙ୍କ ସହିତ ପଂଚାୟତର ଉନ୍ନତି ଓ ପ୍ରାଥମିକ ବିଦ୍ୟାଳୟ, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠ, ଗୋପୀନାଥ ହିଙ୍ଗୁଳା ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରି ପିଲାଙ୍କ ସମସ୍ୟା, ସ୍କୁଲର ସମସ୍ୟା ବିଷୟରେ ଆଲୋଚନା କରି ତୁରନ୍ତ ତା'ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପଞ୍ଚାୟତର କୃଷି ସମବାୟ ସମିତିର କାର୍ଯ୍ୟାଳୟ ସ୍ଥାନ ନିରୁପଣ କରାଯାଇଥିଲ । ଡ୍ରେନେଜ୍ ବିଭାଗ ଦ୍ୱାରା କୃଷକଙ୍କ ପାଇଁ ପାଦଚଲା ବ୍ରିଜ୍ ନିର୍ମାଣ ନିମନ୍ତେ ପୋଡାତେନ୍ତୁଲୀ ନାଳ ବୁଲି ଦେଖିଥିଲେ ବିଧାୟକ । ଡ୍ରେନେଜ୍ ବିଭାଗର ଜେଇ ଓ ଏସ୍‌ଡିଓ ଉପସ୍ଥିତ ଥିଲେ । ପରେ ରଣପୁର ପଞ୍ଚାୟତରେ ସରପଞ୍ଚ, ଦଳୀୟ କର୍ମୀ ଓ ବୁଦ୍ଧିଜୀବୀଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରି ତା'ର କିପରି ସମାଧାନ ହୋଇପାରିବ ତୁରନ୍ତ ବିଭାଗୀୟ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମେ ବି.ସି. ଉଚ୍ଚ ବିଦ୍ୟାଳୟର ପିଲାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପରେ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପଂଚାୟତିରାଜ ବିଭାଗ ଅର୍ନ୍ତଭୁକ୍ତ ଥିବା ରାସ୍ତା ପରିଦର୍ଶନ କରିଥିଲେ । ରଣପୁରରୁ ଇଚ୍ଛାପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ବହୁତ ଖରାପ ଅବସ୍ଥାରେ ଥିବା ଦେଖି ତୁରନ୍ତ ବର୍ଷା ଋତୁ ପରେ କାର୍ଯ୍ୟ କରିବା ପାଇଁ ଉଚ୍ଚପଦସ୍ଥ ଅଫିସରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ । ରଣପୁର ଗ୍ରାମପଞ୍ଚାୟତ ପରିଦର୍ଶନ ସାରି ବରୁଣ୍ଡେଇରେ ପହଞ୍ଚିଥିଲେ । ସେଠାରେ ବୁଦ୍ଧିଜୀବୀଙ୍କ ସହ ପଞ୍ଚାୟତର ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବରୁଣ୍ଡେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପିଲାଙ୍କ ସହିତ କିଛି ସମୟ କାଟିଥିଲେ । ବରୁଣ୍ଡେଇ ମକୁନ୍ଦପୁର ପୂର୍ତ୍ତବିଭାଗ ରାସ୍ତାଟି ବରୁଣ୍ଡେଇ ବଜାର ଦେଇ ଯାଇଛି । ବର୍ଷାଦିନେ ଜଳ ନିଷ୍କାସନର ବହୁତ ସମସ୍ୟା ବଜାର ଭିତରେ ଥିବାରୁ ସେଠାରେ ନୂତନ ଡ୍ରେନ୍ ନିର୍ମାଣ ନିମନ୍ତେ ଆଲୋଚନା ହୋଇଥିଲା । ତୁରନ୍ତ ଡ୍ରେନ୍ ନିର୍ମାଣ ନିମନ୍ତେ ବିଭାଗୀୟ ଅଫିସରଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବରୁଣ୍ଡେଇ ଗ୍ରାମପଂଚାୟତ ପରିଦର୍ଶନ ଶେଷ ହେବାପରେ ସରସଦା ନଦୀବନ୍ଧରେ ସମସ୍ତ କର୍ମୀ ମାନଙ୍କ ସହିତ ବନ୍ୟା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବନ୍ଧରୁ ଗ୍ରାମଗୁଡିକୁ ଯିବା ଆସିବା ପାଇଁ ନିର୍ମାଣ ହେଉଥିବା ଗୋଡା ଗୁଡିକୁ ବିଧାୟକ ବୁଲି ଦେଖିଥିଲେ । ପରିଦର୍ଶନ ସମୟରେ ଶିକ୍ଷା ବିଭାଗର ଅଧିକାରୀ ବ୍ଲକ୍ ଶିକ୍ଷା ଅଧିକାରୀ, ଯନ୍ତ୍ରୀ, ଏକ୍‌ଜୁକ୍ୟୁଟିଭ୍ ଅଫିସର, ରାଜସ୍ୱ ବିଭାଗର ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ, ରାଜସ୍ୱ ସୁପରଭାଇଜର, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ଏସ୍‌ଡିଓ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଏସ୍‌ଡିଓ, ଡ୍ରେନେଜ୍ ବିଭାଗର ଯନ୍ତ୍ରୀ, ଏସ୍‌ଡି.ଓ., ଇରିଗେସନ୍ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ । କୋରେଇର ସମସ୍ତ ମଣ୍ଡଳ ସଭାପତି, ସରପଞ୍ଚ, ସମିତି ସଭ୍ୟ, ଦଳୀୟ କର୍ମୀ, ବୁଦ୍ଧିଜୀବୀ, ଶୁଭେଚ୍ଛୁ ସମସ୍ୟା ଗୁଡିକ ତୁରନ୍ତ କିପରି ସମାଧାନ ହେବ ଏବଂ ନୂତନ ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ଆଲୋଚନା କରିଥିଲେ ।




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ପକ୍ଷରୁ, ଭାରତ ରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେଆରଡି) ଟାଟାଙ୍କ ୧୨୧ ତମ ଜୟନ୍ତୀ ମଙ୍ଗଳବାର ଯୋଡା ଠାରେ ପାଳନ କରାଯାଇଛି। ଯୋଡା ସେଣ୍ଟ୍ରାଲ ଅଫିସ ଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ ଯୋଡ଼ାର ମୁଖ୍ୟ ରାଜେଶ କୁମାର ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ। ଏହାପରେ ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ସେହିପରି, ଯୋଡ଼ା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନାଳାଚଳ ଅଫିସ ଓ ଯୋଡ଼ା ଫେରୋ ଆଲୟ୍ କାରଖାନାରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଲେଇପଦର ଠାର ଅବସ୍ଥିତ ଷ୍ଟ୍ରଞ୍ଜ କାରଖାନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଏହି ଦିବସକୁ ସ୍ମରଣୀୟ କରିବା ଲାଗି କମ୍ପାନିର ଅନ୍ୟ କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ୱାକାଥନ, ତାରା ରୋପଣ, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



### ରିଲ୍ ନିଶା ଡାକିଆଣିଲା ବିପଦ

## ବିଦ୍ୟୁତ୍ ଆଘାତରେ ୨ ବାଳକ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ରିଲସ୍ ବନେଇବା ନିଶା ପିଲାଙ୍କୁ ଏମିତି ଘାରିଛି ଯେ, ପରିପାର୍ଶ୍ୱିକ ସ୍ଥିତି ନଦେଖି ବିପଦ ମୁହାଁ ହେଉଛନ୍ତି। ଗତକାଲି ସଂଧ୍ୟାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ। ରିଲ୍ କରିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣ ବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ପଞ୍ଜାବୀ ଛକର ରାଜେନ୍ଦ୍ର ଖିଲଙ୍କ ପୁଅ ତ୍ରିନାଥ (୧୩) ଓ ଯୀଶୁ ନାଗଙ୍କ ପୁଅ ଉତ୍ତମ(୧୭)। । ଉଭୟଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିତ୍ରକୋଣ୍ଡା ମେଡ଼ିକାଲରେ ଉଭୟଙ୍କୁ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡ଼ିକାଲ ସୂତ୍ରରୁ ଜଣାପଡ଼ିଛି। ଅପରାହ୍ନରେ ତ୍ରିନାଥ ଓ ଉତ୍ତମ ବ୍ଲକ ପରିସରକୁ ଯାଇ ଏକ ଛାତ ଉପରେ ଚଢ଼ି ଫଟୋ ଉଠାଇବା ସହ ରିଲସ୍ କରୁଥିଲେ। ଛାତ ଉପରେ ଥିବା ବିଦ୍ୟୁତ୍ ତାରର ସଂସ୍ପର୍ଶରେ ଆସି ସେମାନେ ହୋଇଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀ ମାନେ ସଙ୍ଗେ ସଙ୍ଗେ ବିଭାଗକୁ ଜଣେଇବା ପରେ ସରବରାହ ବନ୍ଦ ଯାଇଥିଲା। ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିବା ଜଣା ପଡ଼ିଛି ।



## ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ

କୋଇଡ଼ା, (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ମାଲଡା ପଞ୍ଚାୟତ ଅନ୍ତର୍ଗତ ଗୋପିସାହିରେ ବସବାସ କରନ୍ତି ଟେଇଶଟି ପରିବାରର ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ଓ ବିଗତ ଦିନରେ ହୋଇଥିବା ଲଗାଣ ବର୍ଷା ଯୋଗୁ ସୁନା ନାଳ ରେ ପାଣି ବଢିବା ଫଳରେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛନ୍ତି ଗୋପୀସାହିର ଜନସାଧାରଣ। ସ୍ଥାନୀୟ ପ୍ରଶାସନ ଦୁଇ ଦିନ ପୂର୍ବେ ଶୁଖା ଖାଦ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ଥିଲା ଓ ଆଜି ପୁଣି ଥରେ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି କୋଇଡା ପ୍ରେସ କ୍ଲବ ସଦସ୍ୟ ମାନେ କୋଇଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ନାଳ ପାର ହୋଇ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ଗୋପିସାହିରେ ବସବାସ କରୁଥିବା ପାରିବାରଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ଓ ଯଥାଶୀଘ୍ର ସୁନା ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ସରକାରଙ୍କୁ ଅବଗତ କରିବା ନେଇ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ଓ କୋଇଡା ପ୍ରେସ କ୍ଲବ ସଦସ୍ୟ ମାନଙ୍କର ଏହି ମହତ କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବୁଦ୍ଧିଜୀବୀ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।



## ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସରେ ସଚେତନତା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ସିଡିଏମ୍‌ଓ ଡ଼ାଃ ମହମ୍ମଦ ମୁବାରକ୍ ଅଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଡିଏମ୍‌ଓ ଡ଼ାଃ ଅଲ୍ଲୀ କହିଛନ୍ତି ଯେ, ବିଶ୍ୱ ହେପାଟାଇଟିସ ଡେ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ହେପାଟାଇଟିସ ରୋଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନ କରାଇବା। ଏବଂ ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରି ଗର୍ଭାବସ୍ଥାରେ ଯଦି କାହାର ହେପାଟାଇଟିସ ରୋଗ ଦେଖାଦିଏ, ତା ହେଲେ ତାଙ୍କ ଶିଶୁକୁ ଡ଼ାକ୍ତରଖାନାରେ ପ୍ରସବ କରାଇବା ଏବଂ ତାକୁ ପୁନର୍ବାର ଯେମିତି ଏହି ହେପାଟାଇଟିସ ରୋଗ ସଂକ୍ରମଣ ନ ହେବ ସେଥିପାଇଁ ବିଶେଷ ଦୃଷ୍ଟି ଦେଇ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡ଼ାଃ ପ୍ରଦୀପ କୁମାର ମହାପାତ୍ର, ଏପିଡେମିଲୋଜିଷ୍ଟ ସାବିତ୍ରୀ ରାଉତ, ଆଇଡିଏସପିଡିଏମ ତୁଷାର କାନ୍ତ ପଟ୍ଟନାୟକ, ଏଏନ୍‌ଏମ୍‌ଆଇସି ଟ୍ୟୁଟର ସଂଗୀତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟର ମହେଶ ବେହେରା ଏବଂ ଏସ: ଗୋବିନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ନର୍ସରୀରେ କୃଷକଙ୍କ ଅନୁଭବ ଭ୍ରମଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡ଼ିର ମୁଖ୍ୟ ତଥା ସମ୍ପାଦକ ଏ ଜଗନ୍ନାଥ ରାଜୁଙ୍କ ସଭାପତିତ୍ୱରେ ଓ ପ୍ରୋଗ୍ରାମ ମ୍ୟାନେଜର ବିଜୟ ପ୍ରଧାନଙ୍କ ନେତୃତ୍ୱରେ ପାରିବାରିକ କୈନ୍ଦ୍ରିକ ଗ୍ରାମ ଉନ୍ନତି କାର୍ଯ୍ୟକ୍ରମ (ଏଫଏଫଭିଡିପି) ଅନ୍ତର୍ଗତ ଅନୁଗ୍ରହୀତ ଗ୍ରାମ ମାନଙ୍କର ୧୫ ଜଣ କୃଷକ ମାନଙ୍କୁ ନେଇ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମ ଠାରେ ଥିବା "ଶ୍ରୀ ଜଗନ୍ନାଥ ନର୍ସରୀ"କୁ ଭ୍ରମଣ ପାଇଁ ନିଆ ଯାଇଥିଲା। ଏହି ନର୍ସରୀ ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ, କୃଷକ ମାନଙ୍କୁ ବ୍ୟବହାରିକ ଜ୍ଞାନ ଦେଇ ଚିରସ୍ଥାୟୀ ଓ ବୈଜ୍ଞାନିକ ଚାଷ ପ୍ରଣାଳୀ ପାଇଁ ପ୍ରେରିତ କରିବା। ନର୍ସରୀରେ ସେମାନେ ବିଭିନ୍ନ ପ୍ରକାରର ପନିପରିବା ଗଛ, ଫୁଲ ଓ ଫଳ ଗଛ ସବୁ ଦେଖି ଅତ୍ୟନ୍ତ ଖୁସି ଅନୁଭବ କରିଥିଲେ। ଏହା ପରେ କାର୍ଯ୍ୟକ୍ରମର ପ୍ରଶିକ୍ଷକ ମୋହନ ପାତ୍ରଙ୍କ ଦ୍ୱାରା ଗ୍ରାଫ୍ଟିଂ, ଉନ୍ନତ ମାନର ଗଛ ଲଗାଇବା ପ୍ରଣାଳୀ ଓ ନର୍ସରୀ ପରିଚାଳନା ବିଷୟରେ ବ୍ୟବହାରିକ ପ୍ରଶିକ୍ଷଣ ଦିଆ ଯାଇଥିଲା ଓ ଏଥି ସହ ହର୍ଟିକଲଚର ବିଭାଗର ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ବିଷୟରେ ମଧ୍ୟ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ଖୋଲା ଆଲୋଚନା ସମୟରେ କୃଷକମାନେ ସେମାନଙ୍କ ଚାଷ ସମ୍ପର୍କିତ ଅନେକ ପ୍ରଶ୍ନ କରି ସ୍ୱଷ୍ଟତା ଗ୍ରହଣ କରିଥିଲେ। ଭ୍ରମଣ ଶେଷରେ ଅନେକ କୃଷକ ନିଜ ଜମିରେ ଲଗାଇବା ପାଇଁ ବିଭିନ୍ନ ପ୍ରକାରର ଗଛ ଓ ଚାରା କିଣିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଅଫିସର ବି ମାନାସା ପରିଚାଳନା କରିଥିଲେ। ଏହି ଅନୁଭବ ଭ୍ରମଣ ଦ୍ୱାରା କୃଷକମାନେ ଉନ୍ନତ ଚାଷ ଅଭ୍ୟାସ ଓ ଦୀର୍ଘକାଳୀନ ଆୟ ବୃଦ୍ଧି ପାଇଁ ଅଧିକ ଉତ୍ସାହିତ ହେବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ସିସିଡି ଅନୁଷ୍ଠାନ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଲୀନ୍ସ ଫାଉଣ୍ଡସନ ସହାୟତା କରିଥିଲେ।

## ରାସ୍ତା ଅବରୋଧ କରୁଛି ରଥ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକ ସଦରରେ ରଥଯାତ୍ରା ସରିକି ୨୦ ଦିନ ବିତିବାକୁ ବସିଥିବା ବେଳେ ଏ ଯାଏଁ ରଥ ଖୋଲା ଯାଇନି। ରଥ ଅଧା ରାସ୍ତା ମାଡି ବସିଥିବାରୁ ଜାତୀୟ ରାଜପଥ ରେ ଯାତାୟାତ କରୁଥିବା ଯାନବାହନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ଲକ୍ଷ୍ମୀପୁର ବଜାର ଦେଇ ଶତାଧିକ ସଂଖ୍ୟାର ଯାନବାହନ ଦୈନିକ ଯାତାୟାତ କରୁଛି। ହେଲେ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଜଗନ୍ନାଥ ମନ୍ଦିର ଆଗରେ ରଥ ରହି ଅଧା ଜାତୀୟ ରାଜପଥ ମାଡି ବସିଥିବା ବେଳେ ଭକ୍ତଙ୍କ ଠାକୁର ଦର୍ଶନରେ ବି ସମସ୍ୟା ଦେଖା ଦେଇଛି। ଉକ୍ତ ସ୍ଥାନଟି ସବୁ ବେଳେ ବିପଦ ପୂର୍ଣ୍ଣ ଭାବେ ରହି ଆସୁଛି। ତଥାପି ସବୁ ଜାଣିବି ମନ୍ଦିର କମିଟି ରଥ ଖୋଲିବା ବା ବଦଳରେ ହେୟଜ୍ଞାନ କରିଚାଲିଛି। ରାସ୍ତା କଡରେ କୌଣସି ଯାନବାହାନ ଅଟକି ରହିଲେ ପୋଲିସ ପାଇଁ ଟ୍ରାଫିକ ସମସ୍ୟା ଉପୁଜୁଛି ବୋଲି କହି ଫାଇନ କଟୁଛି। ହେଲେ କୋଡିଏ ଦିନ ହେଲାଣି ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥ ଛିଡା ହୋଇ ରହି କିପରି ପୋଲିସର ନଜରକୁ ଆସୁନି ତାହା ଏକ ଦୁଃଖଦ ଘଟଣା ବୋଲି ସବୁ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତେଣୁ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ମନ୍ଦିର କମିଟି ତୁରନ୍ତ ରଥ ଖୋଲିବା ବ୍ୟାବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ କୁଣ୍ଡୁ(୭୮)ଙ୍କ ସୋମବାର ବିଳମ୍ବିତ ରାତିରେ ବାର୍ଦ୍ଧକ୍ୟ ଜନିତ ପରଲୋକ ଘଟିଛି। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସମସ୍ତଙ୍କ ପ୍ରିୟ ପାତ୍ର ଥିଲେ। ସ୍ୱର୍ଗତ କୁଣ୍ଡୁଙ୍କ ପରଲୋକ ଖବର ପାଇ ଦୋବଲ ପଞ୍ଚାୟତ ସରପଞ୍ଚ ଅଶୋକ ପଣ୍ଡା, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ପଣ୍ଡା, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି, ଶିକ୍ଷାବିତ ହୃଦାନନ୍ଦ କର, ଭୋଳାନାଥ ସାହୁ, ପ୍ରମୋଦ କୁମାର ନାୟକ, ସଞ୍ଜିତ ସାହୁ, ସାମ୍ବାଦିକ ପ୍ରଦିପ ମହାପାତ୍ର, ପ୍ରସାନ୍ତ ସାହୁ, ସମାଜ ସେବୀ ସେକ୍ ତାଜୁଦିନ, ରତ୍ନାକର ସାହୁ, ଦବିରୁଦ୍ଦିନ୍ ଖାଁ, ଯୋଗଦେଇ ଶୋକ ସନ୍ତପ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।



## ଧର୍ମଗାଡ ନଦୀ ସାଜିଛି ବଡ଼ଘାଟବସୀଙ୍କ ଦୁଃଖ

ଖଇରପୁଟ, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବଡଘାଟ୍ ଗ୍ରାମବାସୀ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିଭିନ୍ନ ମୌଳିକ ସୁବିଧା ବଞ୍ଚିତ। ଗ୍ରାମରୁ ବାହାରିବାକୁ ହେଲେ ପାର କରିବାକୁ ପଡିବ ଧର୍ମଗାଡ ନଦୀ। ଖରା ଦିନ, ଶୀତ ଦିନରେ ନଦୀରେ ପାଣି କମ୍ ରହିବା ଯୋଗୁଁ ଗ୍ରାମବାସୀ ଚାଲି ଚାଲି ପାର ହୋଇଯାନ୍ତି। କିନ୍ତୁ ବର୍ଷା ଦିନେ ଏମାନଙ୍କ ଦୁଃଖ କହିଲେ ନସରେ। ନଦୀରେ ପ୍ରଖର ସ୍ରୋତ ରହୁଥିବାରୁ ଗ୍ରାମବାସୀଙ୍କ କୌଣସି ଜରୁରୀ କାମ ପଡିଲେ ବଡ ହଣ୍ଡା ସାହାଯ୍ୟରେ ବିପଦ ସଂକୁଳ ଭାବରେ ନଦୀ ପାର ହୁଅନ୍ତି। ସରକାରଙ୍କ ମାଗଣା ଚାଉଳକୁ ଗ୍ରାମରେ ପହଞ୍ଚିବାକୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଛାତ୍ରଛାତ୍ରୀ ଅନ୍ୟ ଦିନେ ନଦୀ ପାର ହୋଇ ତିନି କିଲୋମିଟର ଅନ୍ଧାରି ବିଦ୍ୟାଳୟକୁ ଯାଉଥିବା ବେଳେ ଏହି ବର୍ଷା ଚାରି ମାସ ପାଠପଢାରେ ଡୋରି ବନ୍ଧା ହୁଏ। ବର୍ଷା ଦିନରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ରୋଗୀଙ୍କୁ ହଣ୍ଡାରେ ପୁରାଇ ନଈ ପାର କରନ୍ତି ନଚେତ କଷ୍ଟ ସହି ସେମିତି ପଡି ରହିବାକୁ ପଡେ। ପ୍ରଶାସନକୁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ପୋଲ ତ ଦୂରରେ ଥାଉ ଦେଶି ଡ଼ଙ୍ଗା ଟିଏ ବି ଯୋଗାଇ ଦିଆଯାଇନାହିଁ। ଏହି ନଦୀ ଉପରେ ଏକ ପୋଲ ହେଉ କିମ୍ବା ଡ଼ଙ୍ଗା ଟିଏର ବ୍ୟବସ୍ଥା କରାଗଲେ ବଡ଼ଘାଟ୍ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ଆଡାରଲଡୀ, କଦରାବାଡି, ତପେଙ୍ଗାପାଣି ଗ୍ରାମବାସୀ ବି ଉପକୃତ ହୋଇପାରନ୍ତେ।



## ନବରଙ୍ଗପୁର ନଗର ବିଜେଡ଼ିର ୱାର୍ଡ଼ ସଭାପତିଙ୍କ ନାମ ଘୋଷଣା

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ନଗର ବିଜେଡ଼ିର ୱାର୍ଡ଼ ସଭାପତିଙ୍କ ନାମ ତାଲିକା ଘୋଷଣା କରାଯାଇଛି। ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ସଚି ନନ୍ଦନ ସ୍ୱାଇଁ ଏହି ନାମ ତାଲିକା ଘୋଷଣା କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ୧୭ଟି ୱାର୍ଡ଼ ପାଇଁ ୧୭ ଜଣଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ୱାର୍ଡ଼ ନମ୍ବର ୧ ରମେଶ ଗାଣ୍ଡା,୨ ଖଗପତି ହରିଜନ, ୩ ଅଶୋକ ପଣ୍ଡା, ୪ ବୃନ୍ଦା ଜାନି, ୫ ମହେଶ୍ୱର ବେବର୍ତା,୬ ଜିତେନ୍ଦ୍ର ସାହୁ,୭ ରାମ ପଟ୍ଟନାୟକ, ୮ ଶ୍ୟାମ ବେନିଆ, ୯ ଦୁର୍ଗା ପ୍ରସାଦ ତ୍ରିପାଠି,୧୦ ରାଜେଶ କୁମାର ପଣ୍ଡା୧୧ ଶିବ ପ୍ରସାଦ ପ୍ରଧାନୀ୧୨ ସିଏଚ୍. ଶ୍ରୀଧର ରାଓ୧୩ ହୁସେନ୍ ଖାନ୍ , ୧୪ ଇସ୍ରାଏଲ ସୁନା, ୧୫ ଡି ପାପା ରାଓ, ୧୬ ସୀତାରାମ ଡଙ୍ଗ୍ରି ଏବଂ ୧୭ ନମ୍ବର ୱାର୍ଡ଼ ସଭାପତି ରୂପେ ବଂଶୀଧର ପାଣିଗ୍ରାହୀଙ୍କ ନାମ ଘୋଷଣା କରାଯାଇଛି। ନୂତନ ସଭାପତିଙ୍କ ତାଲିକାକୁ ନଗର ସଭାପତି ପ୍ରମୋଦ କୁମାର ରଥ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ନବ ନିଯୁକ୍ତ ୱାର୍ଡ଼ ସଭାପତି ମାନେ ତୃଣମୂଳ ସ୍ତରରେ ବିଜେଡ଼ି ଦଳ ପାଇଁ କାମ କରି ଦଳର ସୁନାମ କୁ ବଜାୟ ରଖିବା ପାଇଁ ଶ୍ରୀ ରଥ ଆହ୍ୱାନ ଦେଇଛନ୍ତି।

## ଶିକ୍ଷାଦାନ ଶିକ୍ଷଣୀୟ ସାମଗ୍ରୀ ସମ୍ପର୍କିତ ପ୍ରଦର୍ଶନୀ ମେଳା

ଗୁଣୁପୁର (ଭାସ୍କର ନ୍ୟୁଜ୍) :ଗୁଣୁପୁର ସ୍ଥିତ ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣୀୟ ସାମଗ୍ରୀ(ଟିଏଲଏମ) ସମ୍ପର୍କିତ ଏକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଛାତ୍ରମାନଙ୍କ ଦ୍ୱାରା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଷୟର ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା ଓ ବିଚାରକ ଭାବେ ବ୍ଲକ ଶିକ୍ଷା ଓ ତାଲିମ ଅନୁଷ୍ଠାନ, ଗୁଣୁପୁରର ଅଧକ୍ଷ ମନୋଜ କୁମାର ଗମାଙ୍ଗ ଏବଂ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଗୁଣୁପୁରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଉପସ୍ଥିତ ରହି ସିନିୟର ଓ ଜୁନିୟର ପ୍ରତ୍ୟେକ ବର୍ଗର ତିନୋଟି ସାମଗ୍ରୀକୁ ଶ୍ରେଷ୍ଠ ସାମଗ୍ରୀ ରୂପେ ଚୟନ କରିଥିଲେ ଓ ଶେଷରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ସଭାପତିତ୍ୱରେ ବିଚାରପତି ଦ୍ୱୟଙ୍କ ଉପସ୍ଥିତିରେ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




## ସହିଦ ସପ୍ତାହ ପୂର୍ବରୁ ପୋଷ୍ଟର ଲଗାଇଲେ ମାଓବାଦୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଓ ସଙ୍ଗଠନ ୨୮ ତାରିଖରୁ ସହିଦ ସପ୍ତାହ ପାଳନ କରୁଥିବା ବେଳେ ଏହି ସପ୍ତାହର ପ୍ରଥମ ଦିନରେ ନିଜର ସ୍ଥିତି ଜାହିର ପାଇଁ ମାଓ ସଙ୍ଗଠନ ପକ୍ଷରୁ ଲଗାଯାଇଛି ବ୍ୟାନର ଓ ପୋଷ୍ଟର। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟର ଭଦ୍ରାଦ୍ରି କୋଥାଗୁଡେମ ଜିଲ୍ଲାରେ ଚାର୍ଲା। ମାଓ କମିଟି ଅଞ୍ଚଳରେ ସଙ୍ଗଠନ ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇଛି। ୨୮ ଜୁଲାଇରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ସହିଦ ସପ୍ତାହକୁ ପାଳନ କରିବାକୁ ପୋଷ୍ଟରରେ ଆହ୍ୱାନ ଦିଆଯାଇଛି। ସେହିପରି ପୋଷ୍ଟରରେ ଜନ ଆନ୍ଦୋଳନ ମାଧ୍ୟମରେ ମାଓ ଦମନ ପାଇଁ ଆରମ୍ଭ ହୋଇଥିବା ଅପରେସନ କାଗରକୁ ପରାସ୍ତ କରିବା ବିଷୟରେ ଉଲ୍ଲେଖ କରାଯାଇଛି। ତେବେ ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ବ୍ୟାନର ଏବଂ ପୋଷ୍ଟରକୁ ଜବତ କରାଯାଇଥିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆ ଯାଇଛି।

## ଜନ୍ମଦିନରେ ରକ୍ତଦାନ କଲେ ଦମ୍ପତି

ବାରିପଦା, (ଭାସ୍କର ନ୍ୟୁଜ୍): ବଦଳୁଛି ସମୟ। ସମୟ ସହ ତାଳ ଦେଇ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। 'ରକ୍ତଦାନ ମହାପୂଣ୍ୟ'କୁ ପାଥେୟ କରି ଆଜିର ସମାଜରେ ଆରମ୍ଭ ହୋଇଛି ନୂତନ ପରମ୍ପରା। ଜନ୍ମଦିନରେ ରକ୍ତଦାନ କରି ପୁଣ୍ୟ ଅର୍ଜନ କରୁଛନ୍ତି ଅନେକ ବ୍ୟକ୍ତି ବିଶେଷ। ଏହି ପରିପେକ୍ଷୀରେ କୁଳିଅଣା ବ୍ଲକର ଧଡ଼ିପଡ଼ା ଗ୍ରାମର ଗୌରୀମଣୀ ବାସ୍କେଙ୍କ ଜନ୍ମଦିନରେ ନିଜେ ଏବଂ ତାଙ୍କ ସ୍ୱାମୀ ବୈଦ୍ୟନାଥ ମୁର୍ମୁ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ନାରାୟଣ ସେବା ଟ୍ରଷ୍ଟର ସଦସ୍ୟଙ୍କ ଉପସ୍ଥିତିରେ ରକ୍ତଦାନ କରିଥିଲେ। ପ୍ରକାଶ ଥାଉକି ଉଭୟ ନିଜର ଜନ୍ମଦିନ ଓ ବିବାହ ବାର୍ଷିକୀରେ ଲଗାତାର ରକ୍ତଦାନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ଲୋକନାଥ ମହାନ୍ତ, ଜୟ ପ୍ରକାଶ ମହାନ୍ତ, ହିମାଂଶୁ ପ୍ରହରାଜ, ଅଭିଜିତ ପଣ୍ଡା, ବସନ୍ତ କୁମାର ହାଁସଦା, ଦିଲ୍ଲୀପ କୁମାର ତୁଙ୍ଗ, ଅରବିନ୍ଦ ମୁଖୀ, ସୀତାମଣୀ ମୁଖି, ରାଜଲକ୍ଷ୍ମୀ ମିଶ୍ର, ସୌଦାମିନୀ ସାହୁ ଓ ସୁମିତା ଚୌବେ ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କୁ ମାନପତ୍ର, ଉପଢୌକନ ଓ ଚାରା ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ।



### ୬ ବର୍ଷରେ ବଜ୍ରପାତ ନେଲାଣି ୧୪ ଜୀବନ

## ରକ୍ଷାକବଚ ସ୍ୱରୂପ ତାଳ ଚାରାରୋପଣ ଉପରେ ଗୁରୁତ୍ୱ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ଓଡିଶା ଏକ ବଜ୍ରପାତ ପ୍ରବଣ ରାଜ୍ୟ ହୋଇଥିବା ବେଳେ ବଜ୍ରପାତକୁ ସରକାର ବିପର୍ଯ୍ୟୟ ତାଲିକାରେ ସାମିଲ କରିଛନ୍ତି। ବନ୍ୟା, ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଯୋଡି ହୋଇଯାଇଛି ବଜ୍ରପାତ। ଏହି ବଜ୍ରପାତ ଜନିତ ମୃତ୍ୟୁକୁ ରୋକିବା ପାଇଁ ବ୍ୟାପକ ତାଳଗଛ ଲଗାଇବାକୁ ସରକାର ନିଷ୍ପତି ନେଇ ତାଳଗଛ ବ୍ୟାପକ ଭାବରେ ରୋପଣ କରିଛନ୍ତି। ଯାହାଫଳରେ ତାଳଗଛ ବଜ୍ରପାତ ମୃତ୍ୟୁକୁ ରୋକିବାରେ ଏକ ରକ୍ଷା କବଜ ଭଳି କାର୍ଯ୍ୟ କରିବ। ବୌଦ୍ଧ ଜିଲ୍ଲାରେ ଛଅ ବର୍ଷରେ ବଜ୍ରାଘାତରେ ୧୪ ଜଣଙ୍କର ଜୀବନ ଯାଇଥିବା ଜଣାପଡିଛି। ଜିଲ୍ଲାରେ ପ୍ରତିବର୍ଷ ବଜ୍ରାଘାତରେ ଯାଉଛି ଅନେକ ନିରିହ ଜୀବନ। ବିଶେଷ କରି ବର୍ଷା ଦିନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଅଧିକାଂଶଙ୍କ ଜୀବନ ଯାଇଥିବା ଜଣାପଡିଛି। ବର୍ଷା ଦିନେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହେବା ସମୟରେ ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବାରେ ଅସାବଧାନତା ଅବଲମ୍ବନ କରିଥାନ୍ତି। ଯାହାଫଳରେ ମୂଲ୍ୟବାନ ଜୀବନ ଦେବାକୁ ପଡିଥାଏ। ବଜ୍ରପାତକୁ ନେଇ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ଠିକ ଭାବରେ ପହଞ୍ଚି ପାରୁନାହିଁ। ପ୍ରତି ବର୍ଷ ପ୍ରଶାସନ ପକ୍ଷରୁ ବଜ୍ରପାତରୁ କିପରି ଜୀବନକୁ ସୁରକ୍ଷିତ ରଖିବେ ସେଥିପାଇଁ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ବ୍ୟାପକ ସଚେତନତାର ଅଭାବ ଯୋଗୁଁ ବଜ୍ରପାତରେ ପ୍ରାଣହାନୀ ଘଟୁଛି। ବଜ୍ରପାତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ତାଳଗଛ ରୋପଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବୌଦ୍ଧଜିଲ୍ଲାରେ ବିଭିନ୍ନ ଗ୍ରାମରେ ବ୍ୟାପକ ତାଳ ବଣମାନ ରହିଥିଲା। ହେଲେ ଧିରେ ଧିରେ ତାଳଗଛ ସବୁ ଲୋପ ପାଇବାକୁ ଗଲାଣି। ଏପରକି ବାହାର ରାଜ୍ୟକୁ ତାଳଗଛ ଚାଲାଣ ହୋଇଛି। ଗତ ୨୦୨୩ରୁ ସରକାର ତାଳଗଛ କାଟିବା ଉପରେ ରୋକ ଲଗାଇବା ପରେ ଧିରେ ଧିରେ ତାଳଗଛ ଚାଲାଣ ଉପରେ ରୋକ ଲାଗିଥିବା ଜଣାପଡିଛି। ବନ ବିଭାଗ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇଛି। ବୌଦ୍ଧଜିଲ୍ଲାରେ ଗତ ଦୁଇ ବର୍ଷରେ ୫୮ ହଜାର ତଳଗଛ ଲଗାଯାଇଥିବା ବେଳେ ଚଳିତବର୍ଷ ସରକାର ୫୦ ହଜାର ତାଳଗଛ ଲଗାଇବାକୁ ବୌଦ୍ଧ ବନ ବିଭାଗକୁ ଲକ୍ଷ୍ୟ ଦିଆଯାଇଛି । ଜିଲ୍ଲାରେ ବନ ବିଭାଗ ପକ୍ଷରୁ ୨୦୨୩ ମସିହାରେ ୫ ହଜାର ତାଳଗଛ ଲଗାଯାଇଥିଲା। ଯାହାକି ନଗରେଗା ପ୍ଲାସେନରେ ଲଗାଯାଇଥିଲା। ୨୦୨୪ ରେ ୫୩ ହଜାର ତାଳଗଛ ରିଜର୍ଭ ଫରେଷ୍ଟ ଏରିଆର ସୀମାରେ ଲଗାଯାଇଥିଲା। ଯାହାଫଳରେ ବଜ୍ରପାତରୁ ରକ୍ଷା ମିଳିବା ସହିତ ସଂରକ୍ଷିତ ଜଙ୍ଗଲ ସୀମାର ଚିହ୍ନଟ ହୋଇପାରିବ। ଚଳିତବର୍ଷ ୫୦ ହଜାର ତାଳଗଛ ଲାଗାଇବାକୁ ଲକ୍ଷ ଦିଆଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଟିକେ ଅଲଗା ପଦକ୍ଷେପ ଗ୍ରହଣ କରାଯାଇଛି। ଜନବସତି ନିକଟରେ ତାଳଗଛ ଲଗାଇବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜନବସତି ନିକଟରେ ଥିବା ଏନଆରଜିଏସ, ଗ୍ରୀନ ମହାନଦୀ ମିଶନ ପ୍ଲାସେନ ପାଖାପାଖି ଲଗାଯିବାର ଯୋଜନା ରଖାଯାଇଛି। ଗାଁ ପାଖରେ ତାଳଗଛ ଲଗାଇଲେ ଲୋକଙ୍କ ପାଖରେ ତାଳଗଛ ରହିବ। ବଜ୍ରପାତ ସାଧାରଣତଃ ଉଚ୍ଚ ସ୍ଥାନକୁ ମାରିଥାଏ । ତାଳଗଛ ଯେହେତୁ ଉଚ୍ଚ ତେଣୁ ତାଳଗଛକୁ ଅଧିକ ବଜ୍ରପାତ ମାରିଥାଏ। ଯଦି ବଜ୍ରାଘାତ ହୁଏ ତାହାହେଲେ ବଜ୍ରାଘାତ ତାଳଗଛକୁ ମାରିବ ଓ ଲୋକ ଜୀବନ ସୁରକ୍ଷିତ ରହିବ । ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ତାଳଗଛ ଲଗା ହୋଇପାରିବ।

## ଅପହରଣ ଧମକ ଦେଇ ମାଲିକ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : କାମ କରୁଥିବା ଶ୍ରମିକକୁ ଅପହରଣ, ଲକ୍ଷାଧିକ ଟଙ୍କା ମାଗିବା ସହ ହତ୍ୟା ଧମକ ଅଭିଯୋଗରେ ମାଲିକ ଗିରଫ। ୨୭ତାରିଖରେ ତାରସିଂ ଗ୍ରାମର ଯୁବରାଜ ନାୟକଙ୍କ ପତ୍ନୀ ପ୍ରତୀମା ନାୟକ ତାରସିଂ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳର ମନୋଜ କୁମାର ସାହୁ, ନିଜ ମାଲିକାନାରେ ଥିବା ଲୀଳା ଫାଉଣ୍ଡେସନରେ ତାଙ୍କ ସ୍ୱାମୀ ଯୁବରାଜ ନାୟକ କାମ କରୁଥିଲେ ଏବଂ କିଛି ଦିନ ପୂର୍ବେ ସେ ନିଜ ଗ୍ରାମ ତାରସିଂକୁ ଫେରିଥିଲେ। ମାଲିକ ମନୋଜ କୁମାର ତାଙ୍କ ସ୍ୱାମୀଙ୍କୁ ଭୁବନେଶ୍ୱର କର୍ମକ୍ଷେତ୍ରକୁ ଫେରି ଆସିବାକୁ ଫୋନରେ କହିଥିଲେ। ଯଦି ସେ ନ ଆସନ୍ତି ତେବେ ତାଙ୍କୁ ଅପହରଣ କରିବାକୁ ଧମକ ମଧ୍ୟ ଦେଇଥିଲେ। ଗତ ୨୬ତାରିଖ ରାତି ପ୍ରାୟ ସାଢ଼େ ଦଶଟା ସମୟରେ, ଅଭିଯୋଗକାରୀଙ୍କ ସ୍ୱାମୀ ଯୁବରାଜ ଏବଂ ଅନ୍ୟ ଜଣେ ଗ୍ରାମବାସୀ ପରମେଶ୍ୱର ନାଏକ ତାଙ୍କ ଗାଁର ଆରମ୍ଭରେ ଠିଆ ହୋଇଥିଲେ। ସେହି ସମୟରେ ୨ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ଉଭୟଙ୍କୁ ଅପହରଣ କରି ନେଇଥିଲେ। ଏହାପରେ ଗରୁଡ଼ପଥର ଗ୍ରାମର ଏକ ମୋଡ଼ ନିକଟରେ ସେମାନେ ପରମେଶ୍ୱର ନାଏକଙ୍କୁ ଛାଡି ଯୁବରାଜଙ୍କୁ ଏକ କାରରେ ନେଇ ଯାଇଥିଲେ ଏବଂ ପରମେଶ୍ୱର ନାଏକଙ୍କୁ ଏ ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ କହିଥିଲେ ଯଦି କାହାରିକୁ କହିବ ତାହେଲେ ସେମାନେ ଯୁବରାଜ ନାଏକଙ୍କୁ ହତ୍ୟା କରିବେ। ଏହା ପରେ ଅଭିଯୋଗକାରୀ ପ୍ରତିମା ନାଏକଙ୍କ ବଡ଼ ଭାଇ ଦିଲୀପ ନାଏକ ମନୋଜ ସାହୁଙ୍କୁ ଏ ସମ୍ପର୍କରେ ଫୋନରେ ଜଣାଇବା ପରେ ମାଲିକ ମନୋଜ କହିଥିଲେ ଯେ ଯଦି ସେମାନେ ଦେଢ଼ ଲକ୍ଷ ଟଙ୍କା ଦିଅନ୍ତି ତେବେ ସେମାନେ ଯୁବରାଜ ନାଏକଙ୍କୁ ଛାଡ଼ିଦେବେ। ଅଭିଯୋଗ ଆଧାରରେ ପ୍ରତିମା ତାରସିଂ ମାମଲା ରୁଜୁ କରିଥିଲା ପୋଲିସ। ଅଭିଯୁକ୍ତ ମନୋଜ କୁମାର ସାହୁ ଓରଫ ସୁନୀଲ (୩୬) ସ୍ୱୀକାର କରିଛନ୍ତି ଯେ, ସେ ପୀଡିତ ଯୁବରାଜ ନାୟକଙ୍କୁ ତାରାସିଂରୁ ଭୁବନେଶ୍ୱର ଅପହରଣ କରିବା ପାଇଁ ବାଇକ୍ ଓ ମହିନ୍ଦ୍ରା ସ୍କୋର୍ପିଓ ବ୍ୟବହାର କରିଥିଲେ। ଗିରଫ ହୋଇଥିବା ବ୍ୟକ୍ତି ଅଭିଯୁକ୍ତ ମନୋଜ କୁମାର ସାହୁଙ୍କ ଠାରୁ ଗୋଟିଏ ପରିଚୟ ପତ୍ର, ଦୁଇଟି ମୋବାଇଲ୍ ଫୋନ୍ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କ ବିଷୟରେ ସୂଚନା ଦେଇଛନ୍ତି। ପୀଡିତ ଯୁବରାଜ ନାଏକଙ୍କୁ ଆଜି ଭୁବନେଶ୍ୱରରୁ ଉଦ୍ଧାର କରାଯାଇଛି ବୋଲି ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।



## ବସ୍-ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲାର ମୋହନା ଥାନା ଅନ୍ତର୍ଗତ ହିକିରିକୁପା ଗାଁ ପାଖରେ ଏକ ବସ୍ ସହ ବାଇକ୍ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ କୈଳାସ ରଇତ ତାଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କିରନ କୁମାର ସାହୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ସୂଚନା ଅନୁଯାୟୀ, ବାଡେଗୁଡା ପଞ୍ଚାୟତ ଶିମିଳି ଗାଁର ସାନୁନି ମଲ୍ଲିକଙ୍କ ସହ ମେରାପଲ୍ଲୀ ପଞ୍ଚାୟତ କୁଙ୍କୁଣୀ ଭାଲିଆ ସାହିର ବସନ୍ତ ମଲ୍ଲିକ ବାଇକ୍‌ରେ ଗାଁକୁ ଯାଉଥିବା ବେଳେ ଏକ ଘରୋଇ ବସ୍ ହିକିରିକୁପା ଗାଁ ପାଖରେ ସେମାନଙ୍କୁ ଧକ୍କା ଦେଇଥିଲେ। ଏବେ ବସନ୍ତ ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲା ସଭାପତି ବିଧାନ ଚୌଧୁରୀଙ୍କ ନେତୃତ୍ୱରେ ଆଜି ଦିନ ୧୧ ଘଣ୍ଟା ସମୟ ରେ ଏକ ଲିଖିତ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆ ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ କରାଯାଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମାନ ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ପ୍ରଦାନ କରିବା, ପେନସନ ପ୍ରଦାନ,ସାମ୍ବାଦିକ ସୁରକ୍ଷା ପ୍ରଣୟନ କରିବା । ଏହିଭଳି ଅନେକ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ ଯେ ଅନ୍ୟ ୧୮ ଟି ରାଜ୍ୟ ରେ ସାମ୍ବାଦିକମାନଙ୍କୁ ମାସିକ ୧୫ ହଜାର ପେନସନ ଭଳି ସ୍ୱାସ୍ଥ୍ୟ ସେବା ସହ ପ୍ରଦାନ କରାଯାଉ । ଏଥିରେ ସନ୍ତୋଷ ପଟ୍ଟନାୟକ ,ପ୍ରଦିପ ନାୟକ ,ଡିଜନ୍ ପାଣି , ଲୋକନାଥ ପଣ୍ଡା ,ଦିଲିପ ଷଡଙ୍ଗୀ ,ପ୍ରେମ ଲାଲ ମିଶ୍ର, ପ୍ରଭାତ ପାତ୍ର ଓ ସୋରଜ ବିରଙ୍କ ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।



# ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ



ଆସିକା(ଭାସ୍କର ନ୍ୟୁଜ୍): ଜଙ୍ଗଲ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆସିକା ମମ୍ ସ୍କୁଲ ପରିସରରେ ୭୬ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଣବ ଏଜୁକେସନାଲ ସୋସାଇଟି ଆସିକାର ଚେୟାରମ୍ୟାନ ପଣବ କୁମାର ରଥଙ୍କ ଆଗ୍ରହ କ୍ରମେ ଅନୁଷ୍ଠିତ ଏହି ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମରେ ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ବୃକ୍ଷଚାରାରୋପଣର ବିଧି ଓ ତାର ଯତ୍ନନେବା ସମ୍ପର୍କରେ ଅବଗତ କରାଇଥିଲେ। ସାମ୍ପ୍ରତିକ ସମୟରେ ବୃକ୍ଷଚାରାରୋପଣର ଆବଶ୍ୟକତା ଓ ଏହା ଅଭାବ ଜନିତ ପରିବେଶ ଅସନ୍ତୁଳନ ବିଷୟରେ ପ୍ରଣବ ଏଜୁକେସନାଲ ସୋସାଇଟିର ଚେୟାରମ୍ୟାନ ପ୍ରଣବ କୁମାର ରଥ ଉପସ୍ଥିତ ସମସ୍ତ ପରିବେଶବିତ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବେଶ ସୁନ୍ଦର ଭାବେ ବୁଝାଇଥିଲେ। ବିଶୁଦ୍ଧ ତଥା ମୁକ୍ତ ଅମ୍ଳଜାନ ପାଇବା ପାଇଁ ଆମକୁ ଅଧିକରୁ ଅଧିକ ବୃକ୍ଷଚାରାରୋପଣ କରିବା ନିହାତି ଜରୁରୀ ବୋଲି କହିଥିଲେ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଏସ ବି ଆଇ ମ୍ୟାନେଜର ସୁବାସ ଚନ୍ଦ୍ର ମହାନ୍ତି। ଏହି ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଣବ ଏଜୁକେସନ ସୋସାଇଟିର ସମ୍ପାଦକ ଜେ.ରବୀନ୍ଦ୍ର ପାତ୍ର। ବୃକ୍ଷଚାରା ରୋପଣର ମାହାତ୍ମ୍ୟକୁ ଉପଲକ୍ଷ କରି ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସଦସ୍ୟ ଧରେନ କୁମାର ପଣ୍ଡା, ଯଜ୍ଞ ନାରାୟଣ ନାୟକ,ଏରେନା ପାତ୍ର,ବିଭୂତି ଭୂଷଣ ପାଣିଗ୍ରାହୀ, ହରିକୃଷ୍ଣ ଲେଙ୍କା, ସୁଶାନ୍ତ କୁମାର ସିୟ, ସନ୍ତୋଷ କୁମାର ଦାଶ, ଶିକ୍ଷୟିତ୍ରୀ ପ୍ରତିମା ପାତ୍ର, ଦମୟନ୍ତୀ ପାତ୍ର, ପ୍ରମିଶା ପଢ଼ିଆରୀ ସମେତ ସମସ୍ତ ଷ୍ଟାଫ ଓ ବନ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ବୃକ୍ଷଚାରା ରୋପଣରେ ସହଯୋଗ କରିଥିଲେ।

# ଅତିରିକ୍ତ ଖର୍ଚ୍ଚରେ ଧାନତଳି ରୁଆ

ଉମରକୋଟ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଖରିଫ୍ ଧାନ ଚାଷ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତ ଦିନରେ ନିଅଣ୍ଟିଆ ବର୍ଷା ଯୋଗୁଁ ୪୦ ପ୍ରତିଶତ ଧାନ ରୁଆ ଓ ବେଉଷଣ ସରିବା ପରେ ଚଳିତ ସପ୍ତାହର ଲଘୁଚାପ ଜନିତ ଲଗାଣ ବର୍ଷାରେ ଅବଶିଷ୍ଟ ଧାନ ରୁଆ କାର୍ଯ୍ୟ କ୍ଷୀପ୍ର ଗତିରେ ଚାଲିଥିବା ଦେଖିବାକୁ ମିଳିଛି। ଆବଶ୍ୟକ ବର୍ଷା ଅଭାବରେ ଚିନ୍ତାରେ ଥିବା ଚାଷୀ ଜମି ପ୍ରସ୍ତୁତି ସାରି ବର୍ଷା ଅପେକ୍ଷାରେ ଥିବାବେଳେ ଲଗାତାର ଗୋଟିଏ ସପ୍ତାହ ହେବ ଝରିଗାଁ ବ୍ଲକରେ ବର୍ଷା ଲାଗି ରହିଥିବାରୁ ଧାର କରଜ କରି ପାଗ ଅନୁକୂଳ ଦେଖି ଅତିରିକ୍ତ ଖର୍ଚ୍ଚ କରି ରୁଆ କାର୍ଯ୍ୟ ଶେଷ କରିବାରେ ବ୍ୟସ୍ତ ଚାଷୀ। ଏବର୍ଷ ଗତ ବର୍ଷ ତୁଳନାରେ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବା କହିଛନ୍ତି ଚାଷୀ। ଧାନ ତଳି ବୁଢ଼ା ହେବାକୁ ବସିଥିବା ବେଳେ ଲଘୁଚାପ ବର୍ଷା ହସ ଫୁଟାଇଛି ଚାଷୀର ମୁହଁରେ। ଆର୍ଥିକ ସ୍ୱଚ୍ଛଳ ଥିବା ଚାଷୀ ଜମି ନିକଟରେ ଥିବା ନାଳ ପୋଖରୀ ଗାଡିଆ ଆଦିର ପାଣି ମୋଟର ପମ୍ପ ସାହାଯ୍ୟରେ କ୍ଷେତରେ ମଡାଇ ଧାନ ରୁଆ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଗରିବ ଚାଷୀ ଆତୁର ହୋଇ ବର୍ଷାକୁ ଅପେକ୍ଷା କରି ରହିଥିଲା। ବ୍ଲକ କୃଷି ବିଭାଗ ସୂଚନା ପ୍ରକାରେ ସମୁଦାୟ ୮୬୫୨ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ଜଳସେଚନ ସୁବିଧା ଉପଲବ୍ଧ ଥିବା ଜମିର ପରିମାଣ ୪୭୨୬ ହେକ୍ଟର ରହିଛି। ଚଳିତ ସପ୍ତାହ ମଧ୍ୟରେ ଅବଶିଷ୍ଟ ରୁଆ କାର୍ଯ୍ୟ ଓ ବେଉଷଣ କାମ ଶେଷ ହେବ ଅନୁମାନ କରାଯାଉଛି। ତଳି ବୁଢ଼ା ହେବାର ଭୟ ପାଗ ହଟିଯିବାର ଭୟରେ ରୁଆ କାମ ଜୋରଦାର ଚାଲିଛି। ଚିନ୍ତାର କାରଣ ଶ୍ରମିକ ଅଭାବ। ଚଢ଼ା ମଜୁରି ଦେଇ ଶ୍ରମିକ ଆଣିବାକୁ ପଡୁଛି। ଏହା ବାଦେ ଘରୁ ଅଟୋ, ପିକ୍ଅପ୍, ଟ୍ରାକ୍ଟର ଯୋଗେ ଜମିକୁ ଆଣି ପୁଣି ରୁଆ କାର୍ଯ୍ୟ ଶେଷ ପରେ ଘରେ ନେଇ ଛାଡ଼ିବାକୁ ପଡୁଛି ଶ୍ରମିକଙ୍କୁ। ୧୦ ରୁ ୧୨ କିମ୍ବା ଊର୍ଦ୍ଧ୍ୱ ମହିଳା ଯୁବତୀ ଦଳ ଠିକାରେ ଧାନ ରୁଆ କାର୍ଯ୍ୟ କରୁଛନ୍ତି। ଗୋଟିଏ ୧୨ ଜଣିଆ ଦଳ ଗୋଟିଏ ଏକରକୁ ଗୋଟିଏ ଦିନରେ ଶେଷ କରୁଛନ୍ତି। ଦୈନିକ ମଜୁରୀ ମହିଳାଙ୍କୁ ଦୁଇଶହ ଟଙ୍କା ପଡୁଥିବା ବେଳେ ଠିକାରେ ନେଲେ ଜଣକ ଚାରିଶହ ଟଙ୍କା ଅର୍ଥ ଦୁଇଗୁଣ ଟଙ୍କା ପାଉଛନ୍ତି। ସକାଳ ୯ ଘଣ୍ଟା ସନ୍ଧ୍ୟା ୬ ଘଣ୍ଟା ପ୍ରାୟ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରୁଆ କାର୍ଯ୍ୟ କରି ସାରିଥାନ୍ତି। ଚାଷୀ ତରତର ହେଉଥିବା ବେଳେ ଏକର ପ୍ରତି ୬ ହଜାର ଟଙ୍କା ଦାବି କରୁଛନ୍ତି ଶ୍ରମିକ। ଶ୍ରମିକ ବାବଦକୁ ଖର୍ଚ୍ଚ ଗାଡ଼ି ଭଡା ଖର୍ଚ୍ଚ ରୁଆ କାର୍ଯ୍ୟକୁ ବ୍ୟୟ ବହୁଳ ହେଉଛି। ଉତ୍ପାଦନ ସେହି ପରିମାଣରେ ନହେଲେ ଚାଷୀ ଆର୍ଥିକ କ୍ଷତି ସହିବ ବୋଲି ଆକଳନ କରାଯାଉଛି।

## ଶାରଳା ମନ୍ଦିର ପାଇଁ ନୂତନ ପରିଚାଳନା କମିଟି ଗଠିତ

ପାରାଦୀପ (ଭାସ୍କର ନ୍ୟୁଜ୍): ପାରାଦୀପ ର ବଡ଼ପଡ଼ିଆ ବସଷ୍ଟାଣ୍ଡ ନିକଟସ୍ଥ ମା ଶାରଳା ମନ୍ଦିରର ନୂତନ ପରିଚାଳନା କମିଟି ରବିବାର ଦିନ ଗଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁଙ୍କ ଆବାହକତ୍ୱ ଓ ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା ।ମନ୍ଦିର ସୁପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ନୂତନ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅମରେଶ ରାଉତରାୟ, ଉପସଭାପତି ଭାବେ ଅରୁଣ କୁମାର ଲେଙ୍କା, ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ନାଥ, ସହ ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧ୍ୟକ୍ଷ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ମାନସ ବିଶ୍ୱାଳ, ନିରଞ୍ଜନ ପାତ୍ର, କୃଷ୍ଣ ଚରଣ ବିଶ୍ୱାଳ, ତାପସ ପରିଜା, ରତ୍ନାକର ସ୍ୱାଇଁ ଓ ଧୂଳେଶ୍ୱର ମଲ୍ଲିକ ମନୋନୀତ ହୋଇଛନ୍ତି । ଏହି ବୈଠକରେ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ସାହୁ, ପ୍ରହ୍ଲାଦ ସାହୁ, ନରେନ୍ଦ୍ର ପରିଡା, ଗଗନ ବିହାରୀ ସାହୁ, ବରିଷ୍ଠ ସଦସ୍ୟ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ଶଶାଙ୍କ ଶେଖର ଆଚାର୍ଯ୍ୟ, ଅୟସକାନ୍ତ ସାମଲ, ପ୍ରଭାସ କୁମାର ଦାସ, ସଦାନନ୍ଦ ମଲ୍ଲିକ, ସନ୍ତୋଷ ଭାରତୀ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିଚାଳନାରେ ସୁଧାର ଆଣିବା ସହିତ ମନ୍ଦିରର ନୀତିକାନ୍ତି ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସୂଚନାଥାଉକି ଏହି ଶାରଳା ମନ୍ଦିର ପରିଚାଳନା କମିଟି ଉଦୟବଟ ଧାମରେ ଥିବା ଜଗନ୍ନାଥ ମନ୍ଦିରର ମଧ୍ୟ ପରିଚାଳନା କରିଥାଏ, ଯାହାକି ଶାରଳା ମନ୍ଦିର ପ୍ରତିଷ୍ଠାତା ବାବା ସର୍ବେଶ୍ୱର ଦାସ ଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିଲା।

# ଓରମାସ୍ ପକ୍ଷରୁ ନିଆରା ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ



ବାରିପଦା(ଭାସ୍କର ନ୍ୟୁଜ୍):ଆଗକୁ ଆସୁଛି ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ ଉତ୍ସବ। ତେଣୁ ରାକ୍ଷୀ ପାଇଁ ଗହଳଚହଳ ହେଲାଣି ବଜାର। ଜିଲ୍ଲାର ସଦର ମହକୁମା ବାରିପଦାରେ ଭଳିକିଭଳି ରାକ୍ଷୀ ସମ୍ଭାରରେ ସଜେଇ ହେବାରେ ଲାଗିଛି ବିଭିନ୍ନ ଷ୍ଟଲ। ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ଷ୍ଟାଡିୟମ ଗୋଲେଇ ନିକଟସ୍ଥ ମୟୂର ଶିଳ୍ପ ଆଉଟଲେଟ ସମ୍ମୁଖରେ ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତ ତରଫରୁ ନିଆରା ମନଲୋଭା ରାକ୍ଷୀର ସମ୍ଭାର ନେଇ ଉଦଘାଟିତ ହୋଇଛି ଏକ ନୂତନ ରାକ୍ଷୀ ଷ୍ଟଲ (ଭାଇ ଭଉଣୀ ପ୍ରେମର ସାକ୍ଷୀ, 'ଓରମାସ ରାକ୍ଷୀ') ।ଆଜି ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ତାଙ୍କ କରକମଳରେ ଏହି ନିଆରା ରାକ୍ଷୀ ଷ୍ଟଲଟିକୁ ଶୁଭ ଉଦଘାଟନ କରିଛନ୍ତି। ଏହି ରାକ୍ଷୀ ଷ୍ଟଲଟିର ବିଶେଷତ୍ୱ ହେଲା ଏଠାରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତତିଆରି ମନଲୋଭା ରାକ୍ଷୀ ସୁଲଭ ମୂଲ୍ୟରେ ଜନସାଧାରଣଙ୍କ ପାଇଁ ମାତ୍ର ୪୦ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ ହେବ ଏବଂ ଏହି ଷ୍ଟଲଟି ଚଳିତ ଅଗଷ୍ଟ ମାସ ୯ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ହସ୍ତ ଶିଳ୍ପକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାରେ ନିଜର ସହଭାଗୀତାକୁ ସୁନିଶ୍ଚିତ କରିବା ପାଇଁ ହସ୍ତକଳାରେ ପ୍ରସ୍ତୁତ ରାକ୍ଷୀ କ୍ରୟ କରିବା ପାଇଁ ଜନସାଧାରଣଙ୍କୁ ଓରମାସ ପକ୍ଷରୁ ଅନୁରୋଧ କରାଯାଉଛି। ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଡିପିସି ମିଶନ ଶକ୍ତି, ନିରଞ୍ଜନ ପଣ୍ଡା, ଡିପିଏମ ଓଡିଶା ଜୀବିକା ମିଶନ, ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ପ୍ରୋଗ୍ରାମ ମ୍ୟାନେଜର (ଜୀବିକା) ମଧୁସ୍ମିତା ଭୂୟାଁ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିକାଶ ରଞ୍ଜନ ମହାନ୍ତି, ଓରମାସର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶିଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା,ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଏବଂ ମୟୂରଭଞ୍ଜର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ୫୦ ରୁ ଅଧିକ ସଦସ୍ୟା ଉପସ୍ଥିତ ଥିଲେ।

# ୟୁଏଏସ୍ ପୋର୍ଟାଲକୁ ଶିକ୍ଷକ ସଂଘର ବିରୋଧ




ଖଇରପୁଟ(ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ଖଇରାପୁଟ ବ୍ଲକର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସରକାରଙ୍କ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ (ୟୁଏଏସ୍) ପୋର୍ଟାଲକୁ ବିରୋଧ କରାଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସଂପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ୟୁଏଏସ ପୋର୍ଟାଲ ମାଧ୍ୟମରେ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଅନଲାଇନ୍ ଉପସ୍ଥାନ ଗ୍ରହଣକୁ ପୁନର୍ବିଚାର କରିବାକୁ ନିବେଦନ କରାଯାଇଛି। କାରଣ ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ସେବା ନଥିବା ବେଳେ ଭିତ୍ତିଭୂମି ନାହିଁ । ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକରେ ଏହି ପୋର୍ଟାଲ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପଡୁଛି। ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଣଶୈକ୍ଷିକ କାର୍ଯ୍ୟଭାର ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସଂଘ କହିଛି। ବିଭିନ୍ନ ଅସୁବିଧା ସତ୍ତ୍ୱେ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଉପରେ ଏହା ଅତିରିକ୍ତ ଚାପ ସୃଷ୍ଟି କରୁଥିବା ସଂଘ କହିଛି। ଭିତ୍ତିଭୂମି କରାଯିବା ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରିଛି । ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ରଥ, ମନୋଜ କୁମାର ନାୟକ, ଗୋଲକ ବିହାରୀ ସାହୁ, ଡମ୍ବରୁଧର ଶିଶା, କାଞ୍ଚନ ହିମିରିକା, ସଞ୍ଜୟ ସେଠୀ, କାର୍ଯ୍ୟକାରୀ ସଭାପତି ନିହାର ରଞ୍ଜନ, ବିଜୟଲକ୍ଷ୍ମୀ ସାମାନ୍ତରା, ସୁନାଧର କିର୍ସାନୀ, ଉପସଭାପତି ଗୁରୁ ପାଙ୍ଗି, ବୈଶାଳିନୀ ରଥ, ଯୁଗ୍ମସମ୍ପାଦକ ରମେଶ ମନ୍ଦ୍ରା, ମୀନତି ସାହୁ, କୋଷାଧ୍ୟକ୍ଷ କେ.କ୍ରିଷ୍ଣା ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସଭା ଗୃହରେ ଜିଲ୍ଲାପାଳ ଙ୍କ ଜନ ଶୁଣାଣି ଶିବିର ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ ବ୍ଲକ ଅଧକ୍ଷା ସରୋଜିନୀ ତରେଇ ବିଡିଓ ଅମିୟ କୁମାର ପଣ୍ଡା ଭାରପ୍ରାପ୍ତ ତହସିଲଦାର ବିକାଶ ସେଠି କୃଷ୍ଣପ୍ରସାଦ ଥାନା ଅଧିକାରୀ ଭାବଗ୍ରାହୀ ରାଉତ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ଶିବିର ରେ ମୋଟ ୭୯ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୫୩ ଗୋଟି ବ୍ୟକ୍ତିଗତ ୨୦ ଗୋଟି ଗ୍ରାମ ସମନ୍ଧୀୟ ଓ ୪ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହାୟକ ନିମନ୍ତେ ରହିଥିଲା ।ତତକ୍ଷଣାତ ୪ ଗୋଟି ଅଭିଯୋଗର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମାଧାନ କରାଯାଇଥିଲା ।

# ପୁସ୍ତକ 'ଭୋଜପ୍ରବନ୍ଧ' ଉନ୍ମୋଚିତ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝରଗଡ଼ର ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ କବିବଲ୍ଲାଳଙ୍କ ଦ୍ୱାରା ରଚିତ ଭୋଜପ୍ରବନ୍ଧର ପଣ୍ଡିତ ରଙ୍ଗାଧର ବେହେରାଙ୍କ ଦ୍ୱାରା ଅନୁଦିତ ପୁସ୍ତକର ପାଠକାର୍ପଣ ମିଳନୀର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଯୁଗ୍ମସମ୍ପାଦକ କବି ହରିହର ମହାନ୍ତ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ସଂସ୍କୃତର ବିଶିଷ୍ଟ ବିଦ୍ୱାନ ପଣ୍ଡିତ ସଦାଶିବ ମିଶ୍ର ଉତ୍ସବର ଉଦ୍‌ଘାଟନ କରି କେନ୍ଦୁଝରର ସଂସ୍କୃତ ସାହିତ୍ୟର ପରମ୍ପରା ଅତ୍ୟନ୍ତ ସମୃଦ୍ଧ ବୋଲି ମତ ଦେଇଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର୍ ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝର ସାହିତ୍ୟର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ସୁଧାକର ଦାଶ ଉନ୍ମୋଚିତ ପୁସ୍ତକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ କେନ୍ଦୁଝରର ଅନୁବାଦ ପରମ୍ପରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ରଙ୍ଗଧର ବେହେରାଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। କବୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନା ରେ ମମତା ରାଣୀ ଦାସ, ରିତାଞ୍ଜଳି ସାହୁ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ଶୋଭନା ଜେନା, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିରଞ୍ଚି ସାମନ୍ତରାୟ, ଶାନ୍ତନୁ ମହାପାତ୍ର, ଜିତେନ୍ଦ୍ର ପରିଡ଼ା, ଦେବଦର୍ଶନ ଦାଶ, ମଧୁସୁଦନ ମିଶ୍ର,ପ୍ରାଧ୍ୟାପକ ଜଗନ୍ନାଥ ଜେନା, ଲିପିକା ପଟ୍ଟନାୟକ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ରତ୍ନ ମଞ୍ଜରୀ ରାଉତ, ସୁଭଦ୍ରା ମହାନ୍ତ, ରୂପଶ୍ରୀ ଗନ୍ତାୟତ, ମୀନତି ମିଶ୍ର, ଭାବିପ୍ରିୟା ସାହୁ, ଧ୍ରୁବାନନ୍ଦ ରାଉତ, ମନରଞ୍ଜନ ମହାନ୍ତି, ସୁଜିତ କୁମାର ମିଶ୍ର, ହରେକୃଷ୍ଣ ବେଜ, ଦେବଦତ୍ତ ଦେହୁରୀ, ମାୟାଧର ନାୟକ, ତ୍ରିଲୋଚନ ଦାସ ପ୍ରମୁଖ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ କବି ଜିତେନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରେଖନାଥଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବାର ବରିଷ୍ଠ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରାବଣ ମାସ ତୃତୀୟ ସୋମବାରରେ ପ୍ରଭୁଙ୍କୁ ଜଳଲାଗି ପାଇଁ

### ଟ୍ରାଫିକ ଜାମ ପାଲଟିଛି ମୁଖ୍ୟ ସମସ୍ୟା

କାଉଡ଼ିଆମାନଙ୍କ ରବିବାର ସକାଳୁ ପୀଠକୁ ଆଗମନ ହୋଇଥିଲା। ପୂର୍ବାହ୍ନରୁ ଶ୍ରଦ୍ଧାଳୁ ମାନସିକଧାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସନ୍ଧ୍ୟା ସୁଦ୍ଧା ପୀଠ ପରିସରରେ ଖୁଦ ପକାଇବାକୁ ଜାଗା ମିଳିନଥିଲା। ପୀଠକୁ ଆସୁଥିବା ହଜାର ହଜାର କାଉଡ଼ିଆ ତାରପୁର ବାଇପାସ ଠାରୁ ଜଇପୁର ଛକ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଟକି ରହି ବିଶ୍ରାମ ନେଇଥିଲେ। ପୁନଃ ମଧ୍ୟରାତ୍ରରୁ ନିତ୍ୟକର୍ମ ସାରି ସେମାନେ ପୀଠ ଆଭିମୁଖ୍ୟ ଯାତ୍ରା କରିଥିଲେ। ମୁଖ୍ୟ ରାସ୍ତାରୁ ପୀଠକୁ ଆସିବାକୁ ଥିବା ଉଭୟ ପାର୍ଶ୍ୱ ରାସ୍ତାରେ ପ୍ରତି ମୁହୂର୍ତ୍ତରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶତାଧିକ ଯାନବାହାନ ରାସ୍ତା ଉପରେ ଫସି ରହିଥିବାର ଦେଖାଯାଇଥିଲା। ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନଥିବାରୁ ଭିଡକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇନଥିଲା। ଫଳରେ ସାଧାରଣଜନତା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାଉଡିଆଙ୍କ ରହଣି ପାଇଁ ପୀଠ ପରିସରରେ ଟେଣ୍ଟ ଓ ପାଣିଭାର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।ଏହାଛଡା ଫାଷ୍ଟେଡ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକିକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହୋଇଥିଲା। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ଓ ପୋଲିସ ସହଯୋଗରେ ରାତି ୧୨ ଟା ୩୦ ରୁ ପ୍ରଭୁଙ୍କ ପହୁଡ଼ ଖୋଲିବା ପରେ କାଉଡ଼ିଆମାନେ ବ୍ୟାରିକେଡରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ପୋଲିସ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଜଳଲାଗିର ବ୍ୟବସ୍ଥା କରିଥିଲେ। ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା ଓ ଅତିରିକ୍ତ ତହସିଲଦାର ତପସ୍ୱିନୀ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ପୀଠକୁ ଲାଗି ୮ଟି ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଆଗନ୍ତୁକ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ କୁମାର ସେଠୀ ଓ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି ବିଭିନ୍ନ ସ୍ଥାନରେ ରହି ପାଣିଢଳା ପର୍ବକୁ ପରିଚାଳିତ କରିଥିଲେ। କମିଟି ସଦସ୍ୟ ମହାନ୍ତି, ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବି ଜୀବନ ବଲ୍ଲଭ ମହାନ୍ତି ଓ କର୍ମଚାରୀ ସରୋଜ କୁମାର ସାହାଣୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅସମ୍ଭବ ଭିଡ ଯୋଗୁଁ ପ୍ରଭୁଙ୍କ ସମ୍ମୁଖରୁ ଅଫିସ ପର୍ଯ୍ୟନ୍ତ ଥିବା ବ୍ୟାରିକେଡ଼କୁ ଖୋଲି ଦିଆଯାଇଥିଲା। ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶୃଙ୍ଖଳାର ସହ ଜଳଲାଗି ଉତ୍ସବ ଶେଷ ହୋଇଥିବାବେଳେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ପାଇଁ ଦୁଇଦିନ ଲାଗିବ ବୋଲି କମିଟି କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ଅନୁକୂଳ ପାଗ ତଥା ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେତୁ ଚତୁର୍ପାର୍ଶ୍ୱରେ ଥିବା ବ୍ୟବସାୟୀମାନେ ରାତି ଉଜାଗର ରହି ବେଶ ଦିପଇସା ରୋଜଗାର କରିଥିଲେ।

# ରାଶିଫଳ

ବୁଧବାର, ୩୦ ଜୁଲାଇ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ତୁମର ସମ୍ପର୍କରେ ସୁଖ ରହିବ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଭାଗ୍ୟ ଉପରେ ନିର୍ଭର କର ନାହିଁ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ।



**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ।



**ବିଛା:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ। ତୁମେ ତୁମର ପ୍ରତିପକ୍ଷଙ୍କ ଉପରେ ବିଜୟୀ ହେବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ଓ ରେଲୱେ ପୋଲିସ୍‌ର ମିଳିତ ଉଦ୍ୟମରେ ବୌଦ୍ଧ ରେଲୱେ ଷ୍ଟେସନ ଓ ବୌଦ୍ଧ ବସଷ୍ଟାଣ୍ଡରେ ବିଶ୍ୱମାନବ ଚାଲାଣ ନିରୋଧ ଦିବସ ଜୁଲାଇ ୩୦ ଉପଲକ୍ଷେ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି ଓ ଟ୍ରେନ ଓ ବସଯାତ୍ରୀମାନଙ୍କୁ ଶିଶୁ ଚାଲାଣ ରୋକିବା ପାଇଁ କିପରି ପଦକ୍ଷେପ ନିଆଯାଇପାରିବ ସେ ଉପରେ ସଚେତନ କରାଯାଇଥିଲା। ରାଲି, ଲିଫଲେଟ ଓ ବ୍ୟକ୍ତିଗତ ସଚେତନତା ମାଧ୍ୟମରେ ଶିଶୁ ଚାଲାଣ ସମ୍ବନ୍ଧୀୟ ଖବର ପାଇଲେ କି ଟ୍ରେନ ଏବଂ ବସଯାତ୍ରା ସମୟରେ ଦେଖିଲେ ତୁରନ୍ତ ଶିଶୁ ସହାୟତା ନମ୍ବର -୧୦୯୮ ଓ ରେଲ୍ ମଦତ ନମ୍ବର ୧୩୯ରେ ଯାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ବିଭିନ୍ନ ଟ୍ରେନର ଜେନେରାଲ କୋଚ ଓ ବସମାନଙ୍କରେ ଯାଞ୍ଚ କରାଯାଇ ଶିଶୁ ଚାଲାଣ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଥିଲା। ଏ କାର୍ଯ୍ୟକ୍ରମରେ ବୌଦ୍ଧ ରେଳ ସୁରକ୍ଷା ବଳ ତରଫରୁ ଆଇଆଇସି /ଆରପିଏଫ ସୁମୀର ସିଂ,ଏସଆଇ କୁନା ବାରିକ, ମୁଖ୍ୟ କନେଷ୍ଟବଳ ପ୍ରଶାନ୍ତ କୁମାର ନନ୍ଦ ଓ ଶୁଭାକର ପଟେଲ ଓ ଷ୍ଟେସନ ମାଷ୍ଟର ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସଂଯୋଜକ ଅଭିଷେକ ମହାପାତ୍ର ଙ୍କ ନେତୃତ୍ୱରେ ପ୍ରକଳ୍ପ ସହାୟକ, ଅଭୟ ଚରଣ ସ୍ୱାଇଁ, ଟୁନି ବେହେରା, ସୌମ୍ୟ ରଞ୍ଜନ ଦୀପ, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ପିଣ୍ଡା ମାଡୁନାହାନ୍ତି ଶିକ୍ଷକ

## ସୀମାନ୍ତରେ ଶିକ୍ଷା ବିଭାଗର ବିକଳ ଚିତ୍ର



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ସୀମାନ୍ତରେ ଶିକ୍ଷା ବିଭାଗର ବିକଳ ଚିତ୍ର। ବିଦ୍ୟାଳୟ ପିଣ୍ଡା ମାଡୁନାହାନ୍ତି ଶିକ୍ଷକ। ଏହିପରି ଏକ ଦୃଶ୍ୟ ଆଜି ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ଲଙ୍ଗଲବେଡା ପଞ୍ଚାୟତର ତଳକେସଲା ପ୍ରାଥମିକ ବିଦ୍ୟାଳୟ ଠାରେ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ଆଗକୁ ନେବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ସୀମାନ୍ତରେ ଥିବା ବିଦ୍ୟାଳୟ ଗୁଡିକର ଏଠି ଚିତ୍ର ପୁରା ଅଲଗା। ତଳ କେସଲା ସ୍କୁଲରେ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ପ୍ରଧାନ ଶିକ୍ଷକ ଛୁଟି ରହୁଥିବା ବେଳେ ଅନ୍ୟ ଶିକ୍ଷକ ଜଣକ ଆଜି ବିଦ୍ୟାଳୟ ଆସିନଥିବାରୁ ଛାତ୍ର ଛାତ୍ରୀମାନେ ବାରଟା ପନ୍ଦର ଯାଏଁ ଅପେକ୍ଷା କରି ଶେଷରେ ଚାଲି ଯାଇଥିଲେ। କିଛି ଗଣମାଧ୍ୟମ ପ୍ରତିନିଧି ଆଜି ଉକ୍ତ ଗ୍ରାମକୁ ଗସ୍ତ କରିଥିବାରୁ ସବୁ କିଛି ଜଣାପଡିଥିଲା। ଫଳରେ ଛାତ୍ର ଛାତ୍ରୀ ମାନେ ଆଜି ଗୋଟିଏ ଦିନ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବାରୁ ସେଥି ପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅପର ପକ୍ଷେ ଶିକ୍ଷା ଅଧିକାରୀ ବା ଅତିରିକ୍ତ ଶିକ୍ଷା ଅଧିକାରୀମାନେ କୌଣସି ଦିନ ଦୁର୍ଗମ ଅଞ୍ଚଳରେ ଥିବା ସ୍କୁଲ ଗୁଡିକୁ ପରିଦର୍ଶନରେ ଯାଉନଥିବାରୁ ଏଇ ଭଳି ପରିସ୍ଥିତି ଉପୁଜୁଛି। ତେଣୁ ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଲେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଶିକ୍ଷାର ଉନ୍ନତି ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ■ ଆବାସ ଯୋଜନାରେ ଅନିୟମିତତା

# ଜଣକ ନାଁରେ ମଞ୍ଜୁର, ଅନ୍ୟଜଣଙ୍କୁ ପ୍ରଥମ କିସ୍ତି ପ୍ରଦାନ

### ଟଙ୍କା ପ୍ରଦାନରେ ଚଞ୍ଚକତା ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ): ସରକାର ଗରିବ ଓ ଅସହାୟ ଲୋକଙ୍କ ଉନ୍ନତି ନିମନ୍ତେ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନାର ସୁଫଳ ପାଉ ନ ଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଘର ମିଳୁନାହିଁ । ଏଭଳି ଏକ ଅଭିଯୋଗ ଆସିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଯୋର ଗ୍ରାମରୁ । ଗ୍ରାମର ସେବକ ମେହେରଙ୍କ ସ୍ତ୍ରୀ ଜୟନ୍ତୀ ମେହେରଙ୍କ ନାମରେ ସରକାରଙ୍କ ପକ୍ଷରୁ ୨୦୨୪-୨୫ ମସିହାରେ ତାଙ୍କ ନାମ ଆବାସ ଘର ତାଲିକାରେ ଥିଲା । ହେଲେ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ ଜୟନ୍ତୀଙ୍କୁ ଆବଶ୍ୟକୀୟ କାଗଜପତ୍ର ସବୁ ମାଗିଥିଲେ ।ହେଲେ ଦୀର୍ଘ ମାସ ବିତି ଯାଇଥିଲେ ସୁଦ୍ଧା ଜୟନ୍ତୀଙ୍କ ଏକାଉଣ୍ଟକୁ କୌଣସି ଟଙ୍କା ଆସି ନ ଥିଲା । ଟଙ୍କା ଆସି ନ ଥିବା ନେଇ ଜୟନ୍ତୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ପଞ୍ଚାୟତ ନିର୍ବାହୀ ଅଧିକାରୀ କୌଣସି କଥା ଶୁଣି ନ ଥିବା କହିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଣିଶୁଣି ଚଞ୍ଚକତା କରି ତାଙ୍କ ଘର ସହାୟତା ରାଶି ଅନ୍ୟ ଜଣକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଜୟନ୍ତୀ କଣ୍ଟାମାଳ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି । ଶିମିଳିପଦର ପଞ୍ଚାୟତରେ ଆବାସ ଯୋଜନାରେ ଏଭଳି ଆହୁରି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସମସ୍ତ ଆବାସ ଯୋଜନାର ଅନିୟମିତତାର ନିରପେକ୍ଷ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟନ୍ତୀ ଦାବି କରିଛନ୍ତି । ଅନିୟମିତତା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଫୋନ ଉଠାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ପୁରାତନ ଗଡ଼ଜାତ ଅମଳର ଗଣେଶ ବଜାରରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି




ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବଜାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ରଞ୍ଜିତ ସାହୁ ସଭାପତି ହୋଇଥିବା ବେଳେ, ସଚିବ ସୁରଜ ଅଗ୍ରୱାଲ, କୋଷାଧ୍ୟକ୍ଷ ମୋହିତ ଅଗ୍ରୱାଲ ଚୟନ ହୋଇଥିଲେ। ଏଥର ଗଣେଶ ପୂଜା କେମିତି ଭଲ ଭାବେ ଓ ଶାନ୍ତି ଶୃଙ୍ଖଳାରେ ହେବ ସେ ବିଷୟରେ ଆଲୋଚନା ହୋଇଥିଲା।

## ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶୁଣାଣି ରେ ସମୁଦାୟ - ୩୪ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୨୯ ଟି ବ୍ୟକ୍ତିଗତ ଓ ୫ ଗୋଟି ସାମୂହିକ ଅଭିଯୋଗ ଆସିଥିଲା । ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ୫ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡଆ,ବିଡ଼ିଓ, ବୌଦ୍ଧ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନଶୁଣାଣି ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ବାମରା (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସଭା ଗୃହରେ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନର ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଅବସରରେ ୭୧ ଗୋଟି ବ୍ୟକ୍ତିଗତ ଓ ୨୦ ଗୋଟି ସାମୂହିକ ମିଶାଇ ମୋଟ ୯୧ ଗୋଟି ଅଭିଯୋଗ ଶୁଣାଣୀ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଅତିରିକ୍ତ ଏସପି ପ୍ରକାଶ ଟପ୍ପୋ , କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ , ଏଡିଏମ୍ଓ ସୁବୋଧ କୁମାର ନାୟକ , ପିଏଆଇଟିଡିଏ ହେମସାଗର ଭୋଇ , ବାମରା ଏସିଏଫ ରେଶମା ଲାକ୍ରା ,ବାମରା ବ୍ଲକ୍ ଚେୟାର ମ୍ୟାନ ପିଙ୍କି ଧୁରୁଆ , ପ୍ରମୁଖ ମଞ୍ଚାସୀନ ଥିଲେ । ବାମରା ଗଣେଶ ନଗର ଅଞ୍ଚଳରେ ଜନୈକ ବ୍ୟବସାୟୀ ଜମି ଜବରଦଖଲ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ , ଜଣେ ବରିଷ୍ଠ ନାଗରିକଙ୍କ ୧୭ ବର୍ଷ ହେବ ଜମିଜମା ସମସ୍ୟା , ଚାଷୀ ପଞ୍ଜୀକରଣ ସମସ୍ୟା ନେଇ ଅବଗତ କରାଯାଇଥିଲା । ସେହିପରି ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ସମ୍ପର୍କିତ ଅଭିଯୋଗ ହୋଇଥିଲା । ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ , ୫ ଜଣଙ୍କୁ ଭୂଇଁ କାର୍ଡ ଓ ୧୬ ଜଣଙ୍କୁ ଶ୍ରମ କାର୍ଡ ବାଣ୍ଟନ କରାଯାଇଥିଲା । ବାମରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଷ୍ପକ ପ୍ରଧାନ ଓ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଶିବିର ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ସାମିଲ ହୋଇଥିଲେ ।

## କନ୍ଧମାଳ ଜିଲ୍ଲାପାଳ ଭାବେ ବେଦ ଭୂଷଣଙ୍କ ଦାୟିତ୍ୱ ଗ୍ରହଣ



କନ୍ଧମାଳ(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲାରେ ବେଦ ଭୂଷଣ ଜିଲ୍ଲାପାଳ ଭାବେ ଥିବା ସମୟରେ ଜନସାଧାରଣ ଭଲ କାମ କରିଛନ୍ତି। ଏହି ଉତ୍ତମ କାମ ପାଇଁ ସମ୍ବଲପୁର ଝୁରୁଛି। ଶ୍ରୀ ବେଦ ଭୂଷଣ ୨୦୨୦ ଓଡ଼ିଶା କ୍ୟାଡରର ଜଣେ ଆଇଏଏସ ଅଧିକାରୀ। ସେ ପୂର୍ବରୁ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ଭାବରେ କାର୍ଯ୍ୟ କରୁଥିଲେ। ପ୍ରକାଶ ଥାଉକି ବେଦ ଭୂଷଣ ପୂର୍ବରୁ ୨୦୧୯ରେ ୟୁପିଏସସି ସିଭିଲ ସର୍ଭିସେସ୍ ପରୀକ୍ଷାରେ ୧୯୫ ତମ ର୍ୟାଙ୍କ ପାଇଥିଲେ। ଆଇଏସ ଅଧିକାରୀ ହେବା ପୂର୍ବରୁ, ସେ ୨୦୧୭ ସିଭିଲ ସର୍ଭିସେସ୍ ପରୀକ୍ଷାରେ ୨୯୩ ରାଙ୍କ ସହିତ ପାସ୍ କରିଥିଲେ ଏବଂ ଭାରତୀୟ ରାଜସ୍ୱ ସେବା (ଆଇଆରଏସ)ରେ ଯୋଗ ଦେଇଥିଲେ। ସେ ଓଡ଼ିଶାର ବରଗଡ଼ ଜିଲ୍ଲାର ବାସିନ୍ଦା ତାଙ୍କ ପିତା, ସୋମଦତ୍ତ, ଜଣେ ଅବସରପ୍ରାପ୍ତ ଶିକ୍ଷକ ଏବଂ ବରଗଡ଼ରେ 'ଶାସ୍ତ୍ରୀ ସାର' ଭାବରେ ଜଣାଶୁଣା। ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ବିଏସସି ଏବଂ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ସହ ଅଧିକାଂଶ ଗ୍ରାମ ଅପହଞ୍ଚ ଇଲାକାରେ ଅବସ୍ଥିତ ଥିବାରୁ ସେ ସବୁ ଗ୍ରାମାଞ୍ଚଳରେ ଏବେବି ରାଜ୍ୟ ସରକାରଙ୍କର ସମସ୍ତ ଯୋଜନା ଅପହଞ୍ଚ ଭାବେ ରହିଛି ସେ ସବୁ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବେ ବୋଲି ଆଶା ପ୍ରକଟ କରିଛନ୍ତି ଜିଲ୍ଲାବାସୀ। ଏଥି ସହିତ ମଧ୍ୟ ସରକାରୀ ଚାକିରିଆମାନେ ଗୋଟିଏ ସ୍ଥାନରେ ଦୀର୍ଘ ଦିନ ରହିଛନ୍ତି, ଠିକ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି ଓ ପୌରପରିଷଦ ଅଞ୍ଚଳରେ ଅଧିକାଂଶ କାର୍ଯ୍ୟ ଠିକ ହୋଇପାରୁନାହିଁ। ଏହାରି ଉପରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧରଣ ଆଶା ବାନ୍ଧିଛନ୍ତି।

## ବିଭିନ୍ନ ସମସ୍ୟା ଘେରରେ ଆଦର୍ଶ ବିଦ୍ୟାଳୟ

କନ୍ଧମାଳ(ଭାସ୍କର ନ୍ୟୁଜ): ଫୁଲବାଣୀ ବ୍ଲକ ଅନ୍ତର୍ଗତ ଧୋବାତୋଟା ଅଞ୍ଚଳରେ ଥିବା ଓଡିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଅଛି । ଉକ୍ତ ବିଦ୍ୟାଳୟରେ ତିନି ଶହ ପଞ୍ଚସ୍ତରୀ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟ ଭିତରକୁ ଯିବା ଆସିବା ସମ୍ମୁଖ ଫାଟକ ରାସ୍ତା ପାଲଟିଛି ମରଣଯନ୍ତା। ସେହି ରାସ୍ତାରେ ସ୍ୱଳ୍ପ କୃତ୍ରିମ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି । ଯାହାଦ୍ୱାରା ଛାତ୍ର ଛାତ୍ରୀମାନଙ୍କୁ ଯିବା ଆସିବାରେ ଅସୁବିଧା ଉପୁଜୁଛି ଏବଂ ଉକ୍ତ ଆଦର୍ଶ ବିଦ୍ୟାଳୟ ରେ ପିଲାମାନଙ୍କୁ ଭଲ ସ୍ଥାନରେ ଖାଇବା ପାଇଁ ଡାଇନିଂ ହଲ ନଥିବାରୁ ପ୍ରତିଦିନ ଛାତ୍ର ଛାତ୍ରୀ ମାନେ ତଳେ ବସି ଖାଉଛନ୍ତି । କିଛିଦିନ ପରେ ଫୁଲବାଣୀ ବିଧାୟକ, ବିଡ଼ିଓ, ଜୁନିଅର ଇଞ୍ଜିନିଅର,ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ସ୍କୁଲ ପରିଦର୍ଶନ କରି ଓ ଜାଣି ମଧ୍ୟ ଏହି ଅସୁବିଧାର କୌଣସି ଦୃଢ଼ ପଦକ୍ଷେପ ନନେବା ଫଳରେ ଶତାଧିକ ଛାତ୍ର ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।

## ପୂର୍ବତନ ଫୁଲବାଣୀ ଆଇଟିଆଇ ଅଧ୍ୟକ୍ଷଙ୍କୁ ଜେଲ୍

କନ୍ଧମାଳ(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ରାୟ। ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ତିନି ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୪ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଶୁଣାଇଛନ୍ତି। କେସ ବିବରଣୀରେ ଯାହା ସୂଚନା ରହିଛି, ୨୦୧୧ରେ ଶ୍ରୀରାୟ ସ୍ଥାନୀୟ ସରକାରୀ ଆଇଟିଆଇର ଅଧ୍ୟକ୍ଷ ଥିବାବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ କରି ତାଙ୍କ ସମୁଦାୟ ସମ୍ପତ୍ତିର ପରିମାଣ ଉପରେ ଚଢ଼ାଉ ସହ ଯାଞ୍ଚ କରିଥିଲେ। ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ୩୯ ଲକ୍ଷ ୭୮ହଜାର ୪୦୭ ଟଙ୍କା ଥିବା ଜଣାପଡିଥିଲା। ଯାହାକି ତାଙ୍କ ପ୍ରକୃତ ଆୟଠାରୁ ଶତକଡା ୬୭ଭାଗ ଅଧିକ ବୋଲି ଆକଳନ କରିଥିଲା ଭିଜିଲାନ୍ସ ବିଭାଗ। ଏହି ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ରାଜେଶ ଦାଶ ୪୭ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ବର୍ତ୍ତମାନ ଅଭିଯୁକ୍ତ ଢେଙ୍କାନାଳ ପଲିଟେକନିକ ରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ମାମଲାଟିକୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ପରିଚାଳନା କରୁଥିଲେ।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର




କଣ୍ଟାମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ କୁଲୁତାଯୋର ପଞ୍ଚାୟତ ନୂଆପାଲୀ ଠାରେ ଥିବା ଆଦିବାସୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିଅର ରେଡକ୍ରସ୍ ଆନୁକୂଲ୍ୟରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ଅନନ୍ତ ଚରଣ କ୍ଷେତୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଜୁନିଅର ରେଡକ୍ରସ୍ ସଂଯୋଜକ ତଥା ବିପର୍ଯ୍ୟୟ ପରିଚାଳନା ସାଧନା କର୍ମୀ ବନମାଳୀ ମେହେର ତାଲିମଦାତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ହଠାତ୍ ମୂର୍ଚ୍ଛା ହେବା,ସାପ କାମୁଡ଼ା, ନିଆଁରୁ ରକ୍ଷା ପାଇବା ପାଇଁ ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ତଥା ମୁଣ୍ଡ ଫଟା,ରକ୍ତସ୍ରାବର ତତ୍କାଳ ଚିକିତ୍ସା ଓ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମକୁ ଜୁନିଅର ରେଡକ୍ରସ୍ ପରାମର୍ଶଦାତା ତଥା ଶିକ୍ଷକ ଅନନ୍ତ କୁମାର ବେହେରା ସଂଯୋଜନା କରିଥିଲେ ।ଶିକ୍ଷକ ସୌଦାଗର ମାଝୀ , ହରିହର ପ୍ରସାଦ ବେଜ୍, ସନ୍ତୋଷ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ କ୍ରୀଡ଼ା ଶିକ୍ଷକ ଶଶି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସାଦ ବଣ୍ଟନ

କଣ୍ଟାମାଳ(ଭାସ୍କର ନ୍ୟୁଜ): ଶ୍ରାବଣ ମାସର ତୃତୀୟ ସୋମବାର ଦିନ ସ୍ଥାନୀୟ ଡୁମାଳ ସମାଜ ତରଫରୁ କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁନାପଥର ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଜଳେଶ୍ୱର ବାବାଙ୍କ ଶିବମନ୍ଦିରଠାରେ କାଉଡିଆ ଏବଂ ଶୈବଭକ୍ତଙ୍କୁ ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଦ୍ଧବାବା ମଠରେ ମହନ୍ତଙ୍କ ତତ୍ତ୍ୱାବଧାନରେ ଶମ୍ଭୁ ପାତ୍ର, କାଶୀବିଶ୍ୱନାଥ କର୍ଣ୍ଣ, ସୁରଥ ପ୍ରଧାନ, ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼, ଓ ଅନ୍ୟମାନେ ପରିଚାଳନା କରିଥିଲେ ଏବଂ ମଠର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, ସହାୟତା ଦାବି



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ଗ୍ରାମରେ ଗତ ଜାନୁଆରୀ ୨୬ ତାରିଖରେ ଗ୍ରାମରେ ଦଶରୁ ପନ୍ଦରଟି ମାଙ୍କଡଙ୍କ ଉତ୍ପାତ ଯୋଗୁ ଭୟରେ ଛାତରୁ ପଡି ନାବାଳିକା ଲିପ୍ସା ପଟେଲ (୧୨) ଙ୍କ ଦୁଇଟି ଗୋଡ ଭାଙ୍ଗି ଯାଇଥିଲା। ସେହିଦିନ ଠାରୁ ଲିପ୍ସା ଶାରୀରିକ କଷ୍ଟ ଭୋଗୁଥିବା ବେଳେ ପରିବାର ଆର୍ଥିକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି ପରିବାର ଏକ ଗରିବ ପରିବାର ହୋଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ରାୟପୁରର ନାରାୟଣ ହସ୍ପିଟାଲରେ ଦୁଇଟି ଗୋଡ ଅପରେସନ କରି ଛଅ ମାସ ହେଲା ପ୍ଲେଟ ଓ ଲୁହା ରଡ଼ ଲାଗିଛି। ଫଳରେ ଲିପ୍ସାଙ୍କ ଚିକିତ୍ସାରେ ବାପା ଜଗଦୀଶ ପଟେଲ ଓ ମା ଡୋଳେଶ୍ୱରୀ ପଟେଲ ଲାଗିଥିବା ବେଳେ ଦେଶର ଭବିଷ୍ୟତ ଗଢିବାର ସ୍ୱପ୍ନ ଦେଖୁଥିବା ନାବଳିକାର ଛଅ ମାସ ହେଲା ପାଠ ପଢାରେ ଡୋରି ପଡିଛି। ସେଥିମଧ୍ୟରେ ପାଞ୍ଚ ଲକ୍ଷ ଟଙ୍କା ଶେଷ ହୋଇ ଯାଇଥିବା ବେଳେ ଧାର କରଜ କରି ହାତରୁ ତିନି ଲକ୍ଷ ଟଙ୍କା ଖର୍ଚ୍ଚ କରି ନିରାଶ ହୋଇଛନ୍ତି। ବର୍ତ୍ତମାନ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ ହୋଇ ଯାଇଥିବା ବେଳେ ଏହି ପରିବାରକୁ ନୂତନ ଆୟୁଷ୍ମାନ ବୀମା ଯୋଜନାର କାର୍ଡ ମିଳିନାହିଁ। ଫଳରେ ଲିପ୍ସାଙ୍କ ଭଙ୍ଗା ଗୋଡ଼ର ଚିକିତ୍ସା ହୋଇ ପାରୁନାହିଁ। ଅନ୍ୟ ପକ୍ଷରେ ଯେହେତୁ ଜଙ୍ଗଲି ଜନ୍ତୁ ଗ୍ରାମରେ ପଶି ଉତ୍ପାତ ମଚାଇ ଥିବା ଯୋଗୁଁ ଲିପ୍ସାର ଗୋଡ ଦୁଇଟି ଭାଙ୍ଗି ଯାଇଥିଲା ଏନେଇ ଜଙ୍ଗଲ ବିଭାଗକୁ ସହାୟତା ନେଇ ଗୁହାରି କଲେ ତାହା ଆମ ହାତରେ ନାହିଁ ବୋଲି ଦୋଷ ଛଡାଇନେଉଛି। ବନ୍ୟ ଜନ୍ତୁ କୌଣସି କ୍ଷୟ କ୍ଷତି କଲେ ସହାୟତା ରାଶି ମିଳିବାର ପ୍ରବଧାନ ଥିବାବେଳେ ଏଠାରେ ଖଡ଼ିଆଳ ବନ ବିଭାଗ ହାତ ଟେକି ଦେଉଥିବାରୁ ଝିଅ ଆର୍ଥିକ ସ୍ଥିତି ଖରାପ ଯୋଗୁଁ ଚିକିତ୍ସା ଆଗେଇ ପାରୁନାହିଁ। ନୂଆପଡା ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ନାବାଳିକା ଲିପ୍ସାର କିପରି ଆଗକୁ ଚିକିତ୍ସା ହୋଇ ପାରିବ ଓ ସେ କେମିତି ଭଲ ହୋଇ ପାଠ ପଢାପଢି କରିପାରିବେ ସେନେଇ ଦୃଷ୍ଟି ଦେବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଜେଆରଡି ଟାଟାଙ୍କ ଜୟନ୍ତୀ ପାଳିତ



ବେଲପାହାଡ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀର ପିଆର ଏବଂ ସିଏସଆର ବିଭାଗ ପକ୍ଷରୁ ସ୍ଥାନୀୟ ଟାଟା ପାର୍କଠାରେ ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୧ ତମ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ପାର୍କଠାରେ ସ୍ଥାପିତ ଜେଆରଡି ଟାଟାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଟିଆରଏଲ୍ କ୍ରୋସାକି ଶ୍ରମିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ, ମନୋଜ ପଟେଲ, ମାନସ ପାଢ଼ୀ, ପ୍ରଫୁଲ୍ଲ ରଥ, ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ବ୍ରଜବନ୍ଧୁ ଶତପଥୀ, ଗୁମାଡେରା ବର୍ଷିୟାନ ନାଗରିକ ସଂଗଠନର ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ପୂର୍ବ କାଉନସିଲର ରଞ୍ଜିତା ବିଶ୍ୱାଳ, ପୌର କାଉନସିଲର କହ୍ନେଇ ଚରଣ ସେଠ, ଯୁଧିଷ୍ଠିର ମୁଖୀ, ବିଭୀଷଣ ରାଉତ, ଗୁମାଡେରା ବର୍ଷିୟାନ ନାଗରିକ ସଂଗଠନର ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ଦିଲୀପ ପ୍ରଧାନ, ସାମ୍ବାଦିକଙ୍କ ମଧ୍ୟରେ ସୁବାସ ପ୍ରଧାନ, ରଶ୍ମୀରଞ୍ଜନ ମହାନ୍ତି, ସନ୍ତୋଷ ସାହୁ, ସରୋଜ ମିର୍ଦ୍ଧା, ସିତମ ପ୍ରଧାନ, ମନୋଜ ମେହେର, ନବୀନ ସିଂ, ଜ୍ଞାନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନେକ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି । ଏକୀକୃତ ସ୍ୱୟଂଚାଳିତ ପଦ୍ଧତି (ୟୁଏଏସ) ଶିକ୍ଷକ ଓ ଛାତ୍ର ଉପସ୍ଥାନ ପ୍ରକ୍ରିୟା ସ୍ଥଗିତ ରଖିବା ଏବଂ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ମୁଖ୍ୟ ବିଷୟ ରହିଥିଲା। ନନ୍ଦାହାଣ୍ଡି ବ୍ଲକର କିଛି ବିଦ୍ୟାଳୟ ମୋବାଇଲ ନେଟୱାର୍କର ଉପଲବ୍ଧ ନୁହଁ, ତେଣୁ ସେଠାରେ ୟୁଏଏସ ମାଧ୍ୟମରେ ଶିକ୍ଷକ ଓ ପିଲାଙ୍କ ଉପସ୍ଥାନ ପକାଇବା ସମ୍ଭବ ହେଉନାହିଁ । ସଂଘ ଦ୍ୱାରା ସରକାରଙ୍କ ନୂତନ ଶିକ୍ଷାନୀତିକୁ ସମର୍ଥନ ଜଣାଇବା ସହ ପୂର୍ବ ସରକାର ଶିକ୍ଷକଙ୍କ ସ୍ୱାର୍ଥ ପାଇଁ କେତେଗୋଟି ନୀତି କାର୍ଯ୍ୟକାରୀ କରି ପାରିଲା ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ସେଗୁଡିକୁ ହେଲା ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି, ଆରଏସିପି ଓ ଏନପିଏସ ଉଚ୍ଛେଦ, ସମାନ କାମକୁ ସମାନ ଦରମା, ଶ୍ରେଣୀ ଅନୁସାରେ ଗୃହ ଓ ଶିକ୍ଷକ ଯୋଗାଣ ଦାବୀପତ୍ରରେ ଉପସ୍ଥାପନ କରିଛନ୍ତି । ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀର ଦାୟିତ୍ୱ ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିବା ଦ୍ୱାରା ଶିକ୍ଷାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି ତେଣୁ ଏହାର ସମାଧାନର ସୂତ୍ର ବାହାର କରାଯାଉ । କମ୍ପ୍ୟୁଟର ବିଦ୍ୟାଳୟରେ ନାହିଁ କିମ୍ବା କମ୍ପ୍ୟୁଟର ଶିକ୍ଷକ ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି ଜଣାଇଛନ୍ତି। ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଡଙ୍ଗରଭେଜା ବଜାର ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ବିଡ଼ିଓ ଙ୍କ ଅନୁପସ୍ଥିତି ଯୋଗୁଁ ସହକାରୀ ଯନ୍ତ୍ରୀ ଶଙ୍କର ବୁଡେକ୍ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗଲତି ସଗରିଆ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ରମଣୀ ରଂଜନ ତ୍ରିପାଠୀ ଉପସ୍ଥିତ ରହିଥିଲେ । ଏତଦ୍ ବ୍ୟତୀତ ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ଏବଂ ସଂଘର ପ୍ରମୁଖ କର୍ମକର୍ତ୍ତା ରୂପେ ଗୀତାଞ୍ଜଳି ବେଜ, ଲକ୍ଷ୍ମୀଧର ସାହୁ, ରଘୁନାଥ ଭତରା, ବିଘ୍ନରାଜ ପାତ୍ର, ଇତିଶ୍ରୀ ପରିଛା, ରାମଚନ୍ଦ୍ର ଦାସ ଓ ହିମାଂଶୁ ଗୌଡ଼ ସାମିଲ ହୋଇଥିଲେ ।

# ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ଅବସ୍ଥିତ ରାଇଘର ବ୍ଲକର ବିଭିନ୍ନ ଶୈବ ପୀଠରେ ଶ୍ରାବଣ ମାସ ତୃତୀୟ ସୋମବାର ଉପଲକ୍ଷେ ବୋଲବମ୍ ଭକ୍ତ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସଦର ମହକୁମା ସ୍ଥିତ ଡିଏନକେରେ ଥିବା ଧବଳେଶ୍ୱର ଶୈବ ପୀଠ, ଗାଁ ଭିତରେ ଥିବା ଶୈବ ପୀଠ, ପାରୁଆ ଠାରେ ଥିବା ସର୍ବ ପୁରାତନ ଶୈବ ପୀଠ ଆଦି ଶୈବ ପୀଠରେ ସକାଳୁ ସକାଳୁ କାଉଡିଆଙ୍କ ଭିଡ଼ ଜମିଥିଲା। କାଉଡିଆମାନେ ପାଣି ଢାଳିବା ସକାଶେ ଧାଡି ବାନ୍ଧି ଲାଇନ୍‌ରେ ଯାଇ ଜଳାଭିଷେକ କରି ମହାଦେବଙ୍କୁ ଦର୍ଶନ କରିଥିଲେ। କିଏ ଛତିଶଗଡ଼ ମହାନଦୀରୁ ପାଣି ଆଣିଥିଲେ ତ ଆଉ କିଏ ବେହେଡା ନଦୀରୁ ପାଣି ଆଣିବା ଦେଖିବାକୁ ମିଳିଥିଲା।

# ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା: ବିଧାୟକଙ୍କ ଅଭିଯୋଗକୁ ବିଜେଡିର ଖଣ୍ଡନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍):ଜିଲ୍ଲା ବିଜେଡ଼ି ପକ୍ଷରୁ ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟ ରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଜିଲ୍ଲା ସଭାପତି ପ୍ରଦିପ ନାୟକ ସଭାପତି ରେ ଆୟୋଜିତ ହୋଇଥିଲା। ଏଥିରେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ,ମ୍ୟୁନିସିପାଲିଟୀର ଅଧ୍ୟକ୍ଷା ନିର୍ମଳା ସେଠୀ, ଏମ୍ ବାଲରାଜୁ (୬)ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟ , ଗୋଷାଣୀ ବ୍ଲକର ଅଧ୍ୟକ୍ଷ ଏନ୍ ବିରରାଜୁ ସହ ଏମ୍ ଗଜପତି ରାଜୁ ଉପସ୍ଥିତ ଥିଲେ । ବହୁଚର୍ଚ୍ଚିତ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଳକଇଠା ପଞ୍ଚାୟତ ଅନ୍ତର୍ଗତ ଡାକ୍ତର ବାଞ୍ଜିରି ଗ୍ରାମ ବିକ୍ରି ଘଟଣା ରାଜ୍ୟରେ ବେଶ୍ ଚର୍ଚ୍ଚାରେ ଥିବାବେଳେ ବିଜେଡି ପକ୍ଷରୁ ଏହାକୁ ନେଇ ବିଧାୟକଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଛି । ଏହି ଗ୍ରାମ ବିକ୍ରି ବେଳେ ପୂର୍ବତନ ବିଧାୟକ କେ.ନାରାୟଣରାଓ କିପରି ଜାଣିପାରିଲେ ନାହିଁ । ବିକ୍ରିର ମାସ ପରେ ସାମ୍ବାଦିକ ସମ୍ମିଳନୀ କରି ଯେଉଁ କୁମ୍ଭୀର କାନ୍ଦଣା କାନ୍ଦିଛନ୍ତି ତାହା ସଭିଏ ଜଣିଛନ୍ତି । ପ୍ରକାଶ ଯେ ଶ୍ରୀ ରାଓ ଦୁଇଦିନ ପୂର୍ବେ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣାକୁ ଏକ ଘୋଟାଲା ବୋଲି କହିବା ସହ ପୂର୍ବତନ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ସମ୍ପୃକ୍ତି ଥିବା କହିଥିଲେ । ଯାହାର ଉତ୍ତର ଆଜି ଗଜପତି ଜିଲ୍ଲା ବିଜେଡି ଦଳ ଦେଇଛି । ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ ଏହାକୁ ରାଜନୈତିକ ରଙ୍ଗ ଦିଆଯାଉଛି । ପୂର୍ବରୁ ବିଜୁ ଜନତା ଦଳ ଡାକ୍ତରବାଞ୍ଜିରି ଜନତାଙ୍କ ସହ ରହିଛି ଏବଂ ଶ୍ରୀ ରାଓ ଯେଉଁ ଆରୋପ ଲଗାଇଛନ୍ତି ବିଜୁ ଜନତା ଦଳ ଓ ସ୍ଥାନୀୟ ବିଧାୟକଙ୍କ ଉପରେ। ସେଥିପାଇଁ ସେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହିଥିଲେ ।ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ ଏହି ଘଟଣାରେ ବିଜେଡି ଡାକ୍ତରବାଞ୍ଜିରି ଜନତାଙ୍କ ସହ ରହି କିପରି ଲଢିଛି ତାହା କହିବା ସହ ବିଳମ୍ବରେ ହେଲେ ମଧ୍ୟ ପୂର୍ବତନ ବିଧାୟକ ଶ୍ରୀ ରାଓ ଏହି ବିକ୍ରି ବେଆଇନ ବୋଲି କହିଛନ୍ତି । ସେଥିପାଇଁ ସେ ଧନ୍ୟବାଦ ଦେଉଛୁ ବୋଲି କହିଥିଲେ । ଏପରିକି କେବଳ ଡାକ୍ତରବାଞ୍ଜିରି ନୁହେଁ ସାତମାଇଲ ଠାରେ ମଧ୍ୟ ୪୩ ଏକର ଜମି ବିକ୍ରୟ ହେବାକୁ ମସୁଧା ହେଉଛି । ତେବେ ଭଲ ହୋଇଥାନ୍ତା ଡାକ୍ତରବାଞ୍ଜିରି ଓ ସାତମାଇଲ ଠାରେ ବିକ୍ରି ହେବାକୁ ଯାଉଥିବା ଜମିଗୁଡିକୁ ଜମି ମାଫିଆ କିଣିବା ପୂର୍ବରୁ ରାଜନୀତିର ଊର୍ଦ୍ଧ୍ୱରେ ରହି ମିଳିତ ଭାବେ ରୋକିବା ପାଇଁ ଚେଷ୍ଟା କରିଥିଲେ । ବିଧାୟକଙ୍କୁ ନେଇ ଶ୍ରୀ ରାଓ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ହାସ୍ୟସ୍ପଦ । ସେ ଜାଣିବା ଦରକାର ଦୀର୍ଘ ଦିନରୁ ଲାଗି ରହିଥିବା ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରୟ ଘଟଣାରେ ନା ସେ ଗ୍ରାମକୁ ଯାଇଛନ୍ତି, ନା ସେ ସରକାରୀ ଦଳରେ ରହି ପଞ୍ଜିକରଣ ବନ୍ଦ କରିବା ପାଇଁ ଚେଷ୍ଟା କରିଛନ୍ତି । ସବାଶେଷରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କହିଥିଲେ ଯେ ପୂର୍ବତନ ବିଧାୟକ ରାଜନୈତୀକ ରଙ୍ଗ ଦେବା ଛଡା ଡାକ୍ତରବାଞ୍ଜିରି ଗ୍ରାମ ପାଇଁ କିଛି କରିନାହାନ୍ତି। ଏପରିକି ବିଜେପି ଦଳ ରାଜ୍ୟରେ ଶାସନକୁ ଆସିବାପର ଠାରୁ ରାଜ୍ୟରେ କେବଳ ରଙ୍ଗଦିଆ କାମ ଚଳାଇଛି । ଏହି ସମସ୍ୟାକୁ ରାଜନୈତିକ ରଙ୍ଗ ଦେବାରେ ଲାଗିଛନ୍ତି । ଶ୍ରୀ ରାଓ ସରକାରୀ ଦଳରେ ଥିବାରୁ ସେ ଚାହିଁଲେ ଏହି ଜମି ବିକ୍ରିକୁ ନେଇ ପଞ୍ଜିକରଣ ବନ୍ଦ କରିଦେଇପାରିଥାନ୍ତେ । ସେ ତାହା ନକରି ଟିପ୍ପଣୀ ଦେବାରେ ଲାଗିଛନ୍ତି । ତାଙ୍କ ଦଳର ସରକାର ରହିଥିବାରୁ ଏହି ଗ୍ରାମର ବିକ୍ରୀକୁ ଅସିଦ୍ଧ ଘୋଷଣା କରିବାରେ ସହଯୋଗ କରନ୍ତୁ କିନ୍ତୁ ରାଜନୀତି ଓ ବ୍ୟକ୍ତିଗତ ଦୋଷାରୋପ କରିବା ବନ୍ଦ କରନ୍ତୁ । ଉକ୍ତ ଗ୍ରାମରେ ବସବାସ କରୁଥିବା ଲୋକଙ୍କୁ ପୂର୍ବରୁ ଲିଖିତ ଭାବେ ଜାଗାର ମାଲିକ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ହଠାତ୍ ଚଞ୍ଚକତା କରି ହାତେଇ ଗ୍ରାମକୁ ବିକ୍ରି କରିବା ପାଇଁ ଯେଉଁ ଅପଚେଷ୍ଟା ହୋଇଛି ପୂର୍ବରୁ ବିଜୁ ଜନତା ଦଳ ଗ୍ରାମବାସୀଙ୍କ ସହ ଥିଲା, ଅଛି ଓ ଭବିଷ୍ୟତରେ ରହିବ । ଏହାକୁ ନେଇ ନୂତନ ଜିଲ୍ଲାପାଳଙ୍କୁ ଏହି ଘଟଣା ବିଷୟରେ ବିଜୁ ଜନତା ଦଳ ଜଣାଇବା ସହ ସାତମାଇଲ ସ୍ଥିତ ୪୩ ଏକର ଜମିର ବିକ୍ରୟ ମସୁଧା ବନ୍ଦ କରିବାପାଇଁ ପ୍ରଚେଷ୍ଟା କରିବ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ସମେତ ବହୁ ଦଳୀୟ କର୍ମୀଙ୍କ ସହ ପ୍ରଭାବିତ ଡାକ୍ତରବାଞ୍ଜିରି ଗ୍ରାମବାସୀ ଉପସ୍ଥିତ ଥିଲେ ।




କଟକ(ଭାସ୍କର ନ୍ୟୁଜ୍): ଭାରତ ବର୍ଷର ନବଜାଗରଣର ମହାନ ପୁରୋଧା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୧୩୪ତମ ମୃତ୍ୟୁ ବାର୍ଷିକ ଏଆଇଡିଏସଓ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କମିଟି ପକ୍ଷରୁ ବିଶ୍ୱ ବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ସର୍ବପ୍ରଥମେ ବିଦ୍ୟାସାଗରଙ୍କ ଫଟୋ ଚିତ୍ରରେ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିସାରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲା ସଂପାଦକ ତରୁଣସେନ ନାୟକ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଆଜିର ପୁଂଜିବାଦୀ ସମାଜରେ ଭୋଗବାଦୀ ସଂସ୍କୃତିରୁ ଊର୍ଦ୍ଧ୍ୱରେ ରହି ସମାଜର ସାଧାରଣ ମଣିଷ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ଛାତ୍ରମାନେ ସ୍ୱର ଉତୋଳନ କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ଏଥି ସହିତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ସାମନ୍ତବାଦୀ ଚିନ୍ତାଧାରାରୁ ମୁକ୍ତି ହୋଇ ଏକ ଯୁକ୍ତିବାଦୀ, ବୈଜ୍ଞାନିକ ଚିନ୍ତା ଚେତନାକୁ ପ୍ରଚାର ପ୍ରସାର ସହ ସରକାରୀ ଶିକ୍ଷା ଉପରେ ଆସୁଥିବା ଆକ୍ରମଣ ତଥା ଜାତୀୟ ଶିକ୍ଷାନୀତି ୨୦୨୦ ଯାହା ଶିକ୍ଷା ସଭ୍ୟତା ବିରୋଧୀ ତା ବିରୋଧ ପ୍ରତିବାଦକୁ ଯୋରଦାର କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ଏହି ଅବସରରେ କ୍ୟାମ୍ପସ ପରିସରରେ ଛାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ମାଦକଦ୍ରବ୍ୟ, ଅଶ୍ଳୀଳତା ଓ ଅପସଂସ୍କୃତି ବିରୁଦ୍ଧରେ ପ୍ରତିବାଦ କରିବାକୁ ଛାତ୍ରମାନେ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ବିଶ୍ୱ ବିଦ୍ୟାଳୟ କମିଟି ସଂପାଦକ ଗାୟତ୍ରୀ ସାହୁ ଓ ଉପସଭାପତି କସକ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

### ଟାଟା ଷ୍ଟିଲ ମେରାମଣ୍ଡଳୀରେ ଭାରତରତ୍ନ

## ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ମେରାମଣ୍ଡଳୀରେ ଭାରତରତ୍ନ ଜେ.ଆର.ଡି. ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଅପରେସନ୍ସ ଭାଇସ ପ୍ରେସିଡେଣ୍ଟ ଉତ୍ତମ ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ସାମିଲ ହୋଇ ଜେ.ଆର.ଡି. ଟାଟାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜେ.ଆର.ଡି. ଟାଟାଙ୍କ ଜୟନ୍ତୀ ଉପଲକ୍ଷେ ଟାଟା ଷ୍ଟିଲ ମେରାମଣ୍ଡଳୀ ଟାଉନସିପ ଭିତରେ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା, କ୍ୱିଜ ପ୍ରତିଯୋଗୀତାର ଆୟୋଜନ କରଯାଇଥିଲା।

## ନାରୀ ସୁରକ୍ଷା ଓ ସ୍ୱାଭିମାନ ପାଇଁ ସଂସଦ ବାହାରେ ବିଜେଡି ସାଂସଦଙ୍କ ଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି । ଜଣେ ମହିଳା ଘରୁ ବାହାରିଲେ ତା'ର କର୍ମ କ୍ଷେତ୍ରକୁ ସୁରକ୍ଷିତରେ ଘରକୁ ଫେରିବ ବୋଲି ଏହି ବିଜେପି ସରକାରରେ କୌଣସି ଗ୍ୟାରେଣ୍ଟି ନାହିଁ । ବିଗତ ଦିନରେ ଘଟିଯାଇଥିବା ଘଟଣାଗୁଡିକୁ ଗଭୀରତାର ସହ ନେଇ ବିଜୁ ଜନତା ଦଳର ସାଂସଦମାନେ ଆଜି ସଂସଦ ଭବନର ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଓଡିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ । ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି କରିବା ସହ ବଲଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ ଦାବି କରିଥିଲେ । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୨ ଅନାଥ...

କିଛି କରିବାକୁ ଚାହୁଁଛି । ଏହାପରେ କଂଗ୍ରେସ ନେତାମାନେ ଏହି ୨୨ଜଣ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ରାହୁଲଙ୍କ ଏହି ନିଷ୍ପତ୍ତିକୁ ଜାମ୍ମୁକାଶ୍ମୀର ପ୍ରଦେଶ କଂଗ୍ରେସ କମିଟି ସଭାପତି ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଏହା ରାହୁଲ ଗାନ୍ଧୀଙ୍କ ପ୍ରତିବଦ୍ଧତାର ପରିଚୟ। ଏହା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସମ୍ବେଦନଶୀଳତା ଓ ଦାୟିତ୍ୱର ପ୍ରତୀକ ବୋଲି ସେ କହିଛନ୍ତି।

### ୧୮ କାଉଡିଆ...

ଘଟିଥିଲା। ଅନ୍ୟ ୨୦ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ହସ୍ପିଟାଲକୁ ପଠାଯାଇଥିଲା। ଜଣେ ପୋଲିସ ଅଧିକାରୀ କହିଛନ୍ତି, ଟ୍ରକ୍‌ଟି ବସ୍‌ଟିକୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ ବସ୍‌ର ସାମ୍ନାପଟ ସଂପୂର୍ଣ୍ଣ ଚୂରମାର ହୋଇଯାଇଛି। ଏହି ଘଟଣାକୁ ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବାବା ବୈଦ୍ୟନାଥ ମୃତକଙ୍କ ପରିବାରକୁ ଶକ୍ତି ଦିଅନ୍ତୁ ବୋଲି ସେ କାମନା କରିଛନ୍ତି।

### ନିମିଷାଙ୍କ ମୃତ୍ୟୁଦଣ୍ଡ...

କିନ୍ତୁ ସେଠାକାର ନିୟମ ଅନୁଯାୟୀ ୟେମେନରେ ବ୍ୟବସାୟ କଲେ ସ୍ଥାନୀୟ ଲୋକଙ୍କ ଭାଗିଦାରୀ ଆବଶ୍ୟକ। ଏହି କାରଣରୁ ନିମିଷା ୟେମେନ ନାଗରିକ ତଲାଲ ଅବଦୋଙ୍କ ସହ ମିଶି କାମ ଆରମ୍ଭ କରିଥିଲେ। କିନ୍ତୁ ଅବଦୋ ତାଙ୍କୁ ହଇରାଣ କରୁଥିବା ଓ ତାଙ୍କ ପାସପୋର୍ଟ ଫେରାଉନଥିବା ନେଇ ସେ ଅଭିଯୋଗ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅବଦୋ ଏହି ମାମଲାରେ ଗିରଫ ହୋଇଥିଲେ। ନିମିଷାଙ୍କ ପରିବାର ଲୋକ କହିଛନ୍ତି, ପାସପୋର୍ଟ ଫେରି ପାଇବା ପାଇଁ ନିମିଷା ଅବଦୋଙ୍କୁ ଅଚେତ ଇଞ୍ଜେକ୍ସନ ଦେଇଥିଲେ। ତେବେ ଓଭରଡୋଜ୍ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ନିମିଷା ତାଙ୍କ ସହଯୋଗୀଙ୍କ ସହ ମିଶି ଅବଦୋଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି ପାଣି ଟାଙ୍କିରେ ପକାଇ ଦେଇଥିଲେ। ଏହାପରେ ନିମିଷା ଭାରତ ପଳାଇ ଆସିବାପାଇଁ ଉଦ୍ୟମ କରୁଥିବାବେଳେ ଗିରଫ ହୋଇଥିଲେ। ୨୦୧୭ରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ୨୦୨୦ରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

### ଯୋଜନା କାର୍ଯ୍ୟକାରୀ...

ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ଟି ସି, କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି । ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି । ସେ ଆହୁରି କହିଥିଲେ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଭୋକାଲ ଫର ଲୋକାଲ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୨୪ ମସିହାରେ 'ଆକାଂକ୍ଷା ବ୍ରାଣ୍ଡ'ର ଶୁଭାରମ୍ଭ କରାଯାଇଛି । ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି ଯେ, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି । ଏହି ଆକାଂକ୍ଷା ହାଟ ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡିକର ବଜାର ଉପଲବ୍ଧତା ବୃଦ୍ଧି ପାଇବ । ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳି ପାରିବ । ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସନାଲ୍ ଜିଲ୍ଲା ଓ ବ୍ଲକ ମାନଙ୍କ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ପୁରସ୍କାର ଆଜି ପ୍ରଦାନ କରିଛନ୍ତି। ଆସପିରେସନାଲ୍ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣ ପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟ ପଦକ, ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଆସପିରେସନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ – ଏହି ଚାରିଟି ବ୍ଲକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟ ୭ଟି ବ୍ଲକ ରୌପ୍ୟ ପଦକ, ଏବଂ ୩ଟି ବ୍ଲକ କାଂସ୍ୟ ପଦକ, ଏବଂ ୧୧ଟି ବ୍ଲକ ତାମ୍ର ପଦକ ପାଇଛନ୍ତି।

### କାନ୍ଦୁଛନ୍ତି...

ଚରମ କାର୍ଯ୍ୟ ଥିଲା। ଆମର ସଂକଳ୍ପ ଥିଲା ଆତଙ୍କୀଙ୍କୁ ମାଟିରେ ମିଶାଇବୁ। ମେ ୯ ତାରିଖ ରାତିରେ ଆମେ ଏପ୍ରିଲ ୨୨ର ଜବାବ ମାତ୍ର ୨୨ ମିନିଟ୍ ଭିତରେ ଦେଇଥିଲୁ। ପାକିସ୍ତାନର ପରମାଣୁ ଧମକକୁ ମିଛ ସାବ୍ୟସ୍ତ କରିଥିଲୁ। କଂଗ୍ରେସକୁ ଟାର୍ଗେଟ କରି ମୋଦୀ ଆହୁରି କହିଥିଲେ ଯେ ସାରା ବିଶ୍ୱରୁ ଆମକୁ ସମର୍ଥନ ମିଳିଲା। ୧୯୩ ଦେଶ ଅପରେସନ ସିନ୍ଦୂରକୁ ସମର୍ଥନ କଲେ। କିନ୍ତୁ କଂଗ୍ରେସ ସମର୍ଥନ କଲାନାହିଁ। ଆମେ କିପରି ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରିବୁ ସେ ନେଇ ଲକ୍ଷ୍ୟଧାର୍ଯ୍ୟ କରିଥିଲୁ। ୯ ତାରିଖ ରାତିରେ ଆମ ମିସାଇଲ ପାକିସ୍ତାନରେ ପ୍ରଚଣ୍ଡ ପ୍ରହାର କଲା। ଏହାପରେ ପାକିସ୍ତାନର ଡିଜିଏମ୍‌ଓ ଫୋନ୍ କରି ଆକ୍ରମଣ ବନ୍ଦ କରିବା ପାଇଁ ନେହୁରା ହୋଇଥିଲେ। ଏହାପରେ ଭାରତ ଆକ୍ରମଣ ବନ୍ଦ କରିଥିଲା। ସେ ଆହୁରି କହିଥିଲେ ଯେ ଏବେ ବି ଅପରେସନ ସିନ୍ଦୂର ଜାରି ରହିଛି। କଂଗ୍ରେସ ନେତାମାନେ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି। ଅସ୍ତ୍ରବିରତିକୁ କଂଗ୍ରେସ ବିରୋଧ କରିଛି। ଯାହା ପାକିସ୍ତାନ କରିବା କଥା ତାହା କଂଗ୍ରେସ କରୁଛି। ପାକ୍ ଅଧିକୃତ କାଶ୍ମୀରକୁ କବ୍‌ଜା କରିବା ସୁଯୋଗ କଂଗ୍ରେସ ହାତଛଡ଼ା କରିଥିଲା। ଯଦି କଂଗ୍ରେସ ଟିକିଏ ଚିନ୍ତା କରିଥାନ୍ତା, ତାହାହେଲେ ପିଓକେ ଭାରତକୁ ଆସିଥିଲା। ମାତ୍ର କଂଗ୍ରେସ ପିଓକେକୁ ନେଇ କିଛି କରିନଥିଲା ବୋଲି ମୋଦୀ କହିଥିଲେ। ଏଥିପୂର୍ବରୁ ଆଲୋଚନାରେ ଭାଗ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ପାକିସ୍ତାନ ଆତଙ୍କବାଦର ଜନ୍ମସ୍ଥାନ ଓ ଦେଶ ବିଭାଜନ ପାଇଁ କଂଗ୍ରେସ ହିଁ ଦାୟୀ। ପାକିସ୍ତାନ ଜନ୍ମ ହେବାପରେ ଆତଙ୍କବାଦ ଜନ୍ମ ନେଲା। ଶାହ ଆହୁରି କହିଥିଲେ ଯେ ୨୦୦୨ ମସିହାରେ ଅଟଳବିହାରୀ ବାଜପେୟୀଙ୍କ ସରକାର ଆତଙ୍କବାଦ ସମାପ୍ତ କରିବା ପାଇଁ ଆଇନ ଆଣିଥିଲା। ମାତ୍ର କଂଗ୍ରେସ ଏହାକୁ ବିରୋଧ କରିଥିଲା। ରାଜ୍ୟସଭାରେ ଅଧିକ ସଂଖ୍ୟା ନଥିବାରୁ ଆଇନ ଗୃହୀତ ହୋଇପାରି ନଥିଲା। ପରେ ଏକ ମିଳିତ ଅଧିବେଶନରେ ଏହା ଗୃହୀତ ହୋଇଥିଲା। ଅନ୍ୟପକ୍ଷରେ ବିରୋଧୀଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଲୋଚନାରେ ଭାଗ ନେଇ କେନ୍ଦ୍ର ସରକାରକୁ ଜୋରଦାର ଟାର୍ଗେଟ କରିଥିଲେ। ରାହୁଲ କହିଥିଲେ, ଅପରେସନ ସିନ୍ଦୂରବେଳେ ମୋଦୀ ସରକାରଙ୍କ ପାକିସ୍ତାନ ସହ ଲଢ଼ିବାର ଇଚ୍ଛା ନଥିଲା। ଅପରେସନ ସିନ୍ଦୂର ଆରମ୍ଭ ହେବାର ମାତ୍ର ୩୦ ମିନିଟ୍ ଭିତରେ ସରିଯାଇଥିଲା। ସେତେବେଳେ ହିଁ ସରକାର ଅସ୍ତ୍ରବିରତି କରି ଦେଇଥିଲେ। ସେ ଆହୁରି କହିଥିଲେ ଯେ ପହଲଗାମ ଆକ୍ରମଣ ଏକ କ୍ରୁର ଆକ୍ରମଣ। ସେମାନେ ଯାହା କହିଛନ୍ତି ତାହା ସାଂଘାତିକ ଭୁଲ। ଏହାକୁ ସମସ୍ତେ ବି ନିନ୍ଦା କରିଛନ୍ତି। ଆମେ ସେତେବେଳେ ସରକାରଙ୍କ ସହ ଚଟାଣ ଭଳି ଛିଡ଼ା ହୋଇଥିଲୁ। ଭାରତୀୟ ଯବାନମାନେ ହେଉଛନ୍ତି ଜଣେ ଜଣେ ଟାଇଗର। ଟାଇଗରକୁ ସ୍ୱାଧୀନ ହେବାକୁ ପଡ଼ିଥାଏ। ସେନାର ବ୍ୟବହାର ପାଇଁ ଇଚ୍ଛାଶକ୍ତି ଦରକାର। ଦେଶପାଇଁ କାମ କରିବାର ଅଛି ଯଦି ସେନାକୁ ସ୍ୱାଧୀନତା ଦେବାକୁ ପଡ଼ିବ। ମୁଁ ରାଜନାଥ ସିଂହଙ୍କ ଭାଷଣ ଶୁଣିଛି। ସେ ଅପରେସନ ସିନ୍ଦୂରର ତୁଳନା ୧୯୭୧ ଯୁଦ୍ଧ ସହ କରିଛନ୍ତି। ଆମେ ଆମେରିକା କଥା ଶୁଣିନଥିଲୁ। ସେତେବେଳେ ସରକାରଙ୍କ ନିକଟରେ ଇଚ୍ଛାଶକ୍ତି ରହିଥିଲା। ଯାହାର ଫଳସ୍ୱରୂପ ୧ଲକ୍ଷ ପାକିସ୍ତାନୀ ସେନା ଆତ୍ମସମର୍ପଣ କରିଥିଲେ ବୋଲି ରାହୁଲ କହିଥିଲେ।

## ଉଠାଦୋକାନୀ ମହାସଂଘ ପକ୍ଷରୁ ଦାବିପତ୍ର

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପ୍ରେସଛକ ଉଠାଦୋକାନୀଙ୍କ ଥଇଥାନ ଓ ସେମାନଙ୍କୁ ଭେଣ୍ଡିଂ ଜୋନ ଯୋଗାଇ ଦେବାକୁ ମଙ୍ଗଳବାର କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଏକ ଦାବିପତ୍ର କଟକ ମହାନଗର ନିଗମ କମିଶନରଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଛବିନ୍ଦ୍ର ଖୁଣ୍ଟିଆ, ଅକ୍ଷୟ ସାହୁ, ମନମୋହନ ବାରିକ, ସନ୍ତୋଷ ସାହୁଓ ନୈନା ଦେହୁରୀ ପ୍ରମୁଖ କଟକର ନବ ନିଯୁକ୍ତ ମ୍ୟୁନିସପାଲ କମିଶନରଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ରାସ୍ତା ଖାଲରେ ପଡ଼ି ୨ ନାବାଳିକା ମୃତ

ଘଟଗାଁ(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଘଟଗାଁ ନାକଝରୀ ଗାଁରେ ରାସ୍ତାରେ ଖେଳୁଥିବାବେଳେ ୨ଜଣ ନାବାଳିକା ଏକ ଖାଲରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲେ ବି ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


**LOST & FOUND**

IT IS NOTIFIED FOR THE INFORMATION THAT MY ORIGINAL MARKSHEET AND DEGREE CERTIFICATE ISSUED BY BPUT, ROURKELA, ODISHA FOR B.TECH IN E&TC ENGG. WITH REGISTRATION NO 1001201184 HAS BEEN LOST. IF FOUND PLEASE CONTACT **SAKET KUMAR JHA.** CONTACT NO : 7760955366.

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନମ୍ବର ଏସ୍‌ଟି-ପିଆର୍‌ଓଜେ-୨-କେଜିପି-ଇଆଇ-ପିକେୟୁ-ଇଓ ତାରିଖ ୨୮.୦୭.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଉପମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର/ପ୍ରୋଜେକ୍ଟ-II/ ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କାର୍ଯ୍ୟର ନାମ: ଖଡ଼ଗପୁର ଡିଭିଜନରେ ପାଂସକୁରା ପୂର୍ବ ବାହ୍ୟ କ୍ୟାବିନରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ନୂତନ ବିତରିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସହିତ ବଦଳାଯିବା। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୭,୬୫,୮୧,୩୭୮.୫୧। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୫,୩୨,୯୦୦/-। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୮.୦୮.୨୦୨୫, ୧୫.୦୦ ଘଣ୍ଟା। ଟେଣ୍ଡର ପ୍ରକାଶିତ ହୋଇଥିବାର ୱେବସାଇଟ୍: www.ireps.gov.in.

(PR-455)

**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 14.07.2025, I Tilottama Paschimakabat, Address: At- Nilakantha Nagar, Chudangasahi, Po- Puri, Ps- Puri Town, Dist- Puri, Odisha, PIN-752001, declare that I have changed my name from Tilottama Paschimkabat to Tilottama Paschimakabat. Henceforth, I shall be known as Tilottama Paschimakabat for all purposes.
**Sd/- Tilottama Paschimakabat**

**ପୂର୍ବ ତଟ ରେଳପଥ**

**ସାମଗ୍ରୀଗୁଡ଼ିକର ଯୋଗାଣ**

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : **www.ireps.gov.in** ରେ ଅପ୍‌ଲୋଡ କରାଯାଇଛି।

ଟେଣ୍ଡର ବିଜ୍ଞପ୍ତି ସଂ. **SDMM/KUR/EP/2025-26/E-procurement Tender Notice/05,** ତା.**25.07.2025** ରିଖ

**କ୍ରମ ସଂ.01:** ଟେଣ୍ଡର ସଂ. **81255685,** ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଷ୍ଟ୍ରାଣ୍ଡେଡ୍ ଆନିଲ୍ଡ (Stranded Annealed) ଟିନ୍ କୋଟେଡ୍ କଣ୍ଡକ୍ଟର 6 ବର୍ଗ ମିଟର, ପରିମାଣ: 50000 ମିଟର।

**ବନ୍ଦ ହେବା ତାରିଖ ଓ ସମୟ:** ତା.**18.08.2025** ରିଖ **1500** ଘଟିକା।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-410/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Khordha, dated: 28.05.2025, I Paschimeswar Jena, Address: At- Malipada, Po- Malipada, Ps- Jankia, Dist- Khordah, Odisha, PIN- 752018, declare that I have changed my name from Paschineswar Jena to Paschimeswar Jena. Henceforth, I shall be known as Paschimeswar Jena for all purposes.
Sd/- Paschimeswar Jena

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 16.07.2025, I Saradu Randhari, S/o- Late Jagabandhu Randhari, Vill- Purniguda, Po- Sindhigam, Ps- Nabarangpur, Dist- Nabarangpur, Odisha, declare that. I have changed my minor son's name from KICHAK RANDHARI to KISHORE RANDHARI. Henceforth he shall be known as KISHORE RANDHARI for all purposes.
**Sd/- Saradu Randhari**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 10.07.2025, I PRANATI PRIYA GILAS, D/O- Late. BIDAN GILAS, Village - Bandiguda, Po- Kodinga, P/s- Kodinga, Dist- Nabarangpur, Odisha, declare that. I have changed my name from PRATATI PRIYA GILAS to PRANATI PRIYA GILAS. Henceforth I shall be known as PRANATI PRIYA GILAS for all purposes.
**Sd/- PRANATI PRIYA GILAS**

**कार्यपालक अभियंता (यॉंत्रिक) का कार्यालय**
**सिंचाई यॉंत्रिक प्रमंडल, देवघर**
**Email Id – eeimddeoghar@gmail.com**

**ई– प्रोक्योरमेंट सूचना**

**अल्पकालीन ई–निविदा प्रसंग सं०–WRD/IMD/DEOGHAR/05F₂/2025–26 दि० 29.07.2025**

| | | |
|---|---|---|
| 1 | कार्य का नाम | **हरना वीयर (उत्तरी) योजना** के मुख्य शीर्ष स्थल तथा मुख्य नहर के विभिन्न चेन संख्या पर अवस्थित एच० आर० गेटों एवं उनके उत्तोलन प्रणाली, एम्बेडिंग, मेटल सील, रबर सील इत्यादि का जीर्णोद्धार कार्य |
| 2 | प्राक्कलित राशि (रुपये में) | 1,14,30,381.00 (एक करोड़ चौदह लाख तीस हजार तीन सौ इक्यासी मात्र) |
| 3 | कार्य समाप्ति की अवधि | 240 दिन |
| 4 | अग्रधन की राशि (रुपये में) | 2,28,700.00 |
| 5 | वेबसाईट पर निविदा प्रकाशित होने की तिथी एवं समय | 01.08.2025 (अपराहन 5.00 बजे) |
| 6 | आनलाईन बिड प्राप्ति की अंतिम तिथि एवं समय | 14.08.2025 (अपराहन 5.00 बजे) |
| 7 | ई–निविदा खुलने की तिथी एवं समय | 18.08.2025 (पूर्वाहन 11.00 बजे) |
| 8 | निविदा आमंत्रित करने वाले का पदनाम एवं पता | कार्यपालक अभियंता, सिंचाई यॉंत्रिक प्रमण्डल, देवघर। |
| 9 | ई–प्रोक्योरमेंट अधिकारी का सम्पर्क नम्बर | 8405978740 |
| 10 | ई–प्रोक्योरमेंट सेल का हेल्पलाईन नं० | 0651–2491232 |

नोट :– 1. केवल ई– निविदा ही स्वीकार किया जायेगा।
2. विस्तृत जानकरी के लिए बेबसाईट http://jharkhandtenders.gov.in एवं कार्यालय की सूचना पट् पर देखा जा सकता है।
3. निविदा बिना कारण बताऐं कभी भी संशोधित या रदद् की जा सकती है।
4. सरकार द्वारा लिये गये निर्णय के आलोक में सभी कागजात के साथ निविदा शुल्क एवं अग्रधन की राशि Online Mode द्वारा ही स्वीकार्य होगा।
5. निविदा शुल्क एवं अग्रधन की राशि ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संबंधित निविदाकार की होगी।

कार्यपालक अभियंता
सिंचाई यॉंत्रिक प्रमण्डल, देवघर।

PR.NO.358527 Water Resource(25-26):D

C-767

**ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ;ବୀରମିତ୍ରପୁର**
**OFFICE OF THE BIRMITRAPUR MUNICIPALITY; BIRMITRAPUR**
ପୌରପାଳିକା କାର୍ଯ୍ୟାଳୟ ବୀରମିତ୍ରପୁର- ୭୭୦୦୩୩ Municipality Office Birmitrapur-770033 Tel:-0661-2610008
E-mail: - biramitrapurm.hud@nic.in

No. 1468 /BMPR-MUN Date 28.07.2025

Sealed tenders are invited from registered Govt. contractors of 'D' & 'C' class for execution of work in Biramitrapur Municipality. The sale & receipt of tender paper shall start from 29.7.2025 to 08.8.2025 at working hours & opening on Dt: - 11.8.2025 at 11.30AM. The details can be heard from the office of the Biramitrapur Municipality on any working day.

Yours Faithfully
Sd/-Executive Officer
Biramitrapur Municipality

OIPR 13193/11/0004/2526

O-484

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 05-OF 2025-26**

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure-'A'
3. Class of contractor : "C" & "B"
5. Date & Time of availability of bid document in the portal : From Dt.30.07.2025 at 10.00 A.M.
6. Last date & Time for receipt of bids in the portal : Dt. 08.08.2025 upto 05:00 P.M.
7. Last date of seeking clarification : Dt. 07.08.2025 up to 5.00 P.M
8. Date & Time of bid opening : Dt. 11.08.2025 at 10.00 A.M .
9. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website

Sd/- Executive Engineer,
Rural Works Division, Padampur

OIPR 25069/11/0033/2526

C-748

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**
**e-mail: -eephd.rgda.od@od.gov.in,eephdrgda@gmail.com**

**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025**

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dtd.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd/- EXECUTIVE ENGINEER,
P.H. DIVISION, RAYAGADA

OIPR 13052/11/0031/2526

A-442

**OFFICE OF THE SUPERINTENDING ENGINEER, LOWER INDRA CANAL DIVISION, KHARIAR, DIST-NUAPADA**
EMail ID : eelicd.khr@gmail.com

No. 3249 Dated- 28.07.2025

**CANCELLATION OF TENDER**

This office tender call notice No-04/2025-26 on dated 19.07.2025 (Two Numbers Of Works) is hereby cancelled due to unavoidable circumstances.

Sd/- SUPERINTENDING ENGINEER
L.I CANAL DIVISION, KHARIAR

OIPR 32335/11/0007/2526

C-762

GOVERNMENT OF ODISHA
e-Procurement Notice, Angul Municipality office, Angul
Bid Identification No.- EO/AGLM-07/ 2025-26
**Bid Identification No. 2025_ORULB_116179**
e-mail ID- angulmunicipality@gmail.com
No. 2647 Date 25.07.2025

1. Number of Works : 15 (fifteen) numbers of civil works
2. Approximate estimated cost : Rs.**5.76 to 16.95 lakhs** (excluding GST)
3. Period of completion : 02 & 04 calendar months
4. Date & Time of availability of bid document In the portal : **Dt. 29.07.2025 at 10.00 A.M.**
5. Last date / Time for receipt of bid in the portal : **Dt. 08.08.2025 up to 5.00 P.M.**
6. Date of opening Bid : **Dt. 11.08.2025 at 11.00 A.M.**
7. Name and address of the Office Inviting Bid : **Executive Officer, Angul Municipality, Angul**
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in

Sd/-S.P. Tripathy
Executive Officer
Angul Municipality

OIPR 13085/11/0045/2526

**OFFICE OF THE MUNICIPAL COUNCIL: SUNDARGARH**

Notice No 1647 /Dt. 23.07.2025

C-756

The Executive Officer, on behalf of Sundargarh Municipality, invites online bids under Double Cover System (Two-Bid System i.e. Technical Bid & Financial Bid) from repute firms/ agencies in conformity with the detailed tender notice for **"Supply of 01 nos Truck Mounted Suction Machine (cesspool) 3000 litters capacity to Sundargarh Municipality".**

For detailed technical specifications, terms & conditions, etc., please visit-

Sd/- Executive Officer,
Sundargarh Municipality

OIPR 13130/11/0038/2526

B-350

**Government of Odisha, e- Procurement Notice**
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 05/2025-26 Email Id-sedklpwd@gmail.com

Letter No. 1633 /Dt. 28.07.2025

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:

1. Name of the work : Road & Building works
2. No of works : 03 (Three) Nos
3. Estimated Cost : **Rs.1.20 Crore to 6.82 Crore (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'B' Class, 'A' Class & 'Special' Class **(as given in column No. 07 of table)**
6. Period of Completion of work : 05 (Five) to 07 (Seven) calendar months **(as given in column No. 08 of table)**
7. Date and time of availability of bid Document in the website : From Dt.02.08.2025 to 5.00P.M.of Dt.16.08.2025
8. Date of opening of bid : Dt.18.08.2025 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-Chief Construction Engineer
Dhenkanal (R&B) Circle, Dhenkanal

OIPR 34132/11/0035/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୭୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୭,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

CAD-1313

**ବିଜ୍ଞାପନ**

ପତ୍ର ସଂଖ୍ୟା: **୧୫୩** ତା:**୨୨.୦୭.୨୦୨୫**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଫ୍ଲାଟ ନଂ-ଏଲ.ସି-୧୨୪/୨(LC-124/2) ଚନ୍ଦ୍ରଶେଖରପୁର, ୨ୟ ରୁ ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଦୁର୍ଗାବତୀ ବଇରିଗଞ୍ଜନ ଓରଫ ମଙ୍ଗରାଜ, ସ୍ୱାମୀ-୯ସ୍ୱରଥ ଚନ୍ଦ୍ର ମଙ୍ଗରାଜ, ସା-ଖୁଣ୍ଟିଆ ବାଣପୁର, ପୋ-କୋହ୍ଲଣ, ଥାନା-ବ୍ରହ୍ମଗିରି, ଜିଲ୍ଲା-ପୁରୀ ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଦୁର୍ଗାବତୀ ବଇରିଗଞ୍ଜନ ଓରଫ ମଙ୍ଗରାଜ ଉକ୍ତ ଫ୍ଲାଟଟିକୁ ଦାନପତ୍ର ଆଧାରରେ କୁସୁମିତା ଭୂୟାଁ, ସ୍ୱାମୀ-ଗୁପ୍ତେଶ୍ୱର ଭୂୟାଁ, ସା-ଫ୍ଲାଟ୍ ନଂ ଏଲ.ସି-୧୨୪/୨, ପୋ/ଥାନା-ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଫ୍ଲାଟର ମାଲିକାନା ପରିବର୍ତ୍ତନ ସମ୍ପନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତପରେ ଏ ସମ୍ପନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କାରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାଇ କରାଯାଇପାରେ ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0779/2526



ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନରେ ଅପରେସନ ସିନ୍ଦୂର ଉପରେ ଜୋରଦାର ଆଲୋଚନା ହୋଇଥିଲା। ଏହି ସମୟରେ ଅମିତ ଶାହ ବିରୋଧୀ ଦଳ ଉପରେ ବର୍ଷିଛନ୍ତି। ସେ କହିଥିଲେ ଯେ ମୁଁ ଗୋଟିଏ କଥା କହିବାକୁ ଚାହୁଁଛି ଏହି ସମସ୍ତ ଆତଙ୍କବାଦର ମୂଳ ହେଉଛି ପାକିସ୍ତାନ ଏବଂ ଏହିଁ ପାକିସ୍ତାନ କଂଗ୍ରେସ ଦଳର ଭୁଲ। ସେମାନେ ଦେଶ ବିଭାଜନକୁ ଗ୍ରହଣ କରି ଦେଶକୁ ଭାଙ୍ଗି ଦେଇଛନ୍ତି। ଆମେ ଡୋଜିୟରର ଜବାବ ଦେଉନାହୁଁ। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ପରାଜୟର ସାମ୍ନା କରିବାକୁ ପଡିଲା। ପାକିସ୍ତାନର ଡିଜିଏମଓଙ୍କୁ ଯୁଦ୍ଧବିରତି ପାଇଁ ପଦକ୍ଷେପ ନେବାକୁ ପଡିଲା। ଅପରେସନ ସିନ୍ଦୂର ଉପରେ ଆଲୋଚନା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉପରେ କଡ଼ା ଆଟାକ କରିଥିଲେ। ସେ କହିଥିଲେ ଯେ ୧୯୭୧ ମସିହାରେ ଇନ୍ଦିରାଙ୍କୁ ସମର୍ଥନ କରାଯାଇଥିଲା, ସେ ପାକିସ୍ତାନକୁ ଦୁଇ ଭାଗରେ ବିଭକ୍ତ କରିଥିଲେ।



ହିମାଚଳ ପ୍ରଦେଶର ରାଜ୍ୟପାଳ ଶିବ ପ୍ରସାଦ ଶୁକ୍ଳା ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ଅବସରରେ...

## କେରଳ, ଓଡ଼ିଶାର ସାଂସଦ ପ୍ରତିନିଧିମଣ୍ଡଳୀଙ୍କୁ ସାକ୍ଷାତ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ନିଜ ମନ୍ତ୍ରଣାଳୟ ମହାନଦୀ ଭବନରେ କେରଳ ଓ ଓଡ଼ିଶାର ଏକ ସାଂସଦ ପ୍ରତିନିଧିମଣ୍ଡଳୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଚଲାକୁଡିର ବେନିବେହନନ୍, କୋଟାୟମ୍‌ର କେ ଫ୍ରାନ୍ସିସ୍ ଜର୍ଜ କୋଲମର ଏନ୍‌କେ ପ୍ରେମଚନ୍ଦ୍ରନ, କୋରାପୁଟ ସପ୍ତଗିରି ଓଲାକ ଏବଂ କେରଳ ବିଧାନସଭା ସଦସ୍ୟ ରୋଜି ଏମ୍ ପ୍ରମୁଖ ଏହି ପ୍ରତିନିଧିମଣ୍ଡଳୀରେ ସାମିଲ ହୋଇ ଛତିଶଗଡ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଛତିଶଗଡ ଏକ ଶାନ୍ତି ପୂର୍ଣ୍ଣ ଓ ସୌହାଦ୍ୟପୂର୍ଣ୍ଣ ରାଜ୍ୟ। ଏଠାରେ ସବୁ ଧର୍ମକୁ ସମ୍ମାନ ଦିଆଯାଇଥାଏ। ପ୍ରତିନିଧିମଣ୍ଡଳଙ୍କୁ ବିଷ୍ଣୁଦେବ ଆଶ୍ୱାସନା ଦେଇ କହିଥିଲେ ଯେ, ଧର୍ମାନ୍ତରୀ ମାମଲାରେ ନ୍ୟାୟିକ ପ୍ରକ୍ରିୟା ଜାରି ରହିଛି। ଆଇନ ତା ବାଟରେ ଯିବ। ସେ କହିଥିଲେ ମୋ ସରକାରର ପ୍ରଥମ ଦାୟିତ୍ୱ ହେଉଛି ମୋ ରାଜ୍ୟର ମହିଳା ଏବଂ ନାଗରିକମାନେ ସୁରକ୍ଷିତ ସହ ସମ୍ମାନର ସହ ଜୀବନଯାପନ କରନ୍ତୁ।

## ଦୁଇଟି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କଲା ଡିଆରଡିଓ



ନୂଆଦିଲ୍ଲୀ: ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପ୍ରଳୟ କ୍ଷେପଣାସ୍ତ୍ର ପ୍ରଣାଳୀର କ୍ରମାଗତ ଦୁଇଟି ସଫଳ ପରୀକ୍ଷଣ କରିଛି। ଓଡ଼ିଶା ଉପକୂଳସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଜୁଲାଇ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଏହି ପରୀକ୍ଷଣ କରାଯାଇଥିଲା। ସର୍ବାଧିକ ଏବଂ ସର୍ବନିମ୍ନ ଦୂରତାରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ଲକ୍ଷ୍ୟଭେଦ କ୍ଷମତାକୁ ପ୍ରମାଣିତ କରିବା ଲାଗି ବ୍ୟବହାରକାରୀ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ସ୍ୱରୂପ ଏହି ପରୀକ୍ଷଣ କରାଯାଇଥିଲା। କ୍ଷେପଣାସ୍ତ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଗତିପଥକୁ ସଠିକ୍ ଭାବରେ ଅନୁସରଣ କରିଥିଲେ ଏବଂ ସମସ୍ତ ପରୀକ୍ଷଣ ଉଦ୍ଦେଶ୍ୟ ପୂରଣ କରି ସମ୍ପୂର୍ଣ୍ଣ ସଠିକତା ସହିତ ଲକ୍ଷ୍ୟଭେଦ କରିଛନ୍ତି । ପ୍ରଳୟ ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ କଠିନ ପ୍ରପେଲାଣ୍ଟ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଉଚ୍ଚ ସଠିକତା ସୁନିଶ୍ଚିତ କରିବା ପାଇଁ ଏହା ଅତ୍ୟାଧୁନିକ ମାର୍ଗଦର୍ଶନ ଏବଂ ଦିଗ ନିର୍ଣ୍ଣୟ ପ୍ରଣାଳୀକୁ ବ୍ୟବହାର କରିଥାଏ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ସଂଖ୍ୟାଧିକ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ। ଡିଆରଡିଓର ବରିଷ୍ଠ ବୈଜ୍ଞାନିକ, ବ୍ୟବହାରକାରୀ ପ୍ରତିନିଧି ରୂପେ ଭାରତୀୟ ବାୟୁସେନା ଏବଂ ସ୍ଥଳସେନାର ବରିଷ୍ଠ ଅଧିକାରୀଙ୍କ ସହିତ ଶିଳ୍ପ ପ୍ରତିନିଧିମାନେ ଉଡ଼ାଣ ପରୀକ୍ଷଣ ଦେଖିଥିଲେ। ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓ, ସଶସ୍ତ୍ର ବାହିନୀ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି। ପ୍ରତିରକ୍ଷା ଗବେଷଣା ତଥା ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧକ୍ଷ ଡକ୍ଟର ସମୀର ଭି କାମତ ଏହି କ୍ଷେପଣାସ୍ତ୍ର ପ୍ରସ୍ତୁତ କରିଥିବା ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ପର୍ଯ୍ୟାୟ-୧ ଉଡ଼ାଣ ପରୀକ୍ଷଣର ସଫଳ ସମାପ୍ତି ନିକଟ ଭବିଷ୍ୟତରେ ସଶସ୍ତ୍ର ବାହିନୀରେ ଏହି ପ୍ରଣାଳୀକୁ ସାମିଲ କରିବା ପାଇଁ ପଥ ପ୍ରଶସ୍ତ କରୁଛି।

## ଶାହାଙ୍କୁ ପ୍ରିୟଙ୍କାଙ୍କ କଡା ଜବାବ

ନୂଆଦିଲ୍ଲୀ: ମଙ୍ଗଳବାର ସଂସଦରେ ଅପରେଶନ ସିନ୍ଦୂର ଉପରେ ଆଲୋଚନା ସମୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିବା ସମୟର ଉଲ୍ଲେଖ କରିଥିଲେ। ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଥିଲେ ଯେ ଯେତେବେଳେ ତାଙ୍କ ସ୍ୱାମୀଙ୍କୁ ଆତଙ୍କବାଦୀମାନେ ଶହୀଦ କରିଥିଲେ, ସେତେବେଳେ ମୋ ମାଆ (ସୋନିଆ ଗାନ୍ଧୀ)ଙ୍କ ଆଖିରୁ ଲୁହ ଝରି ଆସିଥିଲା, ଯେତେବେଳେ ତାଙ୍କୁ ମାତ୍ର ୪୪ ବର୍ଷ ହୋଇଥିଲା। ପ୍ରିୟଙ୍କା ଆହୁରି କହିଛନ୍ତି ଯେ ଆଜି ମୁଁ ଏହି ସଂସଦରେ ଠିଆ ହୋଇଛି ଏବଂ ବିତର୍କ କରୁଛି କାରଣ ମୁଁ ସେମାନଙ୍କର ଯନ୍ତ୍ରଣା ଜାଣିଛି। କଂଗ୍ରେସ ଏମପି ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, 'ଆଜି ଏହି ଗୃହରେ ବସିଥିବା ଅଧିକାଂଶ ଲୋକଙ୍କ ସୁରକ୍ଷା କବଚ ଅଛି, କିନ୍ତୁ ସେହି ଦିନ ପହଲଗାମରେ ସେମାନଙ୍କ ପରିବାର ସମ୍ମୁଖରେ ୨୬ ଜଣଙ୍କୁ ହତ୍ୟା କରାଯାଇଥିଲା। ସରକାରଙ୍କୁ ଟାର୍ଗେଟ କରି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି ଯେ ଏହା ସୁନାର ମୁକୁଟ ନୁହେଁ, ବରଂ କଣ୍ଟାର ମୁକୁଟ। ଯେତେବେଳେ ସରକାର ମିଛ ଏବଂ କାପୁରୁଷ, ଏହା ସବୁଠାରୁ ସାହସୀ ସେନାକୁ ମଧ ଦୁର୍ବଳ କରିଦିଏ। ଦେଶକୁ ପ୍ରତିଶୋଧର ସହିତ ସମସ୍ତଙ୍କୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିଜ୍ଞା ଆବଶ୍ୟକ, ସେନାର ଶକ୍ତି ସହିତ, ସରକାରଙ୍କ ସତ୍ୟ ମଧ ଆବଶ୍ୟକ।

### ଜାତୀୟ ଶିକ୍ଷା ନୀତି -୨୦୨୦ର ୫ ବର୍ଷ ପୂର୍ତ୍ତି ଦିବସ

## 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ଦିଗରେ ଜାତୀୟ ଶିକ୍ଷା ନୀତି ସବୁଠୁ ପ୍ରଭାବଶାଳୀ ଅସ୍ତ୍ର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: 'ବିକଶିତ ଭାରତ' କେବଳ ଏକ ଭିଜନ ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା କାମକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଶକ୍ତିଶାଳୀ ଆହ୍ୱାନ । ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷା ନୀତି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଜାତୀୟ ଶିକ୍ଷା ନୀତି ୨୦୨୦ର ୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ସମାଗମ (ଏବିଏସଏସ)-୨୦୨୫କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗୌରବମୟ ଅବସରରେ ଜାତୀୟ ଶିକ୍ଷା ନୀତି ୨୦୨୦ର ଡ୍ରାଫଟିଂ କମିଟିର ଅଧ୍ୟକ୍ଷ ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ, ଭାରତର ଶିକ୍ଷା ଏବଂ ମହାକାଶ କ୍ଷେତ୍ରରେ ଅଗ୍ରଣୀ ଅବଦାନକୁ ସ୍ୱୀକୃତି ଦେଇ ଶ୍ରୀ ପ୍ରଧାନଙ୍କ ସମେତ ସମ୍ମାନିତ ବ୍ୟକ୍ତିମାନେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଜାତୀୟ ଶିକ୍ଷା ନୀତିର ପଞ୍ଚମ ବାର୍ଷିକୀରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମଧ ପଠନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ସ୍ୱାକ୍ଷରତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରାୟ ୪,୦୦୦ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପର ଅନାବରଣ କରିଥିଲେ । ଏହି ପ୍ରକଳ୍ପରେ ଶିକ୍ଷା କ୍ଷେତ୍ରରେ ନୂଆ ଉପକ୍ରମ, ପଦକ୍ଷେପ, ନୂଆ କ୍ୟାମ୍ପସର ଉଦଘାଟନ ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ। ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚ ବର୍ଷ ସଫଳ ସମାପନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପ୍ରଧାନ କହିଥିଲେ ଅଖିଳ ଭାରତୀୟ ଶିକ୍ଷା ସମାଗମ କେବଳ ଏକ ସମ୍ମିଳନୀ ନୁହେଁ ବରଂ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଜାତୀୟ ସଂକଳ୍ପର ଏକ ସାମୂହିକ ଅଭିବ୍ୟକ୍ତି । ସେ ସମସ୍ତଙ୍କୁ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ମନର ସହ ପ୍ରତିବଦ୍ଧ ହେବାକୁ ଆହ୍ୱାନ କରିଥିଲେ । କ୍ଲାସରୁମରୁ କ୍ରିଏଟିଭିଟି ଏବଂ ଶିକ୍ଷାରୁ ରାଷ୍ଟ୍ର ନିର୍ମାଣ ଆଡ଼କୁ ଯିବା ଦିଗରେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ, ଡକ୍ଟର ସୁକାନ୍ତ ମଜୁମଦାର, ୧୩ଟି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷା ମନ୍ତ୍ରୀମାନେ ଯୋଗ ଦେଇଥିଲେ । ଉଚ୍ଚଶିକ୍ଷା ବିଭାଗ ସଚିବ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ, ପ୍ରମୁଖ ଶିକ୍ଷାବିତ୍, ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସଂଗଠନର ଆଞ୍ଚଳିକ ଅଧିକାରୀ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର କୁଳପତି, ନିର୍ଦ୍ଦେଶକ, ମୁଖ୍ୟ, ଅନ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ରାଜ୍ୟ ଶିକ୍ଷା ସଚିବ, ସମଗ୍ର ଶିକ୍ଷାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଏସସିଇଆରଟିର ନିର୍ଦ୍ଦେଶକ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଶେୟାର ବଜାରରେ ହ୍ରାସ ମଧରେ ମଙ୍ଗଳବାର ଲଗାତାର ପଞ୍ଚମ ଦିନ ପାଇଁ ସୁନା ଏବଂ ରୂପାର ମୂଲ୍ୟ ହ୍ରାସ ପାଇଛି। ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ ସୁନାର ମୂଲ୍ୟ ୧୧୦ ଟଙ୍କା ହ୍ରାସ ପାଇଛି। ରାଜଧାନୀ ଦିଲ୍ଲୀରେ ସୁନା ପ୍ରତି ୧୦ ଗ୍ରାମକୁ ୯୯,୯୭୦ ଟଙ୍କାରେ କାରବାର ହେଉଛି। ସେହି ସମୟରେ, ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମକୁ ୯୧,୬୫୦ ଟଙ୍କାରେ କାରବାର ହେଉଛି, ଯାହା ୧୦୦ ଟଙ୍କା ଶସ୍ତା ହୋଇଛି। ଏହା ସହିତ, ରୂପାର ମୂଲ୍ୟରେ ଏପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ସହିତ, ରୂପାର ମୂଲ୍ୟରେ ଏପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇନାହିଁ। ଗୁଡ ରିଟର୍ଣ୍ଣସର ତଥ୍ୟ ଅନୁଯାୟୀ, ଆଜି ପୁଣି ଥରେ ସୁନା ମୂଲ୍ୟ ହ୍ରାସ ପାଉଛି। କେବଳ ଦିଲ୍ଲୀରେ ନୁହେଁ, ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ମଧ ଆଜି ସୁନାର ମୂଲ୍ୟ ହ୍ରାସ ପାଇଛି। ସେହି ସମୟରେ, ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ, ୨୪ କ୍ୟାରେଟ ୧୦ ଗ୍ରାମ ସୁନା ୧୧୦ ଟଙ୍କା ହ୍ରାସ ସହିତ ୯୯,୯୭୦ ଟଙ୍କାରେ ଏବଂ ଚେନ୍ନାଇରେ ସୁନା ୧୦ ଗ୍ରାମ ପ୍ରତି ୯୯,୮୨୦ ଟଙ୍କାରେ କାରବାର କରୁଛି।

## ଜେଆର୍‌ଡି ଟାଟାଙ୍କ ଜନ୍ମଜୟନ୍ତୀରେ ଟିପିସିଓଡିଏଲ୍ ପକ୍ଷରୁ ଏଥିକ୍ସ-ଡେ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଏଥିକ୍ସ-ଡେ ପାଳିତ। ଭାରତ ରତ୍ନ ଜେ.ଆର.ଡି. ଟାଟାଙ୍କ ୧୨୧ତମ ଜନ୍ମଜୟନ୍ତୀ ଅବସରରେ ଏହି ଏଥିକ୍ସ-ଡେ ପାଳିତ ହୋଇଯାଇଛି। କର୍ପୋରେଟ୍ ଅଫିସ୍ ସମେତ ଟିପିସିଓଡିଏଲର ବିଭିନ୍ନ ଅଫିସରେ ଏଥିକ୍ସ-ଡେ ପାଳିତ ହୋଇଯାଇଛି। କର୍ପୋରେଟ୍ ଅଫିସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସିଇଓ ଅରଭିନ୍ଦ ସିଂହ, ବରିଷ୍ଠ ଅଧିକାରୀମାନଙ୍କ ସହିତ, ଜେ.ଆର.ଡି. ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଜୀବନୀ ଏବଂ ମହାନତା ଉପରେ ଆଲୋଚନା କରିଥିଲେ। ଭାରତରେ ବେସାମରିକ ବିମାନ ଚଳାଚଳର ଅଗ୍ରଣୀ ଠାରୁ ଆରମ୍ଭ କରି ଶିଳ୍ପ, ଅଖଣ୍ଡତା ଏବଂ ନବସୃଜନରେ ଅତୁଳନୀୟ ମାନଦଣ୍ଡ ପ୍ରତିଷ୍ଠା କରିବା ପର୍ଯ୍ୟନ୍ତ ଜେ.ଆର.ଡି. ଟାଟାଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରାଯାଇଥିଲା। ବିଶେଷକରି ଜେ.ଆର.ଡି. ଟାଟା ସର୍ବଦା ଗୁଣବତ୍ତା, ସରଳତା ଏବଂ ନୀତିଶାସ୍ତ୍ର ଉପରେ ଗୁରୁତ୍ୱ ଦେଇଥିଲେ ବୋଲି କାର୍ଯ୍ୟକ୍ରମରେ ଅନେକ ଅଧିକାରୀ ମତପୋଷଣ କରିଥିଲେ। ଟିପିସିଓଡିଏଲ୍ କର୍ମଚାରୀମାନେ ଭିନ୍ନ ଭିନ୍ନ କାର୍ଯ୍ୟାଳୟରେ ଯୋଗଦେଇ ଏଥିକ୍ସ-ଡେ ପାଳନ କରିବା ସହ ଜେ.ଆର.ଡି. ଟାଟାଙ୍କ କାଳଜୟୀ ମୂଲ୍ୟବୋଧ ଏବଂ ଟାଟା ଗ୍ରୁପର ନୀତିଶାସ୍ତ୍ର, ସ୍ୱଚ୍ଛତା, ଉତ୍କର୍ଷତା ଏବଂ ରାଷ୍ଟ୍ର ପ୍ରତି ସେବାର ମୂଳ ନୀତିଗୁଡ଼ିକୁ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ। 'ଉତ୍କର୍ଷତା ଏକ କାର୍ଯ୍ୟ ନୁହେଁ, ବରଂ ଏକ ଅଭ୍ୟାସ' - ଜେ.ଆର.ଡି. ଟାଟାଙ୍କ ଏହି ସ୍ଥାୟୀ ବିଶ୍ୱାସ ପିଢି ପରେ ପିଢ଼ିକୁ ପ୍ରେରଣା ଦେଇ ଚାଲିଛି ଏବଂ ଟିପିସିଓଡିଏଲର ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଏହା ଏକ ମାର୍ଗଦର୍ଶିକା ହୋଇ ରହିଛି।

## 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱାଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫ୍‌ରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।' ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର୍ ଦୀପିକା ପାଦୁକୋନ କହିଛନ୍ତି, 'ଡାଇସନ ସହ କାର୍ଯ୍ୟ କରି ମୁଁ ସେମାନଙ୍କ ଉତ୍ପାଦଗୁଡିକ କିଭଳି ସମସ୍ତ ପ୍ରକାରର କେଶ ପାଇଁ ବାସ୍ତବ ଫଳ ପ୍ରଦାନ କରିଥାଏ ତାହା ଦେଖିଛି।

## ଏନ୍‌ପିସିଆଇ ପକ୍ଷରୁ 'ଷ୍ଟପ୍, ଥିଙ୍କ୍, ଆକ୍ଟ' ଅଭିଯାନ



ନୂଆଦିଲ୍ଲୀ: ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ଡିଜିଟାଲ୍ ପେମେଂଟ୍ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ 'ଷ୍ଟପ୍, ଥିଙ୍କ୍, ଆକ୍ଟ' ନୀତିକୁ ସାମିଲ କରାଯାଇଛି। ଡିଜିଟାଲ୍ କାରବାର ବଢ଼ିବା ସହିତ ଏନ୍‌ପିସିଆଇ ଉପଭୋକ୍ତାମାନଙ୍କୁ ସତର୍କ ରହିବାକୁ ଏବଂ ଠକାମିରୁ ସୁରକ୍ଷିତ ରହିବା ପାଇଁ ଉତ୍ତମ ପରିଚାଳନା ଅବଲମ୍ବନ କରିବାକୁ ଅନୁରୋଧ କରିଛି। ୟୁନିଫାଇଡ୍ ପେମେଂଟ୍ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି ଯାହା ୨୦୨୪ରେ ସମୁଦାୟ ପେମେଂଟ୍ ପରିମାଣର ୮୩% ଅଟେ। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ପାଂଚ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଂଟ୍ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛି। ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି ଯେ, 'ସୋସିଆଲ୍ ଇଞ୍ଜିନିୟରିଂ ହେଉଛି ଯେତେବେଳେ ଠକମାନେ ଲୋଭ, ଭୟ ଏବଂ ଅଜ୍ଞତା ଭଳି ମାନବୀୟ ପ୍ରବୃତିକୁ ବ୍ୟବହାର କରି ଉପଭୋକ୍ତାମାନଙ୍କୁ ଠକିବାକୁ ଚେଷ୍ଟା କରନ୍ତି। ସେମାନେ ଉପଭୋକ୍ତାଙ୍କୁ ବିଶ୍ୱାସଯୋଗ୍ୟ ଦେଖାଯାଉଥିବା କାରବାର ଅନୁମୋଦନ କରିବାକୁ ପ୍ରଲୋଭିତ କର୍ନ୍ତି। ତେଣୁ ଡିଜିଟାଲ୍ ପେମେଂଟ୍‌କୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଏବଂ ଠକାମିରୁ ଦୂରେଇ ରହିବା ଗୁରୁତ୍ୱପୂର୍ଣ୍ଣ। ଠକାମିର ପ୍ରାରମ୍ଭିକ ସଙ୍କେତ ଚିହ୍ନିବା ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ ଯାହା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ନଗଦ ବିହୀନ ଅର୍ଥନୀତି ଗଠନ କରିବ।

## ଆର୍‌ଏସ୍‌ପିରେ 'ସେଲ୍ ଦର୍ପଣ'ର ଶୁଭାରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ର ଠାରେ ଜୁଲାଇ ୨୯ ତାରିଖରେ ଏକ ଅଢ଼େଇ ଦିନିଆ ମାନବ ସମ୍ବଳ ପରିବର୍ତ୍ତନ କର୍ମଶାଳା 'ସେଲ୍ ଦର୍ପଣ' ଉଦ୍‌ଘାଟିତ ହୋଇଯାଇଛି । ଏହି କର୍ମଶାଳାର ଉଦଘାଟନୀ ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି. ସିଂହ, ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଏଚ ଆର ବିଭାଗ ର ସିଜିଏମ ଏମ.ଆର. ରଥ, ଏବଂ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ ପି.କେ. ସାହୁଙ୍କ ସମେତ କାରଖାନାର ବିଭିନ୍ନ ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳା ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଦ୍ୱାରା ପରିଚାଳିତ ହେଉଛି, ଯାହାର ନେତୃତ୍ୱ ପରିଚାଳନା ନିର୍ଦ୍ଦେଶକ ବରୁଣ କେଜରିୱାଲ୍ ତାଙ୍କ ବିଶେଷଜ୍ଞ ଦଳ ସହିତ ସାମିଲ ଅଛନ୍ତି। ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ଯେ ମାନବ ସମ୍ବଳ ହେଉଛି ଯେକୌଣସି ଶିଳ୍ପରେ ସର୍ବୋତ୍ତମ ସମ୍ବଳ ଯାହାକି ଅନ୍ୟାନ୍ୟ ସମ୍ବଳ ଯେପରିକି ଶିଳ୍ପ, ସାମଗ୍ରୀ ଓ ବିତ୍ତର ପରିଚାଳନା କରିଥାଏ। ଏହି ଅବସରରେ, ଶ୍ରୀ ସିଂହ କହିଥିଲେ ଯେ 'ଦର୍ପଣ' ପ୍ରତିଫଳନ ଦେଖାଏ ଏବଂ ଏହା ଆତ୍ମନିରୀକ୍ଷଣର ପ୍ରତୀକ। ଶ୍ରୀ କେଜ୍ରିୱାଲ ଏହି ପ୍ରୟାସର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରି, କର୍ମଚାରୀ ଉତ୍ପାଦକତାକୁ ଉନ୍ନତ କରିବାରେ ମାନବ ସମ୍ବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ମତ ପ୍ରକାଶ କରିଥିଲେ ଏବଂ ସେଲ ର ଭିଜନ ୨୦୩୦ ହାସଲ କରିବା ଉପରେ ଜୋର ଦେଇଥିଲେ।

## ଦିଗପହଣ୍ଡିର ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଚିକିଟି ୩୩ କେଭି ଫିଡର ସହ ଦିଗପହଣ୍ଡି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)କୁ ସଂଯୋଗ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ର କ୍ୟାପେକ୍ସ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ଉନ୍ନତ ହେବା ସହ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପରେ ଚିକିଟି ଗ୍ରୀଡଠାରୁ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)କୁ ଅତିରିକ୍ତ ବ୍ୟାକ ଫିଡ଼ିଂ ସପ୍ଲାଏ ଭାବେ ୧.୬ ସର୍କିଟ କିମି ଦୀର୍ଘ ୩୩ କେଭି ଲାଇନ୍ ସଂଯୋଗ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟରେ କିମ୍ବା ରକ୍ଷଣାବେକ୍ଷଣ କାମ ବେଳେ ଏହି ନୂତନ ଫିଡର ଲାଇନ୍ ଏକ ଭରସାଯୋଗ୍ୟ ବିକଳ୍ପ ଶକ୍ତି ଉତ୍ସ ଭାବେ କାମ କରିବ। ଏହାସହ ଏହି ପଦକ୍ଷେପରେ ତ୍ୱରିତ ତ୍ରୁଟି ଚିହ୍ନଟ ଏବଂ ଲୋଡ୍ ପରିଚାଳନା ପାଇଁ ଏକ ରିଙ୍ଗ ମେନ୍ ୟୁନିଟ (ଆରଏମୟୁ) ସ୍ଥାପନ କରାଯାଇଛି। ଏହି ଆରଏମୟୁ ସହ ଗୋଟିଏ ଇନକମିଙ୍ଗ ଏବଂ ଦୁଇଟି ଆଉଟଗୋଇଙ୍ଗ ବିଜୁଳି ଯୋଗାଣ ସଂଯୋଗ ହୋଇଛି। ଯାହାଫଳରେ ଯଦି ଗୋଟିଏ ଲାଇନରେ ବିଦ୍ୟୁତ ସରବରାହ ବ୍ୟାଘାତ ହୁଏ, ତେବେ ଆରଏମୟୁ ସାହାଯ୍ୟରେ ବ୍ୟାକଅପ୍ ଲାଇନ ଦ୍ୱାରା ବିଦ୍ୟୁତ ଯୋଗାଣ ହୋଇପାରିବ ଏବଂ ବିଦ୍ୟୁତ ବିଚ୍ଛିନ୍ନ ସମୟ ମଧ ହ୍ରାସ ପାଇବ। ଏହି ପଦକ୍ଷେପ ଯୋଗୁଁ ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ ଏବଂ ଦିଗପହଣ୍ଡି ସହର ବାସିନ୍ଦା ଓ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ସ୍ଥାୟୀ ବିଜୁଳି ସେବା ପାଇବେ। ଏହି ଭିତ୍ତିଭୂମି ବିକାଶ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଆମ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ। ନୂତନ ଫିଡର ଲିଙ୍କ ନେଟଓ୍ୱର୍କକୁ ସୁଦୃଢ଼ କରିବା ସହ ବିଦ୍ୟୁତ ଯୋଗାଣରେ ପ୍ରତିବନ୍ଧକକୁ ଯଥେଷ୍ଟ ହ୍ରାସ କରୁଅଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼, ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଏବଂ ସ୍ମାର୍ଟ ଟେକ୍ନୋଲଜିରେ ନିବେଶ କରୁଅଛି।

## ଜିଓ ପକ୍ଷରୁ 'ଜିଓ-ପିସି' ଶୁଭାରମ୍ଭ




ମୁମ୍ବାଇ: କମ୍ପ୍ୟୁଟର ବ୍ୟବହାର କରିବାକୁ ଇଚ୍ଛା ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଖୁସି ଖବର ନେଇଆସିଛି ରିଲାଏନ୍ସ ଜିଓ। ଜିଓ ପକ୍ଷରୁ ଆଜି 'ଜିଓ-ପିସି' ଶୁଭାରମ୍ଭ ଘୋଷଣା କରାଯାଇଛି। ଜିଓ-ପିସି ଏକ ଅଭିନବ କ୍ଲାଉଡ୍-ଆଧାରିତ ଭର୍ଚୁଆଲ୍ ଡେସ୍କଟପ୍ ପ୍ଲାଟଫର୍ମ ଯାହା ପ୍ରତ୍ୟେକ ଭାରତୀୟ ପରିବାର ପାଖକୁ ନେଇଆସିଛି ଏଆଇ-ରେଡି ଏବଂ ସୁରକ୍ଷିତ କମ୍ପ୍ୟୁଟିଂ। ଜିଓ-ପିସି ଭାରତର ଡିଜିଟାଲ୍ ଯାତ୍ରାରେ ଏକ ଯୁଗାନ୍ତକାରୀ ମାଇଲଷ୍ଟୋନ ହୋଇଛି। ଏହା କ୍ଲାଉଡ୍ କମ୍ପ୍ୟୁଟିଂରେ ଦେଶର ପ୍ରଥମ 'ପେ-ଆଜ୍-ୟୁ-ଗୋ ମଡେଲ୍', ଅର୍ଥାତ୍ ଆପଣ ଯେତେ ବ୍ୟବହାର କରନ୍ତି ସେତିକି ପାଇଁ ଦେୟ ଦିଅନ୍ତୁ। କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ କ୍ଲାଉଡ୍ ଆଧାରିତ ଜିଓ-ପିସି ବହୁତ ଶକ୍ତିଶାଳୀ। ଏହାର ପ୍ରସେସିଙ୍ଗ କ୍ଷମତା ମଧ ବେଶ ଉତ୍କୃଷ୍ଟ ଏବଂ ଏହା ଦୈନନ୍ଦିନ କାର୍ଯ୍ୟ ସହିତ ଗେମିଂ ଏବଂ ଗ୍ରାଫିକ୍ ରେଣ୍ଡରିଂ ଭଳି ଉଚ୍ଚ-ସ୍ତରୀୟ କାର୍ଯ୍ୟଗୁଡ଼ିକୁ ସହଜରେ ପରିଚାଳନା କରିପାରିବ। ଜିଓ-ପିସି ଭଳି କ୍ଷମତା ବିଶିଷ୍ଟ ଏକ କମ୍ପ୍ୟୁଟର ବଜାରରେ ୫୦ ହଜାର ଟଙ୍କାରୁ ଅଧିକ ମୂଲ୍ୟରେ ଉପଲବ୍ଧ। ଅନ୍ୟପକ୍ଷରେ, ଜିଓ-ପିସିର ଦୀର୍ଘମିଆଦୀ ବାର୍ଷିକ ପ୍ଲାନ ସହିତ ମାସିକ ୪୦୦ ଟଙ୍କାରୁ କମରେ ଏହା ବ୍ୟବହାର କରାଯାଇପାରିବ। ଅର୍ଥାତ୍, ପ୍ରତି ମାସରେ ୪୦୦ ଟଙ୍କା ଖର୍ଚ୍ଚରେ ଗ୍ରାହକ ୫୦ ହଜାର ପର୍ଯ୍ୟନ୍ତ ଏକକାଳୀନ ଖର୍ଚ୍ଚକୁ ରୋକିପାରିବେ। ଜିଓ-ପିସି ବ୍ୟବହାର କରିବାକୁ ମଧ ବହୁତ ସହଜ। ଅଧିକାଂଶ ଘରେ, ଜିଓଫାଇବର ଏବଂ ଜିଓଏୟାରଫାଇବରର ସେଟ୍-ଟପ୍ ବକ୍ସ ଟିଭି ସହିତ ସଂଯୁକ୍ତ ହୋଇଛି। ଆପଣଙ୍କୁ କେବଳ କି-ବୋର୍ଡ ଏବଂ କମ୍ପ୍ୟୁଟର ମାଉସକୁ ସିଧାସଳଖ ଜିଓ ସେଟ୍-ଟପ୍ ବକ୍ସ ସହିତ ସଂଯୋଗ କରିବାକୁ ପଡିବ।




ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ଷ୍ଟାର ୱିକେଟକିପର ବ୍ୟାଟସମ୍ୟାନ ରିଷଭ ପନ୍ତ ଆଘାତ ଯୋଗୁ ଭାରତୀୟ ଦଳରୁ ବାଦ ପଡ଼ିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟେଷ୍ଟ ସିରିଜ ସମୟରେ ପନ୍ତଙ୍କୁ ଆଘାତ ଲାଗିଥିଲା, ଯାହା ପରେ ଜଣାପଡିଥିଲା ଯେ ତାଙ୍କ ପଞ୍ଜାର ଫ୍ରାକ୍ଚର ହୋଇଛି। କିଛି ବର୍ଷ ପୂର୍ବରୁ କ୍ରିକେଟର ଏକ ଭୟଙ୍କର ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଦ୍ରୁତ ଆରୋଗ୍ୟରେ କେବଳ ଔଷଧ ନୁହେଁ ବରଂ ଖାଦ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପନ୍ତ ନିଜେ ଏହା ପ୍ରକାଶ କରିଛନ୍ତି। ପ୍ରସିଦ୍ଧ କମେଡି ଶୋ 'ଦି କପିଲ ଶର୍ମା ଶୋ'ର ଅଂଶ ଥିବା ୱିକେଟକିପର କହିଥିଲେ ଯେ ଦୁର୍ଘଟଣା ପରେ ସେ କିପରି ୨-୩ ମାସ ପର୍ଯ୍ୟନ୍ତ କେବଳ ଖେଚୁଡି ଖାଇଥିଲେ।

# ଓଭାଲ୍ ପିଚ୍ କ୍ୟୁରେଟରଙ୍କ ସହ ଗୌତମ ଗମ୍ଭୀରଙ୍କ ବଚସା



ନୂଆଦିଲ୍ଲୀ: ପଞ୍ଚମ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଓଭାଲ୍ ଗ୍ରାଉଣ୍ଡ ଷ୍ଟାଫ୍ଙ୍କ ମଧ୍ୟରେ ବଚସା ହୋଇଛି । ରିପୋର୍ଟ ଅନୁସାରେ ବିବାଦ ଏତେ ଅଧିକ ହୋଇଥିଲା ଯେ, ମାମଲାକୁ ଶାନ୍ତ କରିବା ପାଇଁ ଅନ୍ୟମାନଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଟିମ୍ ଇଣ୍ଡିଆ ଜୁଲାଇ ୨୮ରେ ମାଞ୍ଚେଷ୍ଟରରୁ ଲଣ୍ଡନ ପହଞ୍ଚିଥିଲା । ଆଜି ଟିମର ପ୍ରଥମ ପ୍ରାକ୍ଟିସ୍ ସେସନ୍ ଥିଲା । କିନ୍ତୁ ଏହି ସମୟରେ ବିବାଦ ବଢ଼ିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ଶେଷ ମ୍ୟାଚ୍ ଲଣ୍ଡନର ଓଭାଲ ଷ୍ଟାଡିୟମରେ ଖେଳାଯିବ । କିନ୍ତୁ ମଙ୍ଗଳବାର ଗୌତମ ଗମ୍ଭୀର ଓ ଓଭାଲ୍ କ୍ରିକେଟ୍ ଗ୍ରାଉଣ୍ଡର ଚିଫ୍ କ୍ୟୁରେଟର ଲି ଫୋର୍ଟିସଙ୍କ ମଧ୍ୟରେ ପାଟିତୁଣ୍ଡ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ପିଚ୍‌ର ପ୍ରକୃତିକୁ ନେଇ କୋଚ୍ ଗମ୍ଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ପିଚ୍‌ରେ ପହଞ୍ଚି ସିଧାସଳଖ କ୍ୟୁରେଟରଙ୍କ ସହ କଥା ହୋଇଥିଲେ। ଦୁହିଁଙ୍କ ମଧ୍ୟରେ ପିଚ୍‌ର ସ୍ଥିତି ଓ ବ୍ୟବହାରକୁ ନେଇ ଆପତ୍ତି ଉଠାଇଥିଲେ। ରିପୋର୍ଟ ଅନୁସାରେ, ଏହି ଯୁକ୍ତତର୍କ ବେଳେ ଓଭାଲ୍ ଗ୍ରାଉଣ୍ଡ ଷ୍ଟାଫ୍ ଗୌତମ ଗମ୍ଭୀରଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ। ଯାହାପରେ ଗମ୍ଭୀର ରାଗି ଯାଇ କହିଥିଲେ, 'ଆପଣ ଯାହାକୁ ଚାହିଁବେ ତାକୁ ଯାଇ ରିପୋର୍ଟ କରିପାରିବେ, କିନ୍ତୁ ଆମେ କଣ କରିବୁ ତାହା ଆପଣ ଆମକୁ କହିପାରିବେ ନାହିଁ ।' ବିବାଦ ବଢ଼ିବା ଦେଖି ଭାରତର ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ଓ ଭାରତୀୟ ଅନ୍ୟ ସହଯୋଗୀ ଷ୍ଟାଫ୍ ମାମଲାକୁ ଶାନ୍ତ କରିବା ପାଇଁ ହସ୍ତକ୍ଷେପ କରିଥିଲେ। ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଟିମ୍ ସିରିଜରେ ବର୍ତ୍ତମାନ ୧-୨ରେ ପଛୁଆ ଅଛି। ତେଣୁ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବେ ମ୍ୟାଚ୍‌କୁ ଯେକୌଣସି ସ୍ଥିତିରେ ଜିତିବାକୁ ହେବ । ଯଦି ଶେଷ ମ୍ୟାଚ୍ ଡ୍ର' ହୋଇଯାଏ ତେବେ ଭାରତ ସିରିଜ୍ ହାରିଯିବ। ଯଦିଓ ବିବାଦର ମୁଖ୍ୟ କାରଣ କ'ଣ ଥିଲା ତାହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଏହା ବିଶ୍ୱାସ କରାଯାଉଛି ଯେ ଅଭ୍ୟାସ ପାଇଁ ଉପଲବ୍ଧ ସୁବିଧା, ବିଶେଷକରି ପିଚ ଏବଂ ନେଟ କ୍ଷେତ୍ର ସହିତ ଦଳ ପରିଚାଳନା ଖୁସି ନଥିଲା।

# ୨୮ ଅଗଷ୍ଟରୁ ବେଙ୍ଗାଲୁରୁରେ ଦୁଲୀପ ଟ୍ରଫି



ନୂଆଦିଲ୍ଲୀ: ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବେଙ୍ଗାଲୁରୁରେ ଦୁଲୀପ ଟ୍ରଫି ଅନୁଷ୍ଠିତ ହେବ। ମ୍ୟାଚ୍ ଗୁଡ଼ିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପଡ଼ିଆରେ ଖେଳାଯିବ ଏବଂ ଟୁର୍ଣ୍ଣାମେଣ୍ଟଟି ନକଆଉଟ୍ ଫର୍ମାଟ୍ ଅନୁସରଣ କରିବ। ଛଅଟି ଜୋନ୍ - ଦକ୍ଷିଣ, କେନ୍ଦ୍ରୀୟ, ପଶ୍ଚିମ, ପୂର୍ବ, ଉତ୍ତର ଏବଂ ଉତ୍ତର-ପୂର୍ବ - ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହା ଗୋଟିଏ ଋତୁର ବ୍ୟବଧାନ ପରେ ଆନ୍ତଃ-ଜୋନାଲ୍ ଗଠନକୁ ଫେରି ଆସିଛି। ଦକ୍ଷିଣ ଏବଂ ପଶ୍ଚିମ ଜୋନ୍ ଦଳଗୁଡ଼ିକୁ ସିଧାସଳଖ ସେମିଫାଇନାଲ୍‌ରେ ସ୍ଥାନ ଦିଆଯାଇଛି। ଦୁଇଟି କ୍ୱାର୍ଟରଫାଇନାଲ - ଉତ୍ତର ଜୋନ୍ ବନାମ ପୂର୍ବ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍ ବନାମ ଉତ୍ତର-ପୂର୍ବ ଜୋନ୍ - ଅଗଷ୍ଟ ୨୮ ରୁ ୩୧ ପର୍ଯ୍ୟନ୍ତ ଖେଳାଯିବ। ସେମିଫାଇନାଲଗୁଡିକ ସେପ୍ଟେମ୍ବର ୪ ରୁ ୭ ପର୍ଯ୍ୟନ୍ତ ଖେଳାଯିବ। ସେପ୍ଟେମ୍ବର ୧୧ ରେ ଫାଇନାଲ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟଟି ୨୦୧୬-୧୭ ରୁ ୨୦୧୯-୨୦ ସିଜିନ୍ ପର୍ଯ୍ୟନ୍ତ ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଅନିୟମିତ ଭାବରେ ମନୋନୀତ ହୋଇଥିବା ଭାରତ ଏ, ବି, ସି ଏବଂ ଡି ନାମକ ଦଳଗୁଡ଼ିକ ମଧ୍ୟରେ ଖେଳାଯାଇଥିଲା। ଏହା ୨୦୨୨-୨୩ରେ ଜୋନାଲ ମଡେଲକୁ ଫେରି ଆସିଥିଲା। କିନ୍ତୁ ଗତ ବର୍ଷ ଏ-ବି-ସି-ଡି ଫର୍ମାଟକୁ ଫେରି ଆସିଥିଲା। ଗତ ବାର୍ଷିକ ସାଧାରଣ ସଭାରେ ବିସିସିଆଇର ନିଷ୍ପତ୍ତି ପରେ, ଏହି ସିଜିନ୍ ଜୋନାଲ ଢାଞ୍ଚାକୁ ଫେରି ଆସିଛି। କୋଭିଡ୍ -୧୯ ମହାମାରୀ ଯୋଗୁଁ ପ୍ରତିଯୋଗିତା ମଧ୍ୟ କିଛି ସିଜିନ୍ ପାଇଁ ବନ୍ଦ ହୋଇଯାଇଥିଲା। ସେହିପରି ବିସିସିଆଇ ନାଗପୁରକୁ ଇରାନୀ କପ୍ ଆବଣ୍ଟନ କରିଛି। ବିଦର୍ଭ ଡିଫେଣ୍ଡିଂ ରଣଜୀ ଟ୍ରଫି ଚାମ୍ପିଅନ୍ ହୋଇଥିବାରୁ, ଚାମ୍ପିଅନ୍ ଏବଂ ଅବଶିଷ୍ଟ ଭାରତ ମଧ୍ୟରେ ପାଞ୍ଚ ଦିନିଆ ବାର୍ଷିକ ମ୍ୟାଚ୍ ସେମାନଙ୍କ ଘରୋଇ ସହରରେ ଆୟୋଜନ କରିବା ଉପଯୁକ୍ତ। ଖେଳ ପୂର୍ବରୁ ମୁଖ୍ୟ ପ୍ରଶ୍ନ ହେଉଛି କରୁଣ ନାୟାର- ଯିଏ ଗତ ସିଜନରେ ବିଦର୍ଭର ଟାଇଟଲ ବିଜୟୀ ଅଭିଯାନର ଅଂଶ ଥିଲେ - ରାଜ୍ୟ ପାଇଁ ଖେଳିବେ କି ନାହିଁ। ନାୟାର ଆଗାମୀ ସିଜନ ପାଇଁ କର୍ଣ୍ଣାଟକକୁ ଫେରି ଯାଇଛନ୍ତି, କିନ୍ତୁ ଦକ୍ଷିଣ ଜୋନ୍ ଚୟନକର୍ତ୍ତାମାନେ ତାଙ୍କୁ ଦୁଲୀପ ଟ୍ରଫି ଦଳ ପାଇଁ ଚୟନ କରିନାହାଁନ୍ତି।

# ଷ୍ଟୋକ୍ସଙ୍କୁ ନେଇ ମୁହଁ ଖୋଲିଲେ ଗମ୍ଭୀର




ମାଞ୍ଚେଷ୍ଟର: ଚତୁର୍ଥ ଟେଷ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ଇଂଲଣ୍ଡ ଖେଳାଳିଙ୍କୁ ନିରାଶ କରିଥିଲା। ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ହ୍ୟାଣ୍ଡସେକକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହାକୁ ନେଇ ଟିମ ଇଣ୍ଡିଆ କୋଚ ଗୌତମ ଗମ୍ଭୀର ମୁହଁ ଖୋଲିଛନ୍ତି। ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର କଣ ଶତକର ହକଦାର ନ ଥିଲେ। ଯଦି ଇଂଲଣ୍ଡର ବ୍ୟାଟ୍ସମ୍ୟାନ ଏଭଳି ପରିସ୍ଥିତିରେ ରହିଥାନ୍ତେ ତୁମେ କଣ ଶତକ ପାଇଁ ଅପେକ୍ଷା କରି ନ ଥାନ୍ତ ବୋଲି ଗମ୍ଭୀର ପ୍ରଶ୍ନ କରିଛନ୍ତି। ଆମେ ଏଠାକୁ କ୍ରିକେଟ ଖେଳିବାକୁ ଆସୁଛି, କାହାକୁ ଖୁସି କରିବା ପାଇଁ ନୁହେଁ ବୋଲି ସେ କହିଛନ୍ତି। ଏକ ନିଶ୍ଚିତ ବିଜୟ ଲକ୍ଷ୍ୟରେ ଥିବା ଇଂଲଣ୍ଡ ଶେଷ ଭାଗରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଆଗରେ ନିରୁପାୟ ଥିଲେ । ମ୍ୟାଚର ଫଳାଫଳ ବାହାରିବା ଆଶା ଆଉ ନ ଦେଖାଯିବା ପରେ ଅଧିନାୟକ ଷ୍ଟୋକ୍ସ ଡ୍ର ପାଇଁ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ନିକଟକୁ ଯାଇଥିଲେ। ତେବେ ଜାଡେଜା ଓ ସୁନ୍ଦର ଖେଳିବା ଜାରୀ ରଖିବେ ବୋଲି କହିଥିଲେ । ସେ ସମୟରେ ଜାଡେଜା ୮୯ ଓ ସୁନ୍ଦର ୮୦ ରନ କରିଥିଲେ । ଷ୍ଟୋକ୍ସ ଜାଣିଶୁଣି ହ୍ୟାରୀ ବ୍ରୁକଙ୍କୁ ବୋଲିଂ ଦେଇଥିଲେ । ଉଭୟ ଖେଳାଳି ସହଜରେ ଶତକ ହାସଲ କରି ନେଇଥିଲେ। ଷ୍ଟୋକ୍ସଙ୍କ ଏହି ମନୋଭାବକୁ ସମାଲୋଚନା କରାଯାଉଛି ।

# ରାଜଧାନୀ ପ୍ରିମିୟର ଲିଗ୍ ସିଜିନ-୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ରାଜଧାନୀ ମହାବିଦ୍ୟାଳୟରେ କ୍ରିକେଟ୍‌ର ମହାକୁମ୍ଭ ରାଜଧାନୀ ପ୍ରିମିୟର ଲିଗ୍ ସିଜିନ-୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମହାଆଡ଼ମ୍ବରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜଧାନୀ ମହାବିଦ୍ୟାଳୟ ଶାଖା ପକ୍ଷରୁ ରାଜଧାନୀ କଲେଜରେ ୭ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଭଳି ଏକ ଟୁର୍ଣ୍ଣାମେଣ୍ଟ ମହାବିଦ୍ୟାଳୟରେ ଖେଳାଳିମାନଙ୍କୁ ଏକ ନୂଆ ଉତ୍ସାହ ଉଦ୍ଦୀପନା ଦେବ ଓ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ପାଦ ବଢ଼ାଇବ ରାଜଧାନୀ କଲେଜ। ପ୍ରତିବର୍ଷ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜଧାନୀ ପ୍ରୀମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ବର୍ଗଙ୍କୁ ଖେଳ ପ୍ରତି ଆଗ୍ରହ ଜନମେଇବା।ରାଜଧାନୀ ମହାବିଦ୍ୟାଳୟର ୧୦ ଟି ଟିମ୍‌କୁ ନେଇ ଆୟୋଜିତ କ୍ରିକେଟ୍‌ର ମହାକୁମ୍ଭ ରାଜଧାନୀ ପ୍ରୀମିୟର ଲିଗ୍ ସିଜିନ-୪ ଅନୁଷ୍ଠିତ ହୋଇଥିଲା। ଏହି ଉଦଯାପିତ ଉତ୍ସବରେ ରାଜଧାନୀ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ରଜତ କୁମାର ପରିଡ଼ା ଯୋଗଦେଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମହାବିଦ୍ୟାଳୟର ଛାତ୍ର ନେତା ସଂଗ୍ରାମ ଦାସ, ସତ୍ୟ ନାରାୟଣ ନାୟକ, ଅଂଶୁମାନ ପାଣିଗ୍ରାହୀ, ରୁଦ୍ରନାରାୟଣ ସାହୁ, ରତିକାନ୍ତ ବାରିକ, ସୁନିଲ ବେହେରା, ଆଦେଶ ମହାନ୍ତି, ସ୍ୱାଗତ ସାହୁ, ସୁଦାମ ସାହୁ, ଶୁଭମ ବେହେରା, ସୌମ୍ୟରଞ୍ଜନ ବରାଳ, ଭବାନୀ ଶଙ୍କର ଆଚାର୍ଯ୍ୟ, ଆଶୀର୍ବାଦ ମଲ୍ଲିକ, ବିକାଶ ମଲ୍ଲିକ, ରାଜ କୁମାର ଗନ୍ତ, ଶୁଭ୍ରାଂଶୁ ଶେଖର ଦାସ, ସୌମ୍ୟ ରଞ୍ଜନ ସାହୁ, ଉଦିତ୍ୟ ଦାସ, ଆୟୁଷ୍ମାନ ବିଶ୍ୱାଳ,ସୁବ୍ରତ ବାରିକ, ସଂଜିତ୍ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ, ବାଳିକା, ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ-୯୪, ରାଇରଙ୍ଗପୁର ଉପଖଣ୍ଡରୁ-୩୫ ଓ ଉଦଳା ଉପଖଣ୍ଡରୁ-୧୦ ଓ ସମୁଦାୟ ୧୩୯ ବିଭିର୍ଣ୍ଣ ବର୍ଗର ଓ ବୟସ ଶ୍ରେଣୀର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ବାଳକ ବିଭାଗ ସିଙ୍ଗଲସ ପ୍ରତିଯୋଗିତାରେ ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ବିଶ୍ୱ ଭବ୍ୟଶ ବେହେରା ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଉତ୍କର୍ଷ ପରିଡା ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସେକ ରୌନକ ରାଜ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମୟଙ୍କ ସେଠୀ ରନର୍ ଅପ୍, ୧୫ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମହମଦ ସେକ ତସିଫ ରାଜା ରନର୍ ଅପ୍, ୧୭ ବର୍ଷରୁ କମ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ବୀର ବାହାଦୁର ହେମ୍ବରମ ରନର୍ ଅପ୍, ୧୯ ବର୍ଷରୁ କମ ବର୍ଗରେ- ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ବାଳକ ବିଭାଗ ଡବଲ୍ସର ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ଆରୁଷ ଗୁରୁଙ୍ଗ ଓ ଲକି ମାରାଣ୍ଡି ଯୋଡି ଚାମ୍ପିଅନ୍ ଓ ବିଶ୍ୱଭବ୍ୟଶ ବେହେରା ଓ ଉତ୍କର୍ଷ ପରିଡା ଯୋଡି ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସ୍ୱସ୍ତିକ ନାୟକ ଓ ସେକ ରୌନକ ରାଜ ଯୋଡି ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଇଶାନ୍ତ ବେହେରା ଓ ସଂକେତ ସାମଲ ଯୋଡି ରନର୍ ଅପ୍, ୧୫ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଦିବ୍ୟାନଶୁ ସାହୁ ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ପ୍ରତ୍ୟୁଷ କୁମାର ପରିଡା ଓ ଭିରାଜ ନାୟକ ଯୋଡି ରନର୍ ଅପ୍, ୧୭ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ରାଜ ଅଭିଷେକ ପଣ୍ଡା ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ବିଦ୍ୟୁଷ୍ମାନ ବେହେରା ଓ ସୌରୀୟଦୀପ କାରକୀ ଯୋଡି ରନର୍ ଅପ୍, ୧୯ ବର୍ଷରୁ କମ ବର୍ଗରେ- ବାରିପଦା ଉପଖଣ୍ଡର ପ୍ରିୟାନ୍‌ଶୁ ଦାସ ଓ ଅନ୍ୱେଷ ମହାନ୍ତି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଆୟୁଷ୍ମାନ ପାଢୀ ଓ ସଂବିତ ପାଢୀ ଯୋଡି ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗଲସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ବାରିପଦର ପୀୟୂଷ ବାରିକ ଓ ଜୟଜୀତ ଦାସ ଯୋଡି ସ୍ୱୟଂ ଭୁବ ମହାନ୍ତି ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ ? ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତ୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅବିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିସିସିଆଇ ଅଫିସରୁ ଲକ୍ଷାଧିକ ଟଙ୍କାର ଜର୍ସି ଚୋରି




ନୂଆଦିଲ୍ଲୀ : ୱାଙ୍ଖେଡେ ଷ୍ଟାଡିୟମ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କାର ଜର୍ସି ଚୋରି ହୋଇଯାଇଛି। ଚୋରି ପଛରେ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ହାତ ଅଛି। କର୍ମଚାରୀଜଣଙ୍କ ସିକ୍ୟୁରିଟୀ ଗାର୍ଡ ବୋଲି ଜଣାପଡିଛି। ସେ ଏକାଥରେ ଗୋଟେ ପେଟି ଆଇପିଏଲ ୨୦୨୫ର ଜର୍ସି ନେଇ ଯାଇଛନ୍ତି। ପୋଲିସ୍ ଏହି ୪୦ ବର୍ଷୀୟ ସିକ୍ୟୁରିଟୀ ଗାର୍ଡକୁ ଆଇପିଏସ ଜର୍ସି ଚୋରି ମାମଲାରେ ଗିରଫ କରିଛି। ସେ ୬.୫୨ ଲକ୍ଷ ମୂଲ୍ୟର ୨୬୧ଟି ଜର୍ସି ଚୋରି କରିଥିଲେ। ପ୍ରତିଟି ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟର ଚର୍ଚ୍ଚ ଗେଟ ନିକଟ ବିସିସିଆଇ ଅଫିସରୁ ଏପରି ଚୋରି ହୋଇଥିଲା। ଗିରଫ ସିକ୍ୟୁରିଟର ଗାର୍ଡ ଜଣଙ୍କ ହେଉଛନ୍ତି ଫାରୁକି ଅସଲମ ଖାନ। ଚୋରି ହୋଇଥିବା ଜର୍ସି ଗୁଡ଼ିକ ବିଭିନ୍ନ ଆଇପିଏଲ ଟିମର ରହିଥିଲା। ତେବେ ଏହା ସାଧାରଣ ଲୋକଙ୍କ ପାଇଁ ଥିଲା ନା ଖେଳାଳିଙ୍କ ପାଇଁ ଅଣାଯାଇଥିଲା, ସେକଥା ଜଣାପଡ଼ିନି। ବିସିସିଆଇ ଅଫିସରୁ ଗୋଟେ ପେଟି ଜର୍ସି ଚୋରି କରିବା ପରେ ମୀରା ରୋଡରେ ରହୁଥିବା ଅସଲମ ଏହାକୁ ହରିୟାଣାର ଗୋଟିଏ ଜର୍ସି ଡିଲରଙ୍କୁ ବିକ୍ରି କରିଥିଲା। ସୋଶିଆଲ ମିଡିଆରେ ସେ ଏହି ଜର୍ସି ଡିଲରଙ୍କୁ ଯୋଗାଯୋଗ କରିଥିଲା। ପ୍ରକୃତରେ ଜୁନ ୧୩ରେ ଜର୍ସି ଚୋରି ହୋଇଥିଲା। କିନ୍ତୁ ନିକଟରେ ହୋଇଥିବା ଅଡିଟ ବେଳେ ଚୋରି ଖବର ସାମ୍ନାକୁ ଆସିଥିଲା। ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ବିସିସିଆଇ ଅଧିକାରୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହି ସମୟରେ ସିକ୍ୟୁରିଟୀ ଗାର୍ଡ ଗୋଟିଏ ପେଟି ଧରି ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ପୁଲିସ୍ ଅସଲମଙ୍କୁ ଗିରଫ କରିଛି। ଚୋରି ପରେ ଅସଲମ ଅନଲାଇନ ଡିଲରଙ୍କୁ ଜର୍ସିଗୁଡ଼ିକ ବିକ୍ରି କରିଥିଲେ। କିନ୍ତୁ ଏହି ଡିଲରୁ ତାଙ୍କୁ କେତେ ଟଙ୍କା ମିଳିଥିଲା, ସେକଥା ପୁଲିସ୍ କହିନାହିଁ। ସେହିପରି ଚୋରି ଜର୍ସିକୁ କୋରିୟର ଦ୍ୱାରା ହରିୟାଣା ପଠାଯାଇଥିବା ଜଣାପଡ଼ିଛି। ଅସଲମଙ୍କୁ ଗିରଫ କରିବା ପରେ ପୁଲିସ୍ ହରିୟାଣା ଡିଲରଙ୍କୁ ସମନ କରିଛି। ତେବେ ସେ ଜର୍ସିଗୁଡ଼ିକ ଚୋରି ମାଲ ବୋଲି ଜାଣିଥିବା ପ୍ରାଥମିକ ଭାବେ ପୁଲିସ୍‌କୁ କହିଛନ୍ତି। ପୁଲିସ ଜୁଲାଇ ୧୭ରୁ ଘଟଣାର ତଦନ୍ତ କରୁଥିବା ବେଳେ ଏନେଇ ରିପୋର୍ଟ ଏବେ ଗଣମାଧ୍ୟମରେ ପ୍ରକାଶ ପାଇଛି। ବିସିସିଆଇର ଜଣେ ଅଧିକାରୀ ୧୭ ଜୁଲାଇରେ ମାରିନ୍ ଡ୍ରାଇଭ୍ ପୋଲିସ ଷ୍ଟେସନରେ ଅଭିଯୋଗ କରିଥିଲେ । ପୋଲିସ ଏପର୍ଯ୍ୟନ୍ତ ୫୦ଟି ଜର୍ସି ଉଦ୍ଧାର କରିଛି । ଯାହାର ମୂଲ୍ୟ ପ୍ରାୟ ୧.୨୫ ଲକ୍ଷ ଟଙ୍କା।


XII-03

ଓଡିଶାସରକାର
ରାଜସ୍ୱଓବିପର୍ଯ୍ୟୟପରିଚାଳନାବିଭାଗ
****
ଅଧିସୂଚନା

No. RDM-LAB-GM-0013-2025- 18914 / R&DM, Dated 23.05.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା- ତୁଣ୍ଡୁରା, ଥାନା-ପାଟପୁର, ତହସିଲ-ଦିଗପହଣ୍ଡି,, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୧.୯୮୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର୧୧(୧) ଧାରାରେ ଭାର ପ୍ରାପ୍ତହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତଜମିଅଧିଗ୍ରହଣ ପାଇଁପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାରଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନକ୍ଷେତ୍ରରେସ୍ୱଚ୍ଛତାଆଇନ, ୨୦୧୩ର ଧାରା୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁପ୍ରଯୁଜ୍ୟ ଅଟେ।

ଯଦିସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତିଥାଏ, ସେଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR &R Act, 2013) ରଧାରା୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପସମ୍ବନ୍ଧୀୟବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ।
**୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ।
**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କର ପତ୍ରସଂଖ୍ୟା-୩୪୮୮୪, ତାରିଖ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ।
**୫- ପୁନର୍ବାସ ଓ ଥଇଥାନପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
**୬- ଜମିରବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | ପ୍ଲଟ୍ ରମୋଟରକବା | ଅଧିସୂଚୀତଜମିରରକବା | ରୟତ୍ତିରନାମ |
|---|---|---|---|---|---|---|---|---|
| ଗଞ୍ଜାମ | ଦିଗପହଣ୍ଡି | ତୁଣ୍ଡୁରା | ଗ୍ରାମାଞ୍ଚଳ | ଏଥିସହିତସଂଲଗ୍ନ | ଏଥିସହିତସଂଲଗ୍ନ | ଏ. ୨.୯୩୨ | ଏ. ୧.୯୮୦ | ଏଥିସହିତସଂଲଗ୍ନ |

**ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ୦.୭୪୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମଜଳ ସେଚନପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ତୁଣ୍ଡୁରା ଗ୍ରାମର ଜମିର ବିବରଣୀ**

ମୌଜା - ତୁଣ୍ଡୁରା ଜିଲ୍ଲା - ଗଞ୍ଜାମ
ତହସିଲ - ଦିଗପହଣ୍ଡି

| କ୍ରମିକନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମପିତାଙ୍କ ନାମ | ମୋଟ ଏରିଆ(ଏକର) | ଶ୍ରେଣୀବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା(ଏକର) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୮୨୬ | ଅରକ୍ଷିତ ପ୍ରଧାନ, ପି: ଅଙ୍କୁର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | କେନାଲରେ ୦.୦୦୫ ଗୋଚର ପ୍ରତି ବଦଳରେ ୦.୦୫୫ |
| | | ୧୮୨୭ | | ୦.୧୧୦ | | ୦.୧୧୦ | ଗୋଚରପ୍ରତି ବଦଳରେ |
| ୨ | ୪ | ୧୬୩୬ | ଅରକ୍ଷିତପ୍ରଧାନ, ପି: ବିପ୍ର ପ୍ରଧାନ, ସଚଳା ପ୍ରଧାନ, ସ୍ୱା: ବିପ୍ର ପ୍ରଧାନ, ଜା: କୁରୁମ, ବା:ନିଜଗାଁ | ୦.୨୮୦ | ଘରବାରି | ୦.୧୯୦ | |
| ୩ | ୪୧ | ୧୮୨୮ | କାଳୁପ୍ରଧାନ, ପି: ବାଉରି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୪୦ | ବିଲଅଣଜଳସେଚିତ ଦୁଇ | ୦.୧୪୦ | ଗୋଚରପ୍ରତି ବଦଳରେ |
| ୪ | ୪୮ | ୧୭୦୭ | କେଦାରନାଥ ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ଉଲି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା: ଅର୍ଜୁନପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| | | ୧୭୨୧ | | ୦.୦୬୫ | | ୦.୦୧୦ | |
| ୫ | ୫୩ | ୧୮୩୭ | ଖଲିପ୍ରଧାନ, ପି: ବାଲାଜୀ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୩୫ | ବିଲଅଣଜଳସେଚିତ ଦୁଇ | ୦.୦୩୫ | ଗୋଚରପ୍ରତି ବଦଳରେ |
| ୬ | ୭୨ | ୧୭୦୬ | ଝରାପ୍ରଧାନ, ପି: ବାପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୮୫ | ବିଲଅଣଜଳସେଚିତ ଦୁଇ | ୦.୦୩୫ | |
| ୭ | ୭୪ | ୧୮୨୨ | ତବତିଆ ପ୍ରଧାନ, ଅନନ୍ତ ପ୍ରଧାନ, ବିଜୟ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଧନି ପ୍ରଧାନ, ସ୍ୱା: ଦଣ୍ଡପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୮୫ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | କେନାଲରେ ୦.୦୨୦ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୮୨୩ | | ୦.୦୪୫ | | ୦.୦୪୫ | କେନାଲରେ ୦.୦୪୦ ଗୋଚର ପ୍ରତି ବଦଳରେ ୦.୦୦୫ |
| ୮ | ୮୧ | ୧୮୧୬ | ତ୍ରିନାଥପ୍ରଧାନ, ସୁମତି ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ପାଟ ପ୍ରଧାନ, ସ୍ୱା: ଅର୍ଜୁନ ପ୍ରଧାନ, କେଦାର ପ୍ରଧାନ, ଲିଟୁ ପ୍ରଧାନ, ହରି ପ୍ରଧାନ, କୁନା ପ୍ରଧାନ, ମାମି ପ୍ରଧାନ, ଅମି ପ୍ରଧାନ, ପି: ଡାକ ପ୍ରଧାନ, କୁନ୍ତି ପ୍ରଧାନ, ସ୍ୱା: ଡାକ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୭୫ | ବିଲଅଣଜଳସେଚିତ ଦୁଇ | ୦.୦୭୫ | |
| ୯ | ୯୨ | ୧୬୫୨ | ଧନୁପ୍ରଧାନ, ପି: କୁସୁନ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୨୪୦ | ବିଲଅଣଜଳସେଚିତ ଦୁଇ | ୦.୧୨୫ | |
| ୧୦ | ୯୬ | ୧୮୧୫ | ଧୋଣ୍ଡପ୍ରଧାନ, ପି: ସିନ୍ଧୁ ପ୍ରଧାନ, କନ୍ଧ ପ୍ରଧାନ, ଅଭି ପ୍ରଧାନ, ଅନୁଛାୟା ପ୍ରଧାନ, ସରପ୍ରଧାନ, ପି: ବୀର ପ୍ରଧାନ, ରୂପା ପ୍ରଧାନ, ସ୍ୱା: ବୀର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୦୦ | ବିଲଅଣଜଳସେଚିତ ଦୁଇ | ୦.୧୦୦ | କେନାଲରେ ୦.୦୩୫ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୭୧୦ | | ୦.୦୩୫ | | ୦.୦୩୫ | |
| | | ୧୭୧୧ | | ୦.୧୨୦ | | ୦.୦୧୫ | |
| | | ୧୭୧୬ | | ୦.୦୩୫ | | ୦.୦୩୫ | |
| | | ୧୭୧୭ | | ୦.୦୭୦ | | ୦.୦୭୦ | କେନାଲରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୦୧୫ |
| | | ୧୭୧୮ | | ୦.୧୧୦ | | ୦.୦୯୦ | |
| | | ୧୭୧୯ | | ୦.୧୨୫ | | ୦.୧୨୫ | କେନାଲରେ ୦.୦୮୫ ଗୋଚର ପ୍ରତି ବଦଳରେ ୦.୦୪୦ |
| ୧୧ | ୧୦୬ | ୧୬୩୭ | ପାଣ୍ଡବପ୍ରଧାନ, ପି: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୭୫ | ବିଲଅଣଜଳସେଚିତ ଦୁଇ | ୦.୦୩୦ | |
| ୧୨ | ୧୦୮ | ୧୮୨୦ | ପୁନିପ୍ରଧାନ, ପି: ବୈଷ୍ଣବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୪୦ | ବିଲଅଣଜଳସେଚିତ ଦୁଇ | ୦.୦୪୦ | |
| ୧୩ | ୧୧୩ | ୧୮୨୧ | ବାୟାପ୍ରଧାନ, ସାରଥି ପ୍ରଧାନ, ଶଶି ପ୍ରଧାନ, ଅମାଲୁ ପ୍ରଧାନ, ସୁରେଖା ପ୍ରଧାନ, ଶୈଳ ପ୍ରଧାନ, ପି: ବାଲାଜି ପ୍ରଧାନ, ଆସେଲି ପ୍ରଧାନ, ସ୍ୱା: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୫ | ବିଲଅଣଜଳସେଚିତ ଦୁଇ | ୦.୦୬୫ | କେନାଲରେ ୦.୦୬ ଗୋଚର ପ୍ରତି ବଦଳରେ ୦.୦୦୫ |
| ୧୪ | ୧୨୧ | ୧୭୦୮ | ବୃନ୍ଦାବନ ପ୍ରଧାନ, ପି: ବଇକ୍ଷମ ପ୍ରଧାନ, ଜା: କୁରୁମ, ବା:ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୧୭୦୯ | | ୦.୦୫୫ | | ୦.୦୨୦ | |
| | | ୧୭୨୦ | | ୦.୦୭୭ | | ୦.୦୨୫ | |
| ୧୫ | ୧୨୪ | ୧୮୩୮ | ଭଗବାନପ୍ରଧାନ, ପି: ପୁନିଆ ପ୍ରଧାନ, କାଞ୍ଚନ ପ୍ରଧାନ, ସ୍ୱା: ପୁନିଆ ପ୍ରଧାନ, ଜା: କୁରୁମ, ବା:ନିଜଗାଁ | ୦.୦୫୦ | ବିଲଅଣଜଳସେଚିତ ଦୁଇ | ୦.୦୫୦ | ଗୋଚରପ୍ରତି ବଦଳରେ |
| ୧୬ | ୧୨୯ | ୧୮୧୭ | ଭୀମପ୍ରଧାନ, ପି: ଝଗଡୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲଅଣଜଳସେଚିତ ଦୁଇ | ୦.୦୧୦ | |
| ୧୭ | ୧୩୮ | ୧୮୩୬ | ମାଗତାପ୍ରଧାନ, ପି: ଡମ୍ବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲଅଣଜଳସେଚିତ ଦୁଇ | ୦.୦୫୫ | ଗୋଚରପ୍ରତି ବଦଳରେ |
| ୧୮ | ୧୮୦/୧୧ | ୧୬୫୦ | କଂଗ୍ରେସପ୍ରଧାନ, ପି: ରଘୁ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | ୦.୧୬୦ | ବିଲଅଣଜଳସେଚିତ ଦୁଇ | ୦.୦୨୦ | |
| | | ୧୬୫୧ | | ୦.୧୭୦ | | ୦.୧୭୦ | |

ମୋଟ୧.୯୮୦ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତାସାହୁ)
ଅତିରିକ୍ତ ଶାସନସଚିବ

OIPR 24001/14/0196/2526



ବର୍ତ୍ତମାନର ଆଧୁନିକ ଜୀବନଶୈଳୀ ଓ ଖାଦ୍ୟ ପାନୀୟ ଗ୍ରହଣ କରିବାର ସଠିକ ସମୟ ନ ରହିବାରୁ ବହୁ ଲୋକ ମେଦ ବହୁଳତାର ଶିକାର ହେଉଛନ୍ତି । ପରେ ଓଜନ ହ୍ରାସ କରିବା ପାଇଁ କଡ଼ା ବ୍ୟାୟାମ ସହିତ ଖାଦ୍ୟପେୟ ଉପରେ ଧ୍ୟାନ ଦେଇଥାନ୍ତି । ଏପରିକି କିଛି ବ୍ୟକ୍ତି ଖାଇବା ଛାଡି ଦେଇଥାନ୍ତି ।ହେଲେ ଓଜନ ହ୍ରାସ କରିବା ପାଇଁ ଅସ୍ୱାସ୍ଥ୍ୟକର ଅଭ୍ୟାସ ପରିବର୍ତ୍ତେ କିଛି ଖାଦ୍ୟକୁ ଆମର ଦୈନିକ ଖାଦ୍ୟ ପ୍ରଣାଳୀରେ ସାମିଲ କରିବା ଦ୍ୱାରା ସୁଫଳ ମିଳିଥାଏ । ଯେପରିକି ମାଣ୍ଡିଆ । ମାଣ୍ଡିଆକୁ ଦୈନିକ ଖାଦ୍ୟରେ ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଓଜନକୁ ନିୟନ୍ତ୍ରଣ କରିଥାଏ । ଏହା ସହିତ ମାଣ୍ଡିଆର ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପକାଇଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ନିଜ ଖାଦ୍ୟ ଶୈଳୀରେ ମାଣ୍ଡିଆକୁ ସାମିଲ କରି ଓଜନ ନିୟନ୍ତ୍ରଣ କରିପାରିବେ । ୨୦୧୧ ମସିହାର ଏନସିବିଆଇ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମାଣ୍ଡିଆରେ ଫାଇବର ଓ ପ୍ରୋଟିନ ପ୍ରଚୁର ମାତ୍ରାରେ ରହିଥାଏ। ପ୍ରତ୍ୟେକ ଦିନ କିଛି ମାତ୍ରାରେ ସେବନ କରିବା ଫଳରେ ବହୁ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏହା ସହିତ ପ୍ରତ୍ୟେକ ଦିନ ମାଣ୍ଡିଆ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ । ସେହିପରି ମାଣ୍ଡିଆରେ ଚାଉଳ ଓ ଗହମ ତୁଳନାରେ ଅପେକ୍ଷାକୃତ କମ୍ ଗ୍ଲାଇସେମିକ ଇଣ୍ଡେକ୍ସ ରହିଥାଏ । ଏହାର ନିୟମିତ ସେବନ ଦ୍ୱାରା ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରାଯାଇଥାଏ। ମାଣ୍ଡିଆରେ ପ୍ରଚୁର ପରିମାଣରେ କ୍ୟାଲସିଅମ ରହିଥାଏ । ମାଣ୍ଡିଆରେ ଥିବା ପୋଷକ ତତ୍ତ୍ୱ ଶରୀରରେ ହାଡ଼ ଓ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ।





## ବୈବାହିକ ସମ୍ପର୍କ ବିଷୟରେ ଖୁଲାସା କଲେ ରୁବିନା

**ବୈ**ବାହିକ ସମ୍ପର୍କ ବିଷୟରେ ଖୁଲାସା କଲେ ରୁବିନା
ଏକ ନୂଆ ଟ୍ୱିଷ୍ଟ ସହିତ ଖୁବ୍ ଶୀଘ୍ର ଦର୍ଶକଙ୍କ ଚେକ୍' ଟେଲିଭିଜନ ପରଦାକୁ ଆସିବାକୁ ଏବେ ପ୍ରସ୍ତୁତ । ଏହି ମନୋରଞ୍ଜନ କରିବାକୁ ଆସୁଛି 'ପତି ପତ୍ନୀ ଔର ପଙ୍ଗା' । ବହୁ ପ୍ରତୀକ୍ଷିତ ରିଆଲିଟି ଶୋ 'ପତି ପତ୍ନୀ ଔର ପଙ୍ଗା - ଯୋଡ଼ିଓଁ କା ରିଆଲିଟି ଶୋ' ଆରମ୍ଭ ହେବା ପୂର୍ବରୁ ଚର୍ଚ୍ଚାର ବିଷୟ ପାଲଟିଛି । ଯାହାର କାରଣ ହେଉଛନ୍ତି ବିଗ୍ ବସ୍ ଫେମ୍ ରୁବିନା ଦିଲାଇକ୍ ଏବଂ ଅଭିନବ ଶୁକ୍ଳା । ଯିଏକି ପ୍ରିମିୟର ଏପିସୋଡରେ ସେମାନଙ୍କର ହୃଦୟସ୍ପର୍ଶୀ ଏବଂ ଅଦ୍ଭୁତ କାର୍ଯ୍ୟକଳାପ ସେୟାର କରୁଥିବାର ନଜର ଆସିବେ । ପ୍ରଥମ ଏପିସୋଡରେ, ରୁବିନା ଏକ ମଜାଦାର ଏବଂ ମିଠା କାହାଣୀ ବର୍ଣ୍ଣନା କରୁଥିବାର ଦେଖାଯିବେ, ଯେ କିପରି ତାଙ୍କର ପ୍ରପୋଜାଲ୍ ପ୍ରେମର ପ୍ରତ୍ୟେକ ନିୟମକୁ ଭାଙ୍ଗିଥିଲା । ଜାନୁଆରୀ ୧ ତାରିଖ ସକାଳେ,ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ, ରୁବିନା ସାହସ ଜୁଟାଇ ଅଭିନବଙ୍କୁ କହିଥିଲେ ଯେ ସେ ତାଙ୍କ ସହିତ ବୁଢ଼ି ହେବାକୁ ଚାହାଁନ୍ତି । ଶୋ'ର ଏକ ବିଶେଷ ମୁହୂର୍ତ୍ତରେ, ରୁବିନାଙ୍କୁ ଏହି ଅନନ୍ୟ ଆଦାନପ୍ରଦାନ ବିଷୟରେ କଥା ହେବାର ଦେଖାଯିବ, ଯାହା ଜୀବନ ସାଥୀ ଭାବରେ ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲା । ଏହା ଏପରି ଏକ ମୁହୂର୍ତ୍ତ ଯାହା ଫିଲ୍ମି ନ ହୋଇପାରେ, କିନ୍ତୁ ସେମାନଙ୍କର ପ୍ରକୃତ ସମ୍ପର୍କକୁ ଗଭୀର ଭାବରେ ପ୍ରତିଫଳିତ କରେ । ସୋନାଲି ବେନ୍ଦ୍ରେ ଏବଂ ମୁନାୱର ଫାରୁକିଙ୍କ ଦ୍ୱାରା ହୋଷ୍ଟ କରାଯାଉଥିବା, 'ପତି ପତ୍ନୀ ଔର ପଙ୍ଗା' ସମ୍ପର୍କକୁ ସଫଳ କରୁଥିବା ତତ୍ତ୍ୱ ଉପରେ ଏକ ସ୍ୱଚ୍ଛ ଦୃଷ୍ଟିକୋଣ ଦେବ - ପ୍ରତିଦିନର ଛୋଟ ଛୋଟ ବିଜୟଠାରୁ ମତଭେଦ ଏବଂ ଦ୍ୱନ୍ଦ୍ୱ ପର୍ଯ୍ୟନ୍ତ ସବୁକିଛି ଏହା ଦର୍ଶକଙ୍କ ସାମ୍ନାକୁ ଆଣିବ । ଏହି ଶୋ' ପ୍ରେମକୁ ପୂର୍ଣ୍ଣ ଭାବରେ ପାଳନ କରିବ, ଯେଉଁଥିରେ ସେଲିବ୍ରିଟି ଦମ୍ପତିମାନଙ୍କୁ ଖେଳ, ଚ୍ୟାଲେଞ୍ଜ ଏବଂ ହୃଦୟସ୍ପର୍ଶୀ କଥାବାର୍ତ୍ତା ମାଧ୍ୟମରେ ପ୍ରଦର୍ଶିତ କରିବ ଯାହା ସେମାନଙ୍କର ପ୍ରକୃତ ସମ୍ପର୍କକୁ ପ୍ରକାଶ କରିବ ।



## ତନୁଶ୍ରୀ ଦତ୍ତା ଟ୍ରୋଲ

**ବ**ଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତା । କିଛି ଦିନ ତଳେ ଇଣ୍ଟରନେଟରେ ନିଜର ଏକ ଭିଡିଓ ସେୟାର କରି ଘରେ 'ନିର୍ଯାତନା' ଅଭିଯୋଗ ଆଣିଥିଲେ । ଫଳରେ ତାଙ୍କୁ ଲୋକଙ୍କଠାରୁ ସହାନୁଭୂତି ମିଳିଛି । ଏବେ ସେ ଆଉ ଏକ ଭିଡିଓ ସେୟାର କରି ଏକ ବଡ଼ କ୍ୟାପସନ ଲେଖିଛନ୍ତି । ଏଥିରେ ସେ ମଟନର ଲାଭ ବିଷୟରେ କହୁଛନ୍ତି । ଏହା ସହିତ ସେ ଆୟୁର୍ବେଦର ଉଦାହରଣ ଦେଉଛନ୍ତି । ସେ କହିଛନ୍ତି ଯେ ଏହି ବେଦରେ ଖାଦ୍ୟକୁ ଔଷଧ ଭାବରେ ବିବେଚନା କରାଯାଇଛି । ଏଥିପାଇଁ ତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଲା କାରଣ ସେ କହିଥିଲେ ଯେ ସେ ଶ୍ରାବଣ ଉପବାସ ପରେ ମଟନ ଖାଇଥିଲେ । ତନୁଶ୍ରୀ ଦତ୍ତା ବିଭିନ୍ନ ବ୍ୟାଗରେ ପ୍ୟାକ୍ ହୋଇଥିବା ମଟନର ଚର୍ବି ଦେଖାଇଛନ୍ତି ଓ ଏହାକୁ ଖାଇବାର ଲାଭ ବିଷୟରେ କହିଛନ୍ତି । କ୍ୟାପସନରେ ସେ ଲେଖିଛନ୍ତି ଯେ ଯଦି କୌଣସି ଜିନିଷ ଜଣେ ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି, ତେବେ ସେ ତାଙ୍କ ଖାଦ୍ୟ ଉପରେ ଧ୍ୟାନ ଦେବା ଉଚିତ । ସେ ତାଙ୍କ ଖାଦ୍ୟକୁ ଔଷଧ ଭାବରେ ମାନିଥାନ୍ତି । ତନୁଶ୍ରୀ ଆହୁରି ଲେଖିଛନ୍ତି, ସେ ଶ୍ରାବଣରେ ଜୁଲାଇ ୨୬ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଉପବାସ ରଖିଥିଲେ ଏବଂ ତା'ପରେ ସେ ରାତ୍ରୀ ଭୋଜନ ପାଇଁ ମଟନ୍ ଓ ଭାତ ରାନ୍ଧିଥିଲେ । ସେ କହିଥିଲେ ଯେ ଏହି ପ୍ରକାରର ଉପବାସକୁ ବହୁତ କଷ୍ଟକର କରିବାର ଆବଶ୍ୟକତା ନାହିଁ । ଆପଣ ଶରୀରର ଆବଶ୍ୟକତା ଅନୁସାରେ ଖାଇପିଇପାରିବେ । ଏ ପ୍ରକାରର ଉପବାସ ମୋ ପାଇଁ ସର୍ବୋତ୍ତମ କାମ କରେ । ଉପବାସ କରାଯାଏ, ଉପବାସ ମାନସିକ ଶକ୍ତି ମଧ୍ୟ ଗଠନ କରେ, ଏବଂ ପୁଣି ମୁଁ ଉପବାସ ପରେ ପ୍ରୋଟିନ୍ ଓ ସୁସ୍ଥ ଖାଦ୍ୟ ଗ୍ରହଣ କରେ । ଏବେ ଲୋକମାନେ ଏହି ପୋଷ୍ଟରେ ଅଭିନେତ୍ରୀଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି ।



## 'ବର୍ଡର-୨'ର ନୂଆ ନାୟିକା ମେଧା

'ବର୍ଡର-୨' ନିର୍ମାତା ଫିଲ୍ମର ଷ୍ଟାରକାଷ୍ଟରେ ଜଣେ ନୂଆ ସଦସ୍ୟଙ୍କୁ ସାମିଲ କରିଛନ୍ତି । ସେ ହେଉଛନ୍ତି ମେଧା ରାଣା । ଫିଲ୍ମରେ ସେ ବରୁଣ ଧୱନଙ୍କ ପ୍ରେମିକା ତଥା ଫିଲ୍ମର ଅନ୍ୟତମ ଲିଡ୍ ଲେଡି ଭାବେ ସ୍କ୍ରିନ୍ ସେୟାର କରିବେ । ଏହି ଘୋଷଣା ପରେ ୟୁଜର ଫିଲ୍ମର ନୂଆ ମୁହଁ ମେଧା ରାଣାଙ୍କ ବିଷୟରେ ଜାଣିବାକୁ ଖୁବ୍ ଉତ୍ସାହିତ । ମେଧା ଫିଲ୍ମ ଜଗତରେ ଜଣେ ନୂଆ ମୁହଁ । 'ଲଣ୍ଡନ ଫାଇଲ୍ସ' ଶୀର୍ଷକ ଶୋ' ଜରିଆରେ ସେ ଅଭିନୟରେ ଡେବ୍ୟୁ କରିଥିଲେ, ଯାହା ୨୦୨୨ରେ ମୁକ୍ତିଲାଭ କରିଥିଲା । ଏହି ୱେବ୍ ଶୋ'ରେ ଅର୍ଜୁନ ରାମପାଲ ଓ ପୂରବ କୋହଲି ମୁଖ୍ୟ ଭୂମିକାରେ ଥିଲେ । ଆର୍ମି ପୃଷ୍ଠଭୂମିରୁ ଆସିଥିବା ମେଧା ଫିଲ୍ମ ପାଇଁ ପୂରାପୂରି ଫିଟ୍ ହେବେ ବୋଲି ଭାବି 'ବର୍ଡର-୨' ନିର୍ମାତା ବୋଧହୁଏ ତାଙ୍କୁ କାଷ୍ଟ୍ କରିଛନ୍ତି । ବେଙ୍ଗାଲୁରୁ ଜନ୍ମିତ ମେଧା ଗୁଡ଼ଗାଓଁରେ ବଡ଼ ହୋଇଛନ୍ତି । ୧୬ ବର୍ଷ ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ । ଅଭିନେତ୍ରୀ ହେବା ତାଙ୍କର ଏକମାତ୍ର ସ୍ୱପ୍ନ ଥିଲା । ଫିଲ୍ମରେ ଭୂମିକା ପାଇବା ପୂର୍ବରୁ ଅନେକ ଟିଭି ବିଜ୍ଞାପନରେ ସେ କାମ କରିଥିଲେ । ସେତିକି ନୁହେଁ, 'ଗୁଲ୍ ଓ 'ବରସାତ୍' ଭଳି ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛନ୍ତି । ବାବିଲ ଖାନ୍ ଷ୍ଟାରର 'ଫ୍ରାଇଡେ ନାଇଟ୍ ପ୍ଲାନ୍'ରେ ସେ କାମ କରିଛନ୍ତି । 'ଇଶ୍କ ଇନ୍ ଦ ଏୟାର'ରେ ଶାନ୍ତନୁ ମାହେଶ୍ୱରୀଙ୍କ ଅପୋଜିଟ୍‌ରେ ମଧ୍ୟ ସେ ଅଭିନୟ କରିଛନ୍ତି । ଆସନ୍ତା ବର୍ଷ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ 'ବର୍ଡର-୨' । ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦିଲଜିତ ଦୋସାଂଝ ଓ ଆହାନ ଶେଟ୍ଟୀ ମଧ୍ୟ ଅଛନ୍ତି ।

## ୨ ବିଳାସପୂର୍ଣ୍ଣ ଫ୍ଲାଟ୍ ବିକ୍ରି କଲେ ଅକ୍ଷୟ କୁମାର



**ବ**ଲିଉଡ୍ ଅଭିନେତା ଅକ୍ଷୟ କୁମାର । ସେ ତାଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ଆଉ ଏହାରି ମଧ୍ୟରେ ତାଙ୍କୁ ନେଇ ସାମ୍ନାକୁ ଆସିଛି ଆଉ ଏକ ଖବର । ଅଭିନେତା ମୁମ୍ବାଇର ବୋରିଭାଲିରେ ଥିବା ତାଙ୍କର ଦୁଇଟି ବିଳାସପୂର୍ଣ୍ଣ ସମ୍ପତ୍ତି ବିକ୍ରି କରିଛନ୍ତି । ଯେଉଁଥିରୁ ସେ ଭଲ ଲାଭ ପାଇଛନ୍ତି । ତେବେ ଅକ୍ଷୟ କୁମାର ତାଙ୍କର ଦୁଇଟି ଫ୍ଲାଟକୁ ୭.୧୦ କୋଟି ଟଙ୍କାରେ ବିକ୍ରି କରିଛନ୍ତି । ଏହି ଦୁଇଟି ଫ୍ଲାଟ ଓବେରୟ ରିଅଲିଟିର ହାଇ-କ୍ଲାସର ସ୍କାଏ ସିଟି ପ୍ରୋଜେକ୍ଟରେ ଅଛି, ଯାହା ୨୫ ଏକର ଜମିରେ ବିସ୍ତାରିତ । ଏହି ଚୁକ୍ତି ଜୁନ୍ ୨୦୨୫ରେ ପଞ୍ଜୀକୃତ ହୋଇଥିଲା ଏବଂ ପ୍ରପର୍ଟି ପ୍ଲାଟଫର୍ମ ସ୍କୋୟାର ୟାର୍ଡସ୍ ଏହା ବିଷୟରେ ସୂଚନା ଦେଇଥିଲା । ପ୍ରଥମ ସମ୍ପତ୍ତି ୧,୧୦୧ ବର୍ଗଫୁଟର, ଯାହାକୁ ଅକ୍ଷୟ କୁମାର ୫.୭୫ କୋଟି ଟଙ୍କାରେ ବିକ୍ରି କରିଥିଲେ । ଏହାକୁ ସେ ୨୦୧୭ରେ ୩.୦୨ କୋଟି ଟଙ୍କାରେ କିଣିଥିଲେ, ଅର୍ଥାତ୍ ଏଥିରେ ପ୍ରାୟ ୯୦% ବୃଦ୍ଧି ହୋଇଛି । ଏଥିରେ ୩୪.୫୦ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଏବଂ ୩୦ ହଜାର ଟଙ୍କା ପଞ୍ଜୀକରଣ ଫି ଥିଲା । ଏହି ସମ୍ପତ୍ତିରେ ଦୁଇଟି କାର ପାର୍କିଂ ସ୍ଥାନ ମଧ୍ୟ ରହିଛି । ଦ୍ୱିତୀୟ ସମ୍ପତ୍ତିଟି ୨୫୨ ବର୍ଗଫୁଟ, ଯାହାକୁ ୧.୩୫ କୋଟି ଟଙ୍କାରେ ବିକ୍ରି କରାଯାଇଛି । ଏହାକୁ ୨୦୨୧୭ ରେ ୬୭.୯୦ ଲକ୍ଷ ଟଙ୍କାରେ କିଣାଯାଇଥିଲା, ଯାହା ୯୯% ବୃଦ୍ଧି ଦର୍ଶାଉଛି । ଏହି ଚୁକ୍ତିରେ ୬.୭୫ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଥିଲା । ବୋରିଭାଲି ପୂର୍ବ ମୁମ୍ବାଇର ଏକ ପଶ ଅଞ୍ଚଳ, ଯାହା ପଶ୍ଚିମ ଏକ୍ସପ୍ରେସ ହାଇୱେ, ମେଟ୍ରୋ ଲାଇନ ୭ ଏବଂ ଉପନଗରୀୟ ରେଳପଥ ଦ୍ୱାରା ଭଲ ଭାବରେ ସଂଯୁକ୍ତ । ଏହା ସଞ୍ଜୟ ଗାନ୍ଧୀ ଜାତୀୟ ଉଦ୍ୟାନ ନିକଟରେ ଅବସ୍ଥିତ ଏବଂ ଗୋରେଗାଓଁ, ମାଲାଡ ଭଳି ବ୍ୟବସାୟିକ କେନ୍ଦ୍ର ନିକଟରେ ମଧ୍ୟ ଅବସ୍ଥିତ । ସ୍କାଏ ସିଟିରେ ୩ଇଏଚକ, ଷ୍ଟୁଡିଓ ଏବଂ ଡୁପ୍ଲେକ୍ସ ଆପାର୍ଟମେଣ୍ଟ ଅଛି । ସ୍କୋୟାର ୟାର୍ଡସ ଅନୁଯାୟୀ, ଏହି ପ୍ରକଳ୍ପରେ ଅଗଷ୍ଟ ୨୦୨୪ ରୁ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ୧୦୦ ଟି ଡିଲ୍ ରୁ ୪୨୮ କୋଟି ଟଙ୍କାର ବିକ୍ରୟ ହୋଇଛି । ଅକ୍ଷୟଙ୍କ ବ୍ୟତୀତ ଅମିତାଭ ବଚ୍ଚନ ଏବଂ ଅଭିଷେକ ବଚ୍ଚନ ମଧ୍ୟ ମେ ୨୦୨୪ ଠାରୁ ଏହି ପ୍ରକଳ୍ପରେ ଅନେକ ସମ୍ପତ୍ତି କିଣିଛନ୍ତି । ଅକ୍ଷୟଙ୍କ ଫିଲ୍ମ 'କେସରୀ ୨' ସମ୍ପ୍ରତି ମୁକ୍ତିଲାଭ କରିଛି ।

## ବର୍ଷା ଦିନେ ପାଦର ଯତ୍ନ

*କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।*



- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନରେ ପାଦ
- ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଗଲ ପାଉଡର ସେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁୟର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥରେ ପାଦର ଅଙ୍ଗୁ ଳିଗୁଡିକୁ ସଫ କରିବା ସହ ପାଦକୁ ମସାଜ୍ ମଧ୍ୟ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ତ୍ତା ସେପ୍ଟରେ କାଟିବା ଆବଶ୍ୟକ ଓ ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲେ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କରିଥାଏ ।

## ପେଟ କମାଇବାକୁ ଚାହୁଁଥିଲେ ପିଅନ୍ତୁ କାକୁଡି ଜୁସ୍

**ଆ**ଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ପ୍ରଣାଳୀ ଯୋଗୁଁ ଆମେ ଅନେକ ସମୟରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଭୋଗିଥାଉ । କିନ୍ତୁ ଅନେକ ଲୋକ ସର୍ବଦା ନିଜ ଶରୀର ପ୍ରତି ସଚେତନ ରହିଥାଏ । ସର୍ବଦା ନିଜକୁ ଫିଟ୍ ଏବଂ ସୁନ୍ଦର ରଖିବାକୁ ଚେଷ୍ଟା କରିଥାନ୍ତି । କେହି କେହି ସକାଳୁ ଉଠି ବ୍ୟାୟାମ କରନ୍ତି ତ ଆଉ କିଏ ବ୍ୟାୟାମରେ ସମୟ ବିତାନ୍ତି । ବର୍ତ୍ତମାନ ସମୟରେ ପେଟ ପଡିବା ସମସ୍ତଙ୍କ ପାଇଁ ପ୍ରମୂଖ କାରଣ ପାଲଟିଛି । ଆସନ୍ତୁ ଜାଣିବା ଘରୋଇ ଉପାୟରେ ଆମେ କିପରି ପେଟ କମାଇପାରିବା । ପେଟ କମ୍ କରିବାରେ କାକୁଡ଼ି ଓ ଲେମ୍ବୁପାଣିର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାକୁଡ଼ି ଖାଇବା ଫଳରେ ଶରୀରରେ ଚର୍ବି ଅଂଶ କମ୍ ହୋଇଥାଏ । ସେହିପରି ଲେମ୍ବୁ ପେଟର ଚର୍ବି ଅଂଶକୁ କମ୍ କରିଥାଏ । ସେଥିପାଇଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ କାକୁଡ଼ି ଜୁସ୍ ପିଇବା ଫଳରେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ । ପ୍ରଥମେ କାକଡ଼ିରୁ ଚୋପା ଛଡ଼ାଇ ସେଥିରେ ଅଦା ଓ ପୋଦିନା ପତ୍ର ପକାଇ ମିଶ୍ରଣ କରନ୍ତୁ । ଏଥିରେ ଲେମ୍ବୁରସ, ଜିରା ପାଉଡର, ସ୍ୱାଦ ଅନୁସାରେ କଳା କିମ୍ବା ଧଳା ଲୁଣ ମିଶାଇ ଶୋଇବା ପୂର୍ବରୁ ପିଅନ୍ତୁ । ପ୍ରତିଦିନ ଏହାକୁ ପିଇବା ଦ୍ୱାରା ପେଟ କମ୍ ହୋଇଯାଇଥାଏ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ଶିକ୍ଷା ବିଭାଗ ଅଧିନ ଉନ୍ନୀତ ପାଟସୁନ୍ଦର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ସହକାରୀ ଶିକ୍ଷକଭାବେ ହରିଶ୍ ଚନ୍ଦ୍ର ଦଳାଇ ଓ ଦୀଲ୍ଲିପ କୁମାର କାଣ୍ଡି ଯୋଗଦାନ କରିଛନ୍ତ। ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା କ୍ଷ ଦୁଇ ଶିକ୍ଷକ ୨୦୦୪ ମସିହାରୁ ନିଯୁକ୍ତ ପାଇ ସହକାରୀ ଶିକ୍ଷକ ରୁପେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦକ୍ଷତା ସହିତ କାର୍ଯ୍ୟରତ ଥିଲେ। ଏବେ ଏହି ବିଦ୍ୟାଳୟରେ ତାଙ୍କର ଯୋଗଦାନ କରିବା ପରେ ବିଭିନ୍ନ ଶିକ୍ଷକ ସଂଗଠନ, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ, ଆଲମୁନୀ କମିଟି କର୍ମଚାରୀ, ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମାନେ ଦୀର୍ଘଦିନ ଧରି ଶିକ୍ଷାଦାନ ଦକ୍ଷତାର ସହ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ଏହି ସ୍ୱାଗତ ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦାଶ, ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ବିନୀତା ବେହେରା, ପରିଚାଳନା କମିଟି ସଭାନେତ୍ରୀ ଶକିନା କାଣ୍ଡି ଓ ସି ଆର ସି ସି ଏକବାଲ ହୋସେନ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ନୂତନ ଶିକ୍ଷକଙ୍କୁ ସହକର୍ମୀ ଭାବରେ ପାଇ ପ୍ରଧାନଶିକ୍ଷକ ଦାଶ ଖୁସିପ୍ରକଟ କରିବା ସହିତ ବିଦ୍ୟାଳୟର ଶୈକ୍ଷିକ ପରିବେଶ ତଥା ଶିକ୍ଷାଦାନ ଅଧିକ ସରସ ଓ ସୁନ୍ଦର ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ବର୍ଷା ନାହିଁ, ଶୁଖିଲା ପଡ଼ିଛି ଚାଷ ଜମି

# ପାଣି ପମ୍ପ ଦ୍ୱାରା ହେଉଛି ଜମି କାଦୁଅ






ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଋତୁଚକ୍ରରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ପାଣିପାଗରେ ଘୋର ଅନିୟମିତାତା ଦେଖିବାକୁ ମିଳୁଛି। ଶ୍ରାବଣ ମାସରେ ଝଡି ବର୍ଷା ହେବା ପରିବର୍ତ୍ତେ ବୈଶାଖ ମାସ ଭଳି ଅସହ୍ୟ ଖରା ଜନିତ ଗରମ ରେ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ବର୍ଷା କୁଆଡେ ନିଖୋଜ ହୋଇଯାଇଛି ବୋଲି ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। କେବେ କେମିତି ଦୈବାତ୍ ୧୫/୨୦ କି ୩୦ ମିନିଟ୍ ଝିପି ଝିପି ବର୍ଷା ହୋଇ ପୁଣି ଉହଉହ ଖରା। ଗାଁ ଏମୁଣ୍ଡରେ ବର୍ଷା ହେଲେ ଶେଷ ମୁଣ୍ଡରେ ବର୍ଷାର ଦେଖା ନାହିଁ। ବର୍ଷାର ଏଭଳି ଲୁଚକାଳି ଖେଳ ଚାଷୀମାନଙ୍କ ପାଇଁ କାଳ ସାଜିଛି। ଦିନକୁ ଦିନ ଧାନ ଚାଷର ପରିସ୍ଥିତି ଗମ୍ଭୀର ଆକାର ଧାରଣ କରିବାରେ ଲାଗିଛି। ଗତ ବର୍ଷର ଟାଣ ଖରା ଜନିତ କ୍ଷତିରୁ ଚାଷୀ ଅଣ୍ଟା ସଳଖି ପାରି ନଥିବା ବେଳେ ଚଳିତ ବର୍ଷ ପୁଣି ଚାଷ ଆରମ୍ଭରୁ ବର୍ଷା ଅଭାବ ଚାଷୀମାନଙ୍କୁ ବିଷମ ସଙ୍କଟରେ ପକାଇ ଦେଇଛି। ବାହାଲ କିସମ ଖାଲୁଆ ଜମିରେ କାଁଭାଁ ପାଣି ଥିବା ବେଳେ ମାଳ ଏବଂ ବେର୍ଣା କିସମ ଜମି ଶୁଖିଲା ପଡ଼ିଛି। ରୂଆ ବେଉଷଣ କିଛି ସ୍ଥାନରେ କଷ୍ଟରେ ହେଉଥିବା ବେଳେ କିଛି ସ୍ଥାନରେ ଚାଷ କାମ ଠପ୍ ହୋଇ ପଡ଼ିଛି। ସୂଚନା ଅନୁଯାୟୀ, ଜୁଲାଇ ମାସ ରେ ମାତ୍ର କିଛି ଦିନ ଅତି ସ୍ୱଳ୍ପ ପରିମାଣରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏବଂ ଏହାର ଆଖପାଖ କେତେକ ଗାଁରେ ବର୍ଷା ହୋଇଥିଲା। ଯାହାକି ବର୍ଷା ନ ହେଲା ସହିତ ସମାନ। ତେବେ ବ୍ଲକର ବାକି ସମସ୍ତ ପଞ୍ଚାୟତ ଅଞ୍ଚଳରେ ପ୍ରଚଣ୍ଡ ଖରା ରେ ଲୋକେ ଅସ୍ତବ୍ୟସ୍ତ ହୋଇ ଅତିଷ୍ଠ ହୋଇ ପଡୁଛନ୍ତି। ଶ୍ରାବଣ ସରିବାକୁ ଆଉ ମାତ୍ର କିଛି ଦିନ ବାକି ରହିଲା। ବର୍ଷାର ଦେଖା ନାହିଁ, ମଙ୍ଗଳ ବାର ସନ୍ଧ୍ୟା ରେ କିଛି ସ୍ଥାନରେ ଝିପିଝିପି ବର୍ଷା କିଛି ସମୟ ହୋଇଛି। ଗାଁ ଦାଣ୍ଡରେ ଧୂଳି ଉଡୁଛି। ସୂଚିତ ଯେ ଅସ୍ତରଙ୍ଗ ବ୍ଲକର କିଛି ଗ୍ରାମକୁ କେନାଲ ସଂଯୋଗ ଥିଲେ ମଧ ସେଥିରେ ପାଣି ଆସୁନାହିଁ କେତେ ଗୁଡିଏ ପଞ୍ଚାୟତ ଗୁଡିକ ଅଣଜଳ ସେଚିତ ଅଞ୍ଚଳ ଅଟେ। ବର୍ଷା ଜଳ ଉପରେ ନିର୍ଭର କରି ଚାଷୀମାନେ ଖରିଫ ଫସଲ ଚାଷ କରିଥାନ୍ତି। ଚଳିତବର୍ଷ ଚାଷ ପାଇଁ ପାଣି ଆବଶ୍ୟକ ଥିବା ସମୟ ବର୍ଷା ନ ହୋଇ ପ୍ରଚଣ୍ଡ ଖରା ହେଉଥିବାରୁ ନିଶ୍ଚିତ ଆଶଙ୍କାରେ ଆଶଙ୍କିତ ଚାଷୀ ଆଖିରୁ ନିଦ ହଜିଯାଇଛି। କିଛି ଚାଷୀ ବିଲ ରେ ପାଣି ପମ୍ପ ମାଧ୍ୟମରେ ପାଣି ମଡ଼ାଇ ଜମି କାଦୁଅ କରୁଛନ୍ତି। କିନ୍ତୁ ପେଟ୍ରୋଲ କିଣିବା ବାଧକ ସାଜିଛି। ଗୋଟିଏ ପଟେ ତେଲଦର ବୃଦ୍ଧି ସହ ମିଳିବା କଷ୍ଟକର ହେଉଥିବା ବେଳେ ଅନ୍ୟ ପଟେ ବର୍ଷା ଅଭାବର ବେଡି ଉପରେ କୋରଡା ସଦୃଶ ହୋଇ ପଡୁଛି ବୋଲି ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି।

## ଶିକ୍ଷାନୁଷ୍ଠାନ ନିକଟରେ ମାଦକ ଦ୍ରବ୍ୟ ବିକ୍ରିକୁ ନେଇ ପୋଲିସର ଚଢ଼ାଉ



ନିଆଳି, (ଭାସ୍କର ନ୍ୟୁଜ): ଏବେ ଆଉ ସରକାରୀ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନ ନିକଟରେ ମନଇଚ୍ଛା ମାଦକ ଦ୍ରବ୍ୟ ବେପାର କରିବା ପାଇଁ କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂ ବାରଣ କରିଛନ୍ତି। ଏଥିପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ନିଆଳି ଥାନାକୁ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି। ମଙ୍ଗଳବାର ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ନିଆଳି ଓ ଆଖପାଖରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ପାନ ଦୋକାନ ମାନଙ୍କରେ ଚଢ଼ାଉ କରାଯାଇଥିବା ନେଇ ସୂଚନା ମିଳିଛି। ଚଢ଼ାଉ ସମୟରେ ଦୋକାନି ମାନଙ୍କ ଠାରୁ ଗୁଟଖା, ସଫଳ, ବିଡି ଓ ସିଗାରେଟ୍ ଭଳି ମାଦକଦ୍ରବ୍ୟକୁ ଜବତ କରାଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ ଆଉ ଏଣିକି ମାଦକ ଦ୍ରବ୍ୟ ବେପାର କରିବା ପାଇଁ ନିଆଳି ପୋଲିସ ଆଇଆଇସି ବିଜୟ କୁମାର ମଲ୍ଲିକ ବାରଣ କରିଛନ୍ତି। ଏଭଳି ପଦକ୍ଷେପକୁ ନେଇ ଅଭିଭାବକମାନଙ୍କ ପକ୍ଷରୁ ପୋଲିସକୁ ସାଧୁବାଦ ଦିଆଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ ସିଗାରେଟ୍, ବିଡି, ସଫଳ, ମିନାଜି ଓ ଗୁଟଖା ବିକ୍ରି ହେବା ଫଳରେ ଯୁବକ ଓ ସାଧାରଣ ଲୋକେ ଖାଇବା ଓ ଧୂଆଁ ଛାଡିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ମଧରେକୁ ପ୍ରଭାବ ପଡୁଛି। ପୂର୍ବରୁ ମଧ ସରକାର ସର୍ବସାଧାରଣରେ ମାଦକ ଦ୍ରବ୍ୟ ସେବନ କରିବାକୁ ବାରଣ କରିଥିଲେ। କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଠାରୁ ନିଆଳି ଥାନା ଆଇଆଇସି ମଲ୍ଲିକ ରେଡ କରିବା ସହିତ ଶିକ୍ଷାନୁଷ୍ଠାନ ନିକଟରେ ସିଗାରେଟ୍, ବିଡି, ସଫଳ, ମିନାଜି ଓ ଗୁଟଖା ଭଳି ମାଦକ ଦ୍ରବ୍ୟ ନବିକିବା ପାଇଁ ନିଆଳି ଓ ଆଖପାଖ ଅଞ୍ଚଳର ଦୋକାନିମାନଙ୍କୁ ନିବେଦନ କରିଛନ୍ତି।

## ନୂତନ ଉନ୍ନତ ଅଭିଳାଷା ଓଡ଼ିଶା ଯୋଜନାରେ ୧୨୦ଯୁବତୀ ନେଲେ ତାଲିମ




ତିହିଡ଼ି, (ଭାସ୍କର ନ୍ୟୁଜ): ସରକାରଙ୍କ ନୂତନ ଉନ୍ନତ ଅଭିଳାଷା ଓଡ଼ିଶା ଯୋଜନା ମାଧ୍ୟମରେ ସ୍କିଲ କନେକ୍ଟ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଥିବା ଆର୍ଥିକ ଅନଗ୍ରସର ଯୁବତୀମାନଙ୍କ ପାଇଁ ନିଶ୍ଚିତ କର୍ମନିଯୁକ୍ତି ଲକ୍ଷ୍ୟରେ ମାଗଣା ତାଲିମ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ତିହିଡ଼ିରେ ଏକ ନିଯୁକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ନିରଂଜନ ବାରିକ ଯୋଗ ଦେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଆର୍ଥିକ ଅନଗ୍ରସର ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି କରାଯିବାର ସରକାର ପ୍ରୟାସ କରିଛନ୍ତି ବୋଲି କହିଥିଲେ। ସ୍କିଲ କନେକ୍ଟର ରାଜ୍ୟ ପ୍ରୋଗ୍ରାମ ପରିଚାଳକ ବିଶ୍ୱରଂଜନ କର ଓ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ଲାବନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କର ନିଯୁକ୍ତି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ବିଭିନ୍ନ ପଞ୍ଚାୟତରୁ ଯୋଗ ଦେଇଥିବା ୧୨୦ ଯୁବତୀଙ୍କୁ ସ୍କିଲ କନେକ୍ଟର ରିସୋର୍ସ ପର୍ସନ ମାନେ ତାଲିମ ପ୍ରଦାନ କରିଥିଲେ। ୧୦ମରୁ ଊର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ୧୮-୩୦ ବର୍ଷ ବୟସ ମଧରେ ଥିବା ଯୁବତୀମାନେ ଏହି ତାଲିମ ନେବେ। ସେମାନଙ୍କୁ ୯୦ଦିନ ତାଲିମ ଦିଆଯିବ। ତାଲିମ ସମୟରେ ପାଠ୍ୟ ଉପକରଣ ଓ ପୋଷାକ ଯୋଗାଇ ଦିଆଯିବା ସହ ମହାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା ରହିଛି ବୋଲି ଶିବିରରେ ସୂଚନା ଦିଆଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ଅଞ୍ଚଳ ଧର୍ମପରାୟଣ ମହିଳା ତଥା ଗୋପ ପଞ୍ଚାୟତର ବରିଷ୍ଠ ନାରୀନେତ୍ରୀ ଗୋଲାପ ମଞ୍ଜରୀ ରାଉତଙ୍କର ଅକାଳ ବିୟୋଗ ସମଗ୍ର ଗୋପ ଅଞ୍ଚଳବାସୀ ସ୍ତବ୍ଧ। ଗତକାଲି ସନ୍ଧ୍ୟା ସମୟରେ ନିତ୍ୟଦିନ ପରି ପ୍ରଭୁ ଶ୍ରୀରାମଙ୍କ ନିକଟରେ ଭଜନ କୀର୍ତ୍ତନରେ ମଗ୍ନ ଥିବା ବେଳେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଛି। ସ୍ମରଣ ଥାଉ କି କୋଭିଡରେ ତାଙ୍କ ସ୍ୱାମୀଙ୍କର ଅକାଳ ବିୟୋଗ ହୋଇଥିଲା। ରାଉତଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଗୋପ ମେଡିକାଲକୁ ଲୋକଙ୍କର ସୁଅ ଛୁଟିଥିଲା। ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଗୋପ ଶକ୍ତି କେନ୍ଦ୍ର ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ନାୟକ, ବୁଥ ସଭାପତି ଦୀପକ ଦାସ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଯୁବନେତା ଶିବପ୍ରସାଦ ସ୍ୱାଇଁ, ବସନ୍ତ କୁମାର ସେନାପତି, ଅନିଲ କୁମାର ପରମାଣିକଙ୍କ ସମେତ ପଞ୍ଚାୟତର ସମସ୍ତ ନେତୃବୃନ୍ଦ ଉପସ୍ଥିତ ଥିଲେ। ଗୋଲାପ ମଞ୍ଜରୀ ରାଉତଙ୍କର ସମାଜସେବା, ନିଷ୍ଠା ଓ ଭକ୍ତିପୂର୍ଣ୍ଣ ଜୀବନ ସମସ୍ତଙ୍କ ପାଇଁ ଏକ ଅନୁପ୍ରେରଣା। ତାଙ୍କ ବିୟୋଗ ଗୋପ ପଞ୍ଚାୟତ ବିଜେପି ପରିବାର ପାଇଁ ଏକ ଅପୂରଣୀୟ କ୍ଷତି।

## ଦୁଇ ଘରୋଇ ବସ ମାଲିକଙ୍କ ସଂଘ ବିବାଦର ଅନ୍ତ କେବେ !

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ - ବାରିପଦା ମଧରେ ଚଳା ଚଳ କରୁଥିବା ସମସ୍ତ ସମସ୍ତ ଘୋରୋଇ ଯାତ୍ରୀବାହୀ ବସର ମାଲିକମାନଙ୍କ ମନମୁଖୀ ଶାସନ ଯୋଗୁଁ ଶହଶହ ଯାତ୍ରୀ କଷ୍ଟ ଭଗୁଛନ୍ତି। ବାରିପଦାକୁ ଯିବାକୁ ହେଲେ ଘୋରଇ ବସ ମାଲିକଙ୍କ ବସ ସେବା ହିଁ ଯାତ୍ରୀମାନଙ୍କ ଏକମାତ୍ର ଭରଷା ହେଲେ ଆଜକୁ ଏକ ମାସ ହେବ ଦୁଇ ସହରର ମାଲିକଙ୍କ ବିବାଦ ଯୋଗୁ ପେଶି ହେଉଛନ୍ତି ଯାତ୍ରୀ। ବାରିପଦାକୁ ଜୀବକୁ ହେଲେ ଯାତ୍ରୀଙ୍କୁ କରଞ୍ଜିଆ ସହରରୁ ୩ କିମି ଦୂର ବାମନା ଶାଳାକୁ ଯିବାକୁ ପଡୁଛି ସେହିଭଳି ବାରିପଦାରୁ କରଞ୍ଜିଆ ଆସିବାକୁ ହେଲେ ବାରିପଦାରୁ କେନ୍ଦୁଝର ଭାୟା କରଞ୍ଜିଆ ଦେଇ ଯାଇଥିବା ବସରେ ଆସିବାକୁ ହୁଏ ତେବେ ବସଗୁଡ଼ିକ କରଞ୍ଜିଆ ଷ୍ଟାଣ୍ଡକୁ ନ ଯାଇ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାଖରେ ରହୁଛି ଫଳରେ ମହିଳା, ଶିଶୁ, ବୃଦ୍ଧ ବୃଦ୍ଧା ଯାତ୍ରୀ ମାନେ ଅଯଥା ହଇରାଣ ହେବା ସହିତ ଅତ୍ୟଧିକ ଟେମ୍ପ ଭଡା ଦେଇ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି। ଫଳରେ ଯାତ୍ରୀମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିଭଳି ବାରିପଦାରୁ କରଞ୍ଜିଆ ଆସିବା ପାଇଁ ବାରିପଦାର ମୁର୍ଗାବାଡି ପାଖରେ ଯାତ୍ରୀ ମାନଙ୍କୁ ଅପେକ୍ଷା କରିବାକୁ ପଡୁଛି ଖରା ବର୍ଷାରେ ଛୋଟ ଛୁଆ, ବୃଦ୍ଧବୃଦ୍ଧା ମାନେ ମଧ ସେଭଳି ନିର୍ଯାତନା ପାଉଛନ୍ତି। ବସ ଚଳାଚଳରେ ସେଭଳି କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ ବୋଲି ଜଣାପଡିଛି। ଜିଲ୍ଲା ପ୍ରଶାସନ ଏଦିଗରେ ହସ୍ତକ୍ଷେପ କରି ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଗତ ୨୩ତାରିଖ ଏଠାକୁ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା ଜିଲ୍ଲା କମିଟିର ମତାମତ ନେବାକୁ ଆସିଥିବା ବେଳେ କରଞ୍ଜିଆର ଜନସାଧାରଣ ତାଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ ତେବେ ମାଲିକ ସଂଘର ଜିଦିକୁ ମନାଇ ପାରିଲେ ନାହିଁ। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି।

## ଉଦ୍ୟୋଗି ବିକାଶ କର୍ମଶାଳା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ୧୨ ଦିନିଆ ଉଦ୍ୟୋଗି ବିକାଶ କର୍ମଶାଳା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ଏଥିରେ ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ପ୍ରତିଭା ମାନଙ୍କ ଠାରେ ଅର୍ନ୍ତନିହିତ ଗୁଣର ବିକାଶ କରି ଉଦ୍ୟୋଗୀ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୧୨ଜଣ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା। ରୂପଶ୍ରୀ ପଣ୍ଡା, ଗୀତା ସେଠୀ, ସତ୍ୟଜିତ ମହାପାତ୍ର, ଗୟାଧର ପଣ୍ଡା, ରାଜେଶ ପାଣି, ଗଣେଶ ଜେନା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ।

## ସହିଦ ତାମ୍ମା ଦୋରାଙ୍କ ତିରୋଧାନ ଦିବସ

କାଲିମେଳା, (ଭାସ୍କର ନ୍ୟୁଜ୍): ପଡ଼ିଆରେ ସହିଦ ତାମା ଦୋରା ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ସହିଦ୍ ତାମା ଦୋରାଙ୍କ ପ୍ରତିମୂର୍ତ୍ତିରେ ପ୍ରାଥମେ ପୁଷ୍ପମାଲ୍ୟ ଅର୍ପଣ କରିସାରି ତାପରେ ତାଙ୍କ ଜୀବନ ଉପରେ ଆଲୋଚନା କରାଯାଇଥିଲା। ଏ ଅବସରରେ ମୁଖ୍ୟ ଅତିଥି ଭାବେ ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର ଉପସ୍ଥିତ ରହି ଦକ୍ଷିଣ ମାଲକାନଗିରି ଜିଲ୍ଲାର କୋୟା ବିଦ୍ରୋହୀ ସହିଦ୍ ତାମ୍ମା ଦୋରାଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ଦେଇଥିଲେ। ୧୮୮୦ରେ ଇଂରେଜ ଗୁଳିରେ ସହିଦ ହୋଇଥିଲେ ତାମ୍ମା ଦୋରା, ଯାହାକି ଗାନ୍ଧୀଙ୍କ ପୂର୍ବରୁ ସେ ଇଂରେଜ ସହିତ ଲଢ଼େଇ କରିଥିଲେ ବୋଲି ସେ ବ୍ୟକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଜିତେନ୍ଦ୍ର ନାୟକ, କେ ଉଦୟ, ଅମୂଲ୍ୟ ରତ୍ନ, ନାକା ସରିତା, ଏସ୍ ମୋନିକା ସମେତ ଅନ୍ୟା କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଜଙ୍ଗଲ ପାଲଟିଛି ଉଦ୍ୟାନ କୃଷି ବିଭାଗ



କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ଉଦ୍ୟାନ କୃଷି ବିଭାଗ ଏବେ ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଚାଷୀ ପାଇଁ ସରକାରୀ ଉଦ୍ୟାନ କୃଷି ଯୋଜନା ଅପହଞ୍ଚ ହୋଇପଡିଛି। ନଡ଼ିଆ, କଦଳୀ ଓ ବିଭିନ୍ନ ଅର୍ଥକାରୀ ଫଳଫୁଲ ଚାଷ କରି ବେଶ ଲାଭବାନ ହେଉଥିଲେ ଅଞ୍ଚଳର ଚାଷୀମାନେ। କିନ୍ତୁ ଏବେ କାକଟପୁର ବ୍ଲକ ଫଳ ଓ ପନିପରିବା ଚାଷୀମାନେ ଦିଗହରା ହେବା ଯୋଗୁଁ ବଜାରରେ ଦର ଏବେ ଆକାଶ ଛୁଆଁ ହୋଇପଡିଛି। କାକଟପୁର ବ୍ଲକରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟ କରୁଥିଲେ ମଧ ଏହା ଜଣେ ଅବସରପ୍ରାପ୍ତ ପିଅନ ଏହାକୁ ନାମକୁ ମାତ୍ର ଚଳାଇ ବେଶ ମୁନାଫା ଉଠାଉଥିବା ଅଭିଯୋଗ ହୋଇଛି। ଫଳ, ପନିପରିବା ଚାଷ ପାଇଁ ସଚେତନତା, ଆବଶ୍ୟକୀୟ ପରାମର୍ଶ ଅଭାବରୁ ନଡ଼ିଆ ଚାଷୀ ମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ବାରମ୍ବାର ବିଭିନ୍ନ ଗଣ ମାଧମରେ ପ୍ରକାଶ ପାଉଥିଲେ ମଧ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନଦେବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାକଟପୁର ନିକଟସ୍ଥ ଇଷାନେଶ୍ୱରକୁ ଏହି ବିଭାଗ ସ୍ଥାନାନ୍ତରିତ ହୋଇଥିବା ବେଳେ ଏହାର ଅବସ୍ଥା ନକହିଲେ ଭଲ। କାକଟପୁର ବ୍ଲକ ଅଧୀନରେ ଥିବା ୧୬ ଗୋଟି ପଞ୍ଚାୟତର ଚାଷୀମାନେ ଉଦ୍ୟାନ କୃଷିରୁ ମୁଁହ ଫେରାଇ ଅର୍ଥ ଉପାର୍ଜନର ବିକଳ୍ପ ବ୍ୟବସ୍ଥା ବାଛି ନେଉଥିବାର ଦେଖିବାକୁ ମିଳିଛି। ବଡକଣ, ପାଟସୁନ୍ଦରପୁର, ମହାଦେବବସ୍ତ, ପଥରପକା, ବାଉରିଆକଣ, ଖଣ୍ଡାସାହି ଆଦି ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମି ଥିବାବେଳେ ଏହା ଏବେ ଗାଈଗୋରୁଙ୍କ ଚାରଣ ଭୂମି ପାଲଟିଛି। ଏହି ବିଭାଗରେ ଦିନକୁ ଦିନ କାଗଜପତ୍ରରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୃଢ ଦାବି ହୋଇଛି।

## ହାଟୁଆରି ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ନୂଆନନ୍ଦ ପଞ୍ଚାୟତ ଅଧୀନ ହାଟୁଆରି ପ୍ରାଥମିକ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର-୨ରୁ ସୋମବାର ରାତିରେ ଚୋରି ହୋଇ ଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରଧାନ ଶିକ୍ଷକ ସେକ୍ ଫଜଲୁର ରହେମାନ ଓ ଅଙ୍ଗନୱାଡ଼ି କର୍ମୀ ରଶ୍ମିତା ଦାସଙ୍କ ଅଭିଯୋଗରୁ ପ୍ରକାଶ ଯେ, ସ୍କୁଲ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସୋମବାର ସ୍କୁଲ ଛୁଟି ହେବା ପରେ ଅପରାହ୍ନ ୫ଟା ବେଳେ ସ୍କୁଲ ଓ ଗେଟ୍‌ରେ ତାଲା ପକାଇ ଯାଇଥିଲେ। ମଙ୍ଗଳବାର ସ୍କୁଲ ଗେଟ୍ ଖୋଲିବା ପରେ ସ୍କୁଲ କାର୍ଯ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ପ୍ରଧାନ ଶିକ୍ଷକ ସ୍କୁଲ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ଚୋରି ସମ୍ପର୍କରେ ଜଣାଇଥିଲେ। ସ୍କୁଲ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଦେଖିଥିଲେ ଯେ ସ୍କୁଲରେ ଥିବା ପାଣି ମୋଟର ଓ ଆକ୍ୱାଗାର୍ଡ଼ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରୁ ୨ଟି ଗ୍ୟାସ୍ ଟାଙ୍କି ଓ ତାଲା ଚୋରି ହୋଇଛି। ମଙ୍ଗଳବାର ତିହିଡ଼ି ଥାନା ଏସଆଇ ଅସ୍ମିତା ପ୍ରଧାନ ଓ ଏଏସଆଇ ଲକ୍ଷ୍ମଣ ଟୁଡୁ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

## ପାନ ଦୋକାନ ଉପରେ ଚଢ଼ାଉ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ଏନ୍‌ଏସି ଏବଂ ବ୍ଲକର କିଛି ପଞ୍ଚାୟତରେ ସ୍ୱାସ୍ଥ୍ୟ ଅବକାରୀ ଓ ପୋଲିସ ବିଭାଗର ମିଳିତ ଭାବେ ପାନ, ଗୁଟକା ଓ ସିଗାରେଟ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରିଥିଲେ। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବ୍ରହ୍ମପୁର ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସାମାଜିକ କର୍ମୀ ଅନନ୍ତ କୁମାର ନାୟକ, ଅବକାରୀ ବିଭାଗର ଏଏସଆଇ ସତ୍ୟ ବେହେରା, ଅର୍ଜୁନ ସ୍ୱାଇଁ, ଅମିତ ଗମାଙ୍ଗୋ, ଶ୍ରୀକାନ୍ତ ବେହେରା, ପୋଲିସ ବିଭାଗର ଏଏସ ଆଇ ଶରତ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୮ଗୋଟି ୱାର୍ଡରେ ଏହି ଯୁଗ୍ମ ଟିମ ତମାଖୁ, ସିଗାରେଟ ବିକ୍ରି କରୁଥିବା ଦୋକାନ ଏବଂ ବ୍ୟବହାର କରୁଥିବା ଲୋକମାନଙ୍କୁ ସଚେତନତା, ଉଯାବହତା ଉପରେ ସଚେତନତା କରାଇବା ସହ ୨୩ ଗୋଟି ଦୋକାନ ଉପରୁ ପାଖାପାଖି ୪ ହଜାର ଟଙ୍କା ଜୋରିମାନା ହୋଇଥିବା ସାମାଜିକ କର୍ମୀ ପ୍ରକାଶ କରିଛନ୍ତି।

## ୟୁଏଏସ୍‌କୁ ବିରୋଧ କରି ବିଇଓଙ୍କୁ ଦାବିପତ୍ର



କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକ୍ ପ୍ରଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ୟୁନିଫାଏଡ ଅଟୋମେଶନ ସିଷ୍ଟମ୍ ବର୍ତ୍ତମାନ ପରିସ୍ଥିତିରେ ଲାଗୁ ନକରିବା ପାଇଁ କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ସଭାପତି ପ୍ରହଲ୍ଲାଦ ମାନସିଂହଙ୍କ ନେତୃତ୍ୱ ରେ ଏକ ଦାବିପତ୍ର କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ପ୍ରଦାନ କରା ଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ସଭାପତିଙ୍କ ନେତୃତ୍ୱରେ ସମ୍ପାଦକ ସୁଶାନ୍ତ କୁମାର ନରେନ୍ଦ୍ର, ଶିକ୍ଷକ ନେତା ପ୍ରତାପ କେଶରୀ ଛୋଟରାୟ, ସତ୍ୟଭାମା ସୁନ୍ଦରାୟ, ଅକ୍ଷୟ କୁମାର ରାୟସିଂହ, ପ୍ରଶାନ୍ତ କୁମାର ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ସରକାର ୟୁଏଏସ ଜରିଆରେ ଛାତ୍ର ଛାତ୍ରୀ ଓ ଶିକ୍ଷକମାନଙ୍କୁ ଦୈନିକ ଉପସ୍ଥାନ ନେବାପାଇଁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସମିତି ପକ୍ଷରୁ ତାକୁ ବିରୋଧ କରାଯାଇ ନାହିଁ। କିନ୍ତୁ ଏଥିପାଇଁ ଉପଯୁକ୍ତ ଭିତ୍ତଭୂମି ବିଦ୍ୟାଳୟ ମାନଙ୍କରେ ନ ଥିବାରୁ ପ୍ରଥମେ ଭିତ୍ତଭୂମିର ସ୍ଥାପନ ବିଦ୍ୟାଳୟରେ କରିବାପାଇଁ ସମିତି ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଶିକ୍ଷକ ମାନଙ୍କୁ ଶତ ପ୍ରତିଶତ ମୋବାଇଲ୍ ଯୋଗାଇ ଦିଆଯାଇ ନାହିଁ। ଯାହା ଯୋଗାଇ ଦିଆଯାଇଛି ସେଥିରେ ସିମ ଓ ଇଣ୍ଟରନେଟ ବ୍ୟବସ୍ଥା ନାହିଁ। ଶିଶୁ ବାଟିକା ଖୋଲା ଯାଇଥିଲେ ମଧ ଏଥିରେ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଉପରୋକ୍ତ ସମସ୍ୟାର ସମାଧାନ ପର୍ଯ୍ୟନ୍ତ ୟୁଏଏସ୍ ଲାଗୁ ସ୍ଥଗିତ ରଖିବା ପାଇଁ ଦାବି ଉପସ୍ଥାପନ କରାଯାଇଛି।

## ଜନଶୁଣାଣି କାର୍ଯ୍ୟକ୍ରମ

ବେତନଟୀ, (ଭାସ୍କର ନ୍ୟୁଜ୍): ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି ଗତ ମାସରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲେ। ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ଓ ବଡସାହି ବ୍ଲକର ବିଭିନ୍ନ ସମସ୍ୟାରେ ଜର୍ଜରିତ ଜନସାଧାରଣଙ୍କ ପାଇଁ ବେତନଟୀ ବ୍ଲକରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଜନଶୁଣାଣିରେ ଯୋଗ ଦେଇ ଲୋକମାନଙ୍କର ସମସ୍ୟା ଶୁଣିଥିଲେ। ମୋଟ ୯୪୯ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସମସ୍ୟାଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାର ବେତନଟୀ ବ୍ଲକରେ ଏକ ରିଭ୍ୟୁ ମିଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡସାହି ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଏବଂ ପଞ୍ଜିକୃତ ହୋଇଥିବା ଅଭିଯୋଗର ସମୀକ୍ଷା କରିଥିଲେ। ତେବେ ପଞ୍ଜିକୃତ ହୋଇଥିବା ଅଭିଯୋଗ ଗୁଡିକ ମଧରୁ ବେତନଟୀ ଓ ବଡସାହି ବ୍ଲକର ମୋଟ ୫୫୨ ଟି ସମସ୍ୟା ସମାଧାନ ହୋଇଥିବାବେଳେ ୩୯୭ ଟି ଅଭିଯୋଗର ତଦନ୍ତ ଚାଲିଥିବା ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାର ଲିଖିତ ଭାବରେ ପ୍ରକାଶ କରିଛନ୍ତି। ଏହି ରିଭ୍ୟୁ ମିଟିଂରେ ବ୍ଲକର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ, ତଦନ୍ତ ଦାବି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ନିମନ୍ତେ ସରକାର ନା ନା ପ୍ରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଦିବ୍ୟାଙ୍ଗ ମାନଙ୍କୁ ୩ଚକିଆ ଯାନ, ଶ୍ରବଣଯନ୍ତ୍ର, ଆଶାବାଡି ଯୋଗାଇ ଦିଆଯାଉଥିଲା ବେଳେ ସେମାନଙ୍କୁ ଥଇଥାନ କରାଯିବା ନିମନ୍ତେ ସରକାର ବିଭିନ୍ନ ପ୍ରକାର ଲୋକାଭିମୂଖି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା ତଥା କର୍ତବ୍ୟରେ ଚରମ ଅବହେଳା କାରଣରୁ ଏହି ବ୍ଲକ ଅଂଚଳର ବହୁ ଦିବ୍ୟାଙ୍ଗ ସରକାରଙ୍କ ବର୍ଦ୍ଧିତ ଭତା ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି। ଏହାର ଏକ ନଗ୍ନ ଉଦାହରଣ ସୁକରପଡା ଗ୍ରାମପଂଚାୟତରେ ଦେଖିବାକୁ ମିଳିଛି। ସୁକରପଡା ଗ୍ରାମର ଅକ୍ଷୟ କୁମାର ନାୟକ (୬୧) ଜଣେ ଦିବ୍ୟାଙ୍ଗ ଅଟନ୍ତି। କଟକ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ତାଙ୍କୁ ୧୦୦ ଶତକଡା ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ପ୍ରତିମାସରେ ମାତ୍ର ୧୨୦୦ଟଙ୍କା ଲେଖାଏଁ ଦିବ୍ୟାଙ୍ଗ ଭତା ପ୍ରଦାନ କରାଯାଉଛି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ଅକ୍ଷୟଙ୍କ ଗୋଡ ଓ ହାତ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା କାରଣରୁ ସେ କୌଣସି କାମଧନ୍ଦା କରିପାରୁନାହାନ୍ତି। ବିଗତ ନବୀନ ସରକାରଙ୍କ ସମୟରେ ଯୋଗାଇ ଦିଆଯାଇଥିବା ଏକ ୩ ଚକିଆ ଗାଡି ସାହାଯ୍ୟରେ ସେ ବହୁ କଷ୍ଟରେ ଚଳପ୍ରଚଳ ହୋଇଥାନ୍ତି। ଏପରିକି ସରକାରଙ୍କ ତରଫରୁ ତାଙ୍କୁ ପ୍ରତିମାସରେ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ଯୋଗାଇ ଦିଆଯାଉଛି। ଅକ୍ଷୟ ଜଣେ ଭୂମିହୀନ ହୋଇଥିଲା ବେଳେ ୧୨୦୦ ଟଙ୍କାରେ ପରିବାର ଚଳାଇବା ତାଙ୍କ ନିମନ୍ତେ କାଠିକରପାଠ ହୋଇ ପଡିଛି। ସରକାରଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ ନିମନ୍ତେ ଅକ୍ଷୟ ବାରମ୍ବାର ଗାଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ବହୁବାର ହୋଇଛନ୍ତି। ତାଙ୍କୁ ବର୍ଦ୍ଧିତ ହାରରେ ଭତା ଦେବା ନିମନ୍ତେ ଆବେଦନ ନିବେଦନ କରିଛନ୍ତି। ମାତ୍ର ବ୍ଲକ ପ୍ରଶାସନର ନାଲି ଫାଇଲ ତଳେ ତାଙ୍କର ଆବେଦନ ଚାପି ହୋଇ ରହିଯାଇଛି। ପ୍ରଶାସନ ତରଫରୁତାଙ୍କୁ ବିଭିନ୍ନ ଆଳ ଦେଖାଇ ବର୍ଦ୍ଧିତ ଭତା ଦିଆଯାଉ ନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଅକ୍ଷୟଙ୍କୁ ବର୍ଦ୍ଧିତ ଭତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ବୋଲଗଡ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁ,ସମ୍ପାଦକ ରାମଚନ୍ଦ୍ର ସାହୁ,ବିଦ୍ୟାଳୟ ର ବରିଷ୍ଠ ଆଚାର୍ଯ୍ୟ ଦେବ ପ୍ରସାଦ ସାହୁ, ବିଦ୍ୟାଳୟର ବିଜ୍ଞାନ ପ୍ରମୁଖା ସୁଶ୍ରୀ ରଶ୍ମିତା ରଣସିଂହ ଉପସ୍ଥିତ ରହି ମା ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁବିଜ୍ଞାନ ମେଳାକୁ ସଂଯୋଜନା କରି ପରିଚାଳନା କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୮୨ ଜଣ କୁନି ବୈଜ୍ଞାନିକ ମାନେ ବିଭିନ୍ନ ବିଭାଗ ଯଥା ସଂସ୍କୃତି ଜ୍ଞାନ ବିଜ୍ଞାନ ଓ ବୈଦିକ ଗଣିତ ବିଭାଗରେ ଅଂଶଗ୍ରହଣ କରି ନିଜନିଜର ବିଜ୍ଞାନ ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। କନିଷ୍ଠ ବର୍ଗର ବିଜ୍ଞାନ ପ୍ରକଳ୍ପ ୪୪ ଟି ଶିଶୁ ବର୍ଗ,୨୬ ଟି ବାଲ୍ ବର୍ଗ, ୨୦ ଟି କିଶୋର ବର୍ଗରେ ୪ ଟି ବିଜ୍ଞାନ ପ୍ରକଳ୍ପ ଏହିବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ବିଭିନ୍ନ ବିଭାଗ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ବୈଜ୍ଞାନିକ ମାନେ ଆଗାମୀ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ମନୋନୀତ ଶିଶୁ ବୈଜ୍ଞାନିକ ମାନଙ୍କୁ ସମାରୋହ ଉତ୍ସବରେ ପରିଚାଳନା ସମିତିର ସଭାପତି ସମ୍ପାଦକ ମୁଖ୍ୟ ଅତିଥି ବାସୁଦେବ ବେହେରା ଓ ପରିଚାଳନା ସମିତିର ସଦସ୍ୟା ଗୀତାଞ୍ଜଳି ଦଳାଇ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରିଛନ୍ତି।



## ଚାରା ବଣ୍ଟନ ଓ ରୋପଣ କାର୍ଯ୍ୟକ୍ରମ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ଚୌଧୁରୀଙ୍କ ପୌରହିତ୍ୟରେ ଚାରା ବଣ୍ଟନ ଓ ରୋପଣ ତଥା 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଆଜି ଉଦଯାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବିଭୁତି ଭୁଷଣ ବେବର୍ତ୍ତା, ସହ ପ୍ରଶାସନିକ ଅଧିକାରୀ ଅଭୟ କେଶରୀ ପରିଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରୀ ଡ. ସ୍ମିତାରାଣୀ ପଣ୍ଡା, ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନାର ତିନୋଟି ୟୁନିଟ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଏବଂ ରୋଭର୍ସ ଶାଖାର ଅଧିକାରୀ ବର୍ଗ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ, ପବିତ୍ର ଧଙ୍ଗଡାମାଝୀ, ଚିତ୍ରସେନ ବେହେରା, ଡ. ଅଜିତ କୁମାର ମୁନି, ସୁଶ୍ରୀ ଯୋଗେଶ୍ୱରୀ ଧରୁଆଙ୍କ ସମେତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଚାଲିଥିଲା। ଆସିକା ବନାଞ୍ଚଳ, ଘୁମୁସର ବନଖଣ୍ଡର ବନାଧିକାରୀ ପ୍ରମୋଦ କୁମାର ପଣ୍ଡା ୭୫୦ ବୃକ୍ଷ ଚାରା ଆମ୍ବାବାଡୀ ନର୍ସରୀରୁ ଯୋଗାଇ ଦେଇଥିଲେ। ଆସିକା ବନାଞ୍ଚଳର କର୍ମଚାରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସଚ୍ଚେତନ ଏବଂ ସହଯୋଗ କରିଥିଲେ।

## ଗୋପାବନ୍ଧୁ ସ୍ୱାସ୍ଥ୍ୟବୀମାରେ ପେନସନ୍ ଓ ସାମ୍ବାଦିକ ସୁରକ୍ଷା ଆଇନ ପାଇଁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆସନ୍ତା ୨୦୨୫-୨୬ ବର୍ଷ ପାଇଁ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକିୟା ଆରମ୍ଭ ହେବାକୁ ଯାଉଛି। ତେଣୁ ଉକ୍ତ ଯୋଜନାରେ ପ୍ରତିବର୍ଷ ହାରାହାରି ୬୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ପଚିଶ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଉ ବୋଲି ରାଜ୍ୟର ସର୍ବ ପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘର ମାଲକାନଗିରି ଶାଖା ଏହି ଦାବି କରିଆସୁଛି। ଏହା ସହ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା, ଆୟୁଷ୍ମାନ୍ ଯୋଜନାରେ ସାମିଲ୍ ଥିବା ହିତାକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ, ଉଭୟ ଯୋଜନାର ଅର୍ଥାତ ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଉଭୟ ସୁବିଧା ଉପଲବ୍ଧ ରହିବା ପାଇଁ ସଂଘ ପକ୍ଷରୁ ଦାବି



କରାଯାଇଛି। ଅନ୍ୟପକ୍ଷରେ ଦେଶର ୧୮ ଗୋଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇ ଏ ରାଜ୍ୟର ସମସ୍ତ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ଏହି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ବି ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ବରିଷ୍ଠ ସଦସ୍ୟ ମନୋଜ ମହାନ୍ତି, ମାଣିକ ଚକ୍ରବର୍ତ୍ତୀ, ଦୀପକ ମହାରଣା, ରାହୁଲ ଗୋଲରି, ସୌରଭ ମଣ୍ଡଳ, ବିଦ୍ୟୁତ ବୈରାଗୀ, ମୁନ୍ନା ଶୁବୁଦ୍ଧି, ସିବ ପ୍ରସାଦ ଖରା, ପ୍ରଭାକର ସୁନା, ସିବ ପ୍ରସାଦ ପରିଛା, ରାଜେସ ବେପାରୀ, ମୀରନାଲ ମଣ୍ଡଳ, , କିଶୋର ପାତିକା, ବିକ୍ରମ ସ୍ୱାଇଁ, ଅଜିତ ଶଗଡିଆ, ଶରତ ଖରା, ମନୋଜ ସାହା, ଭିକି ବାରିକ, ଓ ସମସ୍ତ ବ୍ଲକ ସଭାପତିଙ୍କ ସହ ଅନେକ ସଦସ୍ୟଙ୍କ ଉପସ୍ଥିତ ରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟ ଦାବି ପରୀ ପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଉପସ୍ଥାପିତ ଉପରୋକ୍ତ ବିଷୟରେ ସହୃଦୟତା ପୂର୍ବକ ବିଚାର କରି, ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ସାମାଜିକ ଓ ଅର୍ଥନୈତିକ ଦୃଢ଼ତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ ଜରୁରି ବୈଠକ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ବିଜେଇମ ସ୍କୁଲ ପ୍ରତ୍ୟେକ ବର୍ଷ ଫି ବୃଦ୍ଧିକୁ ନେଇ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇଥିଲା। ଦୀର୍ଘ ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଆଲୋଚନା ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚାରିଗୋଟି ପ୍ରଶ୍ନ ଉପରେ ୧୯୯ ପୃଷ୍ଠାର ଏକ ଦସ୍ତାବିଜ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଦାଖଲ କରାଯାଇଛି। ପ୍ରତ୍ୟେକ ମାସ ୨୦୦ଟଙ୍କା ସ୍ମାର୍ଟ କ୍ଲାସ ବେନିୟମ ଆଦାୟକୁ ମଙ୍ଗଳବାର ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ବିଶେଷ କରି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଥମ, ଷଷ୍ଠ ଓ ନବମ ଶ୍ରେଣୀର ଫି'କୁ ଶତକଡା ୧୦ ରଖାଯାଇ ନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ ସରି ରିପୋର୍ଟ ମଧ୍ୟ ଆସିସାରିଛି। ତଦନ୍ତ ରିପୋର୍ଟରେ ସ୍କୁଲ କିଛି ହିସାବ ଦେଲା ନାହିଁ ବୋଲି ଉଲ୍ଲେଖ ହୋଇଛି। ତୁରନ୍ତ ଉଚ୍ଚ ସ୍ତରିୟ ତଦନ୍ତ ପାଇଁ ମଧ୍ୟ ତଦନ୍ତ ଟିମ ପ୍ରସ୍ତାବ ରଖିଛନ୍ତି। ସ୍କୁଲ ସଂଘର ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ଯେ ତୁରନ୍ତ ୧୦ ବର୍ଷର ହିସାବ ସ୍କୁଲ ପ୍ରଦାନ କରୁ




ଓ ହିସାବରୁ କେତେ ସରପ୍ଲସ ଅଛି ଜଣା ପଡ଼ିଲେ ଫି ନିର୍ଦ୍ଧାରଣ ହେବ। ପ୍ରତ୍ୟେକ ମାସ ସ୍ମାର୍ଟ କ୍ଲାସ ପାଇଁ ୨୦୦ ଟଙ୍କା ନେବା ବନ୍ଦ ନ କଲେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବ ସଂଘ ବୋଲି ଦାସ ଜଣାଇଛନ୍ତି। ଖୁବ ଶୀଘ୍ର ତଦନ୍ତ ସାରି ରିପୋର୍ଟ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଛନ୍ତି। ସ୍କୁଲର ଭୁଲ୍ ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଲେ ନିର୍ଦ୍ଦେଶକ। ଆଲୋଚନାରେ ସଂଘ ପକ୍ଷରୁ ୮ଜଣ ଅଭିଭାବକ ଯୋଗ ଦେଇଥିଲେ।

## ଚାଷୀ ପଞ୍ଜିକରଣ ଧିମା

# ଆରଆଇଙ୍କ ଦ୍ୱାରା ବଂଶାବଳୀ ପ୍ରଦାନରେ ବିଳମ୍ବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରି ବ୍ଲକର ୧୬ଟି ଅନୁମୋଦିତ ମଣ୍ଡିରେ ୨୦୨୫-୨୬ ଖରିଫ ଧାନକ୍ରୟ ପାଇଁ ଚାଷୀ ପଞ୍ଜିକରଣ ଅତ୍ୟନ୍ତ ନୈରାଶ୍ୟ ଜନକ ହୋଇଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜିକରଣର ସମୟସୀମା ୨୫ ଦିନ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ୧୧ ଦିନ ଅତିକ୍ରାନ୍ତ ହୋଇଛି। ୨୯ତାରିଖ ମଙ୍ଗଳବାର ସୁଦ୍ଧା ବ୍ଲକସ୍ତରରେ ମୋଟ ୧୯୦୫ ଚାଷୀ ପଞ୍ଜିକୃତ ହୋଇଛନ୍ତି। ବାଲିପୋଖରୀ ପାକ୍ସ ମଣ୍ଡିରେ ୯୫, ଜଳମଣ୍ଡୁଆ ପାକ୍ସ ମଣ୍ଡିରେ ୨୭୬, ମାଳଦା ପାକ୍ସ ମଣ୍ଡିରେ ଜଣେ, ନାଆମୀ ପାକ୍ସ ମଣ୍ଡିରେ ୧୪୧, ନାରାୟଣପୁର ପାକ୍ସ ମଣ୍ଡିରେ ୧୭୯, ନେରଡା ପାକ୍ସ ମଣ୍ଡିରେ ୭୨, ରହଣିଆ ପାକ୍ସ ମଣ୍ଡିରେ ୩୨୩, ତେସିଙ୍ଗା ପାକ୍ସ ମଣ୍ଡିରେ ୩୯, ଆଦିଶକ୍ତି ଏସଏସଜି ମଣ୍ଡିରେ ୯୦, ଆସ୍ଥା ମନ୍ତବାସିନୀ ଏସଏସଜି ମଣ୍ଡିରେ ୧୮୧, ମା ବଡମ୍ମା ଏସ.ଏସ.ଜି. ମଣ୍ଡିରେ ୭୧, କୋରିଗାଁ ମା ଦୁର୍ଗା ଏସଏସଜି ମଣ୍ଡିରେ ୫୭, ବୟାବନାପୁର ମା ଦୁର୍ଗା ଏସଏସଜି ମଣ୍ଡିରେ ୭୫, ଓମ ବାବାମଣି ଏସଏସଜି ମଣ୍ଡିରେ ୯୯, ଶକ୍ତିସ୍ୱରୂପା ଏସଏସଜି ମଣ୍ଡିରେ ୭୯ ଓ ସିରିଡିସାଇ ଏସଏସଜି ମଣ୍ଡିରେ ୧୨୭ ଚାଷୀ ପଞ୍ଜୀକରଣ କରାଯାଇଥିବା ଜଣାଯାଇଛି। ୨୦୨୪-୨୫ ବର୍ଷର ପଞ୍ଜିକରଣ ତୁଳନାରେ ଚଳିତ ବର୍ଷ ଅଦ୍ୟାବଧି ପଞ୍ଜିକରଣ ୧୮ ପ୍ରତିଶତ ଅଟେ। ଏଭଳି ନୈରାଶ୍ୟଜନକ ପଞ୍ଜିକରଣ ପାଇଁ ପଞ୍ଜିକୃତ ହେବାକୁ ଥିବା ଜମିର ମୃତମାଲିକଙ୍କ ଆଇନଗତ ଉତ୍ତରାଧିକାରୀ ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ବଂଶାବଳୀ ଆବଶ୍ୟକ। ଅଧିକାଂଶ ଚାଷୀ ବଂଶାବଳୀ ଉପରେ ନିର୍ଭରଶୀଳ। ରାଜସ୍ୱ ନିରୀକ୍ଷକ ମାନେ ଏଥିପାଇଁ ଅମଙ୍ଗ ହେଉଥିଲେ। ମାତ୍ର ଜିଲ୍ଲାପାଳଙ୍କ ପକ୍ଷରୁ ଗତ ୨୩ ତାରିଖରେ ଆଦେଶ ସଂଖ୍ୟା ୪୨୪୯ଜାରି ହେବାପରେ ରାଜସ୍ୱ ନିରୀକ୍ଷକମାନେ ମନା କରୁନଥିଲେ ବି କ୍ଷେତ୍ରୀୟସ୍ତରକୁ ଯାଇ ସଠିକ ବଂଶାବଳୀ ପ୍ରସ୍ତୁତ କରି ପ୍ରଦାନ କରିବା ଭଳି କଷ୍ଟକର କାର୍ଯ୍ୟକୁ ସମ୍ପାଦନ କରିବାକୁ ସମୟ ଗଡାଇ ଚାଲୁଥିବା ଦେଖାଯାଇଛି। ସରଳ ଜମିପଟ୍ଟାର ଚାଷୀମାନେ ପଞ୍ଜିକରଣ କରୁଥିବା ବେଳେ ଏହି ବର୍ଗର ଜମି ମାଲିକମାନେ ଉତ୍ତରାଧିକାରୀ ସାବ୍ୟସ୍ତ ପାଇଁ ବଂଶାବଳୀକୁ ଅପେକ୍ଷା କରି ରହିଛନ୍ତି।

## ଖ୍ରୀଷ୍ଟ କଲେଜ କନିଷ୍ଠ କିରାଣିଙ୍କ ଅକାଳ ବିୟୋଗରେ ଶୋକସଭା

କଟକ, (ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ କଲେଜର କନିଷ୍ଠ କିରାଣୀ ମଧୁବ୍ରତ ଦାଶଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ଲିଭର୍ ସିରୋସିସ୍ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ୩୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିବାରୁ କଲେଜରେ ଏକ ଶୋକାକୁଳ ପରିସ୍ଥିତ ସୃଷ୍ଟି ହୋଇଛି। ତାଙ୍କର ସରଳ ବ୍ୟବହାର, କାର୍ଯ୍ୟ ନିପୁଣତା, ଦାୟିତ୍ୱବୋଧକୁ ମନେପକାଇ ପରିଚାଳନା ସମିତିର କର୍ମକର୍ତ୍ତା, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ପ୍ରଶାସନିକ ବର୍‌ସାର୍, ଶିକ୍ଷକ ସଂଘର ସମ୍ପାଦକ, ସହସଂପାଦକ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା କଲେଜର ବିଦ୍ୟାର୍ଥୀମାନେ ଭାବ ବିହ୍ୱଳପୂର୍ଣ୍ଣ ସ୍ମୃତିଚାରଣ ପୂର୍ବକ ତାଙ୍କ ଅମର ଆତ୍ମାର ମୁକ୍ତି ପାଇଁ ପ୍ରାର୍ଥନା କରିଥିଲେ।

## ଲୁଟେରା ଗ୍ୟାଙ୍ଗ ଗିରଫ ହେବା ନେଇ ଏସପିଙ୍କୁ ପ୍ରଶଂସା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରରେ ଗତ କିଛିଦିନ ମଧ୍ୟରେ ସୁନା ଚେନ୍ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା ଓ ତତ୍ ସହିତ ଗାଡି ଚୋରି ମଧ୍ୟ ସମାନ୍ତରାଳ ଭାବେ ଚାଲିଥିଲା ଯାହାକି କେନ୍ଦୁଝର ବାସୀଙ୍କ ଚିନ୍ତାର ବିଷୟ ହୋଇଥିଲା। ଏହା ବିରୁଦ୍ଧରେ ତୁରନ୍ତ ଏବଂ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଅଧିକ୍ଷକ (ଏସପି) କେନ୍ଦୁଝର, ଏସଡିପିଓ କେନ୍ଦୁଝର ଏବଂ ଟାଉନ୍ ଆଇଆଇସି ଶ୍ରୀକାନ୍ତ ସାହୁ ମହାଶୟଙ୍କୁ ହୃଦୟର ସହିତ କୃତଜ୍ଞତା ଜଣାଇଛନ୍ତି ରୋଟାରୀ କ୍ଲବ୍ କେନ୍ଦୁଝର ଶାଖା ର ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ସମସ୍ତ ରୋଟାରିଆନ୍ ଏବଂ ଇନର ହ୍ୱିଲ୍ କ୍ଲବ୍‌ର ସମସ୍ତ ସଦସ୍ୟା। କେନ୍ଦୁଝର ପରି ଏକ ଶାନ୍ତି ପ୍ରିୟ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସର ତ୍ୱରିତ ପ୍ରତିକ୍ରିୟା ଏବଂ ସମର୍ପଣ ପାଇଁ ପୋଲିସ ପ୍ରଶାସନକୁ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ ବୋଲି ମତବ୍ୟକ୍ତ କରିଥିଲେ ଉପସ୍ଥିତ ସଦସ୍ୟ ଓ ସଦସ୍ୟା। ନାଗରିକଙ୍କ ସୁରକ୍ଷା ଏବଂ ଧନଜୀବନର ରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କ ଅକ୍ଳାନ୍ତ ପ୍ରୟାସକୁ



କେନ୍ଦୁଝରବସୀ ସବୁଦିନେ ମନେ ରଖିବେ। ଏହି ପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସାଧାରଣ ଜନତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ପୋଲିସ ପ୍ରଶାସନ ପ୍ରତି ବିଶ୍ୱାସକୁ ଦୃଢ଼ କରୁଛି। ନିଜ ଜୀବନକୁ ବାଜି ଲଗାଇ ଏପରି କୁଖ୍ୟାତ ଅପରାଧୀଙ୍କୁ ଧରିଥିବା ଆମ ଏସପି, ଏସଡିପିଓ ଏବଂ ଟାଉନ୍ ଆଇଆଇସିଙ୍କ ସହିତ ସମସ୍ତ କର୍ମଚାରୀ ସେମାନଙ୍କର ବୃତ୍ତିଗତ ଏବଂ କର୍ତ୍ତବ୍ୟ ପ୍ରତି ସମର୍ପଣ ପାଇଁ ଆଜି ସାରା କେନ୍ଦୁଝର ପାଇଁ ସୁନାମ ଆଣିଛନ୍ତି। ପୋଲିସ କର୍ତ୍ତୃପକ୍ଷଙ୍କ ଏହିପରି ପଦକ୍ଷେପ ପାଇଁ ଆଜି ସାଧାରଣ ଜନତା ପୋଲିସ ପ୍ରଶାସନ କୁ ନିର୍ଦ୍ୱନ୍ଦ୍ୱରେ ବିଶ୍ୱାସ କୁ ନେବା ସହିତ ସମସ୍ତ ସହଯୋଗ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଅପରାଧ ଦମନ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ପାଇଁ ପୋଲିସର ପ୍ରୟାସକୁ କେନ୍ଦୁଝରର ନାରୀ ସମାଜ ଶିକ୍ଷା ସଂଗଠନର ସଦସ୍ୟାମାନେ ମଧ୍ୟ ପ୍ରଶଂସା କରିଛନ୍ତି।

## ଦେଓଘର ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରଖଣ୍ଡର ଦେଓଘରରେ କାଉଡ଼ିଆମାନେ ବସରେ ଯାଉଥିବାବେଳେ ଘଟିଥିବା ଦୁର୍ଘଟଣାରେ କେତେକ ଶ୍ରଦ୍ଧାଳୁଙ୍କ ଦୁଃଖଦ ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଦେଓଘର ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଝାରଖଣ୍ଡର ଦେଓଘରରେ କାଉଡିଆମାନଙ୍କ ବସ୍ ଦୁର୍ଘଟଣାରେ ଅନେକ କାଉଡିଆଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ, ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଝାରଖଣ୍ଡର ଦେଓଘରରେ ଘଟିଥିବା ଏହି ଦୁଃଖଦ ଦୁର୍ଘଟଣାରେ କାଉଡିଆଙ୍କ ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଦୁଃଖିତ। ଶୋକସନ୍ତପ୍ତ ପରିବାରମାନଙ୍କୁ ମୁଁ ହୃଦୟରୁ ଶୋକ ସମବେଦନା ଜଣାଉଛି। ମହାପ୍ରଭୁ ଜଗନ୍ନାଥ ଓ ବାବା ବୈଦ୍ୟନାଥ ପ୍ରଭୁ ବିଦିତ ଆତ୍ମାମାନଙ୍କୁ ଶାଶ୍ୱତ ଶାନ୍ତି ଦିଅନ୍ତୁ, ତାଙ୍କର ପରିବାରମାନେ ଏହି ଦୁଃଖ ସହିବା ପାଇଁ ଶକ୍ତି ପାଆନ୍ତୁ ଓ ଆହତମାନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୁଅନ୍ତୁ, ଏହାହିଁ କାମନା କରୁଛି।

## ସମଗ୍ର ଶିକ୍ଷା ଯୋଜନା ଦିଗହରା

# ୮ ଶ୍ରେଣୀକୁ ୫ ଶିକ୍ଷକ-ଶିକ୍ଷୟିତ୍ରୀ




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଶିକ୍ଷାକୁ ସାର୍ବଜନୀନ ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ, ଜୋତା ଓ ମୋଜା ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ସରକାର ବିଦ୍ୟାଳୟର ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ବିଦ୍ୟାଳୟର ଶିକ୍ଷକ ଅଭାବ ଜନିତ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରୁନଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। ଏହି ସରକାରୀ ଉଚ୍ଚ ବିଦ୍ୟାଳୟ ଗତ ୧୯୫୪ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟରେ ୨୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତ ବର୍ଷ ସରକାରଙ୍କ ତରଫରୁ ଏହି ବିଦ୍ୟାଳୟରେ ବାଲ ବାଟିକା ଶ୍ରେଣୀ ନୂତନ ଭାବେ ଖୋଲାଯାଇଛି। ତେବେ ବାଲ ବାଟିକାକୁ ମିଶାଇଲେ ବିଦ୍ୟାଳୟରେ ୯ଟି ଶ୍ରେଣୀ ରହିଛି। ଏହି ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବାର ନିୟମ ରହିଥିଲା ବେଳେ ମାତ୍ର ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ସେଥିମଧ୍ୟରୁ ଦୁଇଜଣ ମହିଳା ଶିକ୍ଷକ ରହିଛନ୍ତି। ତେବେ ୮ଟି ଶ୍ରେଣୀକୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ କିପରି ଶିକ୍ଷାଦାନ ଦେଉଥିବେ ତାହା ସହଜେ ଅନୁମେୟ। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ବହୁ ସମୟରେ ସମଗ୍ର ଶିକ୍ଷା ଯୋଜନାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା କାରଣରୁ ଜଣେ ବା ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ପଡୁଛି। ଏପରିକି କୌଣସି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦେହ ଅସୁସ୍ଥ ହେଲେ ମାତ୍ର ୩-୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଦାନ କରାଯାଉଛି। ସେହିପରି ଭାବେ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ନିମନ୍ତେ ଆବଶ୍ୟକୀୟ ଶ୍ରେଣୀ ଗୃହ ଓ ବେଞ୍ଚ, ଡେକ୍ସର ଯଥେଷ୍ଟ ନଥିବା କାରଣରୁ ଛାତ୍ର ଛାତ୍ରୀମାନେ ଶିକ୍ଷାଦାନ ବେଳେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଭାବେ ବିଦ୍ୟାଳୟରେ କୌଣସି ସମ୍ମିଳନୀ କକ୍ଷ ନଥିଲା ବେଳେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିମନ୍ତେ ମଳମୂତ୍ର ତ୍ୟାଗ ନିମନ୍ତେ ଆବଶ୍ୟକୀୟ ପାଇଖାନା କିମ୍ବା ପରିସ୍ରାଗାର ନାହିଁ। ସରକାରଙ୍କ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକ ଦୃଢ ଦାବି କରିଛନ୍ତି।

## ଶିଳ୍ପ ମନ୍ତ୍ରୀଙ୍କ ଚୌଦ୍ୱାର ଶିଳ୍ପାଞ୍ଚଳ ଗସ୍ତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଚୌଦ୍ୱାର ଗସ୍ତରେ ଆସି ପ୍ରଥମେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଥିବା ଏମ୍‌ଏସ୍‌ଏମ୍‌ଇ ଇଞ୍ଜିନିୟରିଂ କ୍ଲଷ୍ଟର ପରିଦର୍ଶନ କରି କ୍ଲଷ୍ଟରର ସଦସ୍ୟ ସୁରେନ୍ଦ୍ର ମହାପାତ୍ର, ପିୟୂଷ ମହାନ୍ତି, ସାତ୍ତ୍ୱିକ ସ୍ୱାଇଁ, ପରେଶ ସାହୁ ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ବ୍ଲେଜ୍ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରିଜ୍ ଓ କପାରୁ ତୁଳା ବାହାରୁଥିବା କାରଖାନା ପରିଦର୍ଶନ କରିଥିଲେ। ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଅନେକ ବନ୍ଦ ପଡ଼ିଥିବା ଶିଳ୍ପ ଓ ଶିଳ୍ପ କରିବା ପାଇଁ ଇଡକୋରୁ ଜାଗା ନେଇ ଖାଲି ପକାଇଥିବାର ଦେଖି ଇଡକୋ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ମନ୍ତ୍ରୀ ପୂର୍ବରୁ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ ଯାହାକି ବର୍ତ୍ତମାନ ପ୍ରସ୍ତାବିତ ୱେଲ ସ୍ପନ୍ କାରଖାନା ପାଇଁ ହସ୍ତାନ୍ତର କରାଯାଇଛି ସେହି ପରିସରକୁ ଯାଇଥିଲେ। ସେଠାରେ ୱେଲ ସ୍ପନ୍‌ର ଅସ୍ଥାୟୀ ଅଫିସ୍‌ରେ ଥିବା ଅଧିକାରୀମାନଙ୍କ ସହିତ ୱେଲ ସ୍ପନ୍‌ର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ୨୦୨୪ ଫେବୃୟାରୀ ୧୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ ହେବା ପରେ ଆଜିପର୍ଯ୍ୟନ୍ତ ୱେଲ ସ୍ପନ୍ ତାର କାରଖାନା ପ୍ରତିଷ୍ଠା ପାଇଁ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟକ୍ରମ କରିନାହିଁ। କେବଳ ପୂର୍ବ କାରଖାନା ପରିସରକୁ ସଫା କରି ହାତବାନ୍ଧି ବସିଛି। ସେଥିପାଇଁ ମନ୍ତ୍ରୀ ଯଥାଶୀଘ୍ର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୱେଲ ସ୍ପନ୍ ଓ ଇଡକୋର ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ଏହା ପରେ ଇଡକୋ ଅଧିନକୁ ଯାଇଥିବା ଓଟିଏମ୍ ଜାଗାକୁ ମନ୍ତ୍ରୀ ବୁଲି ଦେଖିଥିଲେ।



ଇଡକୋ ପାଚେରୀ କରି ଅକ୍ତିଆର କରିଥିବା ପୂର୍ବରୁ ଖାଲି ପଡ଼ିଥିବା ଓଟିଏମ୍ ଜାଗାରେ ବିଭିନ୍ନ ଶିଳ୍ପପୁଞ୍ଜ ନିର୍ମାଣ ପାଇଁ ସରକାର ପ୍ରସ୍ତୁତି ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କିନ୍ତୁ ଦୁଃଖର ବିଷୟ ଏହି ସ୍ଥାନଗୁଡ଼ିକ ବୁଲିବା ସମୟରେ ଓଟିଏମ୍ କଲୋନୀ ଓ ବସ୍ତିରେ ବାସ କରୁଥିବା ହଜାର ହଜାର ପରିବାର ସରକାରଙ୍କର ମୌଳିକ ସୁବିଧାରୁ ବଂଚିତ ହୋଇ ଯେଉଁଭଳି ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି ତାହା ଦେଖିବାକୁ ଗଲେ ନାହିଁ। ସରକାରଙ୍କର ଗୋଟିଏ ଚିଠି ପାଇଁ ଚୌଦ୍ୱାର ପୌରପାଳିକା ୭, ୮, ୧୧ ଓ ୧୨ ଏହି ୪ଟି ୱାର୍ଡ଼ରେ ରାସ୍ତା, ଡ୍ରେନ୍ ଭଳି ମୌଳିକ ସୁବିଧାରୁ ଜନସାଧାରଣଙ୍କୁ ବଂଚିତ କରିରଖିଛି। ମନ୍ତ୍ରୀଙ୍କର ଏହି ଗସ୍ତରେ ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ପୂର୍ବତନ ପାରିଷଦ ବିଷ୍ଣୁଚରଣ ପରିଡ଼ା, ପ୍ରଶାନ୍ତ ବିଶ୍ୱାଳ, ତନ୍ମୟ ସାହୁଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ, ୩ ଘଣ୍ଟା ରାସ୍ତା ଅବରୋଧ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଥାନା ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ଭାଲୁମୁଣ୍ଡା ଛକ ଦିଗକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗତ ରବିବାର ଦିନ ସନ୍ଧ୍ୟା ପ୍ରାୟ ସାଢ଼େ ସାତ ଘଟିକା ସମୟରେ କନ୍ଦରସିଂହା ପଞ୍ଚାୟତ ଅଧିନସ୍ଥ କଟରାପଡ଼ା ସାହିର ଜୟ ନାଏକଙ୍କ ପୁଅ ନେତ୍ରାନନ୍ଦ ନାଏକ (୨୮ବର୍ଷ) ବାଇକରେ ପରଜଙ୍ଗ ଦିଗରୁ ଘରକୁ ଯାଉଥିବା ବେଳେ ରାସ୍ତାରେ ରହିଥିବା ପାଇପ ବୋଝେଇ ଟ୍ରଲର ସହିତ ଶକ୍ତ ଧକ୍କା ଦେଇଥିଲା। ଠିକ୍ ଏହି ସମୟରେ ପରଜଙ୍ଗ ପୋଲିସ ପେଟ୍ରୋଲିଂ ଗାଡ଼ି ଭାଲୁମୁଣ୍ଡା ଦିଗରୁ ଆସୁଥିବା ବେଳେ ଦୁର୍ଘଟଣା ଗ୍ରସ୍ତ



ହୋଇଥିବା ଯୁବକକୁ ଗାଡ଼ିରେ ଆଣି ପରଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ନେତ୍ରାନନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ଆଶୁ ଚିକିତ୍ସା କରାଯାଇ ସଙ୍ଗେ ସଙ୍ଗେ ପରିବାର ଲୋକେ କଟକ ମେଡ଼ିକାଲକୁ ନେଇଯାଇ ଥିଲେ। ସେଠାରେ ନେତ୍ରାନନ୍ଦ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। କଟକରୁ ମୃତ ଦେହ ଅଣାଯାଇ ପରିବାର ଓ ସାହିର ଲୋକମାନେ ମିଶି ପାଇପ ଡିପୋ ନିକଟରେ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ କ୍ଷତିପୂରଣ ଦାବିରେ ଶୃଙ୍ଖଳାର ସହ ୩ ଘଣ୍ଟା ଧରି ଅପରାହ୍ନରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପରଜଙ୍ଗ ପୋଲିସ ଓ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ରେଡକ୍ରସ ବାବଦକୁ ମୃତ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। କମ୍ପାନୀ ଯେ ପର୍ଯ୍ୟନ୍ତ ମୃତ ପରିବାରକୁ କ୍ଷତି ପୂରଣ ନଦେଇଛି ସେ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଉତ୍ୟକ୍ତ ଲୋକଙ୍କୁ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଓ ଥାନା ଏସଆଇ ଦେବଗ୍ରାହୀ ମହାନ୍ତି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ କାରୀ ରାସ୍ତାରୁ ଓହରି ଥିଲେ।

## ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ଅଲ୍ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘ (ସଂଲଗ୍ନ ଭାରତୀୟ ମଜଦୂର ସଂଘ) ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସଫେଇ ଓ ହାଉସ କିପିଙ୍ଗ୍ କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇ ପାରିଲା ନାହିଁ। ତେଣୁ ଦାବି ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ସଂଘ ପକ୍ଷରୁ ଶ୍ରୀମତୀ ନେହା ସିଂ ଏବଂ ଶ୍ରୀମତୀ କସ୍ତୁରୀ ନାୟକଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଶ୍ରୀ ଗଣେଶ କୁମାର ସାହୁ, ଉପସଭାପତି ଦୁର୍ଗା ମାଧବ ଘୋଷଙ୍କ ତତ୍ତ୍ୱାବଧାନରେ ଆଜି ବାରିଝୋଲା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଭି ସରୋଜିନୀଙ୍କୁ ୮ ଦଫା ଦାବି ପତ୍ର ପ୍ରଦାନ କରିଥିଲେ ଏବଂ ଅନୁରୋଧ କରୁଛୁ ଯଦି ଏହାର କୌଣସି ସମାଧାନ କରା ନ ଯାଏ ତେବେ ସଂଘ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବ ଏଥିରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗ ଦେଇ ପ୍ରକାଶ କରିଥିଲେ। ଦାବି ମଧ୍ୟରେ ସଫେଇ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ ଏବଂ ଇଏସଆଇ ପ୍ରତ୍ୟେକ ମାସରେ ଜମା କରିବା, ପ୍ରତି ମାସରେ ଠିକ ସମୟରେ ଦରମା ଦେବା, ଦରମା ଦୁଇ ମାସ, ତିନି ମାସ, ଆଉ କିଛି ଚାରି ମାସକୁ ଥରେ ଅଲଗା ଅଲଗା ଦରମା ନଦେଇ ଠିକ୍ ସମୟରେ ସମସ୍ତଙ୍କୁ ଏକାଥରେ ଦରମା ଦେବା, ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା, ବିଶ୍ରାମ ଗୃହ ଯୋଗାଇ ଦେବା, ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ଜିବନ ବିମା ଯୋଗାଇ ଦେବା, ମାସକୁ ୧୮ ହଜାର ଟଙ୍କା ଦରମା ଦେବା ଅନ୍ତର୍ଭୁକ୍ତ ଅଟେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୂର୍ଯ୍ୟ କାନ୍ତି ହରିଜନ, ୱାଇ କବିତା, ଏସ ଭାରତୀ, ସିମାଞ୍ଚଳ ସାମଲ, ଲକ୍ଷ୍ମୀ ଗଣ୍ଡା, ପରିଚାଳନା କରିଥିଲେ।



ଫୁଲନଖରା(ଭାସ୍କର ନ୍ୟୁଜ୍): ୟୁନିୟନ ଫରଉ କଟକସଦର ଡେଭଲପମେଣ୍ଟ ସାମାଜିକ ସଂଗଠନ ଦ୍ୱାରା ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ବିଭିନ୍ନ ପଞ୍ଚାୟତରେ ଚା ଖଟିରେ ଅଞ୍ଚଳର ସମସ୍ୟାକୁ ସିଧାସଳଖ ଅଞ୍ଚଳବାସୀଙ୍କ ଠାରୁ ଶୁଣି ପ୍ରଶାସନ ସହିତ ଲଢ଼ି ତାର ତ୍ୱରିତ ସମାଧାନ କରାଯିବ । ଏହିକ୍ରମରେ ଆଜି ପ୍ରଥମ କରି କଳପଡା ପଂଚାୟତର କଳପଡା ବଜାର ଏକ ଚା ଦୋକାନରେ ଏହି ଚା ଖଟି ଆୟୋଜନ ହୋଇଥିଲା। ସଂଗଠନର ସଭାପତି ପ୍ରଫେସର ମନୋଜ ନାୟକଙ୍କ ସହିତ ଅଞ୍ଚଳର ବହୁ ବରିଷ୍ଠ ମୁରବୀ ଯୋଗ ଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା କରିଥିଲେ । ବୟାଳିଶମୌଜାକୁ ନାକେଦମ କରିଥିବା ବିଦ୍ୟୁତ ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଥିବା ବେଳେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ସିଧାସଳଖ ସାଧାରଣ ଜନତାଙ୍କ ସହିତ ମିଶିବା ଏବ ସେମାନଙ୍କର ସମସ୍ୟାକୁ ଶୁଣି ତାର ସମାଧାନ ବାଟ ଫିଟାଇବାର ଏ ପ୍ରୟାସ ପାଇଁ ନାଟ୍ୟକାର ସମରେନ୍ଦ୍ର ମହାପାତ୍ର ମନୋଜ ନାୟକଙ୍କୁ ଧନ୍ୟବାଦ ଦେଇଥିଲେ । ନିକଟ ଭବିଷ୍ୟତରେ ଅଣ ପଂଚାୟତରେ ଏଭଳି ଚା ଖଟିର ଆୟୋଜନ କରାଯାଇ ଅଞ୍ଚଳର ସମସ୍ୟାକୁ ମାଧାନ କରିବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ସଂଗଠନର ସଭାପତି ଶ୍ରୀଯୁକ୍ତ ନାୟକ ମତବ୍ୟକ୍ତ କରିଛନ୍ତି । ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କ ସହିତ ବହୁ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ ।



# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କେନ୍ଦୁଝର(ଭାସ୍କର ନ୍ୟୁଜ୍): ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ କେନ୍ଦୁଝର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟଯେ, ରାଜ୍ୟରେ ପ୍ରତ୍ୟେକ ବର୍ଷ ପ୍ରାୟ ୬୦୦ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନାରେ ଉପକୃତ ହେଉଛନ୍ତି । ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀ ମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଉ । ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ୍ ଯୋଜନାରେ ସାମିଲ୍ ଥିବା ହିତାକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ କରିବାକୁ ଅନୁରୋଧ କରାଯାଇଛି । ସୂଚନାଅନୁସାରେ, ଅନ୍ୟପକ୍ଷରେ ଦେଶର ୧୮ ଗୋଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାକୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ତାପସ କୁମାର ରଥ,ପବିତ୍ର ବେହେରା,ବିଜୟ କୁମାର ମିଶ୍ର,ରବିନ୍ଦ୍ର କୁମାର ସେଠି,ବିରଞ୍ଚି ବେହେରା, ସଂଗ୍ରାମ କେଶରୀ ମିଶ୍ର,ସାଗର ସାମଲ,ରଞ୍ଜିତ ବେହେରାଙ୍କ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ ।

### ।।। ଷ୍ଟେସନରେ ଗାଡି ପାର୍କିଂ ଫି’ ଆଦାୟ ମାମଲା ।।।

# ବିଧାୟକଙ୍କ ହସ୍ତକ୍ଷେପ ପରେ ଅସ୍ଥାୟୀ ଭାବେ ସ୍ଥଗିତ



ରାଉରକେଲା(ଭାସ୍କର ନ୍ୟୁଜ) ବିଗତ କିଛିଦିନ ହେବ ରାଉରକେଲା ରେଲୱେ ଷ୍ଟେସନକୁ ଆସୁଥିବା ଗାଡି ମାନଙ୍କଠାରୁ ମାତ୍ରାଧିକ ଫି ଆଦାୟ କରାଯାଉଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ରେଲୱେ ପ୍ରଶାସନର ଏହି ଜନବିରୋଧୀ ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷର ଗମ୍ଭୀରତାକୁ ହୃଦବୋଧ କରି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଧିରେନ ସେନାପତି,ଅଜୟ କଂସାରୀ, ଗଙ୍ଗାଧର ଦାସ,ସତ୍ୟ ସାହୁଙ୍କ ସମେତ ଦଳର କେତେକ ବରିଷ୍ଠ କର୍ମକର୍ତ୍ତାଙ୍କ ସହିତ ରାଉରକେଲା ରେଲୱେ ଷ୍ଟେସନ ଯାଇ ଷ୍ଟେସନ ପାରିଚାଳକ ଶ୍ରୀ ଲକ୍ଷ୍ମୀଧର ତ୍ରିପାଠୀଙ୍କ ପ୍ରକୋଷ୍ଠରେ ରେଲୱେର ଏସିଏମ୍ ରାକେଶ କୁମାର ବର୍ଣ୍ଣୱାଲ ,ସିଆଇ ଜିତେନ୍ଦ୍ର କୁମାର ପ୍ରଧାନ, ଆରପିଏଫର ଓସି ଏବଂ ଜିଆରପି ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବୈଠକ କରିଥିଲେ। ଏହି ବୈଠକରେ ନିଜ ଆତ୍ମୀୟସ୍ୱଜନ ମାନଙ୍କୁ ନେବା ଏବଂ ଛାଡିବା ପାଇଁ ଷ୍ଟେସନକୁ ଆସୁଥିବା ସାଧାରଣ ଜନତାଙ୍କ ଠାରୁ ବର୍ତ୍ତମାନ ଡ୍ରପିଙ୍ଗ ଏବଂ ପିକପ୍ ଫି ବାବଦରେ ନିଆଯାଉଥିବା ବର୍ତ୍ତମାନ ଦେୟ ବହୁତ ଅଧିକ ଥିବାବେଳେ ଷ୍ଟେସନରେ ରହୁଥିବା ଗାଡ଼ି ଗୁଡିକର ସମୟକୁ ନେଇ ସର୍ବଦା ଦ୍ୱନ୍ଦ ଉଠୁଥିବାରୁ ଏପରି ସମସ୍ୟାର ସମାଧାନ ନିମିତ୍ତ ଷ୍ଟେସନ ବାହାରେ ଯେତେଦିନ ପର୍ଯ୍ୟନ୍ତ ଡିଜିଟାଲାଇଜେସନ ପ୍ରକ୍ରିୟା ପୂରଣ ହୋଇ ଇଲେକ୍ଟ୍ରୋନିକ କ୍ୟାମେରା ନ ଲାଗିଛି ସେତେଦିନ ପର୍ଯ୍ୟନ୍ତ ପିକପ୍ ଏବଂ ଡ୍ରପିଙ୍ଗ୍ ଫି ବାବଦରେ ଆଦାୟ ହେଉଥିବା ଶୁଳ୍କ ଅସ୍ଥାୟୀ ଭାବେ ସ୍ଥଗିତ ରଖିବା(ଆଦାୟ ନକରିବା) ପାଇଁ ବିଧାୟକ ଶ୍ରୀଦୁର୍ଗାଙ୍କ ପ୍ରସ୍ତାବ ଉପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା ।ଏହା ସହିତ ଗତ ୪୦/୫୦ବର୍ଷ ଧରି ଷ୍ଟେସନ ପରିଷରରେ ଥିବା ଟେକ୍ସି ଷ୍ଟାଣ୍ଡ ଏବଂ ଅଟୋ ରିକ୍ସା ଷ୍ଟାଣ୍ଡରେ ନିଜ ନିଜର ଗାଡି ରଖି ନିଜର ପରିବାର ପ୍ରତିପୋଷଣ କରିଆସୁଥିବା ଗାଡି ଗୁଡିକରୁ ମଧ୍ୟ ଫି ଆଦାୟ ନକରିବା ପାଇଁ ବିଧାୟକ ଦୁର୍ଗା ଚରଣ ତନ୍ତୀ ଦେଇଥିବା ପ୍ରସ୍ତାବକୁ ରେଲୱେ ଅଧିକାରୀ ଗ୍ରହଣ କରିଥିଲେ । ରାଉରକେଲା ରେଲୱେ ଷ୍ଟେସନ ସମ୍ମୁଖରେ ବାସ୍ତବରେ ଆବଶ୍ୟକ ସଂଖ୍ୟକ ସ୍ଥାନ ଅଭାବ ଥିବାରୁ ବର୍ତ୍ତମାନ ଷ୍ଟେସନ ସମ୍ମୁଖରେ ଥିବା ଦୁଇଚକିଆ ଗାଡି ପାର୍କିଂକୁ ସେଠାରୁ ଉଚ୍ଛେଦ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ରେଲୱେ ଅଧିକାରୀଙ୍କୁ ବିଧାୟକ ଶ୍ରୀ ଦୁର୍ଗା ତନ୍ତୀ ପରାମର୍ଶ ଦେବା ସହ ଏ ବାବଦରେ ନିଜେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ କଥା ହେବେ ବୋଲି କହିଥିଲେ ।ଷ୍ଟେସନ ପରିସରରେ କିଛି ଅସାମାଜିକ ଯୁବକ/ବ୍ୟକ୍ତି ମାନେ ନିଜକୁ ଭିନ୍ନ ଭିନ୍ନ ପ୍ରକାରର ପରିଚୟ ଦେଇ ଲୋକଙ୍କ ପାଖରୁ ଗାଡି ପାର୍କିଂ ବାବଦରେ ଜୋର ଜବରଦସ୍ତ ଅର୍ଥ ଆଦାୟ କରୁଥିବା ନେଇ ଆସୁଥିବା ଅଭିଯୋଗ ସମ୍ବନ୍ଧରେ ବୈଠକରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥାପନ କରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଆସନ୍ତା କାଲି ଠାରୁ ଏପରି ଅସାମାଜିକ କାର୍ଯ୍ୟ କରୁଥିବା ଲୋକ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୈଠକରେ ଉପସ୍ଥିତ ଥିବା ଆରପିଏଫ ର ଓସି ଙ୍କୁ ବିଧାୟକ ଶ୍ରୀ ଦୁର୍ଗା ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପସ୍ଥିତ ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଧିରେନ ସେନାପତି ମଧ୍ୟ ସମସ୍ତ ବିଷୟ ଉପରେ ନିଜ ମତ ରଖିଥିଲେ ।

# ରଚନା ଓ ହସ୍ତଶିଳ୍ପ ପ୍ରତିଯୋଗିତା



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ସ୍ଥିତ ମସଜିଦ ନାସିର ଠାରେ ଅହମଦିୟା ମୁସଲିମ ମହିଳା ସଂଗଠନ ନାସରାତୁଲ ଅହମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ ମୋହସିନାତର ପିଲାମାନଙ୍କୁ ରଚନା (ନମାଜ କି ଅହମିୟତ କିମ୍ବା ଅରକାନେ ଇସଲାମ) ଏହି ବିଷୟରେ ୨୦୦ଶବ୍ଦରେ ରଚନା ଲେଖିବାକୁ ଦିଆଯାଇଥିଲା ଏବଂ ଗ୍ରୁପ କାନେତାତ ପିଲାମାନଙ୍କ ମଧ୍ୟରେ ଅରକାନେ ଇସଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା। ଏହିପରି ଭାବେ ଗ୍ରୁପ ସ୍ୱାଲେହାତ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା । ମାରିୟା ଫୟାଜ ପବିତ୍ର କୋରାନ ପାଠ କରିଥିବା ବେଳେ ସଭାନେତ୍ରୀ ତସ୍ତୁର୍ରୁନ ନାଜେରିନ ନୀରବ ପ୍ରାର୍ଥନା ଦୁଆ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସ୍ତୁର୍ରୁନ ନାଜେରିନ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ ପରିଚାଳନା କରିଥିଲେ ।

## ରଞ୍ଜିଆ ଡିଏଫଓ ଭାବେ ବୈଦ୍ୟନାଥ ମାଝୀଙ୍କ ଯୋଗଦାନ

କରଞ୍ଜିଆ(ଭାସ୍କର ନ୍ୟୁଜ୍):କରଞ୍ଜିଆ ଡି ଏଫ୍ ଓ ଶ୍ରୀକାନ୍ତ ନାଏକ ଗତ ଏପ୍ରିଲ ମାସ ଅବସର ନେଇଥିଲେ ସେହିଦିନ ଠାରୁ ଡି ଏଫ ଓ ପଦବୀ ଟି ଫାଙ୍କା ଥିଲେ। ତେବେ ଏହି ପଦରେ ବୈଦ୍ୟନାଥ ମାଝୀ ମଙ୍ଗଳବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ମାଝୀ ପୂର୍ବ ରୁ କରଞ୍ଜିଆ ବନଖଣ୍ଡ ଦୁଧିଆଣୀ ରେଞ୍ଜ ଅଧିକାରୀ ଭାବେ ସୂଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ, ପରେ ସେ କରଞ୍ଜିଆ ବନ ଖଣ୍ଡ ର ଏ ସି ଏଫ୍ ଭାବେ କାର୍ଯ୍ୟ ରେ ଯୋଗ ଦେଇଥିଲେ ପରେ ଯଶିପୁର ସ୍ଥିତ ସିମିଳିପାଳ ୱାଇଲ୍ଡ ଲାଇଫ ର ଏ ସି ଏଫ୍ ଭାବେ କାର୍ଯ୍ୟ କରିଥିଲେ। ସେଠାରୁ ପଦୋନ୍ନତି ପାଇ ରାଉରକେଲା ରେ ଡି ଏଫ୍ ଓ ଭାବେ ଯୋଗ ଦେଇଥିଲେ ଏବେ ସେ କରଞ୍ଜିଆ ଡି ଏଫ୍ ଓ ଭାବେ ଯୋଗ ଦେଇଛନ୍ତି। ଆଜି ବିଧିବୋଧ ଭାବେ ଡି ଡି ପ୍ରଶାନ୍ତ ପଟେଲଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୁରୁଣା ଜାଗାରେ କାମ କରିବାକୁ ଅସୁବିଧା ହେବନାହିଁ ବୋଲି ପ୍ରକାଶ କରିଛନ୍ତି ବୈଦ୍ୟନାଥ ମାଝୀ।

# ସ୍ୱାସ୍ଥ୍ୟକେନ୍ଦ୍ର ତାଲାରେ ଲାଗିଲାଣି କଳଙ୍କି

## ■ ଆସୁନାହାନ୍ତି ଅଧିକାରୀ, ସେବାରୁ ବଞ୍ଚିତ ଗ୍ରାମବାସୀ




ଫୁଲନଖରା (ଭାସ୍କର ନ୍ୟୁଜ୍): ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଝାରକଟା ଗ୍ରାମପଞ୍ଚାୟତ ଅଧୀନ ନହରପଦା ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର କାର୍ଯ୍ୟକରୁଅଛି । ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଅଧିକ ଦୂରତା ଥିବାରୁ ସାଧାରଣ ରୋଗ ପାଇଁ ଏଠାରେ ଔଷଧ ବ୍ୟବସ୍ଥା ଥିବାବେଳେ ଅଞ୍ଚଳବାସୀଙ୍କ ଏହା ବହୁ କାମରେ ଆସୁଥିଲା । ମାତ୍ର ଏହି ଉପକେନ୍ଦ୍ର ଟି ଖୋଲିବା ଦିନଠାରୁ ଆଜି ପର୍ଯ୍ୟନ୍ତ ଖୋଲିଛି କମ୍ ବନ୍ଦ ରହୁଛି ଅଧିକା । କର୍ମଚାରୀ ଅଭାବ ଦେଖାଇ ଏହାକୁ ମଝିରେ ମଝିରେ ଖୋଲି ବର୍ଷତମାମ ବନ୍ଦ କରି ପକାଉଥିବାରୁ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଋତୁ ପରିବର୍ତ୍ତନ ପରେ ଜ୍ୱର, କାଶ, ଥଣ୍ଡା, ଝାଡା ଭଳି ସାଧାରଣ ରୋଗ ବହୁଳ ମାତ୍ରାରେ ବ୍ୟାପୁଥିବାବେଳେ ଉପକେନ୍ଦ୍ରଟି ବନ୍ଦ ରହିବା ଦ୍ୱାରା ସ୍ଥାନୀୟ ବାସିନ୍ଦା ବହୁ କଷ୍ଟ କରି ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । ସବୁଠାରୁ ବେଶୀ ଅସୁବିଧା ଭୋଗୁଛନ୍ତି ବୟସ୍କ ଲୋକମାନେ । ସେମାନେ ଦୂରରେ ଥିବା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସିପାରି ଦିଦି କାଲି ଆସିଲେ ଔଷଧ ଦେବେ ଭାବି ଅପେକ୍ଷାରେ ରହୁଛନ୍ତି । ମାତ୍ର ଏଠି ଦିଦିଙ୍କର କିନ୍ତୁ କିଛି ଠିକ୍ ଠିକଣା ନାହିଁ ଏଭଳି ଆଶା ନେଇ ବୟସ୍କ ଲୋକ ଅପେକ୍ଷା କରୁଥିବା ବେଳେ ସେବା ଦେବାରେ ସ୍ୱାସ୍ଥ୍ୟ ବିଭାଗ ଫେଲ ମାରିଛି। ଏପରି ଉପକେନ୍ଦ୍ର ସମ୍ମୁଖରେ ପଡିଥିବା ତାଲାଟି ସମ୍ପୂର୍ଣ୍ଣ କଳଙ୍କି ଲାଗିଗଲାଣି । ଏଥିରୁ ସାଧାରଣରେ ଅନୁମାନ କରାଯାଇପାରେ ଏହା ଶେଷ ଥର ପାଇଁ କେବେ ଖୋଲା ଯାଇଥିଲା । ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟତର କରିବାକୁ ଚେଷ୍ଟା କରୁଥିବାବେଳେ କାର୍ଯ୍ୟରତ କର୍ମଚାରୀମାନେ ଏକଥାକୁ କେତେଦୂର ଗ୍ରହଣ କରୁଛନ୍ତି ତାହା ଏଠି ସ୍ପଷ୍ଟ ପ୍ରମାଣିତ । ଅନ୍ୟପଟେ ଅଧକ୍ଷ ଡା. ପ୍ରଶାନ୍ତ କୁମାର ସାମଲ କହିଛନ୍ତି ସମ୍ପୃକ୍ତ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ଶିକ୍ଷାଲାଭ ପାଇଁ ଛୁଟିରେ ଅଛନ୍ତି । ଆଉ ଅଧିକ କର୍ମଚାରୀ ନଥିବାରୁ ତାଙ୍କ ସ୍ଥାନରେ ଆଉ କାହାକୁ ଦିଆଯାଇ ପାରୁନାହିଁ । ତେବେ ଏହିଭଳି ଅବସ୍ଥା ଭିତରେ ନହରପଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଖୋଲିବା ନେଇ ଏକ ଅନିଶ୍ଚିତତା ଦେଖିବାକୁ ମିଳିଛି ।

# ବିପଜ୍ଜନକ ସ୍ଥିତିରେ ଚାଲୁଛି ଲକ୍ଷ୍ମୀ ବସ




କଣାସ(ଭାସ୍କର ନ୍ୟୁଜ୍): ପୂର୍ବ ସରକାର ଆରମ୍ଭ କରିଥିବା ଲକ୍ଷ୍ମୀ ବସ୍ ସେବାକୁ ଯେତେବେଳେ ସରକାର ପରିବର୍ତ୍ତନ ହୋଇ ନୂଆ ସରକାର ଆସିଲେ ସେତେବେଳେ ଅନେକ ବାଧାବିଘ୍ନ ଦେଇ ଗତିକରିବାକୁ ଲାଗିଥିଲା ଏହି ବସ୍ ସେବା। ଅନେକ ପ୍ରଶ୍ନଘେରରେ ଛନ୍ଦି ହୋଇଯାଇଥିଲା ଏହି ବସ୍ ସେବା। ଯାହା ନୂଆ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ସେହି ବସ ଏବେ କଣାସ ବ୍ଲକରେ ପାଲଟିଛି ମରଣଯନ୍ତା ବା ମୃତ୍ୟର ମାଧ୍ୟମ । ସୂଚନା ମୁତାବକ ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଅଞ୍ଚଳକୁ ଗଡୁଥିବା ଏହି ବସ୍ ଏବେ ନିଜର ପରିଚୟ ଖୋଜୁଛି। ଯାହା ଶୁଣିବାକୁ ମିଳିଛି ଦୀର୍ଘ ଦୁଇ ବର୍ଷ ଧରି କାର୍ଯ୍ୟକ୍ଷମ ଥିବା ଏହି ବସ୍‌ରେ ଏବେ ସୁଦ୍ଧା କୌଣସି ପ୍ରକାର ମେଣ୍ଟେନାନ୍ସ କରାଯାଉନଥିବାରୁ ଗାଡ଼ିର ଡ୍ରାଇଭର ମାନେ ଏବେ ଭୟଭୀତ ଅବସ୍ଥାରେ ଗାଡ଼ିରେ ଶହଶହ ପାସେଞ୍ଜର ମାନଙ୍କ ଜୀବନକୁ ମୃତ୍ୟୁ ମୁଖକୁ ଠେଲି ଦେଇ ଯାତ୍ରା କରୁଛନ୍ତି । କଣାସ ବ୍ଲକରେ ସମୁଦାୟ ୬ଗୋଟି ଲକ୍ଷ୍ମୀ ବସ୍ ପ୍ରତିଦିନ ଚାଲୁଥିବା ସମୟରେ କେଉଁ ଗାଡିରେ ବ୍ରେକ ନଥିବାବେଳେ ,କେଉଁ ଗାଡ଼ିରେ ହର୍ନ ନଥିବା ଜଣାପଡ଼ିଛି। ସବୁଠାରୁ ବିଡ଼ମ୍ବନାର ବିଷୟ କଣାସ ରୁ ଜାମଳଗୋଦା ଆଦର୍ଶ ବିଦ୍ୟାଳୟ ଯିବାପାଇଁ ଚାଲୁଥିବା ବସରେ ନିଜର କ୍ଷମତା ଠାରୁ ଅଧିକ ଲୋଡ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା ଏବଂ ସେହି ବସ ରେ ବ୍ରେକ ଏବଂ ହର୍ନ କାମ କରୁନଥିବା ଗାଡ଼ିର ଡ୍ରାଇଭର ଅଭିଯୋଗ କରିଥିଲେ। ଏଠି ପ୍ରଶ୍ନ ଉଠୁଛି ଯଦି ନିଜର କ୍ଷମତା ଠାରୁ ଅଧିକ ଲୋଡରେ ଛାତ୍ରଛାତ୍ରୀ ମାନଙ୍କୁ ନେଇଯାଉଥିବା ଏହି ବସ୍ ରେ ଏତେ ଅସୁବିଧା ରହିଛି ବୋଲି ଜାଣିବା ପରେ ମଧ୍ୟ ବ୍ଲକ ର ଅଧିକାରୀ ମାନେ କାହା ନିର୍ଦ୍ଦେଶରେ ବସ ଚଳାଉଛନ୍ତି । ଯଦି କେବେ କିଛି ଘଟଣା ଦୁର୍ଘଟଣା ଘଟେ ତେବେ ସେଥିପାଇଁ ଦାୟୀ କିଏ ରହିବେ। ବ୍ଲକ୍ ପ୍ରଶାସନ ଦାୟୀ ରହିବେ ନା ଜିଲ୍ଲା ପ୍ରଶାସନ ଦାୟୀ ରହିବେ। ଏହି ପରିପ୍ରେକ୍ଷୀରେ ସୁପରଭାଇଜର ସୁଶାନ୍ତଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇପାରିବେନାହିଁ ବୋଲି କହିଥିଲେ । ଦେଖିବାକୁ ବାକି ରହିଲା କେବେ ଏହି ଲକ୍ଷ୍ମୀ ବସ୍‌ର ସ୍ଥିତି ସୁଧୁରୁଛି ଏବଂ କେତେ ଶୀଘ୍ର ଏହାର ମରାମତି କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଉଛି ।

# ଦଦରା ଛାତ ତଳେ ନିଆଳି ଆଇନଜୀବୀଙ୍କ ଜୀବନ

ନିଆଳି (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ତହସିଲ କାର୍ଯ୍ୟାଳୟ ପରିସରେ ଏକ ସରକାରୀ ଦଦରା ଛାତ ତଳେ କାର୍ଯ୍ୟରତଙ୍କ ଆଇନଜୀବୀଙ୍କ ଜୀବନ। ୨୦୦୭/୨୦୦୮ ମସିହାରେ ନିର୍ମାଣଧିନ ଛାତ ଓ ବିମ ଫାଟିବା ସହିତ ପ୍ଲାଷ୍ଟର ଖସିଥିବା ଦେଖିବାକୁ ମିଳିଛି । ନିଆଳି ବ୍ଲକର ଆଠ ଜଣ ଆଇନଜୀବି ଓ ମୋହରିର ଏହି ଦଦରା ଛାତ କାର୍ଯ୍ୟ କରୁଥିବା ନେଇ ସୂଚନା ମିଳିଛି । ଆଖପାଖ ଅଞ୍ଚଳର ଜନସାଧାରଣ ଆଇନ ସେବା ପାଇବା ପାଇଁ ନିଆଳି ତହସିଲ ପରିସରରେ କାର୍ଯ୍ୟରତ ଆଇନଜୀବୀଙ୍କ ନିର୍ଭର କରିଥାନ୍ତି । ଏହି ସ୍ଥାନରେ ଦୈନନ୍ଦିନ ଶହ ଶହ ଲୋକ ନିଜ କାର୍ଯ୍ୟ ପାଇଁ ଆସିଥାନ୍ତି ଅନେକ ସମୟରେ ଛାତରୁ ପ୍ଲାଷ୍ଟର ଖସିବାର ସୂଚନା ମିଳିଛି । କିନ୍ତୁ କୈାଣସି କ୍ଷତି ଯଦିଓ ହୋଇନାହି



ତେବେ ଆଗକୁ ବଡ ଅଘଟନ ନଘଟିବ କେହି ବି ଗ୍ୟାରେଣ୍ଟି ଦେବେ ନାହିଁ। ଏବେ ବି ଛାତ ପ୍ଲାଷ୍ଟର ଖସି ରଡ ଦିଶୁଥିବା ବେଳେ ବିଭିନ୍ନ ସ୍ଥାନରେ ଫାଟ ଓ ପ୍ଲାଷ୍ଟର ଦୁର୍ବଳ ଅବସ୍ଥାରେ ରହିଛି । କିଛି ଅଘଟଣ ପୂର୍ବରୁ ନିଆଳି ବିଧାୟକ, କଟକ ଜିଲ୍ଲାପାଳ ଓ ନିଆଳି ତହସିଲଦାର ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

# କାଦୁଅ ସର ସର ସାପ୍ତାହିକ ହାଟ, ୩୦ ବର୍ଷ ପରେ ବି ବିକାଶ ନାହିଁ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ସଦରମହକୁମାର ସାପ୍ତାହିକ ହାଟ ପ୍ରତି ମଙ୍ଗଳବାର ଦିନ ଆରମ୍ଭ ହୋଇଥାଏ। ଏହି ସାପ୍ତାହିକ ହାଟି ବାଲିସାଗର ପୋଖରୀ ନିକଟବର୍ତ୍ତୀ ଅଞ୍ଚଳରେ ଅର୍ଥାତ୍ ମାଲକାନଗିରି - କୋରୁକୋଣ୍ଡା ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଅନୁଷ୍ଠିତ ହୋଇଥାଏ। ମାଲକାନଗିରି ପୌରାଞ୍ଚଳରେ କୌଣସି ସ୍ଥାନ ନଥିବାରୁ ଜଙ୍ଗଲ ବିଭାଗର ଅଧିନରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ୧.୧୧.୧୯୯୫ ମସିହାରୁ ଏହି ସାପ୍ତାହିକ ହାଟଟି କାର୍ଯ୍ୟକାରୀ ହୋଇ ଆସୁଛି। ଏଠାରେ ଏକ ସରକାରୀ କୋଠା ରହିଛି। ଯାହାକି ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କୁ ରହଣୀ ପାଇଁ ଜିଲ୍ଲା ପ୍ରଶାସନ ପ୍ରଦାନ କରି ଆସୁଛି। ଏହି ଅଞ୍ଚଳରେ ସାପ୍ତାହିକ ହାଟ ପ୍ରତି ମଙ୍ଗଳବାର ଦିନ ହେବା ଯୋଗୁଁ କିଛି ଏକର ଜମିକୁ ଅଧିଗ୍ରହଣ କରାଯାଇ



ଶୈବପୀଠ ଗଢି ଉଠିଛି, ଯାହା କି ସାପ୍ତାହିକ ହାଟ ପାଇଁ ଜମି ପର୍ଯ୍ୟାପ୍ତ ନୁହେଁ। ଫଳରେ ହାଟୁଆମାନେ ରାଜ୍ୟ ରାଜପଥ ପଥର ଦୁଇ ପାର୍ଶ୍ୱରେ ହାଟ ବସାଇ ପଥ ଅବରୋଧ କରିଥାନ୍ତି । ଏଣୁ ମାଲକାନଗିରି ସଦର ମହକୁମାକୁ ବାଲିମେଳା ଓ କୋରୁକୋଣ୍ଡା ଅଞ୍ଚଳରୁ ଆସୁଥିବା ଯାତ୍ରା ବା ମାଲକାନଗିରି ସଦର ମହକୁମାରୁ ବାଲିମେଳା ଅଭିମୁଖେ ଯାଉଥିବା ଯାତ୍ରୀ ଓ ଯାନବାହାନଗୁଡିକ ଅତିକ୍ରମ କରିବାରେ ଅହେତୁକ ବିଳମ୍ବ ଘଟିଥାଏ। ଏହା ବ୍ୟତିତ ଏଠାରେ ଲକ୍ଷ୍ମଣ ନାୟକ ହଷ୍ଟେଲ,ବୁଟିଗୁଡା ଉଚ୍ଚ ପ୍ରାଥମିକ, ମାଲକାନଗିରି ଉଚ୍ଚ ବିଦ୍ୟାଳୟ ଏବଂ ଯୁକ୍ତ ଦୁଇ କନିଷ୍ଠ ବିଜ୍ଞାନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଇକେଲ ଯୋଗେ ଯାତାୟାତ କରିବାରେ ବିଶେଷ ପ୍ରତିବନ୍ଧକ ହୋଇଥାଏ ଏହି ସାପ୍ତାହିକ ହାଟ। ରାସ୍ତାକୁ ଅବରୋଧ କରି ହାଟୁଆମେନେ ନିଜର ନିଜର ପସରା ମେଲାଇ ବସିବା ଫଳରେ ଯାତାୟତର ନାହିଁ ନଥିବା ଅସୁବିଧା ହୋଇ ଅନେକ ଥର ଛୋଟ ବଡ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଦେଶ କେବେ ମଧ୍ୟ ଉଚିତ ପଦକ୍ଷେପ ଗ୍ରହଣ କରି ନଥିବା ଜଣା ପଡ଼ିଛି। ଏହି ସମସ୍ୟା ପ୍ରତ୍ୟେକ ମଙ୍ଗଳବାର ଦିନ ଲାଗି ରହିଛି। ତଥାପି ଜିଲ୍ଲା ପ୍ରଶାସନ ଦୁଇ ପାର୍ଶ୍ୱରେ ପସରା ପକାଳୀମାନଙ୍କୁ ରାସ୍ତାର ଦୁଇ କଡ଼ରୁ ଅପସାରଣ ଲାଗି ଆଜି ପର୍ଯ୍ୟନ୍ତ ପ୍ରୟାସ କରି ନାହିଁ ।ଅନ୍ୟ ପକ୍ଷରେ ୧୯୯୫ ମସିହାରୁ ଏହି ସାପ୍ତାହିକ ହାଟ ଟି ଗଢି ଉଠିଥିଲେ ମଧ୍ୟ ହାଟରର ଉନ୍ନତି ପାଇଁ କେବେ ମଧ୍ୟ ମାଲକାନଗିରି ପୌରପରିଷଦ ବା ମାଲକାନଗିରି ଆରଏମସି ଏକ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରି ନାହିଁ। ମାତ୍ର ଆରଏମସି ତରଫରୁ ପ୍ରତି ପସରା ପିଛା ୨୦ ଟଙ୍କା ପାନୁ ସଂଗ୍ରହ କରାଯାଉଛି। ବର୍ତ୍ତମାନ ଏହି ପାନୁ ସଂଗ୍ରହ କରିବା ଲାଗି ବେସରକାରୀ ଭାବେ ୩ ଜଣ ଯୁବକ ଦାୟିତ୍ୱରେ ରହିଥିବା ବେଳେ ମାସକୁ ଆରଏମସିକୁ ୧୨,୦୦୦ ଟଙ୍କା ପୈଠ କରିବାକୁ ଚୁକ୍ତି ହୋଇଛି। ବର୍ତ୍ତମାନ ଲଘୁଚାପ ଜନିତ ଲଗାଣ ବର୍ଷାରେ ସାପ୍ତାହିକ ହାଟ ସଂପୂର୍ଣ୍ଣ କାଦୁଅ। ହାଟୋଇମାନେ ହାଟ ବସାଇବାରେ ଯେପରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେହିପରି ପନିପରିବା କିଣିବାକୁ ଯାଉଥିବା ଲୋକମାନଙ୍କ ଅବସ୍ଥା ନ କହିଲେ ଭଲ। ହାଟରେ ସାମଗ୍ରୀ ବିକ୍ରୟ ପାଇଁ ଆଣିଥିବା ଦୁଇଚକିଆ ଓ ଚାରିଚକିଆ ଯାନବାହନ ଗୁଡିକ ସବୁରାଜ୍ୟ ରାଜପଥ ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ। ଏଠାରେ ଗାଡି ରଖିବା ପାଇଁ ପାର୍କିଂର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ପସରା ବସାଇବା ପାଇଁ କୌଣସି ପିଣ୍ଡି ମଧ୍ୟ ନାହିଁ। ଫଳରେ ବର୍ଷାଋତୁରେ କିଏ ଜରି ଟାଣି ବେପାର କଲାଣିତ କିଏ ବର୍ଷାରେ ଓଦା ସରସର ହୋଇ ବ୍ୟବସାୟ କରିବାକୁ ବାଧ ହେଲାଣି। ତେବେ ଏହି ହାଟକୁ ବର୍ତ୍ତମାନ ୩୦ ବର୍ଷ ପୂର୍ତ୍ତି ହେଉଥିବା ବେଳେ ମାଲକାନଗିରି ଜିଲ୍ଲାକୁ ୩୩ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ତେବେ ମାଲକାନଗିରିସଦର ମହକୁମାର ସାପ୍ତାହିକ ହାଟ କେବେ ବିକାଶ ହେବ କହିବା ଅସମ୍ଭବ। ଏହି ସାପ୍ତାହିକ ହାଟରୁ ଯାହା ପାନକୁ ସଂଗ୍ରହ ହେଉଛି ମାଲକାନଗିରି ମ୍ୟୁନସିପାଲଟି ବାର୍ଷିକ ୨୦ ପ୍ରତିଶତ ଅଂଶଧନ ଆରଏମସି ଠାରୁ ପାଉଥିଲେ ମଧ୍ୟ ହାଟର ବିକାଶ ଦିଗରେ ସ୍ଥାଣୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ନିୟମ ଦୃଷ୍ଟିରୁ ଯେଉଁ ହାଟରୁ ବିକ୍ରେତାଙ୍କ ଠାରୁ ପାନକୁ ସଂଗ୍ରହ କରାଯାଉଛି ସେହି ଅର୍ଥକୁ ସେହି ହାଟର ଉନ୍ନତି ଲାଗି ଖର୍ଚ୍ଚ ହେବା ଆବଶ୍ୟକ। ଅତ୍ୟନ୍ତ ପକ୍ଷେ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ ସହ ରାସ୍ତା ନିର୍ମାଣ, ପାନୀୟ ଜଳ ଏବଂ ଯାନବାହାନ ପାଇଁ ପାର୍କିଂ ବ୍ୟବସ୍ଥା। ଏସବୁ ଏଠାରେ ବିରଳ କହିଲେ ଚଳେ। ଉଭୟ ବିଭାଗ ପରସ୍ପର ଦୋଷାରୋପ କରି ମୁଖ୍ୟ ମୁଦ୍ଦାରୁ ହଟିଯିବାରେ ବ୍ୟସ୍ତ ଥିବା ବେଳେ ବର୍ଷା ଦିନର ଦୁର୍ଦ୍ଦଶାକୁ ନକହିଲେ ଭଲ। ଏଥି ପ୍ରତି ଜିଲ୍ଲା ପ୍ରଶାସନ ସ୍ତରରେ ବିହିତ ପଦକ୍ଷେପ ଗ୍ରହଣ ନ କରାଗଲେ, ସେମାନେ ସାପ୍ତାହିକ ହାଟ ଦୀପତଳ ଅନ୍ଧାର ହୋଇ ରହିଯିବ।

# ଲୋପ ପାଉଛି ଆଦିବାସୀ ଅଞ୍ଚଳର ପାରମ୍ପରିକ ଗରଣ୍ଡି ଖେଳ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠିକାର ଅଧିବାସୀମାନେ ବର୍ଷ ତମାମ ନାନା ପ୍ରକାର ଆଞ୍ଚଳିକ ପର୍ବ ପର୍ବାଣୀ ଓ ଯାନୀ ଯାତରା ପାଳନ କରିଆସୁଛନ୍ତି ।ଆଦିବାସୀ ଅଂଚଳରେ ପାଳିତ ହେଉଥିବା ପର୍ବପର୍ବାଣୀ, ଯାନୀ ଯାତରା ଓ ଆଦିମ ସଂସ୍କୃତି ସେମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଥାଏ ।ଆଦିବାସୀ ଅଞ୍ଚଳରେ ପାଳିତ ହେଉଥିବା ପର୍ବ ପର୍ବାଣୀ ମାନଙ୍କ ମଧ୍ୟରେ ଅମୁସ, ଦିଆଳି, ବଅଲାନି ଗୁରୁଣ୍ଡି ଆଦି ଯାତ୍ରା ପ୍ରମୁଖ ।ଗୁରୁଣ୍ଡି ଯାତ୍ରା ଏକ ଆଦିବାସୀ ମାନଙ୍କ ମୁଖ୍ୟ ଯାତ୍ରା ଏହି ଯାତ୍ରାଟି ଚିତା ଲାଗି ଅମାବାସ୍ୟା ପରଦିନ ଆରମ୍ଭ ହୋଇ ନୂଆଁଖାଇ ପର୍ବର ବାସୀଦିନ ସମାପିତ ହୋଇଥାଏ । ଶ୍ରାବଣ ମାସ ଆସିଲେ ଆଦିବାସୀ ପିଲା ଓ ଯୁବକମାନେ ଶାଳ, ପିଆଶାଳ ଆଦି ଗଛ ସବୁରେ ଗୁରୁଣ୍ଡି ସବୁ ତିଆରି କରିଥାନ୍ତି । ଲମ୍ବା ଲମ୍ବା ଦୁଇଟା ଲାଠି ସଦୃଶ ଗଛରେ ଦୁଇଟା କାଠ ପେଡାଲ କୁ ଗଛ ଦଉଡି ରେ ବାନ୍ଧି ତହିଁରେ ଚଢି ଗାଁ ସାରା ବୁଲିବା ସହିତ ତହିଁରେ ବିଭିନ୍ନ ପ୍ରକାର ଖେଳସବୁ ପ୍ରଦର୍ଶନ କରିଥାନ୍ତି। ଅଗଷ୍ଟ ମାସ ଆସିଲେ ଆରମ୍ଭ ହୁଏ ଗରଣ୍ଡି ଖେଳ। ପୁରପଲ୍ଲୀରେ ଯୁବକ କିଶୋର ପିଲା ଦୁଇ କାଠ ସାହାଯ୍ୟରେ ଚାଲିବୁଲିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ଦୃଶ୍ୟ ଦେଖିବାକୁ ମିଳୁଛି ଝରିଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ। ଦଳ ଦଳ ହୋଇ ଦୁଇ ଲାଠି ସାହାଯ୍ୟରେ ଚାଲି ଥାନ୍ତି। ଆଦିବାସୀ ସଂପ୍ରଦାୟର ଏହା ଏକ ନିଆରା ପରମ୍ପରା ଏବଂ କୃଷିଭିତ୍ତିକ ପର୍ବ। ମାସ ସାରା ଗୁରୁଣ୍ଡି ଖେଳର ମଜାନେଲା ପରେ ନୂଆଁଖାଇ ପର୍ବର ବାସୀଦିନ ଗାଁସାରା ଘର କୁ ଘର ବୁଲି ଚାଉଳ,ବିରି, କୋଳଥ ଆଦି ଶସ୍ୟ ସାମଗ୍ରୀ ସାଙ୍ଗକୁ ଟଙ୍କାପଇସା ମାଗିଥାନ୍ତି। ବୁଲିବା ସମୟରେ ତାଙ୍କ ହାବୁଡ଼ରେ କୁକୁଡ଼ା, ବତକ, ପାରା ଯାହାବି ପଡେ ତାକୁ ମାରି ଗାଁମୁଣ୍ଡରେ ଥିବା ବହଁଲାନି ଗୁଡ଼ି ପାଖରେ ଯାଇ ଗାଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରନ୍ତି ଓ ସେଠାରେ ସେମାନେ ଚଢୁଥିବା ଗୁରୁଣ୍ଡିକୁ ମଧ୍ୟ ପୂଜାକରି ବିସର୍ଜନ କରିଥାନ୍ତି । ସେଠାରେ ଭୋଜିଭାତ ଖାଇ ଘରକୁ ଫେରନ୍ତି ।ଏହି ପର୍ବ ପାଳିବା ଦ୍ୱାରା ଗ୍ରାମରୁ ମଶାମାଛି ସାଙ୍ଗକୁ ବିଭିନ୍ନ ପ୍ରକାର ରୋଗପୋକ ଠାରୁ ନିସ୍ତାର ମିଳେ ବୋଲି ଆଦିବାସୀ ମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ପ୍ରତିବର୍ଷ ଝରୀଗାଁ ଅଞ୍ଚଳରେ ଗୁରୁଣ୍ଡିଯାତ୍ରା ପାଳିତ ହେଉଛି ସତ ହେଲେ ସମୟ ସୁଅରେ ଗୁରୁଣ୍ଡି ଖେଳ ହଜିବାକୁ ବସିଲାଣି । ଆଗପରି ଯୁବପିଢ଼ି ନା ଗୁରୁଣ୍ଡି ତିଆରି କରୁଛନ୍ତି ନା ଗୁରୁଣ୍ଡିର ଖେଳ ଦେଖିବାକୁ ମିଳୁଛି ।କାଠ ଅଭାବ ସାଙ୍ଗକୁ ଆଧୁନିକତାର ପ୍ରଭାବରେ ଗୁରୁଣ୍ଡି ଖେଳ ଲୁଚିଯାଉଛି ବୋଲି ବୁଦ୍ଧିଜୀବୀ ମତ ଦିଅନ୍ତି ।

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ୧୧ ଅଭିଯୋଗର ସମାଧାନ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍. ମିଶ୍ର, ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୫୩ ଗୋଟି ଓ ସାମୂହିକ୧୭ ଗୋଟି ରହିଥିବା ବେଳେ ୧୧ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଭାର ପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ ପ୍ରକାଶ ତିର୍କୀ, ପଞ୍ଚାୟତ ସମିତି ଅଧକ୍ଷା ବବିତା ପାଟଯୋଷୀ, ଏନ୍.ଏସି ଅଧକ୍ଷ ଅଶୋକ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. କିଶୋର କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଜୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଚାଷଜମିକୁ ନେଇ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଏଓଏସ୍‌ସିଏଫ ସଙ୍ଘ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଳସର୍ଗି ଗ୍ରାମରେ ଚାଷ ଜମିକୁ କେନ୍ଦ୍ର କରି ଦଳଗତ ଭାବେ କେତେ ଜଣ ଦଳିତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ମହିଳା ଓ ପରିବାର ଲୋକେ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ହେଲେ କୋକସରା ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ବଦଳରେ ଘଣ୍ଟଘୋଡେଇ ନିରବ ସାଜିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ମହିଳାଙ୍କ ପରିବାର ଲୋକେ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନକୁ ଜଣାଇବା ପରେ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରିକ୍ଷୀ ଅଧିକାରୀ ଓ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଛନ୍ତି। ଅଭିଯୋଗରୁ ଜଣାଯାଏ ଯେ ଧର୍ମଗଡ ବ୍ଲକ ଦଳସର୍ଗି ଗ୍ରାମର ଧନମତି ଭରତିଆଙ୍କ ପରିବାର ଦଳସର୍ଗୀ ନଦୀ କୂଳରେ ଥିବା ସରକାରୀ ଜମିରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରହି ଆସୁଛନ୍ତି। ନିଜ ଗୁରୁରାଣ ମେଣ୍ଟାଇବା ପାଇଁ ସେହି ସରକାରୀ ଜମିରେ ଧାନ ସମେତ ଡାଲି ଜାତୀୟ ଶସ୍ୟ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏ ବର୍ଷ ମଧ୍ୟ ସେହି ଜାଗାରେ ଧାନ ଓ ଡାଲି ଜାତୀୟ ଚାଷ କରିଥିଲେ। ପରିବାରର ଧନମତି ଭର୍ତିଆ, ପ୍ରତିମା ଭର୍ତିଆ, ଜୟନ୍ତୀ ଭର୍ତିଆ, ସୋନିଆ ଭର୍ତିଆ, ଧ୍ରୁବ ଚରଣ ଭର୍ତିଆ, ଚାଷ କରିଥିବା ଜମିରେ ଉକ୍ତ ଗ୍ରାମର କିଛି ଲୋକ ଗାଇଗୋରୁ ଛାଡି ଦେଇ ଥିଲେ। ଗାଈ ବଳଦକୁ ତଡିବା ପାଇଁ ଏହି ମହିଳା ମାନେ ଯିବା ସମୟରେ ଗ୍ରାମର କିଛି ବ୍ୟକ୍ତି ସେମାନଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ଠେଙ୍ଗା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରବର୍ତ୍ତୀ ସମୟରେ ସମସ୍ତେ ଗୁରୁତର ଅବସ୍ଥାରେ କୋକସରା ଥାନାର ଦ୍ୱାରସ୍ତ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି କୋକସରା ଥାନାରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀଣି ସ୍ନିଗ୍ଧା ରାଣୀ ସୁନା ଘଟଣା ସ୍ଥଳକୁ ଆସି ତଦନ୍ତ କରି ଗ୍ରାମର ୩୧ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଘଟଣାର ତଦନ୍ତ ପାଇଁ ଧର୍ମଗଡ ଏସ୍‌ଡିପିଓ ଡୋଳାମଣି ଭୋଇ, ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଗାଁକୁ ଆସି ଲୋକଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ଘଟଣାର ୪ ଦିନ ପରେ ମଧ ଦୋଷୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜିଲ୍ଲାର ସାମାଜିକ ଅଗ୍ରଣୀ ସଂଗଠନ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନ ଧର୍ମଗଡ଼ ଉପଖଣ୍ଡ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ସଙ୍ଘର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ବାଗ, ଅପରେଶ ସ୍ୱାଇଁ, ଆଇନପରାମର୍ଶ ଦାତା ଦିଗାମ୍ବର ଦୁରିଆ, ଢଗ ନାଏକ, ସଙ୍ଘର ଜିଲ୍ଲା ମହାସଚିବ ଯତୀନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଅଜୟ ଦୀପ, କୋଷାଧ୍ୟକ କୌଶିକ ଦୁରିଆ, ଜିଲ୍ଲା ଉପସଭାପତି ଧବଳେଶ୍ୱର ନାଗ, ରମେଷ ଚନ୍ଦ୍ର ଦୁର୍ଗା, ଦେବେଶ କର ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନର ସଦସ୍ୟ ମାନେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡୋଳାମାଣି ଭୋଇଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହିତ ଉଭୟ ପକ୍ଷ ଗ୍ରାମରେ ଶାନ୍ତି ବଜାଇ ରଖିବା ପାଇଁ ଅଧିକାରୀ ମାନେ କହିଥିଲେ। ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ନର୍ଲା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରୂପ୍ରାରୋଡ଼ ଠାରେ ଜ୍ଞାନ ବିଜ୍ଞାନ ମେଳା ଉଦ୍ଘାଟିତ ହୋଇ ଯାଇଛି। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ଅଗ୍ରଓ୍ୱାଲ ଯୋଗଦେଇ ଥିଲେ। ଉକ୍ତ ବିଜ୍ଞାନ ମେଳାରେ ୮୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଶିଶୁ ମାନେ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ରାଜୀବ ଲୋଚନ ଦାଶ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ସନ୍ୟାସୀ ଉଚ୍ଚ ବିଦ୍ୟା ପୀଠର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର କୁମାର ଖିଲାର ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ କରିଥିବା ବେଳ ସମସ୍ତ ଗୁରୁଜୀ ଗୁରୁମା, ବିଦ୍ୟାଳୟ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ।

## ୧୭୮ ଅଭିଯୋଗରୁ ୩୨ ସମାଧାନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ରେଙ୍ଗସାପାଲି ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୭୮ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୨ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା । ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ପ୍ରତି ଗାଁ ଗାଁ ବସ୍ତି ପଡା ପଡାରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ବିଇଓ ରାଜେଶ ନାଏକ, ସରପଞ୍ଚ ରଜନୀ ବୁଢ଼ିଆ, ସମିତି ସଭ୍ୟା ସଂଗୀତା ଯାନୀ, ସହକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ରାଜସ୍ୱ ନିରୀକ୍ଷକ କ୍ଷମା ନିଧି ନାଏକ, ମହିଳା ପରିଦର୍ଶିକା ମଞ୍ଜୁଲତା ପଟ୍ଟନାୟକ, ଯୋଗାଣ ବିଭାଗରୁ ରୁପେଶ ବେମାଲ,ଜନ ମଙ୍ଗଳ ବିଭାଗରୁ ସୁନୀଲ କୁମାର ରାଉତ, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟ ଜଳ ବିଭାଗ ରୁ ରିତାରାଣୀ କିଷାନ, ଏସବିଏମ ବିଭାଗରୁ ନିତ୍ୟା ତାଣ୍ଡି, ବ୍ଲକ କୃଷି ଅଧିକାରୀ ନଉକେଶ୍ୱର ନାଗ,ପିଇଓ ଅଲେଖ ସା,ଏଡିଇଓ ଦିନ ବନ୍ଧୁ ନାଗ, ଜନ ଶୁଣାଣି ବିଭାଗରୁ ନନ୍ଦିନୀ ଶବର ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଓ ରେଙ୍ଗସାପାଲି ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

## ଅସୁସ୍ଥ ଗାଈର ଚିକିତ୍ସା କଲେ ଦନ୍ତେଶ୍ୱରୀ ଯୁବକ ସଂଘ ସଦସ୍ୟ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଏବେ ବି ମାନବିକତା ବଞ୍ଚି ରହିଛି। ତାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ଦନ୍ତେଶ୍ୱରୀ ଯୁବକ ସଂଘର ସଦସ୍ୟ। ଏକ ଗାଈ ଅସୁସ୍ଥ ହୋଇ ଏକ ରାସ୍ତା କଡ଼ ରେ ପଡି ରହିଥିବା ବେଳେ ସଂଘର ସଦସ୍ୟ ମାନେ ଉଦ୍ଧାର କରି ଚିକିତ୍ସିତ କରାଇଛନ୍ତି। ଅସୁସ୍ଥ ଗାଈକୁ ଉଦ୍ଧାର କରି ପର୍ଲା ପ୍ରାଣୀ ଚିକିତ୍ସାଳୟ କୁ ଜଣାଇଥିଲେ।ଏକ ଟିମ ଯାଇ ଗାଈର ଚିକିତ୍ସା କରିଥିଲେ। ବର୍ତ୍ତମାନ ଗାଈ ଟି ସୁସ୍ଥ ହୋଇଥିବା ବେଳେ ସଂଘର ସଦସ୍ୟ ମାନେ ତାର ରକ୍ଷଣାବେକ୍ଷଣ ନେଉଥିବା ଜଣାପଡିଛି। ବିଭିନ୍ନ ମହଲରେ ସଦସ୍ୟ ମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଥିବା ଜଣାପଡିଛି। ସୂଚନା ଯେ ଗାଈ ଟିକୁ ବେପାରୀ ମାନେ କିଣି ନେଉଥିବା ବେଳେ ଅସୁସ୍ଥ ହୋଇ ପଡ଼ିଥିଲା। ରାସ୍ତା କଡ଼ରେ ଝାଡ଼ି ବେପାରିମାନେ ପଳେଇଥିଲେ। ଉଦ୍ଧାର ହୋଇ ଚିକିତ୍ସା ହେବା ପରେ ସଂଘର ସଦସ୍ୟ ମାନେ ଏକ ସୁରକ୍ଷିତ ସ୍ଥାନରେ ରଖି ତାର ଲାଳନପାଳନ କରୁଥିବା ଜଣାପଡ଼ିଛି।

## ଏକଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପରିସରରେ ଏକ ଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତଭୂଷଣ ସାହୁ ଓ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍କୁଲରୁ ଶିକ୍ଷକମାନେ ଯୋଗଦେଇ ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ସହଜଲଭ୍ୟ ତଥା ବିନାମୂଲ୍ୟରେ ମିଳୁଥିବା ଜିନିଷଗୁଡିକୁ ବ୍ୟବହାର କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଉପରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିପରି ସ୍କୁଲଗୁଡିକରେ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳକୁଦ, ନାଚଗୀତ ଓ ପ୍ରତୀକାତ୍ମକ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଶିକ୍ଷାଦାନକୁ ସରସ ସୁନ୍ଦର ଓ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେର। ସେହିପରି କୋମଳମତି ଶିଶୁମାନଙ୍କ ମାନସିକତାକୁ ତର୍ଜମା କରି ସେମାନଙ୍କୁ ପାଠପଢା ପ୍ରତି ଆକର୍ଷିତ କରିପାରିଲେ ଲାଞ୍ଜିଗଡ଼ ବ୍ଲକ ଭଳି ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ଏବଂ ଆଗାମୀ ଦିନରେ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଆହୁରି ଅଗ୍ରଗତି ହୋଇପାରିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ସାହୁ ମତ ଦେଇଥିଲେ। ଏହି ଅବସରରେ ବ୍ଲକର ୧୩ ଜଣ କ୍ଲଷ୍ଟର ସଂଯୋଜକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା ପରିଚାଳନାରେ ସହଯୋଗ ଓ ଭଟାଙ୍ଗପଦର କ୍ଲଷ୍ଟର ସଂଯୋଜକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିର୍ଲିମାଲ ଗ୍ରାମରେ ବିକାଶ ବାଟବଣା

- ବିଧାୟକ, ସାଂସଦଙ୍କ କେବେ ପଡ଼ିନାହିଁ ପାଦ
- କେବଳ ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟକର୍ମୀଙ୍କ ମିଳେ ଦେଖା
- ନିର୍ବାଚନ ପ୍ରଚାର ପାଇଁ କେବେ ହେଲେ କୌଣସି ପ୍ରାର୍ଥୀ ଆସନ୍ତି ନାହିଁ
- ନାହିଁ ରାସ୍ତା, ପାଣି କି ଆଲୁଅ



କୋକସରା, (ଭାସ୍କର ନ୍ୟୁଜ୍) : ଦେଶ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବଣପାହାଡ଼ ଘେରା ଗିର୍ଲିମାଲ ଗାଁକୁ ପହଞ୍ଚି ପାରିନାହିଁ ବିକାଶ। ଏଠାକୁ ଯିବାକୁ ହେଲେ ନାଁ ଅଛି ପୋଲ, ନାଁ ଅଛି ସବୁଦିନିଆ ପକ୍କା ରାସ୍ତା। ଆଜି ମଧ୍ୟ ଏଠାକାର ଲୋକେ ଅବିଶପ୍ତ ଜୀବନ ଜିଉଁ ଥିବାବେଳେ ସତେ ଯେମିତି ଗିର୍ଲିମାଲ ଗାଁରେ ବିକାଶର ପଦ୍ମ ଫୁଟି ପାରୁ ନଥିବା ଭଳି ମନେ ହେଉଛି। ଗିର୍ଲିମାଲ ଆମପାଣି ଗ୍ରାମ ପଞ୍ଚାୟତର ଓ୍ୱାର୍ଡ ନମ୍ବର ୬ରେ ରହିଛି। ଏହି ଗାଁରେ ପାଖାପାଖି ୨୦ଟି ପରିବାରର ଶହେରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗାଁର ମୂଖ୍ୟ ସମସ୍ୟା ହେଲା ରାସ୍ତା ଓ ପାନୀୟ ଜଳ। ଏହି ଗାଁକୁ ଯିବାକୁ ହେଲେ ୨୬ ନମ୍ବର ଜାତୀୟ ରାଜପଥ ବିରିମୁହାଣ ଛକଠାରୁ ପ୍ରାୟ ୧୨ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ କୁଟୁରୁ ଗାଁକୁ ଗଲାପରେ ପାହାଡ଼ ଚଢ଼ି ଆହୁରି ୪କିମି ଦୂରକୁ ଯିବାକୁ ପଡ଼େ। ଅନ୍ୟ ରାସ୍ତା ଦେଇ ଯିବାକୁ ହେଲେ ନବରଙ୍ଗପୁର ଜିଲ୍ଲାର ମୈଦଲପୁରଠାରୁ ଖୋଜରୀ, ବାର୍ଲି ଆଦି ଗାଁ ଦେଇ ଜଙ୍ଗଲିଆ ଅଙ୍କାବଙ୍କା ପଥୁରିଆ ରାସ୍ତା ପ୍ରାୟ ୩୦କିମି ଦୂରକୁ ଗଲାପରେ ଗିର୍ଲିମାଲ ପଡ଼ିଥାଏ। ରାସ୍ତା ସମସ୍ୟା ଯୋଗୁଁ ଗାଁରେ କାହାରି ଯଦି ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଖଟିଆରେ ଦୂରଦୂର ବାଟ ବୋହି ନେଲା ପରେ ମିଳିଥାଏ ଆମ୍ବୁଲାନ୍ସ ସେବା। ସେହିପରି ଗାଁରେ ସରକାରୀ ସ୍ତରରେ ପାନୀୟ ଜଳ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ, କିଛି ପ୍ରାଇଭେଟ୍ ସଂସ୍ଥା ପକ୍ଷରୁ ଗାଁରେ ଦୁଇଟି ନଳକୂପ କରାଯାଇଛି। ହେଲେ ତାହା ମଧ୍ୟ କାମରେ ଆସୁନାହିଁ। ଯାହା ଫଳରେ ଝରଣାର ଗୋଳିଆ ପାଣିକୁ ପିଇ ନିଇତି ଶୋଷ ମେଣ୍ଟାଇ ଆସୁଛନ୍ତି ସେଠାକାର ଆଦିବାସୀ। ଦୂଷିତ ପାଣିକୁ ପିଇବା ଯୋଗୁଁ ଅନେକ ରୋଗର ଶିକାର ମଧ୍ୟ ହେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ ଗାଁରେ ଆଜି ପର୍ଯ୍ୟନ୍ତ କାହାକୁ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ। ବିଜୁଳି ତ' ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ଗାଁରେ ଏକମାତ୍ର ଯୁବକ କଲେଜ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡ଼ିଛି। ବାକି ସବୁ ପୁଅ ଝିଅ କିଏ ପ୍ରଥମରୁ ପାଠ ଛାଡିଛି ତ' ଆଉ କିଏ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଯାଏଁ ପାଠପଢିଥିବା ପ୍ରକାଶ କରିଛନ୍ତି। ପ୍ରସ୍ତୁତି ଓ କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ର ୪.କିମି ଦୂର କୁଟୁରୁ ଗାଁରେ ଥିବାରୁ ପାହାଡ଼ ଚଢି ଯିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଗାଁ ବସତି ଠାରୁ ଆଜି ପର୍ଯ୍ୟନ୍ତ କେବେ କୌଣସି ବିଡ଼ିଓ, ବିଧାୟକ କିମ୍ବା ସାଂସଦଙ୍କ ପାଦ ମଧ୍ୟ ପଡ଼ିନାହିଁ, ଏମିତି କି ନିର୍ବାଚନ ସମୟରେ ପ୍ରଚାର ନିମନ୍ତେ ମଧ୍ୟ କେବେହେଲେ କୌଣସି ପ୍ରାର୍ଥୀ ଯାଇ ନାହାଁନ୍ତି କିମ୍ବା ପୋଷ୍ଟର ମଧ୍ୟ ପହଞ୍ଚି ପାରେନାହିଁ। କାହାଠାରୁ କେମିତି ସୁଣାସୁଣି କରି ଗାଁ ଲୋକେ ଭୋଟ ଦେବାପାଇଁ ଯାଆନ୍ତି ବୋଲି ପ୍ରକାଶ କରିଛନ୍ତି। ରାସ୍ତା, ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟା ନେଇ ସେମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଅନେକ ସମୟ ଧରି ଅଭିଯୋଗ କରି ଆସୁଛନ୍ତି, ହେଲେ କାହାରି ଦୃଷ୍ଟି ପଡୁ ନଥିବାରୁ ଏହି ଗାଁରେ କାଣିଚାଏ ମଧ୍ୟ ବିକାଶ ହୋଇପାରି ନାହିଁ। ତେଣୁ ଏଠାରେ ବସବାସ କରୁଥିବା ଲୋକେ ଆମେ କ'ଣ ଜଙ୍ଗଲରେ ବସବାସ କରୁଥିବା ମଣିଷ ବୋଲି ଆମ ମାନଙ୍କୁ ସାଧାରଣ ମୌଳିକ ସୁବିଧା ମାଧ ଦରକାର ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି। ଭୋଟ ଦେବାରେ ଆମେ କେବେ ହେଳା କରିନାହୁଁ କିନ୍ତୁ ଆମ ମାନଙ୍କ ସୁବିଧା ନିମନ୍ତେ ନେତା ଓ ପ୍ରଶାସନ ବର୍ଷ ବର୍ଷ ଧରି ଅବହେଳା କରି ଆସୁଛନ୍ତି କାହିଁକି ବୋଲି ଅସନ୍ତୋଷ ପ୍ରକାଶ କରିବା ସହ କ୍ଷୋଭପ୍ରକାଶ କରିଛନ୍ତି ଗିର୍ଲିମାଲ ଗାଁ ଲୋକେ। ଏ ସମ୍ପର୍କରେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀଙ୍କ ମତାମତ ନେବାରୁ ଦିର୍ଘ ବର୍ଷରୁ ସେହି ଗାଁ ଗୁଡ଼ିକରେ ସମସ୍ୟା ଲାଗି ରହିଛି, ଯାହାବି ସମସ୍ୟା ରହିଛି ଆମେ ସରକାରଙ୍କ ଦୃଷ୍ଟିକୁ ଆଣିବା ସହିତ ସେହି ସମସ୍ୟାର ସମାଧାନ କରିବା ପାଇଁ ନିଶ୍ଚିତ ଭାବରେ ଚେଷ୍ଟା କରିବୁ, ଏବଂ ଆଗାମୀ ଦିନରେ ସେହି ସବୁ ଗାଁ ଗୁଡିକୁ ଗସ୍ତ କରିବୁ ବୋଲି କହିଛନ୍ତି।

## ପ୍ରଦେଶ କିଶାନ କଂଗ୍ରେସ ସଭାପତି ଅଭୟ ସାହୁଙ୍କୁ ସମ୍ବର୍ଦ୍ଧନା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଓଡିଶା ପ୍ରଦେଶ କିଶାନ କଂଗ୍ରେସର ସଭାପତି ଅଭୟ ସାହୁଙ୍କୁ ଭବାନୀପାଟଣା ଜିଲ୍ଲା କଂଗ୍ରେସ ଭବନ ଠାରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ରାଜ୍ୟ କିଶାନ କଂଗ୍ରେସର ଅରୁଣ ଜେନା ଓ ଶିତିକାନ୍ତ ମହାନ୍ତି ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ବହୁ ବର୍ଷଧରି ବାମପନ୍ଥୀ ଦଳ ସିପିଆଇରେ କାର୍ଯ୍ୟକରିବା, ପୋସ୍କୋ ଆନ୍ଦୋଳନ ଓ ଓଡ଼ିଶାର ବିଭିନ୍ନ ଆନ୍ଦୋଳନ ସହ ଜଡିତ ହୋଇ ଲୋକଙ୍କ ହକ ଓ ଅଧିକାର ପାଇଁ କାମ କରିଥିବା ରାଜ୍ୟ ସଭାପତି ଅଭୟ ସାହୁ କଂଗ୍ରେସଲର ବିଚାର ଧାରା ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ କାର୍ଯ୍ୟଶୈଳୀ ଓ ତାଙ୍କରି କଥା ରକ୍ଷା କରି ସଭାପତି ଶ୍ରୀ ସାହୁ କଂଗ୍ରେସରେ ଯୋଗଦେଇଥିବା କଥା ପ୍ରକାଶ କରିଥିଲେ। କୃଷକ ମାନେହେଲେ ଦେଶର ମେରୁଦଣ୍ଡ। ଓଡ଼ିଶାରେ ନବେ ପ୍ରତିଶତ ଚାଷୀ, ଆଉ ସେମାନଙ୍କ ସମସ୍ୟା ଅନେକ। ଏଣୁ ଓଡ଼ିଶାରେ କୃଷକ ମାନଙ୍କୁ ଏକଜୁଟ କରାଯାଇ ତିନିଗୋଟି ଦାବିକୁ ଆଧାର କରି ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ ଚାଷୀ ଠାରୁ ଧାର୍ଯ୍ୟ ୧୩ କୁଇଣ୍ଟାଲ ଧାନ ବାହାରେ ବଳକା ଧାନକୁ ସରକାର କିଣିବେ। ପ୍ରତ୍ୟେକ ଚାଷୀକୁ ପଞ୍ଚାବନ ବର୍ଷ ବୟସରେ ଦଶ ହଜାର ତଙ୍କକ୍ଷ ପର୍ଯ୍ୟନ୍ତ ପେନସନ ଯୋଗାଇଦେବା। ଚାଷୀର ପରିବାରର ସମସ୍ତ ବ୍ୟକ୍ତିଙ୍କୁ ବୀମାଭୁକ୍ତ କରିବା ପାଇଁ ସେ ଦାବି ରଖିଥିଲେ। ଓଡିଶାରୁ ଓ କେନ୍ଦ୍ରରୁ ବିଜେପି ସରକାରକୁ ମୂଳରୁ ଉପାଡି ଫିଙ୍ଗିବାକୁ ହେଲେ କୃଷକ ମାନଙ୍କୁ ଏକଜୁଟ କରିବାକୁ ହେବ। ୨୦୨୯ରେ ନିଶ୍ଚୟ କଂଗ୍ରେସର ସରକାର ଉଭୟ କେନ୍ଦ୍ର ଓ ରାଜ୍ୟରେ ହେବ। ଏଣୁ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ସହ ସଂଗଠନକୁ ମଜଭୁତ କରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ ଅନ୍ୟ ମାନଙ୍କ ଭିତରେ କିଶାନ କଂଗ୍ରେସ ନେତା ଅରୁଣ ଜେନା, ପୂର୍ବତନ ଜିଲ୍ଲା ସଭାପତି ଭାରତ ବେମାଲ, ପ୍ରଦେଶ କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ସୁରଥ ମହାକୁଡ଼,ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଅବାହିକ ଜୋସ୍ନାମୟୀ ବଗର୍ତି, ନାରୀନେତ୍ରୀ ମାଣିକ୍ୟ ସୁନା, ସୁକାନ୍ତି ସରାଫ, ମନ୍ଦାକିନୀ ବକ୍ଷଣୁଆ ଯୁବକଂଗ୍ରେସ ସଭାପତି ମହମ୍ମଦ ସାହେବ,ରାଜୀବଗାନ୍ଧୀ ପଚ୍ୟାତିରାଜ ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ, ସନ୍ତୋଷ ମୁଣ୍ଡ, ବ୍ରଜ ସାହୁ, ନିମାଞ୍ଚଳ ନାଏକ, ସୁବାଷ ପ୍ରଧାନ, ପ୍ରିତମ୍ ବେହେରା, ସୁରେଶ ଚୌଧୁରୀ ପ୍ରମୁଖ ନିଜନିଜର ମତ ଉପସ୍ଥାପନ କରିଥିଲେ।

## ରାଶିଫଳ

ବୁଧବାର, ୩୦ ଜୁଲାଇ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ତୁମର ସମ୍ପର୍କରେ ସୁଖ ରହିବ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଭାଗ୍ୟ ଉପରେ ନିର୍ଭର କର ନାହିଁ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ।



**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ।



**ବିଛା:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ। ତୁମେ ତୁମର ପ୍ରତିପକ୍ଷଙ୍କ ଉପରେ ବିଜୟୀ ହେବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ପରିବାରର ପରିବେଶ ମଧ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯